

ପୁଣି ଭାରତକୁ ଧମକାଇଲେ ଟ୍ରମ୍ପ | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



୬ ବର୍ଷ ପରେ ପରଦାକୁ ଦେଶୀଗାର୍ଲଙ୍କ କମବ୍ୟାକ୍ | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୨୭ | Vol. 22 No-127 | 6 AUGUST 2025 WEDNESDAY, BHUBANESWAR | ବୁଧବାର, ୬ ଅଗଷ୍ଟ ୨୦୨୫ | ପୃଷ୍ଠା-୮ | ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ମୁଖ୍ୟମନ୍ତ୍ରୀ, ବିଜେପି ସଭାପତିଙ୍କ ଦିଲ୍ଲୀ ଯାତ୍ରା

ଭୁବନେଶ୍ୱର,୫।୮ (ଭାସ୍କର ନ୍ୟୁଜ): ୨୩ ଦିନ ପରେ ପୁଣି ଦିଲ୍ଲୀ ଗସ୍ତରେ ଯାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟି ଜନ୍ମଦିନରେ ଓଡ଼ିଶା ଆସିବାକୁ ନିମନ୍ତ୍ରଣ କରିବାର ସୂଚନା ମିଳିଛି। ଏହାଛଡ଼ା ରାଜ୍ୟ ମନ୍ତ୍ରିମଣ୍ଡଳ ଅଦଳବଦଳ ଓ ବୋର୍ଡ ଏବଂ ନିଗମ ଅଧ୍ୟକ୍ଷ ପଦକୁ ନେଇ ସେ ନେତୃବର୍ଗଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ଓ ବିଜେପି ସଭାପତିଙ୍କ ଦିଲ୍ଲୀ ଗସ୍ତ ପରେ ରାଜ୍ୟରେ ଆଇଏଏସ୍ ସ୍ତରରେ ଏକ ବଡ଼ଧରଣର ଅଦଳବଦଳ ହୋଇଥିଲା।

### ଆଇଏମ୍‌ଡି ଡିଜିଙ୍କ କାର୍ଯ୍ୟକାଳ ୨ ବର୍ଷ ବୃଦ୍ଧି

ନୂଆଦିଲ୍ଲୀ,୫।୮: ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ମୃତ୍ୟୁଞ୍ଜୟ ମହାପାତ୍ରଙ୍କ କାର୍ଯ୍ୟକାଳକୁ ଆଉ ଦୁଇବର୍ଷ ବୃଦ୍ଧି କରାଯାଇଛି। ଏ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି।


### ୧୧ରେ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି

ଭୁବନେଶ୍ୱର,୫।୮ (ଭାସ୍କର ନ୍ୟୁଜ): ଆସନ୍ତା ୧୧ ତାରିଖ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ପୂର୍ବାହ୍ନ ୧୧ଟାରୁ ଅଶୋକନଗର ଭୁବନେଶ୍ୱରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ଏହି ଅଭିଯୋଗ ଶୁଣାଣି କରାଯିବ। ଏଥିପାଇଁ ୬ ତାରିଖରୁ ଅନଲାଇନ ପଞ୍ଜିକରଣ ଆରମ୍ଭ ହେବ। ସର୍ବାଧିକ ୧୦୦୦ଜଣ ପଞ୍ଜିକରଣ କରିବା ପର୍ଯ୍ୟନ୍ତ ଏହା ଖୋଲା ରହିବ।

ସେନ୍‌ସେକ୍ସ: ୮୦,୭୧୦.୨୫
ସର୍ବାଧିକ: ୩୩ ଡିଗ୍ରୀ
ସର୍ବନିମ୍ନ: ୨୮ ଡିଗ୍ରୀ

## ୫।୮।୨୦୨୫ ର ମତାମତ

ରାତି ସିଫ୍ଟରେ ମହିଳାମାନେ କାର୍ଯ୍ୟ କରିବା ଠିକ୍ କି ?




### ଆଜିର ପ୍ରସଙ୍ଗ

ଶ୍ରୀମନ୍ଦିର ଆଇନ ବଦଳିଲେ ସୁରକ୍ଷା ପଦ୍ଧତି ବଦଳିବ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ଟ୍ରମ୍ପ ହେଉଅଛି ବାଇଆ ପଗଳା
ମନ୍ଦବୁଦ୍ଧି ବ୍ୟବସାୟୀ,
ଆହୁରି ଆହୁରି ଯାହା ଗୁଣଗ୍ରାମ
ଲେଖି ହେଇଯିବ ବହି।
ତାକୁ ଆମ ବନ୍ଧୁ କହି,
କୁଲୁକୁଲୁ ସିନା ହେଉଥିଲେ ଆମେ
ସିଏ କିନ୍ତୁ ବନ୍ଧୁଦ୍ରୋହୀ !

## ଉତ୍ତରକାଶୀରେ ବାଦଲଫଟା ବର୍ଷା, ଭୂସ୍ଖଳନ

# ୪ ମୃତ, ଶତାଧିକ ନିଖୋଜ





- ଭାସିଗଲା ଧରାଲି ଗାଁ, ୧୦ ଯବାନ ନିଖୋଜ
- ଉଦ୍ଧାର କାର୍ଯ୍ୟରେ ଏନଡିଆରଏଫ, ଏସଡିଆରଏଫ, ସେନା
- ଧୋଇ ହୋଇଗଲା ୨୫ରୁ ଊର୍ଦ୍ଧ୍ୱ ହୋଟେଲ ଓ ଘର
- ମୁଖ୍ୟମନ୍ତ୍ରୀଙ୍କ ସହ କଥା ହେଲେ ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ

ଡେରାଡୁନ/ନୂଆଦିଲ୍ଲୀ,୫।୮: ଉତ୍ତରାଖଣ୍ଡର ଉତ୍ତରକାଶୀରେ ପ୍ରଳୟ ସୃଷ୍ଟି ହୋଇଛି। ବାଦଲଫଟା ବର୍ଷା ସହ ଭୂସ୍ଖଳନ ପରିସ୍ଥିତିକୁ ଅଧିକ ସଙ୍ଗୀନ କରିପକାଇଛି। ଏହି ପ୍ରଳୟରେ ହର୍ଷିଲର ଧରାଲି ଗାଁ ସଂପୂର୍ଣ୍ଣ ଭାସିଯାଇଛି। ଭୂସ୍ଖଳନ ସମୟରେ ମାଟି ଅତଡ଼ା ଧସିବାରୁ ୪ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଶତାଧିକ ନିଖୋଜ ହୋଇଥିବା ଆଶଙ୍କା କରାଯାଉଛି। ସେହିପରି ୮ରୁ ୧୦ ଯବାନ ନିଖୋଜ ଥିବା ସୂଚନା ଦିଆଯାଇଛି। ସେମାନଙ୍କୁ ଉଦ୍ଧାର କରିବା ପାଇଁ ଜୋରଦାର ପ୍ରୟାସ ଆରମ୍ଭ ହୋଇଛି। ମାତ୍ର ୨୦ ସେକେଣ୍ଡ ଭିତରେ ସବୁକିଛି ଏପଟସେପଟ ହୋଇଯାଇଥିବା କୁହାଯାଉଛି। କୁହାଯାଉଛି ଯେ ବାଦଲଫଟା ବର୍ଷା ଯୋଗୁ କ୍ଷୀରଗଙ୍ଗା ନଦୀରେ ପ୍ରବଳ ବନ୍ୟା ଆସି ଏଭଳି ଅଘଟଣ ଘଟିଛି। ଏହି ବନ୍ୟାରେ ବହୁ ଘର ଓ ୨୫ରୁ ଊର୍ଦ୍ଧ୍ୱ ହୋଟେଲ ଭାସି ଯାଇଥିବା ସୂଚନା ଦିଆଯାଇଛି। ଏଥିସହ ବନ୍ୟାପାଣି ଅନେକ ହୋଟେଲ ଓ ଘରେ ପ୍ରବେଶ କରିଛି। ବନ୍ୟାଜଳ ବୃଦ୍ଧି ପାଉଥିବାରୁ ଧରାଲି ବଜାର ଏବେ ପାଣିଘେରରେ ରହିଛି। ସୂଚନା ମିଳିବାମାତ୍ରେ ରିଲିଫ ଓ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ଏନଡିଆରଏଫ ଓ ଏସଡିଆରଏଫକୁ ଉଦ୍ଧାର କାର୍ଯ୍ୟରେ ମୁତୟନ କରାଯାଇଛି। ଉତ୍ତରକାଶୀ ଜିଲ୍ଲା ଜିଲ୍ଲାପାଳ କହିଛନ୍ତି ଯେ ହର୍ଷିଲ ନିକଟସ୍ଥ ଧରାଲିରେ ବାଦଲଫଟା ବର୍ଷା ହୋଇଥିବାରୁ ପରିସ୍ଥିତି ଉତ୍କଟ ରୂପ ଧାରଣ କରିଛି। ଉଦ୍ଧାରକାରୀ ଦଳକୁ ଖବର ମିଳିବା ପରେ ଘଟଣାସ୍ଥଳକୁ ପଠାଯାଇଛି। ସେହିପରି ଉତ୍ତରକାଶୀ ପୋଲିସ ମୁଖ୍ୟ କହିଛନ୍ତି ଯେ କ୍ଷୀରଗଙ୍ଗା ନଦୀର ଜଳସ୍ତର ବୃଦ୍ଧି ପାଉଥିବାରୁ ପୋଲିସ ଓ ସେନାକୁ ମଧ୍ୟ ମୁତୟନ କରାଯାଇଛି। ସମସ୍ତେ ନଦୀପଠାଠାରୁ ଉପଯୁକ୍ତ ଦୂରତ୍ୱ ରଖିବାକୁ ସେ ନିବେଦନ କରିଛନ୍ତି। ଗଙ୍ଗୋତ୍ରୀଧାମ ଓ ମୁଖୱା ନିକଟରେ ପାହାଡ ଉପରୁ ଦ୍ରୁତଗତିରେ ବର୍ଷାପାଣି ମାଡି ଆସୁଛି। ଏଥିରେ ୪ଜଣଙ୍କର ମୃତ୍ୟୁ ହୋଇଥିବା ନେଇ ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ବାଦଲଫଟା ବର୍ଷା ଯୋଗୁ ଲୋକଙ୍କୁ ସତର୍କ ରହିବା ପାଇଁ ପରାମର୍ଶ ଦିଆଯାଇଛି। ନାଳପାଣି ସହ ସାରା ଅଞ୍ଚଳ କାଦୁଅରେ ଭର୍ତ୍ତି ହୋଇଯାଇଛି। ଏବେ ବି ବର୍ଷା • ପୃଷ୍ଠା ୫ ଦେଖନ୍ତୁ

## ■ ତଥ୍ୟ ମାଗିଲେ ସରକାର ■

# ବିଦା ହେବେ ଅପାରଗ ବାବୁ

- ସବୁ ବିଭାଗର ସଚିବଙ୍କୁ ମୁଖ୍ୟ ସଚିବଙ୍କ ଚିଠି
- ନିୟମ ଅନୁଯାୟୀ କାର୍ଯ୍ୟ ନକଲେ ଅପାରଗ ବିବେଚିତ
- ଅଧିକାରୀ, କର୍ମଚାରୀଙ୍କ କାର୍ଯ୍ୟଶୈଳୀର ହେବ ସମୀକ୍ଷା
- ୭ ତାରିଖ ସୁଦ୍ଧା ରିପୋର୍ଟ ଦାଖଲ ନିର୍ଦ୍ଦେଶ



ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା

ଭୁବନେଶ୍ୱର,୫।୮ (ଭାସ୍କର ନ୍ୟୁଜ): ରାଜ୍ୟର କେଉଁ ବିଭାଗରେ କେତେ ଅପାରଗ ଅଧିକାରୀ ଅଛନ୍ତି ଏବଂ ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ବାଧ୍ୟତାମୂଳକ ଅବସର ପ୍ରଦାନ କରାଯାଇଛି ସେ ନେଇ ଟିକିନିଖି ହିସାବ ମାଗିଛନ୍ତି ରାଜ୍ୟ ସରକାର। ଏ ନେଇ ମୁଖ୍ୟ ଶାସନସଚିବ ମନୋଜ ଆହୁଜା ନିକଟରେ ସଚିବସ୍ତରୀୟ ବୈଠକରେ ସମସ୍ତ ସଚିବଙ୍କୁ ଏ ନେଇ ଅବଗତ କରାଇଥିବାବେଳେ ଗତମାସ ୩୧ ତାରିଖରେ ମୁଖ୍ୟସଚିବଙ୍କ ନିର୍ଦ୍ଦେଶକ୍ରମେ ଓଏସ୍‌ଡି କଲ୍ୟାଣକୁମାର ରଥ ସମସ୍ତ ବିଭାଗର ସଚିବମାନଙ୍କୁ ପତ୍ରଲେଖି ଅବଗତ କରାଇଛନ୍ତି। ଚଳିତମାସ ୭ ତାରିଖ ପୂର୍ବରୁ ଏ ନେଇ ସମସ୍ତ ତଥ୍ୟ ପ୍ରଦାନ କରିବାକୁ ସେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। ଚିଠି ମିଳିବା ପରେ ସବୁ ବିଭାଗରେ ଏବେ ଘଣ୍ଟାଚକଟା ଆରମ୍ଭ ହୋଇଯାଇଛି। ବିଭାଗରେ କେତେ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି ସେ ନେଇ ଖୋଳତାଡ଼ ଆରମ୍ଭ ହୋଇଥିବାବେଳେ ଜଳସମ୍ପଦ ବିଭାଗ ପକ୍ଷରୁ ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶକୁ ନେଇ ଅତିରିକ୍ତ ସଚିବ ସମସ୍ତ ଅଧିକାରୀଙ୍କଠାରୁ ରିପୋର୍ଟ ଲୋଡ଼ିଛନ୍ତି। ଶ୍ରୀ ରଥ ତାଙ୍କ ଚିଠିରେ ଦର୍ଶାଇଛନ୍ତି ଯେ ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶକ୍ରମେ ଅନେକଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଗତ ସଚିବସ୍ତରୀୟ ବୈଠକରେ ଆଲୋଚନା କରାଯାଇଥିଲା। ସେଥିମଧ୍ୟରେ କର୍ମଚାରୀଙ୍କ ଅବସରଠାରୁ ଆରମ୍ଭ କରି ବାଧ୍ୟତାମୂଳକ ଅବସର ପର୍ଯ୍ୟନ୍ତ, ପ୍ରଶାସନରେ ବୈଷୟିକ ପ୍ରଣୟନ, ନାଗରିକ କୈନ୍ଦ୍ରିକ ସରକାରଙ୍କ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟ ସଚିବ ୧୨ଟି ପ୍ରସଙ୍ଗ ଉପରେ ସ୍ଥିତାବସ୍ଥା ସଂପର୍କରେ ଜାଣିବାକୁ ଚାହିଁଛନ୍ତି। ସେ ଦର୍ଶାଇଛନ୍ତି ଯେ ପ୍ରତ୍ୟେକ ଅଧିକାରୀ ଓ କର୍ମଚାରୀଙ୍କ କାର୍ଯ୍ୟଶୈଳୀର ଟିକିନିଖି ସମୀକ୍ଷା କରାଯିବ। ଯେଉଁମାନେ ସରକାରଙ୍କ ନିୟମ ଅନୁଯାୟୀ କାର୍ଯ୍ୟ ସଂପାଦନ କରୁନାହାନ୍ତି, ସେମାନଙ୍କୁ ଚାକିରିରୁ ବାଧ୍ୟତାମୂଳକ ଅବସର ପ୍ରଦାନ କରାଯିବ। ଏ ସଂପର୍କରେ କେଉଁ ବିଭାଗ କେତେ କର୍ମଚାରୀଙ୍କ କାର୍ଯ୍ୟଶୈଳୀ ସମୀକ୍ଷା କରିଛି ଓ କେତେଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତାର ବିବରଣୀ ପ୍ରଦାନ କରିବାକୁ କୁହାଯାଇଛି। ଏହାସହ କେତେଜଣ ସରକାରୀ ଚାକିରିଆଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତାର ବିବରଣୀ ମଧ୍ୟ ଦେବାକୁ • ପୃଷ୍ଠା ୫ ଦେଖନ୍ତୁ

## ବିରୋଧୀଙ୍କ ଉପରେ ବର୍ଷିଲେ ମୋଦୀ

# ନିଜ ପାଦରେ ପଥରମାଡ଼ କରିବାରେ ମାହିର କଂଗ୍ରେସ



### ଏନଡିଏ ସଂସଦୀୟ ବୈଠକ

ନୂଆଦିଲ୍ଲୀ,୫।୮: ବିରୋଧୀ ସଂସଦରେ ଅପରେସନ ସିନ୍ଦୂର ଉପରେ ଆଲୋଚନା ଦାବିକରି ବଡ଼ ଭୁଲ କରିଛନ୍ତି। ସେମାନେ ନିଜେ ଏଥିପାଇଁ ଲଜ୍ଜିତ ହୋଇଛନ୍ତି। ଆପଣ ଏପରି ବିରୋଧୀ କେଉଁଠାରେ ପାଇବେ, ଯିଏ ପଥରରେ ନିଜ ପାଦକୁ ବାଡ଼େଇଥାଏ। ବିରୋଧୀ ପ୍ରତିଦିନ ଏପରି ବିତର୍କ କରିବା ଉଚିତ୍। ଏହା ଆମର କ୍ଷେତ୍ର, ଏହା ମୋର କ୍ଷେତ୍ର ଏବଂ ପରମେଶ୍ୱର ମୋ ସହିତ ଅଛନ୍ତି। ମଙ୍ଗଳବାର ଏନଡିଏ ସଂସଦୀୟ ବୈଠକରେ ଯୋଗଦେଇ ବିରୋଧୀଙ୍କୁ ଟାର୍ଗେଟ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହା କହିଛନ୍ତି। ମୋଦୀ କହିଥିଲେ, ରାହୁଲ ଗାନ୍ଧୀଙ୍କ ଉପରେ ସୁପ୍ରିମକୋର୍ଟ ଯେଉଁ ଭର୍ତ୍ସନା କରିଛନ୍ତି, ତା'ଠାରୁ ବଡ଼ ଆଉକିଛି ହୋଇନପାରେ। ସଂସଦ ଭବନ ଅଡିଟୋରିୟମରେ ଆୟୋଜିତ ଏହି ବୈଠକରେ • ପୃଷ୍ଠା ୫ ଦେଖନ୍ତୁ

## ବନ ଅଧିକାରୀଙ୍କ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

# ଦୁର୍ନୀତିଠାରୁ ଦୂରରେ ରୁହ

- ଆଦିବାସୀଙ୍କ ସହ ସଂଘର୍ଷ ନୁହେଁ, ସମ୍ପର୍କ ଯୋଡ଼
- ହାତୀ ଖାଦ୍ୟପାଇଁ ଜଙ୍ଗଲରେ ଧାନଚାଷ ପରାମର୍ଶ
- ବନୀକରଣ କାର୍ଯ୍ୟକ୍ରମରେ କରାଯାଉ ଫଳ ବୃକ୍ଷରୋପଣ




ଭୁବନେଶ୍ୱର,୫।୮ (ଭାସ୍କର ନ୍ୟୁଜ): ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଜନବସତି ଅଞ୍ଚଳରେ ଏପରି ଗଛ ଲଗାଇବା ଉଚିତ ଯାହା ଲୋକଙ୍କୁ ଫଳ, ପୁଷ୍ପ ପ୍ରଦାନ କରୁଥିବା ସହିତ ଛାୟା ପ୍ରଦାନ କରିପାରିବ। ତେବେ ଯାଇ ଲୋକମାନେ ଏସବୁ ବୃକ୍ଷର ଉପଯୁକ୍ତ ଯତ୍ନ ନେବେ। ସେହିଭଳି ପଥପାର୍ଶ୍ୱ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଲୋକମାନଙ୍କ କାମରେ ଲାଗିଲା ଭଳି ଗଛ ରୋପଣ କରନ୍ତୁ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟସ୍ତରୀୟ ବନ ଅଧିକାରୀ ସମ୍ମିଳନୀରେ ଉପସ୍ଥିତ ବନଖଣ୍ଡ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟରରେ ଆୟୋଜିତ ଏହି ସମ୍ମିଳନୀରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଉପସ୍ଥିତ ବନ ଅଧିକାରୀମାନଙ୍କୁ କହିଥିଲେ ଯେ, ଆମ ରାଜ୍ୟର ଏକ-ଚତୁର୍ଥାଂଶ ଲୋକ ହେଉଛନ୍ତି ଆଦିବାସୀ ସଂପ୍ରଦାୟର ଲୋକ। ସେମାନେ ମୁଖ୍ୟତଃ ବଣ ଜଙ୍ଗଲ ଏବଂ ଏହାର ଆଖପାଖ ଅଞ୍ଚଳରେ ବସବାସ କରନ୍ତି। ସେମାନଙ୍କ ପାଇଁ ସଂଘର୍ଷହୀନ ସହାବସ୍ଥାନ ସୃଷ୍ଟି ଓ ସେମାନଙ୍କ ସୁରକ୍ଷା କରିବା ହେଉଛି ସରକାରଙ୍କ ନୈତିକ ଦାୟିତ୍ୱ। ବନ ଅଧିକାରୀମାନେ ସମସ୍ତେ ମୁଖ୍ୟତଃ ଗରିବ, ଆଦିବାସୀ, ଦଳିତ ବର୍ଗ ଲୋକଙ୍କ ସହିତ ମିଳାମିଶା କରୁଛନ୍ତି। ଜଙ୍ଗଲ • ପୃଷ୍ଠା ୫ ଦେଖନ୍ତୁ

## ଶ୍ରୀମନ୍ଦିର ସୁରକ୍ଷା ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ

# ବଦଳିବ ଆଇନ !



ପୁରୀ,୫।୮ (ଭାସ୍କର ନ୍ୟୁଜ): ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ। ଶ୍ରୀମନ୍ଦିର ଭିତରେ ହିଡେନ କ୍ୟାମେରା, ମୋବାଇଲ ଫୋନ୍ ଓ ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡାଣ କଟକଣାକୁ ନେଇ କଠୋର ହେଲା ଶ୍ରୀମନ୍ଦିର ପ୍ରଶାସନ। ବୈଠକର ନିଷ୍ପତ୍ତି ଆଧାରରେ ଶ୍ରୀମନ୍ଦିର ଆଇନରେ ସଂଶୋଧନ ହେବାସହ ଏଭଳି କଟକଣା ଉଲ୍ଲଂଘନ କଲେ କଠୋର ଦଣ୍ଡବିଧାନର ବ୍ୟବସ୍ଥା ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ। ପ୍ରଚଳିତ ନିୟମ ଅନୁଯାୟୀ ସେଭଳି କିଛି କଠୋର ଦଣ୍ଡବିଧାନ ନଥିବା ବେଳେ ଶ୍ରୀମନ୍ଦିର ଆଇନରେ ସଂଶୋଧନ ହେଲେ କଟକଣା ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ। ଶ୍ରୀମନ୍ଦିର ଆଇନରେ ଶଂସୋଧନ ପାଇଁ ଚାରୋଟି ବିନ୍ଦୁ ଉପରେ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କହିଛନ୍ତି। ପ୍ରଥମ ବିନ୍ଦୁ ହେଉଛି ,କୌଣସ • ପୃଷ୍ଠା ୫ ଦେଖନ୍ତୁ

# ଶୋଭନା ମହାନ୍ତି ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା

## ଶିଶୁ ସୁରକ୍ଷା ଆୟୋଗର ଅଧ୍ୟକ୍ଷା ହେଲେ ବବିତା ପାତ୍ର




ଶୋଭନା ମହାନ୍ତି



ବବିତା ପାତ୍ର

ଭୁବନେଶ୍ୱର,୫।୮ (ଭାସ୍କର ନ୍ୟୁଜ): ମଙ୍ଗଳବାର ରାଜ୍ୟ ସରକାର ଶୋଭନା ମହାନ୍ତିଙ୍କୁ ମହିଳା କମିଶନର ଅଧ୍ୟକ୍ଷା ଭାବେ ନିଯୁକ୍ତି ଦେଇଛନ୍ତି। ଏ ନେଇ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି। ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ କରଞ୍ଜିଆ ଗାଁର ଶୋଭନା ଏହି ପଦବୀରେ ୩ ବର୍ଷପାଇଁ ଅଧ୍ୟକ୍ଷା ରହିବେ। ଏଥିସହ ୪ଜଣ ସଦସ୍ୟା ମଧ୍ୟ ନିଯୁକ୍ତି ପାଇଛନ୍ତି। ସେମାନେ ହେଲେ ପ୍ରତିଭା ଶତପଥୀ, ଉର୍ମିଳା ମହାପାତ୍ର, କଳ୍ପନା ମଲ୍ଲିକ ଓ ମୁକ୍ତା ସାହୁ। ନିଯୁକ୍ତି ପରେ ଶୋଭନା ମହାନ୍ତି ଗଣମାଧ୍ୟମକୁ କହିଛନ୍ତି ଯେ ମୁଁ ଏହି ପଦବୀ ପାଇଁ ଆଶାୟୀ ନଥିଲି। କିନ୍ତୁ ମୋତେ ଏହି ପଦବୀ ମିଳିଥିବାରୁ ମୁଁ ଖୁସି ଅନୁଭବ କରୁଛି। ରାଜ୍ୟ ସରକାର ମୋ ଉପରେ ଭରସା କରି ଯେଉଁ ଗୁରୁ ଦାୟିତ୍ୱ ଦେଇଛନ୍ତି ମୁଁ ତାକୁ ସୁଚାରୁରୂପେ ତୁଲାଇବି। ମହିଳାମାନଙ୍କୁ ନ୍ୟାୟ ଦେବାପାଇଁ ଉଦ୍ୟମ କରିବି। ଆମ ସରକାରରେ ମହିଳାମାନଙ୍କୁ ସବୁବେଳେ ନ୍ୟାୟ ଦିଆଯିବ, ସିଏ ଯେଉଁ ଦଳ ହୁଅନ୍ତୁ କାହାକୁ ବି ଛଡ଼ାଯିବ ନାହିଁ ବୋଲି ସେ ଦୃଢୋକ୍ତି ବାଢିଥିଲେ। ଅନ୍ୟପକ୍ଷରେ ରାଜ୍ୟ ସରକାର ମଙ୍ଗଳବାର ମଧ୍ୟ ଶିଶୁସୁରକ୍ଷା ଆୟୋଗର ଅଧ୍ୟକ୍ଷା ପଦବୀରେ ବ୍ରହ୍ମପୁରର ମୟୂରବିହାର ନିବାସୀ ବବିତା ପାତ୍ରଙ୍କୁ ନିଯୁକ୍ତି ଦେଇଛନ୍ତି। ମନ୍ଦାକିନୀ କରଙ୍କୁ ବହିଷ୍କାର ପରେ ଏହି ପଦବୀ ୫ ମାସ • ପୃଷ୍ଠା ୫ ଦେଖନ୍ତୁ

# ଜାମ୍ମୁ କାଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଲ ମଲ୍ଲିକଙ୍କ ପରଲୋକ



ନୂଆଦିଲ୍ଲୀ,୫।୮: ଜାମ୍ମୁକାଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଲ ମଲ୍ଲିକଙ୍କ ପରଲୋକ। ଦିଲ୍ଲୀର ରାମମନୋହର ଲୋହିଆ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ଅପରାହ୍ନରେ ତାଙ୍କର ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୭୯ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ହେବ ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିଲେ। ମଙ୍ଗଳବାର ଦିନ ୧ଟାରେ ଦିଲ୍ଲୀର ରାମ ମନୋହର ଲୋହିଆ ହସ୍ପିଟାଲରେ ଶେଷନିଃଶ୍ୱାସ ତ୍ୟାଗ କରିଥିବା ଡାକ୍ତର ସୂଚନା ଦେଇଛନ୍ତି। ସେ କିଡନୀ ଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଗତ ମେ ୧୧ ତାରିଖରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ମୂତ୍ରନଳୀରେ ମଧ୍ୟ ସଂକ୍ରମଣ ସମ୍ବନ୍ଧୀୟ ଗଭୀର ସମସ୍ୟା ଦେଖା ଦେଇଥିଲା। ତାଙ୍କର ଦୁଇଟିଯାକ କିଡନୀ ଅଚଳ ହୋଇଯିବା ସହ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗମ୍ଭୀର ହୋଇପଡ଼ିଥିଲା। ସେ ୨୦୧୮ ଅଗଷ୍ଟରୁ ୨୦୧୯ ଅକ୍ଟୋବର ପର୍ଯ୍ୟନ୍ତ ଜାମ୍ମୁକାଶ୍ମୀର ରାଜ୍ୟପାଳ ଥିଲେ। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ୨୦୧୯ ଅଗଷ୍ଟ ୫ରେ ଜାମ୍ମୁକାଶ୍ମୀରରୁ ଧାରା ୩୭୦ର ଉଚ୍ଛେଦ କରାଯାଇଥିଲା। ଏପରିକି ରାଜ୍ୟର ସ୍ୱତନ୍ତ୍ର ମାନ୍ୟତା ମଧ୍ୟ ପ୍ରତ୍ୟାହାର କରି ନିଆଯାଇଥିଲା। ତାଙ୍କ ବିୟୋଗରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।



କୋରାପୁଟ(ଭାସ୍କର ନ୍ୟୁଜ): ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର କୁନ୍ଦୁରା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଉପସ୍ଥିତ ରହି ୫୦ ଅଭିଯୋଗ ଶୁଣିଥିଲେ। ଏଥିରେ ଉପଜିଲ୍ଲାପାଳ ଆକାଭରମ ଶଶ୍ୟା ରେଡ୍ଡି, ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମା, ସିଡିଓ ବେଣୁଧର ଶବର, ବ୍ଲକ ଅଧ୍ୟକ୍ଷା ରାଜେଶ୍ୱରୀ ପରଜା ପ୍ରମୁଖ ମଞ୍ଚାସୀନ ଥିଲେ। ବିଡିଓ ମନସ୍ମିତା, ତହସିଲଦାର ବିନୋଦ ନାୟକ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଧାବିନୋଦ ସାମନ୍ତରାୟ, ସଭ୍ୟା କନକଲତା ପେଣ୍ଠିଆ, ଜିଲ୍ଲା ଉପଖଣ୍ଡ ଓ ବ୍ଲକସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟସଭ୍ୟା ଉପସ୍ଥିତ ଥିଲେ। ଏଥିରେ ୨୯ଟି ସାମୂହିକ, ୨୧ଟି ବ୍ୟକ୍ତିଗତ ଅଭିଯୋଗ ହୋଇଥିଲା। ମସିଗାଁ ପଞ୍ଚାୟତରେ ନେଟ୍‌ୱାର୍କ ସମସ୍ୟା, କୁନ୍ଦୁରା ଜଗନ୍ନାଥ ମନ୍ଦିରର ରାସ୍ତାର ଉନ୍ନତିକରଣ, ବାଣୁଆଗୁଡାରେ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ, ବରଗୁଡାରେ ହୋମିଓପାଥି ଚିକିତ୍ସାଳୟ ଗୃହର ନିର୍ମାଣ, ରାଣୀଗୁଡା ଏକଲବ୍ୟ ବିଦ୍ୟାଳୟରେ ସ୍ଥାୟୀ ଅଧ୍ୟକ୍ଷ, ଜବାପଦର ଠାରେ ଉପସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ଆଦି ଅଭିଯୋଗ ହୋଇଥିଲା। ସମସ୍ତ ଅଭିଯୋଗ ଶୁଣିବା ପରେ ଜିଲ୍ଲାପାଳ ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ କେଉଁ ସବୁ ସମସ୍ୟାର ସମାଧାନ ହୋଇପାରିବ ଅବା ହୋଇପାରିବନି ସେ ସବୁ ଲିଖିତ ଭାବେ ଜଣାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଜିଲ୍ଲାପାଳ ଓ ମଞ୍ଚାସୀନ ଅଧିକାରୀ ମିଶନ ଶକ୍ତି ପକ୍ଷରୁ ବ୍ଲକର ୩୨ଏସଏଚଜିକୁ ସମୁଦାୟ ୧କୋଟି ୪୮ଲକ୍ଷ ୫୦ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିବା ବିପିସି ବିନୋଦ କୁମାର ବିଶୋଇ ସୂଚନା ଦେଇଛନ୍ତି। ନୂତନ ଜିଲ୍ଲାପାଳଙ୍କ ଏହା ପ୍ରଥମ କୁନ୍ଦୁରା ବ୍ଲକ ଗସ୍ତ ହୋଇଥିବାରୁ ବିଭିନ୍ନ ସଂଘ, ଅନୁଷ୍ଠାନ ପକ୍ଷରୁ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଥାନା ଅଧିକାରୀ ଅଶ୍ୱିନୀ ପଟ୍ଟନାୟକଙ୍କ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା।

# ଦୋଷ ଲୁଚାଇବା ପାଇଁ ଅଭିଭାବକଙ୍କ ସାହାରା ନେଲେ ପ୍ରଧାନଶିକ୍ଷକ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ): ନିଜ ଦୋଷକୁ ଲୁଚାଇବା ପାଇଁ ସାହାରା ନେଲେ ପ୍ରଧାନ ଶିକ୍ଷକ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ରାୟଗଡ ଏସ୍ଏସ୍ଡି ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସପକ୍ଷରେ ଗତକାଲି ପ୍ରାୟ ୫୦ ଜଣ ଅଭିଭାବକମାନେ ଗଜପତି ଜିଲ୍ଲାପାଳଙ୍କ ପାଖକୁ ଯାଇ ଏସଏସଡି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେଶ ସାହୁକାର ଜଣେ ଭଲ ଲୋକ, ସେ ଛାତ୍ର ବିଦ୍ୟାଳୟକୁ ଆସିବା ପରେ ବିଦ୍ୟାଳୟର ସବୁ କ୍ଷେତ୍ରରେ ଭଲ ହୋଇଛି ଆଦି ବିଷୟ ଜିଲ୍ଲାପାଳଙ୍କୁ ଜଣାଇବା ପରେ କିଛି ଗଣମାଧ୍ୟମ ଆଗରେ ମଧ୍ୟ ପ୍ରକାଶ କରିଥିଲେ। ଅଭିଯୋଗ ଅନୁଯାୟୀ ଉକ୍ତ ବିଦ୍ୟାଳୟରେ ଚଳିତ ବର୍ଷ ଷଷ୍ଠ ଶ୍ରେଣୀ ପାଇଁ ପ୍ରବେଶିକା ପରୀକ୍ଷାରେ ଅନିୟମିତତାରେ ହୋଇଥିବା ବିଷୟ ଓ ବିଦ୍ୟାଳୟକୁ ଆସିଥିବା କାର୍ଯ୍ୟ ଗୁଡିକରେ ଦୁର୍ନୀତି ଓ ଅନିୟମିତତା ବିଷୟକୁ ନେଇ ବାରମ୍ବାର ଲିଖିତ ଅଭିଯୋଗ ଜିଲ୍ଲାପାଳଙ୍କ ଠାରେ କଲାପରେ ମଧ୍ୟ କିଛି ତଦନ୍ତ ନ ହେବା ଯୋଗୁ ବାଧ୍ୟ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରାୟଗଡର ପୂର୍ବତନ ସରପଞ୍ଚ ଦୀପ୍ତି ପ୍ରଭାଲାଲ ଶବର ଧାରଣାରେ ବସିଥିଲେ। ଧାରଣା ଦେବାର ତିନି ପରେ ନୂଆ ଜିଲ୍ଲାପାଳ ମହୋଦୟ ଶ୍ରୀ ଶବର ଙ୍କ ସମସ୍ତ ଅଭିଯୋଗ ଶୁଣି ସରକାର ଙ୍କ ନିୟମ ଅନୁସାରେ ତଦନ୍ତ କରି ରିପୋର୍ଟ ଦେବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣାରୁ ଉଠିଥିଲେ ଶ୍ରୀ ଶବର। ଏଠି ସାଧାରଣରେ ପ୍ରଶ୍ନ ଉଠୁଛି ଯେ ପ୍ରଧାନ ଶିକ୍ଷକ ସୁରେଶ ସାହୁକାରଙ୍କ କାର୍ଯ୍ୟକଳାପ ସବୁ ଅଭିଭାବକମାନେ ଜାଣିଲେ କିପରି ଯେ ପ୍ରଧାନ ଶିକ୍ଷକ ଭଲ ବୋଲି କହୁଛନ୍ତି ? ସେମାନଙ୍କୁ କିଏ

**ତଦନ୍ତ ଦାବି**

ପୂର୍ବରୁ ଜିଲ୍ଲାପାଳଙ୍କ ପାଖକୁ ପ୍ରଧାନ ଶିକ୍ଷକଙ୍କ ସପକ୍ଷରେ କହିବାକୁ ପଠାଇଲେ। ଷଷ୍ଠ ଶ୍ରେଣୀ ରେ କେତେ ପିଲା ଜଏନ କରିବେ ଏହି ବିଷୟ ପ୍ରଧାନ ଶିକ୍ଷକ କାହିଁକି ପୂର୍ବରୁ ପ୍ରକାଶ କଲେ ନାହିଁ। ବର୍ତ୍ତମାନ ଅଭିଭାବକ ମାନେ କାହିଁକି ପ୍ରଧାନ ଶିକ୍ଷକଙ୍କ ଉପରେ ଏତେ ଦରଦ। ତିନି ଜଣ ଛାତ୍ରଙ୍କୁ ବିଦ୍ୟାଳୟରୁ ବାହାର କରି ଘରକୁ ପଠାଇ ଦେବା କେତେ ଯୁକ୍ତି ଯୁକ୍ତ। ଆଜି ସେହି ପିଲା ମାନେ ପାଠ ନ ପଢି ପାରି ଦାଦନ ଖଟିବାକୁ ଯାଉଛନ୍ତି। ସେମାନଙ୍କ ଭବିଷ୍ୟତ ପାଇଁ କିଏ ଦାୟୀ। ଆଜି ଆସି ଥିବା ଲୋକେ ସେହି ତିନି ପିଲାଙ୍କ ଭବିଷ୍ୟତ ଦେଇ ପାରିବେ କି ? କେଉଁ ନିୟମ ରହିଛି ଯେ ବିଡ଼ିଓ କି ଚେୟାରମ୍ୟାନଙ୍କ ସୁପାରିସରେ ଷଷ୍ଠ ଶ୍ରେଣୀ ରେ ଜଏନ୍ କରିବା ପାଇଁ ଅନୁମତି ଦିଆଯାଇଥାଏ। ଏହି ସବୁ ଅଭିଭାବକ ମାନଙ୍କ ବୟାନକୁ ଦେଖିଲେ ପ୍ରଧାନ ଶିକ୍ଷକ ଅଭିଭାବକଙ୍କ ସାହାରା ଲୋଡ଼ି ସେମାନଙ୍କୁ ଜିଲ୍ଲାପାଳଙ୍କ ପାଖକୁ ପଠାଇଥିବା ଭଳି ଅନେକ ପ୍ରଶ୍ନ ସାଧାରଣରେ ଆଲୋଚନା ହେଉଛି। ନିଜେ କରିଥିବା ଦୁର୍ନୀତିର ତଦନ୍ତକୁ ବାଟବଣା କରିବାକୁ ପ୍ରଧାନ ଶିକ୍ଷକ ଅଭିଭାବକ ମାନଙ୍କ ସାହାରା ନେଇ ଏହି ସବୁ କରାଉଥିବା ଅନୁମାନ କରାଯାଉଛି। ଦୁର୍ନୀତି କରିଥିବା ବ୍ୟକ୍ତିମାନେ ବିଭିନ୍ନ ପ୍ରକାରର ବାହାନା କରି ଅଭିଯୋଗରୁ ଖସିବାକୁ ଉପାୟ କରି ଥାଆନ୍ତି। ସେହି ପନ୍ଥା ପ୍ରଧାନ ଶିକ୍ଷକ ଆପଣେଇ ନାହାଁନ୍ତି ତ? ଏହିଭଳି ଅନେକ ପ୍ରଶ୍ନ ସାଧାରଣରେ ଆଲୋଚନା ହେଉଛି। ତେଣୁ ସେ ଯାହା ହେଉକି ନା କାହିଁକି ଜିଲ୍ଲାପାଳ ପ୍ରଧାନ ଶିକ୍ଷକଙ୍କ ଉପରେ ଥିବା ଅଭିଯୋଗର ସଠିକ୍ ତଦନ୍ତ କରି ଉଚିତ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହେଉଛି।

# ବେଆଇନ୍ ବନାଯୋଡ଼ି ଟୋଲ୍‌ଗେଟ ଉଚ୍ଛେଦ ଦାବି




କେନ୍ଦୁଝର(ଭାସ୍କର ନ୍ୟୁଜ): ପୂର୍ବରୁ ଥିବା ୨୧୫ ନମ୍ବର ପାଣିକୋଇଲି ଠାରୁ ରାଜାମୁଣ୍ଡା ପର୍ଯ୍ୟନ୍ତ ଜାତୀୟ ରାଜପଥ ତଥା କେନ୍ଦୁଝରବାସୀଙ୍କ ଜୀବନ ରେଖାକୁ ପରବର୍ତ୍ତୀ ସମୟରେ ଅଧିକ ଟୋଲ ଆଦାୟ ଆଶାରେ ପାଣିକୋଇଲି ଠାରୁ ରିମୂଳି ୨୦ ନମ୍ବର ଜାତୀୟ ରାଜପଥ ଓ ରିମୂଳି ଠାରୁ ରାଜାମୁଣ୍ଡା ୫୨୦ନମ୍ବର ଜାତୀୟ ରାଜପଥରେ ନାମିତ କରାଯାଇ ଗୋଟିଏ ରାଜପଥକୁ ଦୁଇଭାଗ କରାଗଲା। ପାଣିକୋଇଲି ଠାରୁ ରିମୂଳି୧୬୬କି.ମି. ମଧ୍ୟରେ ପାଣିକୋଇଲି ଠାରୁ ମାତ୍ର ୩୩କି.ମି.ଦୂର ହାସନପୁର ଠାରେ ପ୍ରଥମ ଟୋଲଗେଟ, ହାସନପୁର ଠାରୁ ଖଣ୍ଡଘର (ଡେଙ୍ଗୋଟ) ଜାତୀୟ ରାଜପଥ କି.ମି. ନମ୍ବର ୯୧.୯୦୦ ଠାରେ ମାତ୍ର ୫୮.୯କି.ମି.ଦୂରରେ ଦ୍ୱିତୀୟ ଟୋଲଗେଟ ଓ ସେଠାରୁ ମାତ୍ର ୪୨କି.ମି.ଦୂର ଜାତୀୟ ରାଜପଥ କି.ମି.ନମ୍ବର ୧୩୪.୩୪୦ ବନଯୋଡିଠାରେ ଟୋ ଗେଟ ସ୍ଥାପନ କରାଯାଇ ଟୋଲ ଆଦାୟ ଜାରିରହିଛି। ବନଯୋଡିଠାରୁ ମାତ୍ର ୩୧.୮୩ କିଲୋମିଟର ଗଲାପରେ ଜାତୀୟ ରାଜପଥ କିଲୋମିଟର ନମ୍ବର ୧୬୬.୧୭୦ ରିମୂଳି ଠାରେ ୨୦ନମ୍ବର ଜାତୀୟ ରାଜପଥର ପରିସମାପ୍ତି ଘଟାଇ ୫୨୦ନମ୍ବର ଜାତୀୟ ରାଜପଥ ଆରମ୍ଭ ହେଉଥିବାବେଳେ ସେଠାରୁ ମାତ୍ର ୭କିଲୋମିଟର ଦୂର ବିଲେଇପଦା ନିକଟରେ ବନଯୋଡ଼ିରୁ ୨୨କିମି ଖଣ୍ଡେଇଟାଙ୍ଗିରି ଠାରେ ଏବଂ ବନାଯୋଡିରୁ ୫୨କିମି ଦୂର ଯୋଗମୋହନପୁର ନିକଟରେ ଅନ୍ୟ ଏକ ଟୋଲଗେଟ ସ୍ଥାପନ କରାଯାଇଛି। କେନ୍ଦୁଝର ପରି ଏକ ଗରିବ ଓ ଆଦିବାସୀ ବହୁଳ ଜିଲ୍ଲାରେ ଦଂତକଥା କରି ଜାତୀୟ ରାଜପଥକୁ ବିଭିନ୍ନ ନାମରେ ନାମିତ କରି କେନ୍ଦୁଝର ସହରର ଚତୁର୍ପାର୍ଶ୍ୱରେ ଟୋଲଗେଟ ସ୍ଥାପନ କରାଯାଇ ଟୋଲ ଆଦାୟ କରିଯିବା ଜିଲ୍ଲାବାସୀଙ୍କ ପାଇଁ ବୋଝ ଉପରେ ନଳିତା ବିଡା ସଦୃଶ। ବିଶେଷ କରି କେନ୍ଦୁଝର ସହରଠାରୁ ମାତ୍ର ୬କିମି ଓ ଖଣ୍ଡଘରର ଠାରୁ ୪୨କିମି ଦୂରରେ ଥିବା ବେନିୟମ ବନାଯୋଡି ଟୋଲଗେଟ ଲୋକମାନଙ୍କ ଆର୍ଥିକ ସ୍ଥିତିକୁ ଦୁର୍ବଳ କରିଦେଉଛି।

## ଗୋବିନ୍ଦପୁର ସେବା ସମବାୟ ସମିତି ସଭାପତିଙ୍କ ଦେହାନ୍ତ



କଣ୍ଟାପଡ଼ା। (ଭାସ୍କର ନ୍ୟୁଜ): କଣ୍ଟାପଡା ବ୍ଲକ ଗୋବିନ୍ଦପୁର ପଂଚାୟତ ସେବା ସମବାୟ ସମିତିର ସଭାପତି କନ୍ଦର୍ପ ସ୍ୱାଇଁଙ୍କ ମଙ୍ଗଳବାର ସକାଳ ୯ ଘଟିକା ସମୟରେ ବାଳିପଦାସ୍ଥିତ ବାସଭବନରେ ହୃଦଘାତରେ ପରଲୋକ ହୋଇଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ତାଙ୍କ ଶେଷ ଦର୍ଶନ ପାଇଁ ଗୋବିନ୍ଦପୁର ଗ୍ରାମପଞ୍ଚାୟତ ବାସୀଙ୍କ ସମେତ ତାଙ୍କର ଶୁଭେଚ୍ଛୁ ଓ ବନ୍ଧୁବାନ୍ଧବ ଶେଷ ଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ ଗୋବିନ୍ଦପୁର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଓ ସେବା ସମବାୟ ସମିତି କାର୍ଯ୍ୟାଳୟକୁ ନିଆଯାଇ ଗାଁ ଶ୍ମଶାନରେ ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ପୁଅ ସ୍ମୃତିପ୍ରକାଶ ସ୍ୱାଇଁ ମୁଖାଗ୍ନି ଦେଇଥିଲେ।

## ସ୍ୱାଧୀନତା ଦିବସ ପାଇଁ ପ୍ରସ୍ତୁତି ବୈଠକ

ପାପଡାହାଣ୍ଡି (ଭାସ୍କର ନ୍ୟୁଜ୍): ପାପଡାହାଣ୍ଡି ବ୍ଲକ ସମ୍ମିଳନୀ କକ୍ଷ ଠାରେ ସ୍ୱାଧୀନତା ଦିବସ ଉପଲକ୍ଷେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ୱାଧୀନତା ଦିବସକୁ କିପରି ଶାନ୍ତିଶୃଙ୍ଖଳାର ସହିତ ପାଳନ କରାଯିବ ସେହି ବିଷୟରେ ଆଲୋଚନା ହୋଇଥିଲା। ସକାଳୁ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତି ଗୁଡିକରେ ପୁଷ୍ପମାଲ୍ୟ ଅର୍ପଣ କରାଯିବ, ପ୍ରଭାତଫେରିରେ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯିବ, ବ୍ଲକସ୍ତରୀୟ ମୁଖ୍ୟ ଉତ୍ସବ ଦଳେଇଗୁଡ଼ାସ୍ଥିତ ଷ୍ଟାଡିଅମ ଠାରେ ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ୟାରେଡ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ଏବଂ ଅତିଥି ମାନଙ୍କ ଦ୍ୱାରା କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯିବ। ଏଥିରେ ସମସ୍ତ ବ୍ଲକ ସ୍ତରୀୟ ଅଧିକାରୀ, ବିଦ୍ୟାଳୟର ଛାତ୍ର ଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ରହିବେ ଶାନ୍ତି ଶୃଙ୍ଖଳା ପାଇଁ ପୋଲିସ ଉପସ୍ଥିତ ରହିବ। ଆଜିର ଏହି ବୈଠକରେ ପାପଡାହାଣ୍ଡି ଗୋଷ୍ଠୀ ଉନ୍ନୟନ ଅଧିକାରୀ କପିଳଦେବ ସାହୁ, ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା,ଏ ଇ ଦିବ୍ୟରଞ୍ଜନ ମେହେର, ବିଏସ ଏସଓ ସୁବ୍ରତ କିସାନ, ଆଇଆଇସି ଦୀପକ କୁମାର ଜେନା, ଜିପିଓ ଅକ୍ଷୟ ପଟ୍ଟନାୟକ, ବିପିଏମ ସୁଧାଂଶୁ ଶେଖର ବିଶ୍ୱାଳଙ୍କ ସହିତ ସମସ୍ତ ବ୍ଲକ ସ୍ତରୀୟ ଅଧିକାରୀମାନେ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଥିଲେ।

## ■ ପୋଷ୍ଟ ଅଫିସରେ ଲିଙ୍କ୍ ଫେଲ୍

# ଭାଇ ପାଖରେ ରାକ୍ଷୀ ପହଞ୍ଚିବ କି ନାହିଁ ଦ୍ୱନ୍ଦ୍ୱରେ ଭଉଣୀ




ଚାନ୍ଦବାଲି (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ଚାନ୍ଦବାଲି ପୋଷ୍ଟ ଅଫିସକୁ ଲୋକମାନେ ରାକ୍ଷୀ ପାର୍ସଲ ପଠାଇବା ପାଇଁ ଯାଇ ହଟ ହଟା ହୋଇଥିବା ଦେଖିବାକୁ ମିଳିଛି। ଭାଇ ଭଉଣୀଙ୍କ ପାଇଁ ସବୁଠାରୁ ବଡ ପର୍ବ ହେଉଛି ରକ୍ଷାବନ୍ଧନ ଉତ୍ସବ। ଏହି ପର୍ବରେ ଭଉଣୀ ଭାଇକି ରାକ୍ଷୀ ବାନ୍ଧି ରକ୍ଷା କରିବାର ପ୍ରତଶ୍ରୁତି ନେଇଥାଏ। ଯେଉଁ ଭାଇମାନେ ଭଉଣୀଙ୍କ ଠାରୁ ଦୂରରେ ଥାଆନ୍ତି, ସେମାନଙ୍କ ପାଖକୁ ଦୂରରେ ରହୁଥିବା ଭଉଣୀମାନେ ରାକ୍ଷୀ ପଠାଇବାର ମୁଖ୍ୟ ମାଧ୍ୟମ ହୋଇଥାଏ ଡାକଘର ବା ପୋଷ୍ଟ ଅଫିସ। ହେଲେ ଆଜକୁ ପ୍ରାୟ ୧୦ ଦିନ ହେବ ଲିଙ୍କ ଫେଲ, ଆଉ ମାତ୍ର ଅଳ୍ପ ଦିନ ରହିଲା ରକ୍ଷାବନ୍ଧନ ଉତ୍ସବ। ୯ ତାରିଖରେ ଉତ୍ସବ ପଡୁଥିବାରୁ ଭଉଣୀମାନେ ୮ ରୁ ୧୦ ଦିନ ପୂର୍ବରୁ ରାକ୍ଷୀ କିଣି ପଠାନ୍ତି। ହେଲେ ଯଦି ଏହି ଭଳି ଲିଙ୍କ ଫେଲ ହୁଏ ଭାଇମାନେ ୯ ତାରିଖ ପରିବର୍ତ୍ତେ ଅଲଗା କେଉଁ ଦିନ ଉତ୍ସବ ପାଳିବେ ତାକୁ ନେଇ ଦ୍ୱନ୍ଦ୍ୱରେ ଭଉଣୀମାନେ। ରାକ୍ଷୀ ଯେଉଁଦିନ ତାଙ୍କ ପାଖରେ ପହଞ୍ଚିବ ସେହିଦିନ ରାକ୍ଷୀ ପିନ୍ଧି ପାଳିବେ। ଅନ୍ୟ ପ୍ରାଇଭେଟ କୋରିୟର ସର୍ଭିସ ମାନେ ଗୋଟାଏ ରାକ୍ଷୀକୁ ପାର୍ସଲ ପାଇଁ ୩୦୦ ଟଙ୍କା ନେଉଛନ୍ତି। ସାଧାରଣ ଲୋକ ୪୧ ଟଙ୍କା ପରିବର୍ତ୍ତେ ଏତେ ଟଙ୍କା ଦେବାକୁ ଅସମର୍ଥ। ବିଶେଷ ସୂତ୍ରରୁ ସୂଚନା ଏହି ଲିଙ୍କ ଫେଲ୍ ଘଟଣା ଅନ୍ୟ ପୋଷ୍ଟ ଅଫିସର ମଧ୍ୟ ହୋଇଛି। ତେଣୁ ଏ ଦିଗରେ ପୋଷ୍ଟ ଅଫିସ କର୍ତ୍ତୃପକ୍ଷ ମାନେ ଦାୟୀ ରହିବେ ବୋଲି ବୁଦ୍ଧିଜୀବୀମାନେ ମତ ପୋଷଣ କରିଛନ୍ତି।

# ଜୁଆ ଆଡ୍ଡା ଉପରେ ଚଢ଼ାଉ

## ୪ ଗିରଫ, ନଗଦ ଟଙ୍କା ଓ ବାଇକ୍ ଜବତ


ନିଆଳି(ଭାସ୍କର ନ୍ୟୁଜ୍): ଗତ ୪ ତାରିଖ ସୋମବାର ସଂଧ୍ୟା ସମୟରେ କଟକ ଜିଲ୍ଲା ନିଆଳି ପୋଲିସ ଗାଡି ଯାଞ୍ଚ କରୁଥିବା ସମୟରେ ବିଶେଷ ସୂତ୍ରରୁ ଖବର ପାଇ ଜୁଆଆଡ୍ଡା ଉପରେ ଚଢ଼ାଉ କରିବା ସହିତ ଚାରି ଜଣଙ୍କୁ ଗିରଫ କରିଥିବା ବେଳେ ଜୁଆ ପାଇଁ ବ୍ୟବହୃତ ପାଲି,ଗୋଟି ସାମଗ୍ରୀ ସହିତ ନଗଦ ଟଙ୍କା ଓ ବାଇକ ଜବତ କରିଥିବା ନେଇ ନିଆଳି ଥାନା ଆଇଆଇସି ବିଜୟ କୁମାର ମଲ୍ଲିକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ କଟକ ଜିଲ୍ଲା ନିଆଳି ଥାନା ଚନ୍ଦ୍ରମଉଳି ନିକଟରେ ନିଆଳି ପୋଲିସ ପକ୍ଷରୁ ଗତକାଲି ସନ୍ଧ୍ୟାରେ ଗାଡି ଚେକିଙ୍ଗ ସମୟରେ ରତନପୁର ଠାରେ ଜୁଆ ଆଡ୍ଡା ଚାଲିଥିବା ନେଇ ଖବର ପାଇଥିଲେ।





୧୩ ରୁ ୧୫ ଜଣ ବ୍ୟକ୍ତି ଏକ ଛୋଟ ଜଙ୍ଗଲ ନିକଟରେ ଏକାଠି ହୋଇ ଜୁଆ ଖେଳୁଥିବା ପୋଲିସ ଦେଖିବାକୁ ପାଇଥିଲା। ଗିରଫମାନେ ହେଲେ ମାଧବ ଗ୍ରାମର ଜଗନ୍ନାଥ ପରିଡ଼ା, ରତନପୁର ଗ୍ରାମର ଗୋବିନ୍ଦ ବେହେରା, ବରାଡ ଗ୍ରାମର କାହ୍ନୁ ଚରଣ ପଲେଇ ଏବଂ ଗୋପ ଥାନା ଅନ୍ତର୍ଗତ କାଣ୍ଟି ଗ୍ରାମର ସୁକାନ୍ତ ମଲ୍ଲିକଙ୍କୁ ନିଆଳି ପୋଲିସ ଗିରଫ କରିବାରେ ସକ୍ଷମ ହୋଇଥିବା ବେଳେ ଅନ୍ୟମାନେ ଫେରାର ହୋଇ ଯାଇଥିଲେ। ଦୁଇଜଣ ଜୁଆ ଆଡ୍ଡା ପରିଚାଳନା କରୁଥିବା ବେଳେ ଅନ୍ୟ ଦୁଇ ଜଣ ଗ୍ରାହକ ବୋଲି ପୋଲିସ କହିଛି। ଘଟଣା ସ୍ଥଳରୁ ନଗଦ ୨୦ ହଜାର ୪୫୦ ଟଙ୍କା ସମେତ ଜୁଆ ଆଡ୍ଡା ବ୍ୟବହୃତ ପାଲି,ଗୋଟି ସାମଗ୍ରୀ ସହିତ ତିନୋଟି ବାଇକକୁ ନିଆଳି ପୋଲିସ ଜବତ କରିଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି କହିଛନ୍ତି ଆଇଆଇସି ଶ୍ରୀ ମଲ୍ଲିକ।

# ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି



ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣିଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣିରେ ଗଜପତି ଜିଲ୍ଲାପାଳ ଶ୍ରୀମତୀ ମଧୁମିତା, ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା,ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ,ମୁଖ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶଙ୍କର କେରକେଟା ଅଭିଯୋଗ ଶୁଣାଣିରେ ଯୋଗଦାନ କରଥିଲେ। ପାରଳାଖେମୁଣ୍ଡି ପୌର ପରିଷଦ ସମେତ କେରାଣ୍ଡି, କତଲକଇଠା, ରାଣୀପେଣ୍ଟ ଓ ସିଧାମାଡ଼ଙ୍ଗ ପଞ୍ଚାୟତର ସମୁଦାୟ ୧୧୬ ଗୋଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୯୭ ଗୋଟି,ଗ୍ରାମଭିତ୍ତିକ ସମସ୍ୟା-୧୯ ଗୋଟି ଓ ୯ ଗୋଟି ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଛି। ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା, ଜମି ପଟ୍ଟା, ମନରେଗା, ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା, ଜଳସେଚନ ରାସ୍ତା ଓ ସ୍ୱାସ୍ଥ୍ୟ ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା। ଆଜିର ଗ୍ରାମ୍ୟମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣିରେ ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା,ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଅଂଶୁମାନ ମହାପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହମ୍ମଦ ମୁବାରକ୍ ଆଲ୍ଲୀ, ଗୋଷାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୋରଚନ୍ଦ୍ର ପଟ୍ଟନାୟକ , ସ୍ଥାନୀୟ ତହସିଲଦାର ନାରାୟଣ ବେହେରାଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀଗଣ ଏହି ଅଭିଯୋଗ ଶୁଣାଣିରେ ଉପସ୍ଥିତ ଥିଲେ।

# ଦିବ୍ୟାଙ୍ଗ ଶିକ୍ଷାର୍ଥୀଙ୍କ ପାଇଁ ଡାକ୍ତରୀ ପରୀକ୍ଷଣ ଓ ସହାୟକ ଉପକରଣ ଚିହ୍ନଟ କାର୍ଯ୍ୟକ୍ରମ

ଚିକିଟୀ (ଭାସ୍କର ନ୍ୟୁଜ୍): ଜାତୀୟ ଶିକ୍ଷା ନୀତି ୨୦୨୦ ପ୍ରଚଳନର ପଞ୍ଚମ ବାର୍ଷିକ ପୂର୍ତ୍ତି ଅବସରରେ ସମଗ୍ର ଭାରତରେ ଅଖିଳ ଭାରତୀୟ ଶିକ୍ଷା ସମାଗମ ଉତ୍ସବ ପାଳନ ହେଉଛି। ଏହି ଅବସରରେ ସମଗ୍ର ଶିକ୍ଷା ଗଞ୍ଜାମ ଦିବ୍ୟାଙ୍ଗ ଶିକ୍ଷାର୍ଥୀ ମାନଙ୍କ ପାଇଁ ଆୟୋଜନ କରିଛି ଚିହ୍ନଟକରଣ ଓ ଡାକ୍ତରୀ ପରୀକ୍ଷା କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମ ଚିକିଟୀ ବ୍ଲକ୍ ଅନ୍ତର୍ଗତ ଚିକିଟୀ ପେଣ୍ଠ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍‌ର ବିଭିନ୍ନ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଗୁଡିକରେ ଅଧ୍ୟୟନରତ ମସ୍ତିଷ୍କ ପକ୍ଷାଘାତ, ଚଳନ ବାଧିତ, ଶ୍ରବଣ ବାଧିତ, ଦୃଷ୍ଟି ବାଧିତ ଓ ବୌଦ୍ଧିକ ବାଧିତ ଶିକ୍ଷାର୍ଥୀମାନଙ୍କ ମଧ୍ୟରୁ ମୋଟ ୭୩ ଜଣ ଶିକ୍ଷାର୍ଥୀ ସେମାନଙ୍କର ପିତାମାତା/ ଅଭିଭାବକମାନଙ୍କ ସହିତ ଯୋଗ ଦେଇଥିଲେ। ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ କୃତ୍ରିମ ଅଙ୍ଗ ପ୍ରସ୍ତୁତକାରୀ ସଂସ୍ଥା, ଭୁବନେଶ୍ୱରରୁ ଆସିଥିବା ସ୍ୱତନ୍ତ୍ର ଡାକ୍ତର ମନୋରଞ୍ଜନ ଓଝା, ଶ୍ରୀ ବେଦ ପ୍ରକାଶ, ଶଙ୍କର ଚକ୍ଷୁ ଚିକିତ୍ସାଳୟର ଚକ୍ଷୁ ବିଶେଷଜ୍ଞ ଶୁଭମ୍ ପାଣିଗ୍ରାହୀ ତଥା ସାଇଟ୍ ସେଭର୍ସ ଇଣ୍ଡିଆର ଟେକ୍ନିସିଆନ୍ ଜନ୍ମେଜୟ ମାଝୀ ପରୀକ୍ଷଣ କାର୍ଯ୍ୟ ନିର୍ବାହ କରିଥିଲେ। ବିଭିନ୍ନ ଆବଶ୍ୟକ ଉପକରଣ ଯଥା- ତିନିଚକିଆ ସାଇକେଲ, ହ୍ୱିଲ ଚେୟାର, ଆଶାବାଡ଼ି, ରୋଲେଟର, ଶ୍ରବଣ ଯନ୍ତ୍ର, ବ୍ରେଲ କିଟ୍, ସ୍ୱଳ୍ପ ଦୃଷ୍ଟି ବାଧିତ ଉପକରଣ ଆଦି ନିଃଶୁଳ୍କ ପ୍ରଦାନ କରାଯିବା ପାଇଁ ସମସ୍ତ ଛାତ୍ରଛାତ୍ରୀଙ୍କୁ ପଞ୍ଜିକରଣ କରାଯାଇଥିଲା। ସେମାନଙ୍କ ଠାରୁ ଆବଶ୍ୟକ କାଗଜପତ୍ର ଗ୍ରହଣ କରାଯାଇ ଯାଞ୍ଚ କରାଯିବା ପରେ ଉପକରଣ ପ୍ରଦାନ ପାଇଁ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ତଥା ବିଆର୍‌ସିସି ତ୍ରିନାଥ ମଲ୍ଲିକ, ଗଞ୍ଜାମ ଜିଲ୍ଲା ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ତପନ କୁମାର ସାହୁ, ଚିକିଟୀ ପେଣ୍ଠ ନୋଡାଲ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ପାଣିଗ୍ରାହୀ ଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ଦିବ୍ୟାଙ୍ଗ ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କର ଆବଶ୍ୟକତା ଅନୁସାରେ ବିଭିନ୍ନ ଉପକରଣ ଯୋଗାଇ ପାରିଲେ ସେମାନେ ନିୟମିତ ବିଦ୍ୟାଳୟ ଆସି ଗୁଣାତ୍ମକ ଶିକ୍ଷା ଗ୍ରହଣ କରି ପାରିବେ ବୋଲି ବିଆରସିସି ଶ୍ରୀ ମଲ୍ଲିକ ପ୍ରକାଶ କରିବା ସହିତ ଗଞ୍ଜାମ ଜିଲ୍ଲା ଅନ୍ତର୍ନିବେଶୀ ଶିକ୍ଷା ବିଭାଗ ତରଫରୁ ଆୟୋଜିତ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। କୁକୁଡ଼ାଖଣ୍ଡି ସମ୍ବଳ ଶିକ୍ଷକ ଏମ. ଡମ୍ବୁରୁ ଦୋରା, ପୁରୁଷୋତ୍ତମପୁର ବ୍ଲକ୍‌ର ସମ୍ବଳ ଶିକ୍ଷକ ଅଜୟ କୁମାର ସାହୁ, ଚିକିଟୀ ବ୍ଲକ୍‌ର ସମସ୍ତ ସିଆର୍‌ସିସି, ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର କର୍ମକର୍ତ୍ତା, ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀ, ବିଆର୍‌ଟି ପୂର୍ଣ୍ଣ ସହଯୋଗ କରିଥିଲେ।




# ନାରୀ ସୁରକ୍ଷା ଓ ଆଇନ ଶୃଙ୍ଖଳାକୁ ନେଇ ବିଜେଡିର ଦାବିପତ୍ର

ଖଡ଼ିଆଳ(ଭାସ୍କର ନ୍ୟୁଜ): ନୂଆପଡା ଜିଲ୍ଲା ଖଡ଼ିଆଳ ଠାରେ ଛାତ୍ର ବିଜେଡି ପକ୍ଷରୁ ରାଜ୍ୟରେ ମହିଳାମାନେ ଅସୁରକ୍ଷିତ ସହ ଆଇନ ଭୁଶୁଡି ପଡିଛି ବୋଲି ଅଭିଯୋଗ କରି ଖଡ଼ିଆଳ ଥାନା ଅଧିକାରୀ ଦିଲିପ କୁମାର ସାହୁଙ୍କ ଜରିଆରେ ନଅ ଦଫା ଦାବି ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକଙ୍କୁ ପ୍ରଦାନ କରାଯାଇଥିଲା। ଛାତ୍ରୀ ଓ ମହିଳାମାନେ ରାଜ୍ୟରେ ଅସୁରକ୍ଷିତ ଥିବାରୁ ଦିନକୁ ଦିନ ନାରୀଧର୍ଷଣ, ଗ୍ୟାଙ୍ଗ ରେପ୍, ହଷ୍ଟେଲ ରେ ଛାତ୍ରୀ ମାଆ ହେବା, କଲେଜରେ ପେଟ୍ରୋଲ ଢାଳି ଜାଳିଦେବା ଭଳି ସେମାନଙ୍କ ଉପରେ ହେଉଥିବା ଅନୈତିକ କାର୍ଯ୍ୟ ବଢିଚାଲିଛି। ଏଥି ପ୍ରତି ରାଜ୍ୟ ସରକାର ପଦକ୍ଷେପ ନେବାକୁ ବିଜେଡି ପକ୍ଷରୁ ଦାବି କରିଛନ୍ତି। ଖଡ଼ିଆଳ ଛାତ୍ର ବିଜେଡି ତରଫରୁ ଖଡ଼ିଆଳ ବ୍ଲକ ଛକ ବିଜେଡି କାର୍ଯ୍ୟାଳୟ ଠାରୁ ଥାନା ଛକ ପର୍ଯ୍ୟନ୍ତ ଏକ ରାଲି ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରକାର ସରକାର ବିରୋଧୀ ନାରାବାଜି କରି ଥାନାଛକ ଠାରେ ବିକ୍ଷୋଭ ସଭା ଆୟୋଜିତ ହୋଇଥିଲା। ଏଥିରେ ନୂଆପଡା ଜିଲ୍ଲା ପରିଷଦ ଅଧ୍ୟକ୍ଷା ଡଲି ମାଝୀ, ଖଡ଼ିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଛାତ୍ର ବିଜେଡ଼ି



ଜିଲ୍ଲା ସଭାପତି ପ୍ରମୁଖ ଯୋଗଦେଇ ବର୍ତ୍ତମାନ ରାଜ୍ୟରେ ମହିଳାମାନେ ଅସୁରକ୍ଷିତ ମନେ କରୁଥିବା ଓ ଘରୁ ପଦାକୁ ବାହାରିବାକୁ ଭୟ କରୁଥିବା ମତବ୍ୟକ୍ତ କରିଥିଲେ। କିଛି ଦିନ ହେବ ରାଜ୍ୟରେ ଅନେକ ଝିଅ ଆତ୍ମହତ୍ୟା କରିଥିବାବେଳେ ନାରୀ ମାନଙ୍କ ପ୍ରତି ଅନ୍ୟାୟ ଅତ୍ୟାଚାର ବଢ଼ି ଚାଲିଛି, କିନ୍ତୁ ସରକାର କୌଣସି ପଦକ୍ଷେପ ନେଉ ନଥିବା ସେମାନେ ଅଭିଯୋଗ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଇସ୍ତଫା ଦେବାକୁ ଦାବି କରିଥିଲେ। କାର୍ଯ୍ୟକ୍ରମରେ ବିଜେଡ଼ିର ମହିଳା କର୍ମୀ, ପୁରୁଷ କର୍ମୀ ଜିଲ୍ଲା ପରିଷଦ ସଦସ୍ୟ, ଚିତ୍ତରଞ୍ଜନ ବେହେରା, ଶେଫାଳି ସଲମା, ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, ଟିଟୁ ପାଣ୍ଡେ, , ସାହିଦ ମହମ୍ମଦ ସମେତ ଶତାଧିକ କର୍ମୀ ରାଲିରେ ଉପସ୍ଥିତ ଥିଲେ।

## ମହାବୀର ୟୁଥ୍ କ୍ଲବର ନୂତନ ଗୃହ ଉଦ୍‌ଘାଟିତ

କୁଜଙ୍ଗ(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାରାଦୀପଗଡ ଗ୍ରାମ ପଞ୍ଚାୟତର ଚକ୍ରଧରପୁର ଗ୍ରାମରେ ଦୀର୍ଘ ବର୍ଷ ହେବ ଯୁବକମାନେ ସଂଗଠିତ ହୋଇ ଏକ 'ମହାବୀର ୟୁଥ୍ କ୍ଲବ୍' ଗଠନ କରି ଗ୍ରାମରେ ବିଭିନ୍ନ ସାମାଜିକ ସଂସ୍କାର ମୂଳକ କାର୍ଯ୍ୟ କରି ଆସୁଛନ୍ତି। ମାତ୍ର ସେମାନଙ୍କର ବସାଉଠା କରିବା ପାଇଁ ଗୃହଟିଏ ନଥିଲା। ସେମାନେ ଏକ ଗୃହ ନିର୍ମାଣ ପାଇଁ ଦୀର୍ଘ ବର୍ଷ ହେବ ଦାବି। କରି ଆସୁଥିଲେ। ପରିଶେଷରେ ସ୍ଥାନୀୟ ସରପଞ୍ଚ ସସ୍ମିତା ବେହେରାଙ୍କୁ ଏ ବିଷୟରେ ଅବଗତ କରାଇବା ପରେ ସେ ତୁରନ୍ତ ଏହାର ନିର୍ମାଣ ପାଇଁ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନାରେ ମହାବୀର କୋଠଘର ନିର୍ମାଣ ପାଇଁ ୪ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। କ୍ଲବର ସଦସ୍ୟମାନେ ତୁରନ୍ତ ଏହାର ନିର୍ମାଣ କାର୍ଯ୍ୟ ସାରିବା ପରେ ରବିବାର ସରପଞ୍ଚ ସସ୍ମିତା ବେହେରା ଯୋଗଦେଇ ଉକ୍ତ କ୍ଲବର ଗୃହକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହିତ ଉକ୍ତ ଗୃହଟି ଗ୍ରାମର ଯୁବକ ମାନଙ୍କ ସେବା କାର୍ଯ୍ୟରେ ଲାଗି ପାରିବ ବୋଲି ସରପଞ୍ଚ ଶ୍ରୀମତୀ ବେହେରା ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା, ରମେଶ ଚନ୍ଦ୍ର ବେହେରା, ରାକେଶ ମଙ୍ଗରାଜ, ପ୍ରଭାତ ସାହୁ, ବିଟୁ, ଆଲୋକ, ପିଣ୍ଟୁ, ଶୁଭାଶିଷ, ଚିକୁ, ପପି, ଲିପୁ, ସାଗର, ଚିତ୍ତନ୍, ମନୋଜ, ନୋକା, ଜଗନ୍, ଚଗଲା, ଜ୍ଞାନ, ରୀଙ୍କୁ, ନିଲୁ, ବୁବୁ, ସାକୁଲା, ସାରଦା, ବିଳାସ, ପିଣ୍ଟୁ ଓ ଅରୁ ପ୍ରମୁଖଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ଦଳିତ କଂଗ୍ରେସକର୍ମୀଙ୍କ ବୈଠକ



ଆସିକା(ଭାସ୍କର ନ୍ୟୁଜ୍): ଆସିକା ସ୍ଥିତ ଗଞ୍ଜାମ ଜିଲ୍ଲା କଂଗ୍ରେସ ପଶ୍ଚିମ କାର୍ଯ୍ୟାଳୟ ଠାରେ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜନଜାତି ଅଧ୍ୟକ୍ଷ ମାନସ ମଲ୍ଲିକଙ୍କ ଉପସ୍ଥିତିରେ ଗଞ୍ଜାମ ଜିଲ୍ଲାର ସମସ୍ତ ବ୍ଲକରୁ କିଛି ଦଳିତ କଂଗ୍ରେସ କର୍ମୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ଦଳିତ ଜନଜାତିମାନଙ୍କ ମଧ୍ୟରେ ଥିବା ସମସ୍ୟା ଓ ତାହାର ସମାଧାନ ନିମନ୍ତେ ଆଲୋଚନା ହୋଇଥିଲା। ଗ୍ରାମାଞ୍ଚଳରେ ଲୋକମାନେ ଭତ୍ତା ଓ ଆବାସ ଯୋଜନା ଗୁଡିକର ସୁବିଧା ପାଇବାରୁ ବଞ୍ଚିତ ହେଉଥିବା ନେଇ କ୍ଷୋଭ ପ୍ରକାଶ କରିଥିଲେ ମାନସ ମଲ୍ଲିକ। ଆମ ମାନଙ୍କୁ ଲଢ଼ିବାକୁ ପଡିବ ଓ ଏକତା ହେବାକୁ ପଡିବ ବୋଲି କହିଥିଲେ ମାନସ ମଲ୍ଲିକ। ଆମେ ନିଜକୁ ଛୋଟ ଜାତି ଭାବିବା ଭୁଲ ଭାବନା ଅଟେ, ସାମାଜିକ ସ୍ତରରେ ଆମେ ସୁଦୃଢ ହେବାକୁ ପଡିବ ବୋଲି କହିଥିଲେ କଂଗ୍ରେସ ପଶ୍ଚିମ ଗଞ୍ଜାମ ଜିଲ୍ଲା ସଂଯୋଜକ ଦେବକାନ୍ତ ଶର୍ମା। ଉଭୟ ବିଜେଡି ଓ ବିଜେପିର ଗୁଇନ୍ଦା ବିଭାଗୀୟ ଦୁର୍ବଳତାକୁ ନେଇ ନିନ୍ଦା କରିଥିଲେ ମାନସ ମଲ୍ଲିକ। ଅନୁସୂଚିତ ଜନଜାତି ଲୋକ ମାନଙ୍କୁ ନେଇ ସୁସଂଗଠିତ କରିବା ଲକ୍ଷ୍ୟରେ ଆଜିର ବୈଠକ ହୋଇଥିଲା। ଜିଲ୍ଲା ପରିଷଦ ସ୍ତରରେ ଟ୍ୟାଲେଣ୍ଟ ସର୍ଚ୍ଚ କରି କଂଗ୍ରେସକୁ ମଜବୁତ୍ କରିବା ଲକ୍ଷ୍ୟ ରଖାଯାଇଛି ବୋଲି କହିଥିଲେ ଗଞ୍ଜାମ ଜିଲ୍ଲା ପଶ୍ଚିମ କଂଗ୍ରେସ ଅନୁସୂଚିତ ଜନଜାତି ସଭାପତି ଚିତ୍ରସେନ ବେହେରା, ପୁରୁଷୋତ୍ତମ କଂଗ୍ରେସର ଏନ୍‌ଏସି ନଗର ସଭାପତି ମନୋରଞ୍ଜନ ଦାସ, ଦିପକ ଭୂଇଁ, ଡିଜିଟାଲ ମିଡ଼ିଆ ମାନସ ଆଚାର୍ଯ୍ୟ।ଅନ୍ୟମାନଙ୍କ ମଧ୍ୟରେ ଚିରଞ୍ଜିବୀ ବିଶୋଇ,ଧବଳ ନାହାକ,ଭବାନୀ ଭୁଷଣ ଦାଶ, ଅବିନାଶ ବେହେରା,ଦିପୁ ନାୟକ, ପ୍ରିୟାଂଶୁ ପରିଡା,ଅଜିତ ମୁନି ପ୍ରମୁଖ ଉପସ୍ଥିତ ଥିଲେ।

# ମା'ସାଙ୍କୁଳାଇ ପୀଠରେ ଦଣ୍ଡନାଚକୁ ନେଇ ଜିଲ୍ଲାସ୍ତରୀୟ ବୈଠକ

ଆସିକା(ଭାସ୍କର ନ୍ୟୁଜ୍):ଗଞ୍ଜାମ ଜିଲ୍ଲା ର ପ୍ରସିଦ୍ଧ ଲୋକ ନୃତ୍ୟ ଦଣ୍ଡନାଚ କୁ ନେଇ ପୁଣି ତେଜିଲା ବିବାଦ।୨୦୨୬ ଦଣ୍ଡ ନାଚରେ ସାମାଜିକ ନାଟକ ପରିବେଷଣ ଉପରେ ଦଣ୍ଡନାଚ ମହାସଂଘ ରୋକ ଲଗାଇଥିବା ବେଳେ ଏହାକୁ ବିରୋଧ କରି ଆଜି ଗଞ୍ଜାମ ଜିଲ୍ଲାର ବହୁ ଦଣ୍ଡନାଚ ପାର୍ଟି ସଦସ୍ୟ ଏକତ୍ରିତ ହୋଇଥିବା ଦେଖିବାକୁ ମିଳିଛି। ଅଞ୍ଚଳର ବରିଷ୍ଠ କଳାକାର ତଥା ଦକ୍ଷିଣାଞ୍ଚଳ ଜୋନ ସରପଞ୍ଚ ସଂଘ ସଭାପତି ଭବାନୀଶଙ୍କର ମଲ୍ଲିକ ଙ୍କ ଆହ୍ୱାନ କ୍ରମେ ବୁଗୁଡ଼ା ବ୍ଲକ ମା ସାଙ୍କୁଳେଇ ପୀଠ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାସଂଘ ପକ୍ଷରୁ ନିଆଯାଇଥିବା ସାମାଜିକ ନାଟକ ପରିବେଷଣ ବନ୍ଦ ନିଷ୍ପତି ବେଆଇନ। ଏହି ନିଷ୍ପତି ଅନେକ କଳାକାରଙ୍କ ରୋଜଗାର ଛଡାଇନେବାର ସମ୍ଭବାନା ରହିଛି।



ଆଟିଷ୍ଟ,ବାଦ୍ୟ ବାଦକ,ମ୍ୟୁଜିସିଆନ ଭଳି ବିଭିନ୍ନ କଳାକାର ବର୍ଷକର ରୋଜଗାର ହରାଇବେ। ତେଣୁ ସମସ୍ତଙ୍କ ସ୍ୱାର୍ଥ କୁ ଦୃଷ୍ଟିରେ ରଖି ମହାସଂଘ ନେଇଥିବା ନିଷ୍ପତ୍ତିକୁ ପରିବର୍ତ୍ତନକରି ନାଚର ଦର ନିୟନ୍ତ୍ରଣ ଓ ଅଶ୍ଳୀଳତା ନୃତ୍ୟ ବନ୍ଦ ଉପରେ ପଦକ୍ଷେପ ନେବାକୁ ଦାବି କରାଯାଇଛି। କାର୍ଯ୍ୟକ୍ରମରେ ଦଣ୍ଡ ନାଚ ମହାସଂଘର ବହୁ ସଦସ୍ୟଙ୍କ ସମେତ ଜିଲ୍ଲାର ପାଖାପାଖି ୩୮ ଟି ପାର୍ଟିର ସଦସ୍ୟମାନେ ଯୋଗ ଦେଇଥିବା ବେଳେ ଏହି ଦାବି ଉପରେ ମହାସଂଘ କମିଟି ଆଲୋଚନା କରାଯିବା ନେଇ କହିଛନ୍ତି ଦଣ୍ଡନାଚ ମହାସଂଘ ସଦସ୍ୟ।



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ଦ୍ୱାରା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ 'ସଙ୍ଗୀତାୟନ' ସ୍ଥାନୀୟ ରବୀନ୍ଦ୍ର ମଣ୍ଡପ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି ଫ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଉପନିର୍ଦ୍ଦେଶିକା ଶୁଚିସ୍ମିତା ମନ୍ତ୍ରୀ ସମ୍ମାନିତ ଅତିଥି ଭାବେ ବିଶଷ୍ଟ ତବଲା ବାଦକ ଗୁରୁ ଅଜୟ କୁମାର ଚୌଧୁରୀ ବେତାର ଦୂରଦର୍ଶନ କେନ୍ଦ୍ରର ବରିଷ୍ଠ ଗୀତିକାର ପ୍ରିତାମ୍ବର ମିଶ୍ର, ମହାବିଦ୍ୟାଳୟ ଅଧକ୍ଷ ଗୁରୁ ଡ଼ ବିଜୟ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଥମେ ଓଡ଼ିଶୀ କଣ୍ଠ ସଙ୍ଗୀତ ରାଗାଙ୍ଗରେ ଏକକ ଗାୟନ କଣ୍ଠ ଶିଳ୍ପୀ ଚନ୍ଦନ ନାୟକ ରାଗ ବରାଡ଼ି ତାଳ, ଜତି ସଜସନି ଗୋ ତୋର ଧରୁଛି କର ପରିବେଷଣ କରିଥିଲେ ହାରମୋନିୟମ ଗୁରୁ ପ୍ରଦୀପ କୁମାର ଦାସ । ବଂଶୀଗୁରୁ ଶ୍ରୀନିବାସ ଶତପଥୀ, ମର୍ଦ୍ଦଳ ଗୁରୁ ମୁରଲୀ ଧର ସ୍ୱାଇଁ, ମଞ୍ଜିରା ସୁଦର୍ଶନ ସାହୁ, ତାନପୁରା ବିବେକାନନ୍ଦ ଓ ଶକ୍ତି ବାଦ୍ୟଯନ୍ତରେ ସହଯୋଗିତା କରିଥିଲେ । କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ମୃତ୍ୟୁଞ୍ଜୟ ରଥ ।

### ରୌପ୍ୟ ତାରକସି ସର୍ବସାଧାରଣ ସୁବିଧା କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ

## ତାରକସି ହବ୍‌କୁ ମିଳିବ ଐତିହ୍ୟ ଶିଳ୍ପୀ ଗ୍ରାମ ମାନ୍ୟତା: ପ୍ରଭାତୀ



କଟକ(ଭାସ୍କର ନ୍ୟୁଜ୍): ରୌପ୍ୟ ନଗରୀ କଟକର ଅନ୍ୟତମ ଐତିହ୍ୟ ତାରକସିକୁ ବିଶ୍ୱ ଦରବାରରେ ପହଞ୍ଚାଇବା ନିମନ୍ତେ କଟକଠାରେ ରୌପ୍ୟ ତାରକସି ସର୍ବସାଧାରଣ ସୁବିଧା କେନ୍ଦ୍ରର ଭିତିପ୍ରସ୍ତର ସ୍ଥାପନ କରାଯାଇଛି । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମଙ୍ଗଳବାର କଟକ ସିଡିଏ ସେକ୍ଟର ୬ ସ୍ଥିତ ବିଡାନାସୀ ପେଟାନାଳଠାରେ ଏହି ଭିତ୍ତିପ୍ରସ୍ତର ସ୍ଥାପନ କରି ଏହି କେନ୍ଦ୍ର କଟକର ପରମ୍ପରାକୁ ସଂରକ୍ଷଣ କରିବା ସହିତ ନବସୃଜନକୁ ଆପଣାଇ ତାରକସି କାରିଗରମାନଙ୍କୁ ସଶକ୍ତ କରିବା ସହ କଟକ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ ବୋଲି କହିଥିଲେ । ପ୍ରାୟ ସାଢେ ଆଠ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ୧୫୦୦ ବର୍ଗଫୁଟ ଆୟତନର ଏହି ସୁବିଧା କେନ୍ଦ୍ରରେ ଆଧୁନିକ ଉପକରଣ, କାରିଗରମାନଙ୍କୁ ତାଲିମ ଓ ବଜାର ସୁବିଧା ସବୁ କିଛି ଗୋଟିଏ ଛାତ ତଳେ ଯୋଗାଇ ଦିଆଯିବ । ଏହା କେବଳ ଏକ କୋଠା ନୁହେଁ ଏହା ଆଗାମୀପିଢ଼ିର କାରିଗରମାନଙ୍କ ପାଇଁ ଏକ ପ୍ରୟୋଗଶାଳା ହେବ । ଆଜି କଟକ ସହରରେ ୫୦୦ କାରିଗର ଥିବାବେଳେ ଆଗକୁ ୫୦୦୦ କାରିଗର ପରିବାର ଯେପରି ସୃଷ୍ଟି ହୋଇପାରିବେ ସେ ଦିଗରେ ଯତ୍ନଶୀଳ ହୋଇ କାର୍ଯ୍ୟକ୍ରମ ହାତକୁ ନିଆଯିବ । କଟକର ସ୍ୱାଭିମାନ କଟକ ତାରକସିର ଚମକ ଯେଭଳି ବିଶ୍ୱ ଦରବାରରେ ସ୍ଥାନ ପାଇବ ସେ ଦିଗରେ ଏହି ସୁବିଧା କେନ୍ଦ୍ର କାର୍ଯ୍ୟ କରିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି । ଆସନ୍ତା ଆଠ ମାସ ମଧ୍ୟରେ ଏହି ସୁବିଧା କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ଶ୍ରୀମତୀ ପରିଡା ପ୍ରତିଶୃତି ଦେଇଛନ୍ତି । ଏହି ଅବସରରେ ବାରବାଟୀ କଟକ ବିଧାୟିକା ସୋଫିଆ ଫିର୍ଦୋଷ କହିଥିଲେ ତାରକସି କେବଳ ଆଭୂଷଣରେ ସୀମିତ ହୋଇ ରହିବ ନାହିଁ ଏହା ଆମ କାରିଗର ପରିବାରମାନଙ୍କୁ ଓ କଟକକୁ ଏହାର ଚମକରେ ଋଦ୍ଧିମନ୍ତ କରିବ । ଏହାଦ୍ୱାରା ପ୍ରତ୍ୟେକ କଟକବାସୀଙ୍କ ସ୍ୱପ୍ନ ପୂରଣ ହେବ। ତେଲଙ୍ଗାନାର କରିମ ନଗର ଓ ବଡ ବଜାର ଭଳି ରୌପ୍ୟ ତାରକସି ପାଇଁ ଏହି ସୁବିଧା କେନ୍ଦ୍ର ନିଜର ପରିଚୟ ସୃଷ୍ଟି କରିବ । କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଏହି କମନ ଫାସିଲିଟି ସେଂଟର କାରିଗରମାନଙ୍କ ତାଲିମ କ୍ଷେତ୍ରରେ ଲାଭଦାୟକ ହୋଇପାରିବ ବୋଲି କହିଥିଲେ। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଓଡ଼ିଶା ପୋଲିସ ହାଉସିଂ କର୍ପୋରେସନର ସିଏମଡି ସୌମେନ୍ଦ୍ର ପ୍ରିୟଦର୍ଶୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଖୁବଶୀଘ୍ର ଏହି ସୁବିଧା କେନ୍ଦ୍ର କାର୍ଯ୍ୟ ଶେଷ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଶେଷରେ କଟକ ମହାନଗର ନିଗମ କମିଶନର ସୁଶ୍ରୀ କିରନଦୀପ କୌର ସହୋଟା ଧନ୍ୟବାଦ ଅର୍ପଣ କରିଥିଲେ ।

## 'ପଣ୍ଡିତ ନୀଳକଣ୍ଠ ଦାସ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ'



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରଚଣ୍ଡ ପ୍ରତିଭାଦୀପ୍ତ ଜ୍ଞାନପିପାସୁ ପଣ୍ଡିତ ନୀଳକଣ୍ଠ ଦାସ ତାଙ୍କ ଛାତ୍ରଜୀବନରୁ ଜାତୀୟତାବାଦରେ ଉଦ୍‌ବୁଦ୍ଧ ହୋଇ ସ୍ୱାଧୀନତା ଆନ୍ଦୋଳନର ମୁଖ୍ୟସ୍ରୋତରେ ସାମିଲ ହୋଇଥିଲେ । ସେ ତତ୍‌କାଳୀନ ସମାଜରେ ପ୍ରଚଳିତ ଏକାଧିକ କୁସଂସ୍କାର ବିରୁଦ୍ଧରେ ସଂଗ୍ରାମ ଜାରି ରଖିଥିଲେ । ସେ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ ଆନ୍ଦୋଳନରେ ନୀଳକଣ୍ଠ ସକ୍ରିୟ ଯୋଗଦାନ କରିଥିଲେ । ଓଡ଼ିଶା ବିଧାନସଭାର ବାଚସ୍ପତି ପଦ ମଣ୍ଡନ କରିବା ସହିତ ସେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ପଦ ମଧ୍ୟ ଅଳଙ୍କୃତ କରିଥିଲେ। ସେ ଥିଲେ ଏକାଧାରରେ ସଂଗ୍ରାମୀ, ସଂସ୍କାରକ, ଅଧ୍ୟାପକ, ଶିକ୍ଷାବିତ୍, ରାଜନେତା, ବାଗ୍ମୀ ଓ ସୁଲେଖକ । ଓଡ଼ିଶା ଇତିହାସରେ ତାଙ୍କର କୃତି ଓ କୀର୍ତି ଚିର ଉଜ୍ଜ୍ୱଳ ରହିବ । ପଣ୍ଡିତ ନୀଳକଣ୍ଠ ଦାସଙ୍କର ୧୪୧ତମ ଜୟନ୍ତୀ ଅବସରରେ ବିଧାନସଭା ପରିସରରେ ଆୟୋଜିତ ସଂକ୍ଷିପ୍ତ ଉତ୍ସବରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ନିରଞ୍ଜନ ପୂଜାରୀ, ବିଧାୟକ ବାବୁ ସିଂ,ଗଣେଶ୍ୱର ବେହେରା ଓ ପ୍ରକାଶ ଚନ୍ଦ୍ର ସେଠୀ, ଉତ୍କଳ ସମ୍ମିଳନୀର କର୍ମକର୍ତ୍ତା, ପୂଜ୍ୟପୂଜା ସଂସଦର ସଭାପତି ପ୍ରଦ୍ୟୁମ୍ନ ଶତପଥି, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ ମିଶ୍ର, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ, ଗବେଷଣା ଶାଖାର ନିର୍ଦ୍ଦେଶକ ଡ. ତ୍ରିବିକ୍ରମ ପ୍ରଧାନ ପ୍ରମୁଖ ପଣ୍ଡିତ ନୀଳକଣ୍ଠଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ପ୍ରଦାନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ, ବାଚସ୍ପତି ଓ ଅନ୍ୟ ମାନ୍ୟଗଣ୍ୟ ଅତିଥିମାନେ ବିଧାନସଭାର ଗବେଷଣା ଶାଖା ପକ୍ଷରୁ ସଂକଳିତ ପୁସ୍ତକ 'ସ୍ପିଚେସ୍ ଅଫ୍ ଫାଇନାନ୍ସ ମିନିଷ୍ଟର ଅଫ୍ ଓଡ଼ିଶା ଫ୍ରମ୍ ୨୦୨୨ ଟୁ ୨୦୨୫-୨୬'କୁ ଉନ୍ମୋଚନ କରିଥିଲେ ।

## ମେଗା ଆୟୁର୍ବେଦ ସମ୍ମିଳନୀ 'ଚରକାୟତନ' ଉଦ୍‌ଯାପିତ

କଟକ(ଭାସ୍କର ନ୍ୟୁଜ୍): ସ୍ଥାନୀୟ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ସପ୍ତାହବ୍ୟାପୀ ଆୟୋଜିତ ହୋଇଥିବା ଅନ୍ତର୍ଜାତୀୟ ଆୟୁର୍ବେଦ କାର୍ଯ୍ୟକ୍ରମ 'ଚରକାୟତନ' ଉଦଯାପିତ ହୋଇଯାଇଛି । ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ଓ ଶିକ୍ଷାନବୀଶଙ୍କୁ ନେଇ ଚାଲିଥିବା ଏହି କାର୍ଯ୍ୟକ୍ରମ ପ୍ରକୃତ ପକ୍ଷରେ ଆୟୁର୍ବେଦର ପୁନଃ ଜାଗରଣ ଉଦ୍ଦେଶ୍ୟରେ ଅନୁଷ୍ଠିତ ହୋଇଥିଲା । ସାରା ବିଶ୍ୱରେ ଯୋଗ ଭଳି, ଚରକ ସଂହିତା ଅନୁସରଣରେ ଆୟୁର୍ବେଦ ମଧ୍ୟ କିଭଳି ଜନପ୍ରିୟ ହୋଇପାରିବ, ସେ ସମ୍ପର୍କରେ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଆୟୁର୍ବେଦ ବିଶାରଦମାନେ ସାତଦିନବ୍ୟାପୀ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଭାରତ ସରକାରଙ୍କ ଆୟୁଷ ମନ୍ତ୍ରାଳୟ ପକ୍ଷରୁ ରାଷ୍ଟ୍ରୀୟ ଆୟୁର୍ବେଦ ବିଦ୍ୟାପୀଠ ଆନୁକୁଲ୍ୟରେ ଆୟୋଜିତ ଚରକାୟତନ ସମ୍ମିଳନୀର ଉଦଯାପନୀ ଉତ୍ସବରେ ରାଷ୍ଟ୍ରୀୟ ଆୟୁର୍ବେଦ ବିଦ୍ୟାପୀଠ କାର୍ଯ୍ୟକ୍ରମ ପରିଚାଳିକା ଡ. ରିୟା ଗୋୟଲ ସାମ୍ପ୍ରତିକ ସମୟରେ ଏହାର ପ୍ରାସଙ୍ଗିକତା ସମ୍ପର୍କରେ ସୂଚନା ଦେଇଥିଲେ । ବିଦ୍ୟାପୀଠର ଗୁରୁ ପ୍ରଫେସର ଉପେନ୍ଦ୍ର ଦୀକ୍ଷିତ ଏବଂ ପ୍ରଫେସର ସଞ୍ଜୟ କାଡ଼ିମାଟି କେଉଁ ପରିପ୍ରେକ୍ଷୀରେ ଚରକାୟତନ ଆୟୋଜନ କରାଗଲା, ତାହା ବର୍ଣ୍ଣନା କରିଥିଲେ । ଉଦଯାପନୀ ଉତ୍ସବରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ତେଜପ୍ରତାପ ଆୟୁର୍ବେଦର ପ୍ରଚାର ଓ ପ୍ରସାର ନିମନ୍ତେ ଅବିରତ କାର୍ଯ୍ୟ କରୁଥିବାରୁ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, କାର୍ଯ୍ୟନିର୍ବାହୀ କୁଳସଚିବ ପ୍ରଫେସର ଅନିଲ କୁମାର ଶର୍ମା ଓ ବିଭାଗୀୟ ଡିନ୍ ଡ. ପ୍ରଦୀପ କୁମାର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସେହିପରି ଡେପୁଟି ଡିନ୍ ପ୍ରଫେସର ଦୁର୍ଗାପ୍ରସାଦ ଦାଶ, ବୈଦ୍ୟ ଡ. ଉପେନ୍ଦ୍ର ଦୀକ୍ଷିତ, ପ୍ରଫେସର ସଞ୍ଜୟ କାଟିମାଟି, ଡ. କ୍ଷୀରାବ୍ଧୀ, ଡ. ଅଖିଳେଶ କର, ଡ. ଲୋପାମୁଦ୍ରା ଦାଶ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉତ୍ସବରେ ସଭାପତି ଭାବରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ତେଜପ୍ରତାପ ଯୋଗ ଦେଇଥିବା ବେଳେ କୁଳସଚିବ ଅନିଲ କୁମାର ଶର୍ମା ମୁଖ୍ୟବକ୍ତା ଏବଂ ବିଭାଗୀୟ ଡିନ୍ ପ୍ରଫେସର ପ୍ରଦୀପ କୁମାର ପଣ୍ଡା ସମ୍ମାନୀୟ ଅତିଥି ଭାବରେ ଯୋଗ ଦେଇଥିଲେ । ଡେପୁଟି ଡିନ୍ ପ୍ରଫେସର ଦୁର୍ଗା ପ୍ରସାଦ ଦାଶ ଅତିଥିଙ୍କୁ ସ୍ୱାଗତ କରିଥିଲେ । ସଂହିତା ବିଭାଗ ମୁଖ୍ୟ ପ୍ରଫେସର କେ.ଟି. ରାଉତରାୟ ଧନ୍ୟବାଦ ଦେଇଥିବା ବେଳେ ଡାକ୍ତର ଦେବୀକା ଶ୍ରୀନିବାସନ ଏବଂ ଡାକ୍ତର ମୀରା ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ ।

## ଫାଇଲେରିଆ ନିରାକରଣ: ୧୦ରୁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଫାଇଲେରିଆ ନିରାକରଣ ପାଇଁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ (ଏମ୍‌ଡିଏ) ୧୦ରୁ ଆରମ୍ଭ ହେବ । ଏହି ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମରେ ୧କୋଟି ୭ ଲକ୍ଷ ଜଣଙ୍କୁ ଫାଇଲେରିଆ ନିରୋଧୀ ଔଷଧ ଦିଆଯିବ। କାର୍ଯ୍ୟସୂଚୀ ଅନୁଯାୟୀ, ଅନୁଗୋଳ, ବାଲେଶ୍ୱର, ବରଗଡ଼, ଢେଙ୍କାନାଳ, ଗଞ୍ଜାମ, ଝାରସୁଗୁଡ଼ା, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର, ସମ୍ବଲପୁର, ସୋନପୁର ଓ ସୁନ୍ଦରଗଡ଼ ଜିଲାରେ ୧୦ରୁ ୧୯ ତାରିଖ ମଧ୍ୟରେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ସହିତ ଜାତୀୟ କୃମିନାଶକ ଦିବସ(ଏନ୍‌ଡିଡି) କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ଅନୁଷ୍ଠିତ ହେବ । ଫାଇଲେରିଆ ନିରାକରଣ ପାଇଁ ଏହି ୧୨ ଜିଲ୍ଲାର ୧୧୫ କାର୍ଯ୍ୟାନ୍ୱୟନ ୟୁନିଟ୍‌ରେ କାର୍ଯ୍ୟକାରୀ ହେବ। ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଅଧୀନରେ ୩ଟି ଔଷଧ ଯଥା- ଡିଇସି, ଆଲବେଣ୍ଡାଜୋଲ ଓ ଆଇଭରମେକ୍ଟିନ ବଟିକା ଖାଇବାକୁ ଦିଆଯିବ । ୨ ବର୍ଷରୁ କମ୍ ବୟସର ଶିଶୁ, ଗର୍ଭବତୀ ମହିଳା ଏବଂ ଗୁରୁତର ଅସୁସ୍ଥଙ୍କୁ ଏହି ଔଷଧ ଖାଇବାକୁ ବାରଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ୪୧,୦୦୦ ଡ୍ରଗ ଆଡ୍‌ମିନିଷ୍ଟ୍ରେଟର ନିୟୋଜିତ ହୋଇଛନ୍ତି। ସେମାନଙ୍କ କାର୍ଯ୍ୟକୁ ତଦାରଖ କରିବା ପାଇଁ ୪୧୦୦ ପର୍ଯ୍ୟବେକ୍ଷକ ରହିଛନ୍ତି ବୋଲି ବିଭାଗ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି । ସମ୍ମିଳନୀରେ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡା. ଅମରେନ୍ଦ୍ର ନାଥ ମହାନ୍ତି, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର, ରାଜ୍ୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡା. ଦିଲୀପ କୁମାର ପଣ୍ଡା, ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ରାଜ୍ୟଶ୍ରୀ ପଟ୍ଟନାୟକ, ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡା. ସୁଚିତ୍ରା ସାସମଲ, ଅତିରିକ୍ତ ନିର୍ଦ୍ଦେଶକ ଡା. ପ୍ରଭାକର ସାହୁ, ଅତିରିକ୍ତ ନିର୍ଦ୍ଦେଶକ ଡା. ପ୍ରମିଳା ବରାଳ, ଯୁଗ୍ମ ନିର୍ଦ୍ଦେଶକ ଶୁଭାଶିଷ ମହାନ୍ତିଙ୍କ ସହିତ ବିଭାଗୀୟ ଅଧିକାରୀ, ବୈଦ୍ୟୁତିକ ଏବଂ ମୁଦ୍ରଣ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ସ୍ପଷ୍ଟ ଦିବାଲୋକରେ ଆକ୍ରମଣ କରିବା ଅମାନବୀୟ: ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗଞ୍ଜାମରେ ଲଗାତାର ଭାବେ ଅପରାଧ ଉପରମୁହାଁ ହୋଇଥିଲା ବେଳେ ଶାସକ ଦଳ ଏବଂ ମନ୍ତ୍ରୀଙ୍କ ପୁତୁରାଙ୍କ ଆତଙ୍କରାଜକୁ ଦୃଢ ନିନ୍ଦା କରିଛି ବିଜେଡି । ମଙ୍ଗଳବାର ଶଙ୍ଖଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ଓ ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ. ଲେନିନ ମହାନ୍ତି କହିଛନ୍ତି ଯେ, ଖଣି ମନ୍ତ୍ରୀ ବିଭୂତି ଜେନାଙ୍କ ବଡ ଭାଇଙ୍କ ପୁଅ ଦୀପକ ଜେନା ସ୍ପଷ୍ଟ ଦିବାଲୋକରେ ଜଣେ ଓକିଲ ଓ ତାଙ୍କ ପରିବାର ଉପରେ ଯେଉଁଭଳି ନୃଶଂସ ଆକ୍ରମଣ କଲେ ତାହା ଅମାନବୀୟ । ଶ୍ରୀ ବକ୍ସିପାତ୍ର କହିଥିଲେ ଯେ, ଗତ ଜୁଲାଇ ୨୯ ତାରିଖ ଅପରାହ୍ନ ୪ଟା ବେଳେ ନିଜ ପୁଅର ମୁଣ୍ଡନ ସାରି ଭୈରବୀ ମନ୍ଦିରରୁ ସପରିବାର ଫେରିଲା ବେଳେ ଗୋଳନ୍ଥରା ଚଟି ଛକରେ ଆଡଭୋକେଟ ଟି.ଭାନୁମୂର୍ତ୍ତୀଙ୍କ ଗାଡି ଜଣେ ମୋଟରସାଇକେଲ ଚାଳକଙ୍କୁ ବଞ୍ଚାଇବାକୁ ଯାଇ ଗୋଟିଏ ଗ୍ରୋସରୀ ଦୋକାନ ସାମ୍ନାରେ ପଡିଥିବା ସିମେଣ୍ଟ କଂକ୍ରିଟ ପ୍ଲେଟ ଉପରେ ଚଢିଯାଇଥିଲା । ଏଥିରେ ଉତକ୍ଷିପ୍ତ ହୋଇ ଦୋକାନୀ ଜଣଙ୍କ ଟି.ଭାନୁମୂର୍ତ୍ତୀ ଓ ତାଙ୍କ ପରିବାର ଉପରେ ଆକ୍ରମଣ କରିବା ସହ ଟେଲିଫୋନ ଯୋଗେ ମନ୍ତ୍ରୀଙ୍କ ପୁତୁରା ଦୀପକ ଜେନାଙ୍କୁ ଡକାଇଥିଲେ । ସେହିପରି ଭାବେ ଡ. ମହାନ୍ତି କହିଥିଲେ, ବିଜେପି କ୍ଷମତାକୁ ଆସିବା ପରେ ରାଜ୍ୟରେ ଆଇନଶୃଙ୍ଖଳାର ଦ୍ରୁତ ଅବନତି ଘଟିଛି ।

## ପଣ୍ଡିତ ନୀଳକଣ୍ଠ ଦାସଙ୍କୁ ସ୍ମରଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପଣ୍ଡିତ ନୀଳକଣ୍ଠ ଦାସଙ୍କ ସ୍ମୃତିଚାରଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର, ଶିକ୍ଷାବିତ ତଥା ସାହିତ୍ୟିକ ସ୍ୱର୍ଗତ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜୟନ୍ତୀରେ ଭକ୍ତିପୂତ ପ୍ରଣାମ।

## ସବୁ ରାଜସ୍ୱ କାର୍ଯ୍ୟାଳୟରେ ବାୟୋମେଟ୍ରିକ୍ ଉପସ୍ଥାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏଣିକି ସବୁ ରାଜସ୍ୱ କାର୍ଯ୍ୟାଳୟରେ ବାୟୋମେଟ୍ରିକ୍ ଉପସ୍ଥାନ । ଜିଲ୍ଲାର ସମସ୍ତ ରାଜସ୍ୱ କାର୍ଯ୍ୟାଳୟରେ ଲାଗୁ ହେବ । ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଛି । ସମସ୍ତ ଜିଲ୍ଲାପାଳଙ୍କୁ ଚିଠି କରିଛନ୍ତି ରାଜ୍ୟ ସରକାର ।

## ଜଷ୍ଟିସ୍ ଏସ୍.କେ. ସାହୁ ହାଇକୋର୍ଟ ଆଇନସେବା କମିଟି ଅଧ୍ୟକ୍ଷ



କଟକ(ଭାସ୍କର ନ୍ୟୁଜ୍): ଓଡିଶା ହାଇକୋର୍ଟର ବିଚାରପତି ସଙ୍ଗମ ସାହୁ ଓଡିଶା ହାଇକୋର୍ଟ ଆଇନସେବା କମିଟିର ଅଧ୍ୟକ୍ଷ ହୋଇଛନ୍ତି । ଏ ନେଇ ଆଜି ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି ତଥା ରାଜ୍ୟ ଆଇନସେବା ପ୍ରାଧିକରଣର ମୁଖ୍ୟ ପୃଷ୍ଠପୋଷକଙ୍କ ନିର୍ଦ୍ଦେଶକ୍ରମେ ଜଷ୍ଟିସ୍ ସାହୁଙ୍କୁ ମନୋନୀତ କରାଯାଇଥିବା ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି । ଜଷ୍ଟିସ୍ ସାହୁ ଅଗଷ୍ଟ ୪ ତାରିଖରୁ ଦାୟିତ୍ୱ ଗ୍ରହଣ କରିଛନ୍ତି ।

### ନାବାଳିକା ଯୌନ ନିର୍ଯାତନା ମାମଲା

## ଆସାମୀକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏକ ନାବାଳିକା ଯୌନ ନିର୍ଯାତନା ମାମଲାରେ କଟକର ଆଡ୍‌ହକ୍ ଆଡିସିନାଲ୍ ଡିଷ୍ଟ୍ରିକ୍ଟ ଏଣ୍ଡ ସେସନ୍ କୋର୍ଟ (ଫାଷ୍ଟ ଟ୍ରାକ୍ ସ୍ପେସାଲ୍ କୋର୍ଟ)-୧ ଆସାମୀ ଲିଟୁ ପାତ୍ରକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି । ଏଥିସହିତ ତାକୁ ଭାରତୀୟ ନ୍ୟା ସଂହିତାର ଦୁଇଟି ଦଫାରେ ୫୦ ହଜାର ଟଙ୍କା ଲେଖାଏ ଜରିମାନା ଦାଖଲ କରିବାକୁ କୋର୍ଟ ଆଦେଶ ଦେଇଛନ୍ତି । ଜରିମାନା ଦାଖଲ ନ କରିପାରିଲେ ଆସାମୀକୁ ଆଉ ଅଧିକ ୧ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି । ଏଥିସହିତ କୋର୍ଟ ପିଡିତାକୁ ୬ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ କଟକ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ଆଦେଶ ଦେଇଛନ୍ତି । ଆସାମୀ କଟକ ଜିଲ୍ଲାର ଭଦ୍ରେଶ୍ୱର ଥାନା ଅଧିନସ୍ଥ ଗୋପାଳପୁରରେ ରହୁଥିବାବେଳେ ସେ ପିପିଲି ଥାନା ଅଧିନସ୍ଥ ବାଗେଶ୍ୱରପୁରର ମୂଳ ବାସିନ୍ଦା ଅଟେ । ଗତ ୨୦୨୪ ମସିହା ସେପ୍ଟେମ୍ବର ୧୬ ତାରିଖରେ ଘଟଣା ଘଟିଥିବାବେଳେ ୧୭ ତାରିଖରେ ଏତଲା ରୁଜୁ କରାଯାଇଥିଲା । ଆସାମୀ ଜଣକ ପିଡିତା ନାବାଳିକାକୁ ଚକୋଲେଟ୍ ଦେଇ ଘରକୁ ଡାକି ବଳତ୍କାର କରିଥିଲା । ପିଡିତାର ମାଆ ଏ ସମ୍ପର୍କରେ ଭଦ୍ରେଶ୍ୱର ଥାନାରେ ସେପ୍ଟେମ୍ବର ୧୭ ତାରିଖରେ ଏତଲା ରୁଜୁ କରିଥିଲେ । ଘଟଣାର ତଦନ୍ତ କରି ପୋଲିସ୍ ୨୦୨୪ ମସିହା ସେପ୍ଟେମ୍ବର ୧୯ ତାରିଖରେ ଆସାମୀକୁ ଗିରଫ କରିଥିଲାବେଳେ ତା ବିରୋଧରେ ୨୦୨୪ ମସିହା ନଭେମ୍ବର ୧୫ ତାରିଖରେ ଅଭିଯୋଗପର୍ତ୍ତ ଦାଖଲ କରିଥିଲା ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର୍ ଶୁଭେନ୍ଦ୍ର ପ୍ରସାଦ ମହାନ୍ତି ପରିଚାଳନା କରୁଥିଲେ ।

## ଗଣ୍ଡଗୋଳ ମାମଲାରେ ଛାତ୍ର ବିଜେଡିର କର୍ମୀ ଗିରଫ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାସ୍ତା ଉପରେ ଗଣ୍ଡଗୋଳ କରି ବନ୍ଧା ହୋଇଛନ୍ତି ବିଜୁ ଛାତ୍ର ଜନତା ଦଳର କର୍ମୀ। ନୟାପଲ୍ଲୀ ପୋଲିସ ଗୌରାଙ୍ଗ ଚରଣ ଜେନା ଓ ବିଶ୍ୱ ରଞ୍ଜନ ଭୋଇଙ୍କୁ ଗିରଫ କରିଛି । ଗତ ୨୭ ତାରିଖ ଦିନ ଆକାଶ ନାମକ ଜନେ ବ୍ୟକ୍ତି ରାସ୍ତାରେ ଗଲା ବେଳେ ସାମାନ୍ୟ ଦୁର୍ଘଟଣାକୁ ନେଇ ଗୌରାଙ୍ଗ ଓ ବିଶ୍ୱ ରଞ୍ଜନ ଆକାଶ ଙ୍କୁ ମାଡ ମାରିବା ସହ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ। ଏହାସହ କାର ଭଙ୍ଗା ରୁଜା ମଧ୍ୟ କରିଥିଲେ। ଯାହାକୁ ନେଇ ପୋଲିସ ଏହି ଦୁଇ ଜଣଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ ହୋଇଛନ୍ତି।

## ୫ ବସ୍ତିର ୧୭୬ ଯୋଗ୍ୟ ହିତାଧିକାରୀଙ୍କୁ ମିଳିବ ଘର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱରର ୫ ଟି ବସ୍ତିର ୧୭୬ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ମିଳିବ। ଭେଙ୍କଟଶ୍ୱର୍ ବସ୍ତି, ମହାବୀର ବସ୍ତି,ତାରିଣୀ ବସ୍ତିରୁ ମୋଟ ୨୮ ଜଣ, ଟିଟିଏସ୍ ବସ୍ତିରୁ ୨୯ ଜଣ, ପାନବରଜ ଲକ୍ଷ୍ମୀ ସାଗର ବସ୍ତିରୁ ୩୦ ଜଣ, ପାନବରଜ ଲକ୍ଷ୍ମୀ ସାଗର ବସ୍ତି ଅର୍ଥାତ୍ ୪୪ ନମ୍ବର ୱାର୍ଡରୁ ୩୧ ଜଣ, ନିକୋପାର୍କ ବସ୍ତିରୁ ୩୨ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରେ ପ୍ରମାଣପତ୍ର ବଣ୍ଟନ କରାଯିବ। ଏହି କାର୍ଯ୍ୟକ୍ରମରେ ବିଏମସି କମିଶନର ଚଞ୍ଚଳ ରଣା ଓ ମେୟର ସୁଲୋଚନା ଦାସ ଉପସ୍ଥିତ ଅଛନ୍ତି।

## ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ୬୩ତମ ପ୍ରତିଷ୍ଠା ଦିବସ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତ ସରକାରଙ୍କ ଯୁଗାନ୍ତକାରୀ ଶିକ୍ଷାନୀତି ଜାତୀୟ ଶିକ୍ଷାନୀତି -୨୦୨୦କୁ କାର୍ଯ୍ୟକାରୀ କରିବା ଦିଗରେ ଏନ୍‌ସିଇଆରଟି, ବିଶେଷକରି ଏହାର ପ୍ରମୁଖ ଅଂଶବିଶେଷ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନଗୁଡ଼ିକ ଯେଭଳି ନିଷ୍ଠାର ସହ କାର୍ଯ୍ୟ କରୁଛନ୍ତି ତାହା ପ୍ରଶଂସନୀୟ ବୋଲି ଏନ୍‌ସିଇଆରଟିର ନିର୍ଦ୍ଦେଶକ ପ୍ରଫେସରୀ ଦୀନେଶ ପ୍ରସାଦ ସକଲାନୀ ମତବ୍ୟକ୍ତି କରିଛନ୍ତି । ଆଜି ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ୬୩ତମ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ କହିଥିଲେ ଯେ, ଶିକ୍ଷା କେବଳ ନମ୍ବର, ସାର୍ଟିଫିକେଟ୍, ପାସ୍‌ଫେଲ୍ ବ୍ୟବସ୍ଥା ଭିତରେ ସଙ୍କୁଚିତ ବ୍ୟବସ୍ଥା ନୁହେଁ, ଏହା ଶିଶୁଟିକୁ ସାମଗ୍ରିକ ଭାବେ ବ୍ୟକ୍ତିରୁ ବ୍ୟକ୍ତିତ୍ୱ ଦିଗରେ ଅଗ୍ରସର କରାଇନିଏ । ଏହି ଅବସରରେ ସେ ପ୍ରତିଷ୍ଠାନର ବାର୍ଷିକ ମୁଖପତ୍ର 'ପ୍ରତିବିମ୍ବ'ର ଉନ୍ମୋଚନ କରିଥିଲେ । ପ୍ରତିଷ୍ଠାନର ଅଧକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀ ସ୍ୱଗତ ସମ୍ଭାଷଣ ପ୍ରଦାନ କରି ଗତ ବର୍ଷକ ମଧ୍ୟରେ ଛାତ୍ରଛାତ୍ରୀ ଓ ଅଧାପକ, ଅଧାପିକାଙ୍କ କୃତିତ୍ୱ ଉପରେ ଆଲୋକପାତ କରିଥିଲେ । ଡ. କଳିଙ୍ଗ କେତକୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମାରୋହରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପଦ୍ମଶ୍ରୀ ପ୍ରଫେସର ଆଦିତ୍ୟ ପ୍ରସାଦ ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଶେଷରେ ପ୍ରଶାସନିକ ଅଧିକାରୀ ଫୁଲଚାନ୍ଦ ମୀନା ଧନ୍ୟବାଦ ଅର୍ପଣ କରିଥିଲା ।

## ଶତାୟୁ ପୁରୁଷ ପଦ୍ମଚରଣ ନାୟକଙ୍କୁ ମିଳିବ ସରଳା ଦେବୀ ପୁରସ୍କାର



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏଥର ତୃତୀୟ ସରଳା ଦେବୀ ପୁରସ୍କାର ପାଇବେ ଶତାୟୁ ପୁରୁଷ, ବିଶିଷ୍ଟ ସମାଜସେବୀ, ପୂର୍ବତନ ବିଧାୟକ ତଥା ନିଶାମୁକ୍ତି ଅଭିଯାନର ମୁଖ୍ୟ ପୁରୋଧା ପଦ୍ମଚରଣ ନାୟକ। ସରଳା ଦେବୀ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ପଦ୍ମଚରଣ ନାୟକଙ୍କୁ ୧୦,୦୦୦ (ଦଶ ହଜାର) ଟଙ୍କା ଉପଢୌକନ ଓ ମାନପତ୍ର ପ୍ରଦାନ କରାଯିବ। ଏହାଛଡ଼ା ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ୮ଜଣଙ୍କୁ ମାନପତ୍ର ଓ ଉପଢୌକନ ସହ ସମ୍ମାନିତ କରାଯିବ ବୋଲି ସରଳା ଦେବୀ ମେମୋରିଆଲ ଟ୍ରଷ୍ଟ ଓ ଜଗତସିଂହପୁର ବିକାଶ ପରିଷଦ ପକ୍ଷରୁ ମିଳିତ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି । ଟ୍ରଷ୍ଟର ଅଧ୍ୟକ୍ଷ ତଥା 'ଓଡିଶା ଭାସ୍କର' ମୁଖ୍ୟ ସଂପାଦକ ପ୍ରଦୋଷ ପଟ୍ଟନାୟକ ଓ ସମ୍ପାଦକ ଗୁରୁକଲ୍ୟାଣ ମାହାପାତ୍ର ତଥା ପରିଷଦର ସଭାପତି ଅଜୟ ଦାସ ରାଜ୍ୟ ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସହଯୋଗରେ ଟ୍ରଷ୍ଟ ଓ ବିକାଶ ପରିଷଦ ମିଳିତ ଭାବେ ସରଳା ଦେବୀଙ୍କ ୧୨୨ ତମ ଜୟନ୍ତୀ ଉତ୍ସବ ଆସନ୍ତା ୯ରେ ଭୁବନେଶ୍ୱରର ଭଞ୍ଜ କଳାମଣ୍ଡପରେ ସନ୍ଧ୍ୟା ୬ଟାରେ ହେବ। ଏଥିରେ ଉଦ୍‌ଘାଟକ ଭାବେ ଝାଡଖଣ୍ଡର ପୂର୍ବତନ ମନ୍ତ୍ରୀ ଦୀନେଷ ଷଡ଼ଙ୍ଗୀ, ମୁଖ୍ୟ ଅତିଥି ପୂର୍ବତନ ସାଂସଦ ସୌମ୍ୟ ରଞ୍ଜନ ପଟ୍ଟନାୟକ, ସମ୍ମାନିତ ଅତିଥି ବିଧାୟକ ସାରଦା ଜେନା, ଡଃ ମନୋରମା ବିଶ୍ୱାଳ ମହାପାତ୍ର, କନ୍ନଡ଼ କବି ଓ ଚଳଚିତ୍ର ନିର୍ମାତା ରମେଶ ନାଗାଥେଲ୍ଲୀ ଓ ମୁଖ୍ୟବକ୍ତା ଭାବେ ରାଜ୍ୟ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାଶ ଯୋଗଦେବେ। ଉତ୍ସବରେ ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଓ ସମାଜସେବୀ ବିଜୟଲକ୍ଷ୍ମୀ ସାହୁ, ସୃଜନିକାର ପ୍ରତିଷ୍ଠାତା ବିଶିଷ୍ଟ ବୈଜ୍ଞାନିକ ନିଶୂଳ ମୋହନ ପଟ୍ଟନାୟକ, କଥାଶିଳ୍ପୀ ଓ ସମାଜସେବୀ ମାନସ ଦାସ, ବିଶିଷ୍ଟ ସାମ୍ବାଦିକ, ଗବେଷକ ଡକ୍ଟର ପରେଶ ରଥ, ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ସୁଚେତା ପ୍ରିୟବାଦିନୀ, ନାଟ୍ୟପ୍ରେମୀ ଓ ସମାଜ ସେବୀ ଶୁଭକାନ୍ତ ପାଢ଼ୀ ଓ ସମାଜସେବୀ ସ୍ନେହମୟୀ ଆଚାର୍ଯ୍ୟଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନ ପ୍ରଦାନ କରାଯିବ। ଜୟପୁରର ଡକ୍ଟର ପରେଶ ରଥଙ୍କ ଲିଖିତ ପୁସ୍ତକ 'ଶହୀଦ ଲକ୍ଷ୍ମଣ ନାୟକ' ଉନ୍ମୋଚିତ ହେବ।

## ୭ରୁ ଜନତା ମଇଦାନରେ ଏକତା ଉତ୍ସବ





ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଆନୁକୁଲ୍ୟରେ ଅଗଷ୍ଟ ୭ ତାରିଖରେ ରାଜ୍ୟସ୍ତରୀୟ ଜାତୀୟ ହସ୍ତତନ୍ତ ଦିବସ ୨୦୨୫ ପାଳନ, ଅଗଷ୍ଟ ୮ ଓ ୯ ତାରିଖରେ ବୟନ ଶିଳ୍ପର ଅଗ୍ରଗତି ନିମନ୍ତେ ପ୍ରଦର୍ଶନୀ ଦ୍ୱାରା ଜ୍ଞାନ ପ୍ରଦାନ କାର୍ଯ୍ୟକ୍ରମ 'ଏକତା' ଉତ୍ସବ ଆୟୋଜନ ଏବଂ ଏହି ଉପଲକ୍ଷେ ୭ ରୁ ୧୩ ଅଗଷ୍ଟ, ୨୦୨୫ ପର୍ଯ୍ୟନ୍ତ ମେଗା ହସ୍ତତନ୍ତ ଓ ହସ୍ତଶିଳ୍ପ ପ୍ରଦର୍ଶନୀ ସ୍ଥାନୀୟ ଜନତା ମଇଦାନଠାରେ ଆୟୋଜନ କରାଯିବ । ଜାତୀୟ ହସ୍ତତନ୍ତ ଦିବସକୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୭ ଅଗଷ୍ଟ ୨୦୨୫ରେ ଉଦଘାଟନ କରିବେ । ଜାତୀୟ ହସ୍ତତନ୍ତ ଦିବସ କାର୍ଯ୍ୟକ୍ରମରେ ଚଳଚିତ୍ର ଜଗତର ସ୍ୱନାମଧନ୍ୟ ତାରକା ଶ୍ରୀମତୀ ମାଧୁରୀ ଦୀକ୍ଷିତ ନେନେ ଯୋଗଦାନ କରିବେ । ଜାତୀୟ ହସ୍ତତନ୍ତ ଦିବସ ୨୦୨୫ ଓ 'ଏକତା' ଉତ୍ସବ ଆୟୋଜନ ଉପଲକ୍ଷେ ରାଜ୍ୟ ଅତିଥି ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ ଏହି ସୂଚନା ଦେଇଛନ୍ତି। ଭାରତ ସରକାରଙ୍କ ବୟନ ମନ୍ତ୍ରାଳୟର ପ୍ରମୁଖ ପଦକ୍ଷେପ ଏକତା କାର୍ଯ୍ୟକ୍ରମ (ବୟନ ଶିଳ୍ପର ଅଗ୍ରଗତି ନିମନ୍ତେ ପ୍ରଦର୍ଶନୀ ଦ୍ୱାରା ଜ୍ଞାନ ପ୍ରଦାନ) ଓଡ଼ିଶା ଶାଖାକୁ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ ଅଗଷ୍ଟ ୮ ତାରିଖରେ ଆନୁଷ୍ଠାନିକ ଭାବେ ଉଦଘାଟନ କରିବେ । ଅଗଷ୍ଟ ୭ ରୁ ୯ ତାରିଖ ପର୍ଯ୍ୟନ୍ତ ତିନି ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ, ଯେଉଁଥିରେ ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ଲୋକନୃତ୍ୟ, ସମସାମୟିକ ନୃତ୍ୟ ପ୍ରଦର୍ଶନ ସହ ଫ୍ୟାଶନ୍ ସୋ, ଲେଜର୍ ସୋ କାର୍ଯ୍ୟକ୍ରମ ଆୟୋଜନ ହେବ । ଅଗଷ୍ଟ ୭ରୁ ୧୩ ତାରିଖ ପର୍ଯ୍ୟନ୍ତ ଏକ ମେଗା ହସ୍ତତନ୍ତ ଓ ହସ୍ତଶିଳ୍ପ ପ୍ରଦର୍ଶନୀ ଆୟୋଜନ ହେବ । ଓଡ଼ିଶାର ସମୃଦ୍ଧ ବୟନ ଐତିହ୍ୟ ଓ ହସ୍ତଶିଳ୍ପ ପ୍ରଦର୍ଶନ ପାଇଁ ୬୦ଟି ଷ୍ଟଲ ଆୟୋଜନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ସମଗ୍ର ରାଜ୍ୟରୁ ୧୫୦୦ ରୁ ଅଧିକ ହସ୍ତତନ୍ତ ବୁଣାକାର ଅଂଶଗ୍ରହଣ କରିବେ । ଏହି ସାମ୍ବାଦିକ ସମ୍ମିଳନୀରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର, ହସ୍ତତନ୍ତ ଓ ବୟନଶିଳ୍ପ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ଅତିରିକ୍ତ ଶାସନ ସଚିବ ବିକ୍ରମାଦିତ୍ୟ ବାରିକ, ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

ଓଡ଼ିଶା ଭାସ୍କର
ସମ୍ପାଦକୀୟ



ତୁମେ ଭଗବାନଙ୍କୁ ସେପର୍ଯ୍ୟନ୍ତ ବିଶ୍ୱାସ କରିପାରିବ ନାହିଁ,
ଯେପର୍ଯ୍ୟନ୍ତ ତୁମେ ନିଜେ ନିଜକୁ ବିଶ୍ୱାସ ନକରିଛ।

-ସ୍ୱାମୀ ବିବେକାନନ୍ଦ



କାହିଁରୁ ମୁଁ ଥିଲି ଆସି କାଳ -ସ୍ରୋତେ ଭାସି
ଶୂନ୍ୟହସ୍ତେ ପୁଣି ଯିବି କାହିଁ ?
କୁଟୁମ୍ବାଦି ବନ୍ଧୁ ବିତ୍ତ ଧରମ ବ୍ୟତୀତ
ମୋ' ସାଙ୍ଗେ କେହି ତ' ଯିବେ ନାହିଁ ।

- ଖଗେଶ୍ୱର ସେଠ୍



## ଅଚଳାବସ୍ଥା ଆଉ କେତେଦିନ ?

# ସଂସଦରେ ସ୍ୱାଭାବିକ ସ୍ଥିତି ଏକାନ୍ତ ଜରୁରି

ଭାରତ ହେଉଛି ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଏବଂ ପାର୍ଲାମେଣ୍ଟ ବା ସଂସଦ ହେଉଛି ଆମ ଗଣତନ୍ତ୍ରର ସର୍ବୋଚ୍ଚ ମନ୍ଦିର। ଦେଶର ସମସ୍ତ ଆଇନକାନୁନ୍ ସଂସଦର ଦୁଇ ସଦନର ଅନୁମୋଦନ ପରେ ହିଁ କାର୍ଯ୍ୟକାରୀ ହୋଇଥାଏ। ସେହିପରି ଦେଶ ସମ୍ମୁଖୀନ ହେଉଥିବା ସମସ୍ତ ସମସ୍ୟା ତଥା ଗୁରୁତ୍ୱପୂର୍ଣ୍ଣ ପ୍ରସଂଗ ଉପରେ ମଧ୍ୟ ସଂସଦରେ ଆଲୋଚନା କରାଯାଇ ସମାଧାନର ପନ୍ଥା ବାହାରିଥାଏ। ମୋଟାମୋଟି ଭାବରେ ସଂସଦୀୟ ଗଣତନ୍ତ୍ରରେ ଏକ ନିର୍ବାଚିତ ସରକାର ସମସ୍ତ କାର୍ଯ୍ୟ ପାଇଁ ସଂସଦ ନିକଟରେ ଉତ୍ତରଦାୟୀ ରହିଥାନ୍ତି। ଆମ ଦେଶରେ ସଂସଦର ଗୁରୁତ୍ୱପୂର୍ଣ୍ଣ ମୌସୁମୀ ଅଧିବେଶନ ଗତ ମାସ(ଜୁଲାଇ) ୨୧ ତାରିଖରୁ ଆରମ୍ଭ ହୋଇଛି ଏବଂ ଇତି ମଧ୍ୟରେ ୧୨ ଟି କାର୍ଯ୍ୟ ଦିବସ ଅତିକ୍ରାନ୍ତ ହୋଇସାରିଛି। ମାତ୍ର କ୍ଷୋଭର ବିଷୟ ହେଉଛି ଯେ, ଏହି ବାର ଦିନ ମଧ୍ୟରୁ କେବଳ ଦୁଇ ଦିନ ଉଭୟ ଗୃହରେ ସ୍ୱାଭାବିକ କାର୍ଯ୍ୟ ପରିଚାଳନା ସମ୍ଭବପର ହୋଇଥିବାବେଳେ ଦଶଦିନ ଧରି ଅଚଳାବସ୍ଥା ଜାରି ରହିଛି। ବିରୋଧୀ ସାଂସଦମାନଙ୍କର ପ୍ରବଳ ହଟ୍ଟଗୋଳ ଯୋଗୁଁ ପ୍ରାୟ ପ୍ରତିଦିନ ଲୋକସଭା ଓ ରାଜ୍ୟସଭା ବୈଠକକୁ ସ୍ଥଗିତ ରଖିବାକୁ ପଡୁଛି। ମୌସୁମୀ ଅଧିବେଶନର ପ୍ରଥମ ଦିନରେ ପାକ୍ ଅଧିକୃତ କାଶ୍ମୀର (ପିଓକେ) ଏବଂ ପାକିସ୍ତାନରେ ଆତଙ୍କବାଦୀଙ୍କ ଆଡ୍ଡା ଉପରେ ହୋଇଥିବା ଭାରତର ସାମରିକ କାର୍ଯ୍ୟାନୁଷ୍ଠାନ ଅପରେସନ 'ସନ୍ଦୂର' ଉପରେ ଆଲୋଚନା ନିମନ୍ତେ ବିରୋଧୀ ଦଳ ଦାବି କରିବା ସଂଗେସଂଗେ ହଟ୍ଟଗୋଳ କରିଥିଲେ। ତେବେ ସରକାର ଏହି ଦାବିକୁ ଗ୍ରହଣ କରିନେଇ ଆଲୋଚନା ପାଇଁ ରାଜି ହେବାରୁ ଦୁଇଦିନ 'ଅପରେସନ ସିନ୍ଦୂର' ଉପରେ ଘମାଘୋଟ ବିତର୍କ ଚାଲିଥିଲା। ମାତ୍ର ବିରୋଧୀ ଦଳ ଅନ୍ୟ ଏକ ପ୍ରସଂଗ ଉପରେ ଆଲୋଚନା ଦାବି କରି ଗତ ଦଶଦିନ ହେଲା ନିଜ ଜିଦ୍‌ରେ ଅଟଳ ରହିଥିବାରୁ ଗୃହକୁ ପ୍ରତିଦିନ ମୁଲତବୀ ରଖିବାକୁ ପଡୁଛି। ରାଜନୈତିକ ଦୃଷ୍ଟିକୋଣରୁ ଯଥେଷ୍ଟ ଗୁରୁତ୍ୱ ବହନ କରୁଥିବା ବିହାର ବିଧାନସଭା ନିର୍ବାଚନ ଆଉ ଦୁଇମାସ ଥିବାବେଳେ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଏବେ ସ୍ୱତନ୍ତ୍ର ଭୋଟର ତାଲିକା ଯାଞ୍ଚ କରାଯାଉଛି। ଆୟୋଗଙ୍କ ଏହି ପଦକ୍ଷେପକୁ ଅଧିକାଂଶ ବିରୋଧୀ ଦଳ ଦୃଢ଼ ବିରୋଧ କରିବା ସଂଗେସଂଗେ ଅନେକ ଯୋଗ୍ୟ ଭୋଟର ଏହା ଦ୍ୱାରା ମତଦାନରୁ ବଞ୍ଚିତ ହେବେ ବୋଲି ଆଶଙ୍କା ପ୍ରକାଶ କରୁଛନ୍ତି। ସଂସଦରେ ଏହା ଉପରେ ବିତର୍କ କରାଯିବାକୁ ବିରୋଧୀ ଦଳ ଅଡି ବସିବା ସହିତ ଅନ୍ୟ କୌଣସି କାର୍ଯ୍ୟ କରାଇଦେଉନାହାନ୍ତି। ମଙ୍ଗଳବାର ମଧ୍ୟ ଉଭୟ ଗୃହରେ ସମାନ ଦୃଶ୍ୟ ଦେଖିବାକୁ ମିଳିଥିଲା। ଚଳିତ ମୌସୁମୀ ଅଧିବେଶନ ଅଗଷ୍ଟ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ୧୫ଟିରୁ ଅଧିକ ସରକାରୀ ବିଲ୍ ଆଗତ କରାଯିବାର କାର୍ଯ୍ୟକ୍ରମ ରହିଛି। ସେଥିମଧ୍ୟରୁ ୮ ଟି ନୂଆ ବିଲ୍ ଗୃହରେ ଉପସ୍ଥାପନ କରାଯିବାକୁ ପ୍ରସ୍ତୁତ ହୋଇଛି ଓ ଅନ୍ୟ ସାତଟି ପୂର୍ବ ଅଧିବେଶନରୁ ଅଟକି ରହି ଏଥର ପାରିତ ହେବାର କଥା। ଏହି ସମସ୍ତ ବିଲ୍ ଦେଶର ସ୍ୱାର୍ଥ ସଂଶ୍ଳିଷ୍ଟ ହୋଇଥିବାରୁ ଏହା ଉପରେ ବିସ୍ତୃତ ଆଲୋଚନାର ଆବଶ୍ୟକତା ରହିଛି। ସେହି ଦୃଷ୍ଟିରୁ ସଂସଦରେ ଲାଗି ରହିଥିବା ଅଚଳାବସ୍ଥାର ଯେତେ ଶୀଘ୍ର ଅବସାନ ଘଟିବ, ଦେଶର ସାମଗ୍ରିକ ସ୍ୱାର୍ଥ ଦୃଷ୍ଟିରୁ ତାହା ସେତିକି ମଙ୍ଗଳକର ହେବ। ଉଭୟ ସରକାରୀ ଦଳ ଓ ବିରୋଧୀ ଦଳ ନିଜ ନିଜର ଜିଦ୍ ପରିହାର କରି ଉଭୟ ଗୃହରେ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ଏକାନ୍ତ ଜରୁରି।

# ଇତିହାସରେ ପ୍ରକୃତ ତଥ୍ୟ ସ୍ଥାନୀତ କରାଯିବା ଉଚିତ୍



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

ଅନେକ ପ୍ରଖ୍ୟାତ ସାହିତ୍ୟିକ, ଗବେଷକ, ଐତିହାସିକ ସେମାନଙ୍କ ଲିଖିତ ପୁସ୍ତକ ମାନଙ୍କରେ ଉଲ୍ଲେଖ କରିଛନ୍ତି ଯେ 'ଭାରତରେ ଚିନ୍ତନ, ଗବେଷଣା, ଅନୁସନ୍ଧାନ ଏବଂ ବୌଦ୍ଧିକ ଉନ୍ନତିର ପ୍ରକ୍ରିୟା ଷଷ୍ଠ ଶତାବ୍ଦି ପର୍ଯ୍ୟନ୍ତ ଚାଲିଥିଲା। ଏହା ପରେ ଏହାକୁ ଅବରୋଧ ବା ଅଟକାଇ ଦିଆଯାଇଥିଲା। ବେଦ, ଉପନିଷଦ, ଗୀତା, ରାମାୟଣ, ମହାଭାରତ ଏବଂ ମହାକବି କାଳିଦାସଙ୍କ ପରେ ଶଙ୍କର, ରାମାନୁଜ, ବଲ୍ଲଭାଚାର୍ଯ୍ୟ, ରାମାନନ୍ଦ, କବୀର, ସୁରଦାସ ଏବଂ ତୁଳସୀଦାସଙ୍କ ନାମ ଉଜାଗର ହୋଇଥିଲା। ଅସଲ କଥା ହେଉଛି ଷଷ୍ଠ ଶତାବ୍ଦୀ ପର୍ଯ୍ୟନ୍ତ ଭାରତର ମହାମନିଷୀମାନେ ଯାହା ସବୁ ଚିନ୍ତା କରିଯାଇଥିଲେ ତାହାହିଁ ସାରା ବିଶ୍ୱର ଚିନ୍ତା, ଚେତନା, ଗବେଷଣାର ପୁଞ୍ଜି ଥିଲା। ଏହି ସମୟରେ ଭାରତର ଚିନ୍ତନ ଯେଉଁ ସବୁ ଦେଶରେ ପହଞ୍ଚିଥିଲା ସେସବୁ ଦେଶରେ ଏକ ନୂଆ ଚେତନା ଜାଗୃତ ହୋଇଥିଲା। ଭାରତର ଚିନ୍ତନରୁ ଯାହା ମିଳିଥିଲା ତାହା ୟୁରୋପର 'ରେନେସା' ବା ପୁନଃଜାଗରଣ ପାଇଁ ଖୋରାକ ଯୋଗାଇଥିଲା। ଏବେ ଏନ୍‌ସିଇଆରଟିର ୮ମ ଶ୍ରେଣୀ (୨୦୨୫-୨୬)ର ପୁସ୍ତକକୁ ନେଇ ଯେଉଁ ବିମର୍ଷ ଚାଲିଛି ତାହା ଭାରତରେ ୟୁରୋପୀୟ ଦେଶ ମାନଙ୍କର ଔପନିବେଶିକ ସାମ୍ରାଜ୍ୟ ବାବଦରେ ଦିଆଯାଇଥିବା ତଥ୍ୟକୁ ନେଇ ଚାଲିଛି। ପୁସ୍ତକରେ ଲେଖାଯାଇଛି ଯେ ବ୍ରିଟିଶ ସାମ୍ରାଜ୍ୟବାଦ ଭାରତରୁ ଅନେକ ଧନ ସମ୍ପତ୍ତି ନେଇଯାଇଛି।

ଆମେରିକାର ଐତିହାସିକ ବିଲ ଡୁରାନ୍ତଙ୍କ ଲିଖିତ 'ଷ୍ଟୋଲେନ ୱେଲଥ ଫ୍ରମ୍ ଇଣ୍ଡିଆ' କୌଣସି କାଳ୍ପନିକ ତଥ୍ୟ ନୁହେଁ, ବରଂ ଏକ ଐତିହାସିକ ସତ୍ୟ। ସେତେବେଳେ ବ୍ରିଟେନରେ ହେଉଥିବା ଔଦ୍ୟୋଗିକ କ୍ରାନ୍ତିକୁ ଯେତେବେଳେ ସମଗ୍ର ବିଶ୍ୱ କୌତୁହଳ ସହ ଦେଖୁଥିଲା ସେତେବେଳେ ତାର ବିକାଶ ପାଇଁ ଇଷ୍ଟ ଇଣ୍ଡିଆ କମ୍ପାନୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ଇଷ୍ଟ ଇଣ୍ଡିଆ କମ୍ପାନୀ ପ୍ରାରମ୍ଭରେ 'ଟ୍ରେଡ ନଟ ଟେରିଟୋରି' କଥା କହି ଭାରତରେ ପ୍ରବେଶ କରିଥିଲା। ଅର୍ଥାତ୍ ଭାରତରେ ବାଣିଜ୍ୟ କରିବା ପାଇଁ ଆସିଥିଲା, କିନ୍ତୁ କାଳାନ୍ତରରେ 'ସୁନାର ପକ୍ଷୀ' କୁହାଯାଉଥିବା ଏହି ଦେଶ ଭାରତକୁ ନିର୍ମମତା ସହ 'ଟ୍ରେଡ୍ ୱିଥ ଟେରିଟୋରି'ରେ ପରିଣତ କରି ଦେଇଥିଲା। ଫ୍ରାନ୍ସର ଲେଖକ ଡୋମିନିକ ଲାପିୟର ଏବଂ ଆମେରିକାର ସାମ୍ବାଦିକା ଲେରି କୋଲିନ୍ସଙ୍କୁ ଲିଖିତ ପୁସ୍ତକ 'ଫ୍ରିଡ଼ମ ଆଟ ମିଡନାଇଟ'ରେ ଏ ବାବଦରେ ଅନେକ ତଥ୍ୟ ପ୍ରଦାନ କରାଯାଇଛି। ଭାରତ ବର୍ଷ ଇଂରେଜ ମାନଙ୍କ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ ଥିଲା ସେ ବାବଦରେ ସାର ଡେନିସ ରାଇଟ ମଧ୍ୟ ଲେଖିଛନ୍ତି। ଡେନିସ ରାଇଟ ୧୯୬୩ ରୁ ୧୯୭୧ ପର୍ଯ୍ୟନ୍ତ ଇରାନରେ ରାଷ୍ଟ୍ରଦୂତ ଥିଲେ। ତାଙ୍କ ଲିଖିତ ପୁସ୍ତକ ଦ ଦି ଇଂଲିସ ଆମଙ୍ଗେଷ୍ଟ ଦି ପାର୍ସିଆନ୍ସ ଡିୟୁରିଙ୍ଗ ଦି କ୍ୟାଜାର ପିରିୟଡ୍ ୧୭୮୭ -୧୯୨୧ରେ ଇଂରେଜମାନଙ୍କ ପାଇଁ ଭାରତର ଗୁରୁତ୍ୱ ବାବଦରେ ଅନେକ ତଥ୍ୟ ଉପସ୍ଥାପନ କରିଛନ୍ତି। ତାଙ୍କ ପୁସ୍ତକର ପ୍ରସ୍ତାବନାରେ ଡେନିସ ରାଇଟ ଲେଖିଛନ୍ତି 'ସଂପୂର୍ଣ୍ଣ ବିଶ୍ୱ ଉପରେ ଆଧିପତ୍ୟ ସମୟରେ ଇଂରେଜମାନେ ଇରାନ ଉପରେ ଅଧିକ ନଜର ରଖିଥିଲେ। କାରଣ ସେମାନଙ୍କର ଡ଼ର ଥିଲା ସୋଭିଏତ ୟୁନିୟନ (ବର୍ତ୍ତମାନର ଋଷ) ଯଦି ଇରାନ ଉପରେ କବ୍‌ଜା କରିଦିଏ ତେବେ ଇଂରେଜଙ୍କ 'ଜୁଏଲ ଇନ୍ ଦି କ୍ରାଉନ ଇଣ୍ଡିଆ' ତାଙ୍କ ହାତରୁ ଖସି ଯାଇପାରେ।

ଏସବୁ ପରେ ତତ୍‌କାଳୀନ ବ୍ରିଟିଶ ପ୍ରଧାନମନ୍ତ୍ରୀ ୱିନଷ୍ଟନ ଚର୍ଚ୍ଚିଲ ୧୯୩୧ ମସିହା ଫେବୃୟାରୀ ମାସରେ ହାଉସ୍ ଅଫ କମନସ୍‌ରେ ଦେଇଥିବା ଭାଷଣରେ ଏକ ଅଂଶ ମଧ୍ୟ ଏଠାରେ ଉଲ୍ଲେଖ କରାଯିବା ଉଚିତ୍। ଚର୍ଚ୍ଚିଲ୍ କହିଥିଲେ 'ଭାରତ ଆମ ହାତରୁ ଚାଲିଯିବା ଆମ ପାଇଁ ଫାଇନାଲ ନିଷ୍ପତ୍ତି ଏବଂ ଏହା ଆବଶ୍ୟମ୍ଭାବୀ ଏବଂ ଏହାପରେ ବିଶ୍ୱରେ ବ୍ରିଟେନର ଶକ୍ତି ସିମୀତ ଅଥବା କମ ହୋଇଯିବ'। ଚର୍ଚ୍ଚିଲଙ୍କ ଏହି ବକ୍ତବ୍ୟରୁ ସ୍ପଷ୍ଟ ସୂଚନା ମିଳୁଛି ଯେ ଆର୍ଥୀକ, ସାମରିକ ଏବଂ ଦୃଷ୍ଟିକୋଣରୁ ବ୍ରିଟେନ ପାଇଁ ଭାରତ ଗୁରୁତ୍ୱପୂର୍ଣ୍ଣ ଥିଲା। ଦେଶ ସ୍ୱାଧୀନ ହେବା ପରେ ଐତିହାସିକମାନେ ଏସବୁ ତଥ୍ୟକୁ ବୌଦ୍ଧିକ ବିମର୍ଷର ନାମ ଦେବା ସହ ବିଦେଶୀ କ୍ରୁରତାକୁ ନ୍ୟାୟୋଚିତ ବୋଲି କହି ଭାରତୀୟ ଇତିହାସରେ ସାମିଲ କରିଦେଲେ। ଇଂରେଜୀକବି ରୁଡ୍‌ୟାଡ କିପଲିଙ୍ଗ୍ ଏହାକୁ ବିରୋଧ କରି ଏକ କବିତା ଲେଖିଥିଲେ। ତାଙ୍କ କବିତା 'ଦି ହ୍ୱାଇଟ ମେନ୍ସ ବର୍ଡନ'ରେ କେମିତି ଐତିହାସିକ ମାନେ ପ୍ରକୃତ ତଥ୍ୟକୁ ଉପସ୍ଥାପନ କରିନାହାଁନ୍ତି ବୋଲି ଦର୍ଶାଇଥିଲେ।

ଇତିହାସ ଲିଖନ ବେଳେ ଭାରତୀୟତାକୁ ହୀନ ଭାବେ ଚିତ୍ରଣ କରାଇବା ଏବଂ ଭାରତର ଗୌରବଶାଳୀ ପରମ୍ପରାକୁ ଉପେକ୍ଷା କରାଯାଇଥିଲା। ଏହା ଏକ ସମାଜର ସାଂସ୍କୃତିକ ମୂଲ୍ୟ, ପରମ୍ପରା ଏବଂ ସଂସ୍କାର ମୌଳିକ ରୂପର ଉଲ୍ଲଙ୍ଘନ ନିଶ୍ଚୟ। ଜନ ସୁଲିବନ ନାମକ ଜନୈକ ବ୍ରିଟିଶ ଅଧିକାରୀଙ୍କ ମତରେ ଦଇଂରେଜ ମାନେ ଭାରତରୁ ଅନେକ ଧନ ସମ୍ପତ୍ତି ନେଇଛନ୍ତି। ଏସବୁ ତଥ୍ୟ ଏନସିଇଆରଟିର ପୁସ୍ତକରେ ସ୍ଥାନ ପାଇଛି ଯାହା ବାବଦରେ ଅନେକ ତଥ୍ୟ ରହିଛି। ଏ ପ୍ରସଙ୍ଗରେ ଆମେରିକାନ ସାହିତ୍ୟର ପ୍ରଭାବଶାଳୀ ସାହିତ୍ୟକ ମାୟା ଏଲେଙ୍କ ମତ ମଧ୍ୟ ପ୍ରଣିଧାନଯୋଗ୍ୟ। ସତ୍ୟକୁ ଚପାଇଦେବା ବଦଳରେ ସତ୍ୟକୁ ବାହାର କରିବା ଉଚିତ୍।

# ଶିକ୍ଷାର ମହତ୍ତ୍ୱ ଅର୍ଥରେ ସୀମିତ



ଇଂ. ସୁସ୍ମିତା ମହାନ୍ତ
ସରଧା, କରଞ୍ଜିଆ
ମୋ-୭୦୦୮୬୭୮୩୦୦

ଅନନ୍ତ କାଳରୁ ହିଁ ଜୀବ ଜଗତର ସୃଷ୍ଟି । କୁହାଯାଏ ପୃଥିବୀରେ ୮.୭ ମିଲିୟନ ପ୍ରଜାତିର ଜୀବ ବସବାସ କରନ୍ତି । ସେଥିରୁ ୧.୨ ମିଲିୟନ ପ୍ରଜାତିକୁ ଚିହ୍ନଟ କରାଯାଇପାରିଛି। ସେହି ୧.୨ ମିଲିୟନ ପ୍ରାଣୀମାନଙ୍କ ମଧ୍ୟରୁ ମନୁଷ୍ୟ ଏମିତି ପ୍ରାଣୀ ଯିଏ ନିଜ କାର୍ଯ୍ୟ/ଭଲ/ମନ୍ଦ/ସୁନ୍ଦର/ଅସୁନ୍ଦର ସବୁ ଭାବିଚିନ୍ତି ନିଜ ବୁଦ୍ଧି ଖଟାଇ କରିଥାଏ। ସୃଷ୍ଟିର ପ୍ରାରମ୍ଭରୁ ଆମ ପରିବେଶ ବର୍ତ୍ତମାନ ପରି ନ ଥିଲା। ମନୁଷ୍ୟ ଆଦିମ ଯୁଗରେ ଜଙ୍ଗଲରେ ବସବାସ କରୁଥିଲା ,କଞ୍ଚା ମାଂସ ଖାଉଥିଲା ଏବଂ ଗଛର ବକଳ ପିନ୍ଧି ନିଜ ଜୀବନ ନିର୍ବାହ କରୁଥିଲା। କୁହାଯାଏ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ତାର ସମାଧାନର ବାଟ ଖୋଜାଯାଏ। କ୍ରମଶଃ ଖରା ବର୍ଷାର ସମ୍ମୁଖୀନ ହେବାରୁ ବାସଗୃହ ନିର୍ମାଣ , ସିଝା ସ୍ୱାଦିଷ୍ଟ ଖାଦ୍ୟ ଓ ରାତ୍ରିର ଅନ୍ଧାରରୁ ବର୍ତ୍ତିବା ପାଇଁ ଅଗ୍ନି ଏବଂ ନିଜ ସୌନ୍ଦରଯ୍ୟତା ସହିତ ଲଜ୍ଜା ନିବାରଣ ପାଇଁ ପୋଷାକର ଉଦ୍ଭାବନ କରିଥିଲା। ଯାହା ସମୟ କ୍ରମେ ପରିବର୍ତ୍ତନ ହୋଇ ମନୁଷ୍ୟକୁ ଆଦିମରୁ ଆଧୁନିକ ଯୁଗକୁ ବାଟ କଢାଇ ଆଣିବାରେ ସହାୟକ ହେଲା। ଏହା ସମ୍ଭବ କେବଳ ମାତ୍ର ବୁଦ୍ଧି ଦ୍ୱାରା ହୋଇ ନ ଥିଲା , ତା ସହିତ ଶିକ୍ଷାର ସଂଯୋଗ ମଧ୍ୟ ଜରୁରି ଥିଲା। 'ଶିକ୍ଷା' ଯାହା ଶିଖିବା କିମ୍ବା ଶିଖାଇବା ଅର୍ଥକୁ ବୁଝାଇଥାଏ। ଏହି ଶିକ୍ଷା ହେଉଛି ସମାଜର ମାନଦଣ୍ଡ। ସମାଜକୁ ଉନ୍ନତ, ମହତ, ଓ ପ୍ରଗତିଶୀଳ କରିବାରେ ଶିକ୍ଷାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଶିକ୍ଷା କେବଳ ଏକ ମାନସିକ ପ୍ରକ୍ରିୟା ନୁହେଁ। ଶରୀର , ମନ ତଥା ଆତ୍ମାର ସର୍ବୋତ୍କୃଷ୍ଟ ବିକାଶ ହିଁ ଶିକ୍ଷା। ଆମେ ପ୍ରଥମେ ଶିକ୍ଷାକୁ ଗ୍ରହଣ କରିବା ଦରକାର। ଭାରତ ର ସମ୍ବିଧାନ ଅନୁସାରେ ଧାରା ୨୧- ଏ ରେ ଉଲ୍ଲେଖ ରହିଅଛି ଶିକ୍ଷା ଶିଶୁଙ୍କ ମୌଳିକ ଅଧିକାର। ତେଣୁ ସରକାରଙ୍କ ଦ୍ୱାରା ୨୦୦୧ ମସିହାରେ' ସର୍ବଶିକ୍ଷା ଅଭିଯନ'ର ଶୁଭାରମ୍ଭ ହେଲା। ଯହିଁରେ ୬ ବର୍ଷରୁ ଆରମ୍ଭ ହୋଇ ୧୪ ବର୍ଷ ଶିଶୁଙ୍କୁ ପାଠ ପଢ଼ିବା ଏବଂ ସ୍କୁଲ ଯିବା ପାଇଁ ପ୍ରୋତ୍ସାହିତ କରାଗଲା। ଯାହା ସାହାଯ୍ୟରେ ସମାଜରେ ଶିକ୍ଷିତ ପରିବେଶଟିଏ ସୃଷ୍ଟି ହେବା ସହିତ ଅସାମାଜିକ କାର୍ଯ୍ୟକଳାପ କମ୍ କରିବାରେ ସହାୟକ ହେବ ଓ ଉତ୍ତମ ସମାଜଟିଏ ଗଠନ ହୋଇପାରିବ। କିନ୍ତୁ ବର୍ତ୍ତମାନ ଶିକ୍ଷାର ପରିଭାଷା କିଛି ଅଲଗା। ଯାହା ସମାଜରେ ଭେଦଭାବ ସୃଷ୍ଟି କରୁଛି ଓ ଶିକ୍ଷାକୁ ଅର୍ଥ ସହିତ ତୁଳନା କରାଯାଉଛି। ଯିଏ ଯେତିକି ଅଧିକ ଅର୍ଥ ଉପାର୍ଜନ କରୁଛି ସେ ତା' ଜୀବନରେ ସେତିକି ସଫଳ , ଶିକ୍ଷା ଗ୍ରହଣର ଶେଷ ସଫଳତା କେବଳ ଚାକିରିଟିଏ ହୋଇରହିଯାଇଛି । ଯେଉଁ ବ୍ୟକ୍ତି ପାଖରେ ଯେତିକି ସୁନ୍ଦର କୋଟି କୋଟି ଟଙ୍କାର ଘର ସହିତ ଚାରିଚକିଆ ଯାନ ରହିଅଛି ସେହି ବ୍ୟକ୍ତି ବର୍ତ୍ତମାନ ସମାଜରେ ସେତିକି ସଫଳ। ସେ ସବୁ ଭବ୍ୟ ବସ୍ତୁଗୁଡ଼ିକୁ ଉପଭୋଗ କରିବା ପାଇଁ ଅର୍ଥ କେଉଁ କର୍ମ ଦ୍ୱାରା ଉପାର୍ଜନ ହେଉଛି, ତାହା ସେ ବ୍ୟକ୍ତି ବିଶେଷଙ୍କ ଛଡା ଅନ୍ୟ କେହି ଜାଣିନଥିବ । ଅଳ୍ପ କିଛି ଦିନ ପୂର୍ବରୁ ଖବରଟିଏ ପ୍ରକାଶ ପାଇଥିଲା , ଜଣେ ସରକାରୀ ଯନ୍ତ୍ରୀ ଅବସର ନେବାର ଗୋଟିଏ ଦିନ ପୂର୍ବରୁ କିଭଳି ଭାବେ ଭିଜିଲାନ୍ସକୁ ଡରି ନିଜ କୋଠା ଝରକା ଦେଇ ୫୦୦ ଟଙ୍କା ବିଡା ବିଡା ଫୋପାଡି ଦେଇ ଥିଲେ। ଯଦି ସେହି ଧନ ସତ୍ - କର୍ମ ଦ୍ୱାରା ଉପାର୍ଜନ ହୋଇଥାନ୍ତା ତେବେ ହୁଏତ ତାଙ୍କୁ ଏଭଳି କିଛି କରିବା ପାଇଁ ଦରକାର ପଡ଼ିନଥାନ୍ତା। ସେ ବି ଜଣେ ଉଚ୍ଚଶିକ୍ଷିତ ସରକାରୀ କର୍ମଚାରୀ ଥିଲେ। କିନ୍ତୁ ସ୍ୱଳ୍ପ ସମ୍ପତ୍ତି ଲୋଭରେ ଜୀବନ ସାରା ଅର୍ଜିତ ସମ୍ମାନଟିକୁ ମଧ୍ୟ ହରାଇଲେ। ସେ କଥା ଯାହା ବି ହେଉ। ଆଜିର ଶିକ୍ଷିତ ସମାଜର ଶିକ୍ଷିତ ମଣିଷଟି ସମାଜକୁ ଶିକ୍ଷିତ କରିବା ପାଇଁ ଚେଷ୍ଟିତ ନୁହେଁ ବରଂ ତା' ଶିକ୍ଷାରେ ଖର୍ଚ୍ଚିତ ଅର୍ଥକୁ ଉପାର୍ଜନ କରିବା ପାଇଁ ସେ ବ୍ୟସ୍ତ। ତା ବ୍ୟତୀତ ସୁସମାଜଟିଏ ଗଠନ କରିବା ପାଇଁ ନା ତା' ପାଖରେ ଅଛି ସମୟ ନା ଅଛି ଇଚ୍ଛା ଶକ୍ତି । କ'ଣ ପାଇଁ ସମୟ ଏବଂ ଇଚ୍ଛାଶକ୍ତିର ଅଭାବ ? କାରଣଟି ସ୍ପଷ୍ଟ, ସମାଜ ସବୁବେଳେ ଶିକ୍ଷାର ମହତ୍ତ୍ୱକୁ ଅର୍ଥ ସହିତ ତୁଳନା ଏବଂ ଶୈଶବରୁ ହିଁ ତାକୁ ସଫଳତାରମାନେ ଅର୍ଥ ଉପାର୍ଜନ ବୋଲି ଜଣାଇ ଦିଆଯାଉଛି। ଆମ ସମାଜରେ ଶିକ୍ଷାର ଆଲୋକକୁ ଉଜ୍ଜ୍ୱଳିତ ରଖିବା ପାଇଁ ଶିକ୍ଷାକୁ ବ୍ୟବସାୟ ନୁହେଁ ବରଂ ଶିକ୍ଷାକୁ ମାର୍ଗ ଦର୍ଶକ ଭାବେ ଦେଖିଲେ ଆଗକୁ ବଢିବା ସହିତ ସୁନ୍ଦର ବ୍ୟକ୍ତିତ୍ୱଟିଏ ଗଠନ ହୋଇପାରିବ।

# ରାଜନୀତିରେ ଯୁବପିଢ଼ି



ପ୍ରଣତି ଆଚାର୍ଯ୍ୟ ମିଶ୍ର
ନୟାଗଡ଼
ମୋ- ୯୪୩୭୬୪୨୯୪୭

ଯଦିଓ ରାଜନୀତିକୁ ପେଶା ଭାବରେ ବିବେଚନା କରାଯାଏ ନାହିଁ ହେଲେ ଅନ୍ୟ ପେଶା ପରି ଅବସରର ପ୍ରଶ୍ନ ସମୟ ସମୟରେ ଉଠେ। ଭାରତ ଏକ ବିଶାଳ ଯୁବ ଜନସଂଖ୍ୟା ବିଶିଷ୍ଟ ଦେଶ। ଏହି କାରଣରୁ ସ୍ୱାଭାବିକ ଭାବରେ ରାଜନୀତିରେ ମଧ୍ୟ ଯୁବପିଢ଼ିଙ୍କ ଏକ ବ୍ୟାପକ ପ୍ରତିନିଧିତ୍ୱ ଆଶା କରାଯାଏ। ଅନେକ ଦିଗ ଯୋଗୁଁ ଏହା ସମ୍ଭବ ନୁହେଁ। ଆଜିର ଆଲୋଚନାର ବିଷୟ ରାଜନୀତିରେ ଯୁବପିଢ଼ିଙ୍କ ପର୍ଯ୍ୟାପ୍ତ ପ୍ରତିନିଧିତ୍ୱର ଅଭାବ। ଏହା କେବଳ ଭାରତରେ ନୁହେଁ ବରଂ ବିଶ୍ୱର ଅଧିକାଂଶ ଦେଶରେ ଦେଖାଯାଏ। ଏକ ଅଧ୍ୟୟନ ଅନୁଯାୟୀ ପ୍ରମୁଖ ଗଣତାନ୍ତ୍ରିକ ଦେଶଗୁଡ଼ିକରେ ୧୦ ପ୍ରତିଶତରୁ କମ୍ ନେତା ୩୫ ବର୍ଷ ବୟସରୁ କମ୍ । ଭାରତରେ ମଧ୍ୟ ସମାନ ଧାରା ଜାରି ରହିଛି। ଯଦି ଆମେ ୧୯୫୨ରୁ ୨୦୨୪ ମଧ୍ୟରେ ଗଠିତ ଲୋକସଭାକୁ ଦେଖିବା ତେବେ ଏହାର ହାରାହାରି ବୟସ ନିରନ୍ତର ବୃଦ୍ଧି ପାଉଛି। ଏହି କ୍ରମରେ ବର୍ତ୍ତମାନର ଲୋକସଭାର ହାରାହାରି ବୟସ ସର୍ବାଧିକ। ଏହା ଦର୍ଶାଉଛି ଯେ ରାଜନୈତିକ ବ୍ୟବସ୍ଥାରେ ଯୁବପିଢ଼ିଙ୍କ ଯୋଗଦାନ ଉପଯୁକ୍ତ ଅନୁପାତରେ ହେଉନାହିଁ। ଏହାର କାରଣ ଅନୁସନ୍ଧାନ କରିବା ସମୟରେ ସବୁଠାରୁ ବଡ଼ ଦିଗଟି ସାମ୍ନାକୁ ଆସେ ଯେ ରାଜନୀତିରେ ପ୍ରବେଶ ପ୍ରାୟତଃ ଅଧିକ ବୟସରେ ମିଳିଥାଏ। ଜଣେ ବ୍ୟକ୍ତି ଡାକ୍ତର, ଇଞ୍ଜିନିୟର କିମ୍ବା ଅନ୍ୟାନ୍ୟ ସେବାରେ ଯୁବ ବୟସରେ କାର୍ଯ୍ୟ ଆରମ୍ଭ କରୁଥିବାବେଳେ ରାଜନୀତିରେ ଏହି ଯାତ୍ରା ଅପେକ୍ଷାକୃତ ବିଳମ୍ବରେ ଆରମ୍ଭ ହୁଏ। ପ୍ରାୟତଃ ଜଣେ ବ୍ୟକ୍ତି ୪୦ ରୁ ୪୫ବର୍ଷ ବୟସରେ ରାଜନୈତିକ ଜୀବନର ପ୍ରଥମ ପାହାଚ ଚଢ଼ିଥାନ୍ତି। ସେ ୪୫ ରୁ ୫୦ବର୍ଷ ବୟସରେ କାଉନସିଲର, ବିଧାୟକ କିମ୍ବା ସାଂସଦ ହୁଅନ୍ତି। ମୁଖ୍ୟମନ୍ତ୍ରୀ କିମ୍ବା ପ୍ରଧାନମନ୍ତ୍ରୀର ପଦବୀରେ ପହଞ୍ଚିବା ସମୟରେ ୬୦-୬୫ ବର୍ଷ ବୟସ ବହୁତ ସାଧାରଣ। ଏହି କାରଣରୁ ରାଜନୀତିରେ ବୟସ୍କ ଲୋକଙ୍କୁ ମଧ୍ୟ ଯୁବା ତୁର୍କ(କ୍ରାନ୍ତିକାରୀ) ସହିତ ତୁଳନା କରାଯାଏ। ଏପରି ଅନେକ ଲୋକ ଅଛନ୍ତି ଯେଉଁମାନେ ଅନ୍ୟ ବୃତ୍ତିରେ ଥାଇ ରାଜନୀତିରେ ଜଡିତ। ଏହା ସତ୍ୟ ଯେ ସମ୍ବିଧାନ ୨୫ବର୍ଷରୁ ଅଧିକ ବୟସର ବ୍ୟକ୍ତିଙ୍କୁ ଜନପ୍ରତିନିଧି ଭାବରେ ନିର୍ବାଚିତ ହେବା ପାଇଁ ଯୋଗ୍ୟତା ନିର୍ଣ୍ଣୟ କରିଛି କିନ୍ତୁ ବାସ୍ତବରେ ଏହି ଧାରଣାକୁ ବ୍ୟାପକ ଭାବରେ ସାକାର କରାଯାଇନାହିଁ। କିଛି ଯୁବ ନେତା ବିଧାନସଭା, ଲୋକସଭା ଏବଂ ମନ୍ତ୍ରୀ ପଦବୀରେ ପହଞ୍ଚିଛନ୍ତି କିନ୍ତୁ ସେମାନଙ୍କ ମଧ୍ୟରୁ ଅଧିକାଂଶ କିମ୍ବା ୯୦ ପ୍ରତିଶତ ହେଉଛନ୍ତି ରାଜନୈତିକ ପରିବାରର। ସେମାନେ କେବଳ ସେମାନଙ୍କର ପାରିବାରିକ ଐତିହ୍ୟର ପୁଞ୍ଜିରେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି। ଦେଶର ୩୫ ବର୍ଷରୁ କମ୍ ବୟସର ୯୦ପ୍ରତିଶତ ସାଂସଦ ଏହି ବର୍ଗରେ ପଡ଼ନ୍ତି। ନିର୍ବାଚନରେ ଲଢ଼ିବାରେ ଯୁବ ନେତାଙ୍କ ଅଂଶଗ୍ରହଣ ବହୁତ ସୀମିତ। ଉଦାହରଣ ସ୍ୱରୂପ ୨୦୨୪ ଲୋକସଭା ନିର୍ବାଚନରେ ୮୦୦୦ ରୁ ଅଧିକ ପ୍ରାର୍ଥୀଙ୍କ ମଧ୍ୟରୁ ୩୦ ବର୍ଷରୁ କମ୍ ବୟସର ୧୦୦ ଜଣ ପ୍ରାର୍ଥୀ ମଧ୍ୟ ନଥିଲେ। ଯୁବକମାନେ ସଠିକ୍ ସମୟରେ ଦଳୀୟ ସଂଗଠନରେ ସ୍ଥାନ ପାଆନ୍ତି ନାହିଁ। ଯଦି ଦେଶର ସମସ୍ତ ମୁଖ୍ୟ ଦଳର ଯୁବ ନେତାଙ୍କୁ ଦେଖାଯାଏ ତେବେ ପ୍ରାୟ ସମସ୍ତଙ୍କ ବୟସ ୪୦ବର୍ଷ ପାଖାପାଖି। ଯଦି ପ୍ରତିନିଧିତ୍ୱ ବ୍ୟତୀତ କାର୍ଯ୍ୟ ଦକ୍ଷତା ବିଷୟରେ ଆଲୋଚନା ହୁଏ ତେବେ ପୁରୁଣା ଅଭିଜ୍ଞ ନେତାମାନେ ଉତ୍କୃଷ୍ଟ କି ଯୁବ ନେତା ସେ ବିଷୟରେ ବିତର୍କ ହୋଇପାରେ। ଏହି ପରିପ୍ରେକ୍ଷୀରେ ଅଧ୍ୟୟନ କୁହେ ଯୁବନେତାଙ୍କ କାର୍ଯ୍ୟଶୈଳୀରେ ନୂତନ ଚିନ୍ତାଧାରା ପ୍ରତିଫଳିତ । ସେମାନେ ଏକ ଦୀର୍ଘକାଳୀନ କାର୍ଯ୍ୟସୂଚୀ ଉପରେ କାମ କରନ୍ତି। ସେମାନେ ବିପଦ ନେବାକୁ ପଛଘୁଞ୍ଚା ଦିଅନ୍ତି ନାହିଁ। ଅନେକ ସମୟରେ ଏହା ବହୁତ ସକାରାତ୍ମକ ଫଳାଫଳ ମଧ୍ୟ ଦିଏ। ବିପରୀତରେ ବୟସ୍କ ନେତାମାନେ ସେମାନଙ୍କର ଅଭିଜ୍ଞତା ଆଧାରରେ ଆଗକୁ ବଢ଼ନ୍ତି। ବିପର୍ଯ୍ୟୟ କିମ୍ବା ସଙ୍କଟ ସମୟରେ ସେମାନଙ୍କର ଅଭିଜ୍ଞତା ବହୁତ ଉପଯୋଗୀ। ସେମାନେ ଉତ୍ତେଜନା କିମ୍ବା ସଂଘର୍ଷର ପରିସ୍ଥିତିରେ ମଧ୍ୟ ଅଧିକ ସଂଯମତାର ସହିତ କାମ କରନ୍ତି। ଯଦି ବଜେଟ ପ୍ରାଥମିକତା ବିଷୟରେ କଥା ହେବା ଯୁବ ନେତାମାନେ ଭିତ୍ତିଭୂମି ଉପରେ ଅଧିକ ଧ୍ୟାନ ଦିଅନ୍ତି। ବରିଷ୍ଠ ନେତାମାନେ କଲ୍ୟାଣକାରୀ ଯୋଜନାଗୁଡ଼ିକୁ ପ୍ରାଥମିକତା ଦିଅନ୍ତି। ଯଦି ସଂସଦୀୟ ଉପସ୍ଥିତି ଏବଂ ସକ୍ରିୟତାକୁ ଦେଖିବା ଯୁବ ନେତାମାନେ ପଛରେ ପଡ଼ିଯାଆନ୍ତି। କାର୍ଯ୍ୟଦିବସରେ ସେମାନଙ୍କର ଅଂଶଗ୍ରହଣ ଏବଂ ଉପସ୍ଥିତି ଉଭୟ ବରିଷ୍ଠ ନେତାଙ୍କ ତୁଳନାରେ କମ୍। ଏହା ସତ୍ୟ ଯେ କାର୍ଯ୍ୟଦିବସ କ୍ଷେତ୍ରରେ ରାଜନୈତିକ ଦଳଗୁଡ଼ିକ ଅଭିଜ୍ଞତାକୁ ପ୍ରାଥମିକତା ଦିଅନ୍ତି ଏବଂ ବରିଷ୍ଠ ନେତାମାନଙ୍କୁ ଆଗକୁ ପଠାନ୍ତି । ସଂସଦରେ ୬୦ବର୍ଷରୁ ଅଧିକ ବୟସର ସାଂସଦଙ୍କ ଉପସ୍ଥିତି ପ୍ରାୟ ୮୦ ପ୍ରତିଶତ ଥିବାବେଳେ ୪୦ବର୍ଷ ବୟସର ସାଂସଦଙ୍କ ଉପସ୍ଥିତି ୭୫ ପ୍ରତିଶତରୁ କମ୍।

ରାଜନୈତିକ ନେତୃତ୍ୱ କ୍ଷେତ୍ରରେ ବୟସ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ଜଣେ ନେତା ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇବା ପାଇଁ ଉପଯୁକ୍ତ କି ନାହିଁ। ଯେହେତୁ ଏପରି ଲୋକଙ୍କୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ହୁଏ ତେଣୁ ସେମାନେ ଶାରୀରିକ ଏବଂ ମାନସିକ ଭାବରେ ସୁସ୍ଥ ରହିବା ଗୁରୁତ୍ୱପୂର୍ଣ୍ଣ। ଆମେରିକାରେ ଜୋ ବାଇଡେନଙ୍କୁ ଦ୍ୱିତୀୟ କାର୍ଯ୍ୟକାଳ ପାଇଁ (ରାଷ୍ଟ୍ରପତି ପଦ ପାଇଁ) ତାଙ୍କର ପ୍ରାର୍ଥୀତ୍ୱ ପ୍ରତ୍ୟାହାର କରିବାକୁ ପଡିଥିଲା କାରଣ ତାଙ୍କ ସ୍ୱାସ୍ଥ୍ୟ ବିଷୟରେ ଗମ୍ଭୀର ପ୍ରଶ୍ନ ଉଠାଯାଉଥିଲା। କିଛି ଲୋକ ପରାମର୍ଶ ଦିଅନ୍ତି ଯେ ଦାୟିତ୍ୱପୂର୍ଣ୍ଣ ପଦବୀରେ ଥିବା ନେତାଙ୍କ ସ୍ୱାସ୍ଥ୍ୟ ବିଷୟ ନିୟମିତ ବ୍ୟବଧାନରେ ଜାରି କରାଯିବା ଉଚିତ। ଏହାର ମଧ୍ୟ ନିଜସ୍ୱ ବିପଦ ଏବଂ ସୀମା ରହିଛି। ଯୁବପିଢ଼ିଙ୍କୁ ପ୍ରତିନିଧିତ୍ୱ ଦେବା ଏବଂ ରାଜନୀତିକୁ ଅନ୍ତର୍ଭୁକ୍ତ କରିବା ପାଇଁ ରାଜନୈତିକ ଦଳ ଏବଂ ପୁରୁଣା ନେତାମାନଙ୍କ ମଧ୍ୟରେ ଏକ ସର୍ବସମ୍ମତ ସ୍ୱ-ନିୟନ୍ତ୍ରଣର ପଥ ମିଳିଲେ ଭଲ ହେବ। ଯେଉଁଥିରେ ପୁରୁଣା ନେତାମାନଙ୍କ ଅଭିଜ୍ଞତାର ସହିତ ଯୁବପିଢ଼ିଙ୍କ ଶକ୍ତି ଏବଂ ନୂତନ ଚିନ୍ତାଧାରା ମଧ୍ୟ ରାଜନୀତିରେ ସଠିକ୍ ସ୍ଥାନ ପାଇବ।

# ରୁଷ୍ ଭୂମିକମ୍ପ ବିଶ୍ୱର ବହୁ ଦେଶକୁ ସୁନାମି ସତର୍କ ଘଣ୍ଟି



ଡ. ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ : ୮୨୪୯୫୦୨୭୭୬

ଋଷର ପୂର୍ବ କୈମଚଟକା ଅଞ୍ଚଳରେ ସକାଳୁ ସକାଳୁ ବଡ଼ ଧରଣର ଭୂମିକମ୍ପ ହୋଇଛି । ରିକ୍ଟର ସ୍କେଲରେ ଏହାର ତୀବ୍ରତା ୮.୭ ରହିଛି । ୟୁଏସ୍ ଜିୟୋଲୋଜିକାଲ ସର୍ଭେର ସୂଚନା ମୁତାବକ, ଭୂମିକମ୍ପର କେନ୍ଦ୍ରସ୍ଥଳ ସମୁଦ୍ର ଗର୍ଭରେ ସୃଷ୍ଟି ହୋଇଛି । ଫଳରେ ଜାପାନ ଓ ଆମେରିକାର ଏଜେନ୍ସି ସୁନାମିର ଆଲର୍ଟ ଜାରି କରିଛନ୍ତି । ଋଷ ସହ ଜାପାନ ଓ ଆମେରିକାର କାଲିଫର୍ଣ୍ଣିଆରେ ମଧ୍ୟ ସୁନାମି ଆଲର୍ଟ ଜାରି କାରାଯାଇଛି । ସମୁଦ୍ରରେ ବଡ଼ ଲହଡ଼ି ଆସିବା ସହ ଆଖପାଖ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହେବ ବୋଲି ଆଲର୍ଟ କରାଯାଇଛି । ୟୁଏସ୍ ଜିୟୋଲୋଜିକାଲ ସର୍ଭେ ମୁତାବକ, ଭୂମିକମ୍ପର କେନ୍ଦ୍ରସ୍ଥଳୀ ସମୁଦ୍ରର ଗର୍ଭର ମାତ୍ର ୧୯ କିଲୋମିଟର ତଳେ ହୋଇଛି । ଏହି ଭୂକମ୍ପରେ ଋଷ ସହ ଜାପାନର ହୋକାଇଦୋ, କାଣ୍ଟୋସ୍ ଇଜୁ ଓ ଓଗାସାବନା ଦ୍ୱୀପ ଗୁଡ଼ିକରେ ସୁନାମି ଆଲର୍ଟ ଜାରି କରାଯାଇଛି । ଏସବୁ ଅଞ୍ଚଳରେ ଲୋକଙ୍କୁ ଉଚ୍ଚ ଓ ସୁରକ୍ଷିତ ସ୍ଥାନକୁ ପଳାଇଯିବାକୁ କୁହାଯାଇଛି।

ସୁନାମି ନାମକରଣ ଜାପାନିଜରୁ ଆସିଛି। ଏହାର ଅର୍ଥ-'ପୋତାଶ୍ରୟରେ ଉଠୁଥିବା ଢେଉ ଯାହାକୁ ଇଂରାଜୀରେ harbor wave ବୋଲି କୁହାଯାଏ ଆଉ ଏହା ହେଉଛି କ୍ରମାନ୍ୱୟରେ ଆସୁଥିବା ଜଳ-ତରଙ୍ଗ, ଯାହାକି ମୁଖ୍ୟତଃ ସମୁଦ୍ରରେ ବିଶାଳ ଜଳରାଶିର ସ୍ଥାନାନ୍ତରଣ ଯୋଗୁଁ ହୋଇଥାଏ । ଭୂମିକମ୍ପ, ଅଗ୍ନି ଉଦ୍‌ଗୀରଣ, ଓ ପାଣି ଭିତରେ ହେଉଥିବା ଅନ୍ୟ ବିସ୍ଫୋରଣ, ଭୂ-ସ୍ଖଳନ, ଉଲକାପାତ ଏବଂ ଜଳସ୍ତର ତଳେ କିମ୍ବା ଉପରେ ହେଉଥିବା ଯେକୌଣସି ଅସ୍ଥିରତା ଯୋଗୁଁ ହିଁ ସୁନାମି ସୃଷ୍ଟି ହୋଇଥାଏ । ପ୍ରକୃତରେ ବହୁତ କମ୍ ଭାଷା ଅଛି ଯେଉଁଥିରେ 'ସୁନାମି' ପାଇଁ କିଛି ନିଜସ୍ୱ ଶବ୍ଦ ରହିଛି । ଆସେନୀୟ ଭାଷାରେ ଏହାକୁ ଇଏ ବେଉନା କିମ୍ବା ଆଲୋନ ବୁଲୁଏକ୍ କୁହାଯାଏ । ତାମିଲ ଭାଷାରେ ଏହା ହେଉଛି ଆଜାଇ ପେରାଲାଇ। ସୁମାତ୍ରାର ପଶ୍ଚିମ ତଟରେ ଥିବା ସିମେଉଲୁ ଦ୍ୱୀପରେ ଦେବ୍ୟାନ ଭାଷାରେ ଏହା ସ୍ମୋଙ୍ଗ ଓ ସିଗୁଲାଇ ଭାଷାରେ ଏହା ଏମୋଙ୍ଗ କୁହଯାଏ । ଆସେଃ ରାଜ୍ୟର ସିଙ୍ଗକିଲ୍‌ରେ ସୁନାମିକୁ ସ୍ଥାନୀୟ ଲୋକ ଗ୍ଲୋରୋ କହନ୍ତି। ସୁନାମିକୁ ବେଳେବେଳେ ଜୁଆରିଆ ଲହଡି ଯାହାକୁ ଇଂରାଜୀରେ tidal wave କୁହାଯାଇଥାଏ। କିଛି ବର୍ଷ ହେବ ଏହି ଶବ୍ଦର ବ୍ୟବହାର ବନ୍ଦ ହୋଇଯାଇଛି, ମୁଖ୍ୟତଃ ବୈଜ୍ଞାନିକ ଗୋଷ୍ଠୀ ଭିତରେ, କାରଣ ସୁନାମି ସହ ଜୁଆରର କୌଣସି ସମ୍ପର୍କ ନଥାଏ। ଦିନେ ଏତେ ଲୋକପ୍ରିୟ ଥିବା ନାଁ'ଟି ପ୍ରକୃତରେ ସେମାନଙ୍କର ଏକା ପ୍ରକାରର ଦୃଶ୍ୟପଟ ଯୋଗୁଁ ହୋଇଥିଲା । ସୁନାମି ଓ ଜୁଆର ଉଭୟ ଜଳ ଲହଡି ସୃଷ୍ଟି କରନ୍ତି ଯାହାକି ଭୂପୃଷ୍ଠ ଭିତରକୁ ମାଡି ଆସେ, କିନ୍ତୁ ସୁନାମି କ୍ଷେତ୍ରରେ ଏହା ବହୁତ ବିଶାଳ ହୋଇଥାଏ ଓ ଅଧିକ ଦିନ ପର୍ଯ୍ୟନ୍ତ ରହେ, ଏହାକୁ ଉଚ୍ଚ ଜୁଆର କୁହାଯାଏ । ସୁନାମି ସାଧାରଣ ସାମୁଦ୍ରିକ ଢେଉ ନୁହେଁ, କାରଣ ଏହାର 'ତରଙ୍ଗ ଦୈର୍ଘ୍ୟ' ବହୁତ ଲମ୍ବା ହୋଇଥାଏ । ଏହା ସାଧାରଣ ଢେଉ ଭାଙ୍ଗିବା ପରି ଦେଖା ନ ଯାଇ ବରଂ କ୍ଷୀପ୍ର ଗତିରେ ଉଠୁଥିବା ଜୁଆର ପରି ଦେଖାଯାଏ, ଏଣୁ ଏହାକୁ ଇଂରାଜୀରେ tidal waves କହନ୍ତି । ସୁନାମି ସାଧାରଣତଃ ତରଙ୍ଗ ଶୃଙ୍ଖଳକୁ ନେଇ ତିଆରି ହୋଇଥାଏ ଓ ଏହାର ଆବର୍ତ୍ତିକାଳ ଗୋଟିଏ ମିନିଟରୁ ଗୋଟିଏ ଘଣ୍ଟା ପର୍ଯ୍ୟନ୍ତ ହୋଇପାରେ ଯାହାକୁ ଇଂରାଜୀରେ wave train ବୋଲି କୁହାଯାଏ। ସୁନାମିର ପ୍ରଭାବ ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକ ମଧ୍ୟରେ ସୀମିତ ଥିଲେ ହେଁ ସେମାନଙ୍କର ଧ୍ୱଂସକାରୀ ଶକ୍ତି ବହୁତ ଅଧିକ ହୋଇଥାଏ ଓ ଏହା ସଂପୂର୍ଣ୍ଣ ମହାସାଗର ତଳକୁ ପ୍ରଭାବିତ କରିପାରେ । ସମୁଦ୍ରରେ ଏକକାଳୀନ ବହୁତ ପରିମାଣରେ ଜଳ ସ୍ଥାନାନ୍ତରିତ ହେବା ହିଁ ସୁନାମି ଉତ୍ପନ୍ନ ହେବାର ଏକ ମୁଖ୍ୟ କାରଣ ଅଟେ । ଜଳ ଭାଗରେ ଏପରି ବିଶାଳ ବିସ୍ଥାପନ ସାଧାରଣତଃ ଭୂମିକମ୍ପ, ଭୂ-ସ୍ଖଳନ, ଆଗ୍ନେୟ ଗିରି ଉଦ୍‌ଗୀରଣ, ଗ୍ଲେସିଅର୍ କିମ୍ବା ବେଳେବେଳେ ଉଲ୍‌କାପାତ ଯୋଗୁଁ ହୋଇଥାଏ । ଏହି ଭଳି ସୃଷ୍ଟି ହୋଇଥିବା ତରଙ୍ଗ, ମାଧ୍ୟାକର୍ଷଣ ଯୋଗୁଁ ଶକ୍ତିଶାଳୀ ହୋଇଥାଏ । ସୁନାମୀ ସୃଷ୍ଟିରେ ଜୁଆରର କୌଣସି ଭୂମିକା ନଥାଏ । ୨୦୦୪ ଭାରତ ମହାସାଗରରେ ହୋଇଥିବା ସୁନାମି, ମାନବ ଇତିହାସରେ ସବୁଠାରୁ ଧ୍ୱଂସକାରୀ ପ୍ରକୃତିକ ବିପର୍ଜୟ ଥିଲା । ଏଥିରେ ଭାରତ ମହାସାଗରରେ ଥିବା ୧୪ଟି ଦେଶରେ ୨୩୦,୦୦୦ରୁ ଉର୍ଦ୍ଧ୍ୱ ଲୋକଙ୍କର ପ୍ରାଣହାନି ହୋଇଥିଲା ।

ଏହି ଭୂମିକମ୍ପ ଓ ସୁନାମି ଆଶଙ୍କା ମନେ ପକେଇ ଦେଇଛି ପୂର୍ବରୁ ଘଟିଥିବା ବିଭିନ୍ନ ବଡ଼ଧରଣର ଭୂମିକମ୍ପ ଓ ସୁନାମିରେ ଲୋକଙ୍କ ଆର୍ତ୍ତ ଚିତ୍କାର । ଆଉ ସେ ଅଶୁଭ ଦିନର କାହାଣୀ । ଆସନ୍ତୁ ଜାଣିବା ଏପରି ବିଶ୍ୱରେ ଚହଳ ଖେଳାଇଥିବା କିଛି ବଡ଼ଧରଣର ଭୂମିକମ୍ପ ସମ୍ପର୍କରେ। ୧୯୫୨ ରୁଷିଆ ଭୂମିକମ୍ପ: ରୁଷିଆର କାମଚଟକା ନିକଟରେ ୧୯୫୨ ମସିହାରେ ୯.୦ ତୀବ୍ରତାର ଏକ ଭୂମିକମ୍ପ ହୋଇଥିଲା। ଏଥିରେ ୨୦୦୦ ଲୋକଙ୍କର ମୃତ୍ୟୁ ହୋଇଥିଲା ଏବଂ ବଡ଼ ଧରଣର ସୁନାମି ସୃଷ୍ଟି ହୋଇଥିଲା । ୧୯୬୦ ଚିଲି ଭୂମିକମ୍ପ : ୧୯୬୦ ମସିହା ମେ ମାସରେ ଚିଲିର ବାୟୋ-ବାୟୋ ଠାରେ ଏକ ବଡ଼ ଧରଣର ଭୂମିକମ୍ପ ହୋଇଥିଲା। ଦୁଇଥର ହୋଇଥିବା ଏହି ଭୂମିକମ୍ପର ତୀବ୍ରତା ଯଥାକ୍ରମେ ୯.୪ ଏବଂ ୯.୬ ରହିଥିଲା। ପ୍ରାୟ ୧୦ ମିନିଟ ଧରି ଭୂମି ଥରିଥିଲା। ଏହି ପ୍ରାକୃତିକ ବିପର୍ଯ୍ୟୟରେ ୬୦୦୦ ପର୍ଯ୍ୟନ୍ତ ଲୋକଙ୍କ ମୃତ୍ୟୁ ହୋଇଥିଲା। ଆଜି ପର୍ଯ୍ୟନ୍ତ ରେକର୍ଡ ହୋଇଥିବା ଭୂମିକମ୍ପ ମଧ୍ୟରେ ଏହାର ମାତ୍ରା ସବୁଠୁ ଅଧିକ ବୋଲି କୁହାଯାଇଥାଏ। ୧୯୬୪ ଆଲାସ୍କା ଭୂମିକମ୍ପ: ୧୯୬୪ ମସିହାର ଗୁଡ୍ ଫ୍ରାଇଡେ ଦିନ ଏକ ଶକ୍ତିଶାଳୀ ଭୂମିକମ୍ପ ଆଲାସ୍କା ଅଞ୍ଚଳରେ ହୋଇଥିଲା। ଏହାର ତୀବ୍ରତା ୯.୨ ରହିଥିଲା। ୫ ମିନିଟରୁ କମ୍ ସମୟ ପାଇଁ ହୋଇଥିଲେ ମଧ୍ୟ ଉତ୍ତର ଆମେରିକାରେ ଆଜି ପର୍ଯ୍ୟନ୍ତ ହୋଇଥିବା ଭୂମିକମ୍ପ ମଧ୍ୟରେ ଏହା ସବୁଠୁ ଶକ୍ତିଶାଳୀ। ଭୂମିକମ୍ପରେ ଏହି ଅଞ୍ଚଳରେ କେବଳ ୯ ଜଣଙ୍କର ମୃତ୍ୟୁ ହୋଇଥିଲେ ମଧ୍ୟ ବିଶ୍ୱର ବିଭିନ୍ନ ସ୍ଥାନରେ ସୁନାମି ଯୋଗୁ ୧୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା। ୨୦୦୧ ଭୁଜ୍ ଭୂମିକମ୍ପ: ୨୦୦୧ ମସିହାରେ ଗୁଜରାଟର ଭୁଜ୍‌ରେ ହୋଇଥିବା ଭୂମିକମ୍ପ ବିଶ୍ୱର ତୃତୀୟ ବୃହତ୍ ଏବଂ ୨୦୦ ବର୍ଷ ମଧ୍ୟରେ ଭାରତର ଦ୍ୱିତୀୟ ବିଧ୍ୱଂସକାରୀ। ଏଥିରେ ୨୦ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବାବେଳେ ହଜାର ଲକ୍ଷ ଲକ୍ଷ ଲୋକ ଗୃହଶୂନ୍ୟ ହୋଇଥିଲେ। ୨୦୦୪ ସୁମାତ୍ରା ଭୂମିକମ୍ପ ଓ ସୁନାମି: ୨୦୦୪ ମସିହାରେ ସୁମାତ୍ରାରେ ହୋଇଥିବା ୯.୧ ତୀବ୍ରତା ବିଶିଷ୍ଟ ଭୂମିକମ୍ପ ଦକ୍ଷିଣ ଏସିଆର ଏକ ବଡ଼ ବିପର୍ଯ୍ୟୟ ଭାବେ ବିବେଚନା କରାଯାଏ। ଏହାଫଳରେ ଭାରତ ସମେତ ଅନେକ ଦେଶରେ ୧୦୦ ଫୁଟ ପର୍ଯ୍ୟନ୍ତ ସୁନାମି ଦେଖିବାକୁ ମିଳିଥିଲା। ୧୪ଟି ଦେଶରେ ପ୍ରାୟ ୨,୨୭,୦୦୦ ଲୋକଙ୍କର ଏହି ସୁନାମି ଫଳରେ ମୃତ୍ୟୁ ହୋଇଥିଲା। ଭାରତରେ ପ୍ରାୟ ୪୨ ହଜାର ଲୋକଙ୍କର ମୃତ୍ୟୁ ହୋଇଥିଲା। ୨୦୧୧ ଜାପାନ ଭୂମିକମ୍ପ: ୨୦୧୧ ମାର୍ଚ୍ଚ ୧୧ରେ ଜାପାନରେ ହୋଇଥିବା ଭୂମିକମ୍ପ ଏବଂ ସୁନାମି ଫଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଏହାର ତୀବ୍ରତା ୯.୦ ରହିଥିଲା। ୧,୨୦,୦୦୦ କୋଠା ଭାଙ୍ଗିଥିଲା। ୨୦୧୫ ନେପାଳ ଭୂମିକମ୍ପ: ୨୦୧୫ ମସିହାରେ ନେପାଳରେ ଏକ ଶକ୍ତିଶାଳୀ ଭୂମିକମ୍ପ ହୋଇଥିଲା। ଏହାର ପ୍ରଭାବ ଭାରତ ସମେତ ଚୀନ, ପାକିସ୍ତାନ ଓ ବାଂଲାଦେଶରେ ଅନୁଭୂତ ହୋଇଥିଲା। ୮୦୦୦ରୁ ଅଧିକ ଲୋକଙ୍କର ମୃତ୍ୟୁ ଏଥିରେ ହୋଇଥିଲା। ଏହା ପୂର୍ବରୁ ନେପାଳରେ ୧୯୩୪ରେ ଏକ ବଡ଼ଧରଣର ଭୂମିକମ୍ପ ହୋଇ ୧୭ ହଜାର ଲୋକଙ୍କର ମୃତ୍ୟୁ ହୋଇଥିଲା।

ଆଜିର ଦିନରେ ଭାରତର ମହାକାଶ ଗବେଷଣା ସଂସ୍ଥା 'ଇସ୍ରୋ' ଓ ଭାରତୀୟ ବିମାନବନ୍ଦର ପ୍ରାଧିକରଣ 'ଏ.ଏ.ଆଇ.' ଏହି ସୁନାମି ଓ ଭୂମିକମ୍ପ ଦିଗରେ ଜନସାଧାରଣଙ୍କୁ ସହାୟତା କରିବା ପାଇଁ ଯଥେଷ୍ଟ ସାହାଯ୍ୟ କରୁଛି । ଉପଗ୍ରହ ଯୋଗାଯୋଗ ବ୍ୟବସ୍ଥା 'ନାବିକ୍' ଦ୍ୱାରା ଭାରତ ମହାସାଗରର ଉତ୍ତରାଞ୍ଚଳରେ ରହିଥିବା ମତ୍ସ୍ୟଜୀବୀ ଓ ଅନ୍ୟାନ୍ୟ ସଂସ୍ଥାକୁ ସୁନାମି ସମ୍ପର୍କିତ ଆଗୁଆ ମୋବାଇଲ-ସନ୍ଦେଶ ଦିଆଯାଇପାରୁଛି । ସବୁଠାରୁ ବଡ କଥା ହେଉଛି ଆମମାନଙ୍କର ସଚେତନତା। ଜାତୀୟ ରାଜପଥରେ ଯିବା ସମୟରେ ଅନେକ ସଙ୍କେତ ଯଥା ଚିହ୍ନ ଆମ ଆଖିରେ ପଡେ। ସେଇ ସଙ୍କେତରେ ହେଲମେଟ୍ ଓ ସିଟ୍ ବେଲ୍ଟ୍ ପିନ୍ଧିବାଠାରୁ ଆରମ୍ଭ କରି ଗାଡ଼ିର ବେଗ ଓ ବୁଲାଣିଆ ସଡକ ଇତ୍ୟାଦି ବିଷୟରେ ସମସ୍ତ ସୂଚନା ରହିଥାଏ। ହେଲେ ଆମକୁ ସବୁ ସଙ୍କେତର ଅର୍ଥ ଜଣା ନ ଥାଏ। ଯଦିଓ କିଛି ସଙ୍କେତ ବୁଝାପଡେ, ତାହାକୁ ଆମେ ଗୁରୁତ୍ୱ ଦେଉ ନାହିଁ। ସଙ୍କେତଗୁଡିକ ପ୍ରତି ଅବମାନନା ପ୍ରଦର୍ଶନ ହିଁ ସଡକ ଦୁର୍ଘଟଣାର ମୁଖ୍ୟ କାରଣ। ଠିକ୍ ସେହିପରି ସୁନାମି ପ୍ରବଣ ଉପକୂଳ ଅଞ୍ଚଳରେ ସୁନାମି ସମ୍ପର୍କିତ କେତେକ ସଙ୍କେତ ରହିଛି। ସାଧାରଣ ଲୋକ କିନ୍ତୁ ସେସବୁ ବୁଝିବା ପାଇଁ ଆଗ୍ରହ ପ୍ରକାଶ କରନ୍ତି ନାହିଁ। ତେଣୁ ପ୍ରକୃତ ସୁନାମି ଆସିଲେ ସେମାନେ ନିଜର ଧନଜୀବନ ହରାଇ ବସନ୍ତି। ତେଣୁ ଜନସାଧାରଣ ସମସ୍ତ ସୁନାମି ସତର୍କତା ସଙ୍କେତ ବିଷୟରେ ଜାଣିବା ନିହାତି ଜରୁରି। ନଚେତ୍ କୌଣସି ସୂଚନା ବ୍ୟବସ୍ଥା ସେମାନଙ୍କର ଧନଜୀବନକୁ ସୁରକ୍ଷା ପ୍ରଦାନ କରିପାରିବନାହିଁ।



ରଘୁନାଥପୁର(ଭାସ୍କର ନ୍ୟୁଜ): ରଘୁନାଥପୁର ସ୍ଥିତ ବରିଷ୍ଠ ଶିଶୁ ବିଶେଷଜ୍ଞ ଡ଼ା ରାଜକିଶୋର ବରାଳଙ୍କ ତତ୍ତ୍ୱାବଧାନରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ଉପଲକ୍ଷେ ଆଶା, ସ୍ୱାସ୍ଥ୍ୟକର୍ମୀ ଓ ମା ମାନଙ୍କୁ ନେଇ ତାଙ୍କ ବାସଭବନରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିଶୁ ସ୍ତନ୍ୟପାନ ଉପରେ ସରକାରଙ୍କ ପକ୍ଷରୁ ଗତ ୧୯୯୨ ମସିହାରୁ ସଚେତନତା କରାଯାଉଥିଲେ ସୁଧା ଏହା ନିରାଶାଜନକ। ବର୍ତ୍ତମାନ ସ୍ତନ୍ୟପାନ ହାର ୪୧.୮ ପ୍ରତିଶତ ଥିବା ଡ଼ା ବରାଳ ପ୍ରକାଶ କରିଥିଲେ। ମହିଳାଙ୍କ ସ୍ତନରେ କୌଣସି ସଂକ୍ରମଣ ରହିଥିଲେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରି ଏହାର ଉପଚାର କରିବା ଅତ୍ୟନ୍ତ ଜରୁରୀ ବୋଲି ଡ଼ା ବରାଳ ମତବ୍ୟକ୍ତ କରିଥିଲେ। ପ୍ରତ୍ୟେକ ମହିଳା ଅତ୍ୟନ୍ତ ପକ୍ଷେ ୬ ମାସରୁ ୨ ବର୍ଷ ପର୍ଯ୍ୟନ୍ତ ସେମାନଙ୍କ ଶିଶୁଙ୍କୁ ସ୍ତନ୍ୟପାନ କରାଇବା ଦରକାର। ଯାଦ୍ୱାରା ଶିଶୁମାନେ ଡାଇରିଆ, ନିମୋନିଆ ଓ ଆଜମା ରୋଗ ଏବଂ ମହିଳାଙ୍କ କ୍ଷେତ୍ରରେ ସ୍ତନକର୍କଟ, ଗର୍ଭାଶୟ କର୍କଟ ଓ ମଧୁମେହ ରୋଗର ଆଶଙ୍କା କମ ରହେ ବୋଲି ଡ଼ା ବରାଳ ସୂଚାଇ ଦେଇଥିଲେ। ରଘୁନାଥପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ପିଏଚଇଓ ତୃପ୍ତିମୟୀ ମହାପାତ୍ର ଗର୍ଭାବସ୍ଥାରୁ ମା'ମାନଙ୍କୁ ସ୍ତନ୍ୟପାନ ସମ୍ପର୍କରେ ଉତ୍ସାହ ସୃଷ୍ଟି କରିବା ସହ ଜନ୍ମ ହେବାର ୧ ଘଣ୍ଟା ପରେ ଶିଶୁଙ୍କୁ କିପରି ସ୍ତନ୍ୟପାନ କରାଯିବ ସେଥିପ୍ରତି ଗୁରୁତ୍ୱ ଦେବାକୁ ଆହ୍ୱାନ କରିଥିଲେ। ଏହି ଅବସରରେ ୩ ଜଣ ସୁସ୍ଥ ମା' ସହ ଶିଶୁ ଓ ଆଶାକର୍ମୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମ ଆସନ୍ତା ୭ ପର୍ଯ୍ୟନ୍ତ ଜାରି ରହିବ ବୋଲି ଶିଶୁ ବିଶେଷଜ୍ଞ ଡ଼ା ବରାଳ ପ୍ରକାଶ କରିଛନ୍ତି।

# ଖୋଲାରେ ଫିଙ୍ଗୁଛନ୍ତି ଫ୍ଲୁସଂକ୍ରମିତ କୁକୁଡ଼ା, ସ୍ୱାସ୍ଥ୍ୟ ସମସ୍ୟା ବଢ଼ିବା ଆଶଙ୍କା



ବାଙ୍କୀ(ଭାସ୍କର ନ୍ୟୁଜ): ବାଙ୍କୀରେ ବାର୍ଡ଼ ଫ୍ଲୁର ସଂକ୍ରମଣ ବଢ଼ିବାରେ ଲାଗିଛି । ଏବେ ବିଭିନ୍ନ କୁକୁଡ଼ା ଚାଷୀଙ୍କ ଫାର୍ମରେ ସହସହ କୁକୁଡ଼ା ମରିବାରେ ଲାଗିଛନ୍ତି । କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି ଏହି ସଂକ୍ରମଣରେ ମରୁଥିବା କୁକୁଡ଼ାଗୁଡ଼ିକୁ ନଷ୍ଟ କରିବା ପାଇଁ କିଛି ସରକାରୀ ଗାଇଡ଼ଲାଇନ ରହିଛି ବା ସେଗୁଡ଼ିକୁ ଜନବସତିଠାରୁ ଦୂରରେ ସମସ୍ତ ଆନୁସାଙ୍ଗିକ ସରଞ୍ଜାମ ସହ ମାଟି ଖୋଳି ପୋତିବାର ନିୟମ ରହିଛି । ହେଲେ ଅସାଧୁ ବ୍ୟବସାୟୀମାନେ ଏସବୁକୁ ନମାନି ସଂକ୍ରମଣରେ ମୃତ କୁକୁଡ଼ାଗୁଡ଼ିକୁ ଗ୍ରାମ ନିକଟରେ ବସ୍ତାରେ ପୁରାଇ ଏଣେତେଣେ ଫୋପାଡ଼ି ଦେଉଛନ୍ତି । ଯାହାଫଳରେ ସେଗୁଡିକ ପଚିସଢ଼ୀ ପୋକ ସାଲୁବାଲୁ ହେବା ସହ ପ୍ରବଳ ଦୁର୍ଗନ୍ଧରେ ଆଖପାଖ ଅଞ୍ଚଳ ପ୍ରଦୂଷିତ ହେବାରେ ଲାଗିଛି । ସଂକ୍ରମିତ କୁକୁଡ଼ାଙ୍କ ପଚାସଢ଼ା ମାଂସକୁ ବିଶେଷକରି କାଉ ଓ ଚିଲମାନେ ଖାଉଥିବାରୁ ଏବେ ପ୍ରାୟ ସବୁ ଅଞ୍ଚଳରେ କାଉ ମଡ଼କ ଦେଖିବାକୁ ମିଳୁଛି । କିନ୍ତୁ ଏହି ସଂକ୍ରମିତ କୁକୁଡ଼ା ଗୁଡିକୁ ଖୁଲମଖୁଲା ଫୋପଡା ଯାଉଥିଲେ ମଧ୍ୟ ଏ ବାବଦରେ ପ୍ରଶାସନ ଅସାଧୁ ବ୍ୟବସାୟୀଙ୍କ ଉପରେ ନା କୌଣସି ପଦକ୍ଷେପ ନେଉଛି ନା କୌଣସି କଟକଣା ଲଗାଉଛି । ଏଭଳି ଘଟଣା ବିଶେଷକରି ବାଙ୍କୀର ଘୋଳପୁର, କୃଷ୍ଣପୁର ଓ କନ୍ତଫହଁରା ଆଦିର ଆଖପାଖ ଅଞ୍ଚଳରେ ଅଧିକ ଦେଖିବାକୁ ମିଳୁଛି । ଅନ୍ୟପଟେ ଏଭଳି ଖୋଲାମେଲାରେ ସଂକ୍ରମିତ କୁକୁଡ଼ାଙ୍କୁ ଫୋପୋଡ଼ା ଗଲେ ବାୟୁରେ ବ୍ୟାପୁଥିବା ବାର୍ଡ଼ ଫ୍ଲୁର ଏଚ୍୫ଏନ୍୧ ଇନଫ୍ଲୁଏଞ୍ଜା ଭାଇରସ ବିଭିନ୍ନ ମଧୁମେହ, ଆଜମା ବା ଶ୍ୱାସରୋଗୀ ଓ ଦୁର୍ବଳ ରୋଗପ୍ରତିଷେଧକଧାରୀ ରୋଗୀଙ୍କ କ୍ଷେତ୍ରରେ ସଂକ୍ରମଣ ବ୍ୟାପିବା ସହ ନିମୋନିଆ ଭଳି ମାରାତ୍ମକ ରୋଗ ହେବାର ସମ୍ଭାବନା ରହିଛି ବୋଲି ସ୍ଥାନୀୟ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକ୍ଷକ ଅମରେଶ ସାହୁ ସୂଚନା ଦେଇଛନ୍ତି । ତେଣୁ ଏଭଳି ଘଟଣାକୁ ନଜରରେ ରଖି କୁକୁଡ଼ା ବ୍ୟବସାୟୀଙ୍କ ଉପରେ କଟକଣା ଜାରି କରିବା ପାଇଁ ଏବେ ସାଧାରଣରେ ଦାବି ଉଠିଛି ।

# ଦିନକୁ ଦିନ ବଢ଼ି ଚାଲିଛି ବଳଙ୍ଗା ପୋଡ଼ି ରହସ୍ୟ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା-ବଳଙ୍ଗା ପୀଡ଼ିତା କବର ଦିଆସରିଥିବା ବେଳେ ବାରମ୍ବାର ପୋଲିସ ବସ୍ତିକୁ ଦୌଡ଼ିବା ଘଟଣାରେ ସନ୍ଦେହ ପ୍ରକଟ ହୋଇଛି । ପ୍ରତ୍ୟକ୍ଷଦର୍ଶୀ ଦୁଃଖିଆ ଗଣମାଧ୍ୟମକୁ ହତ୍ୟା ଧମକ ଦେଉଥିବା ବେଳେ ଦୁଃଖିଆଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୋଲିସ କ'ଣ ପାଇଁ ଭୟ କରୁଛି ତାହା ସାଧାରଣରେ ଅସନ୍ତୋଷ ପ୍ରକଟ କରୁଛି। ପୀଡ଼ିତାଙ୍କ ପିତା ଝିଅର ମାନସିକ ବିକାରଗ୍ରସ୍ତ ହୋଇଥିବା କହୁଥିବା ବେଳେ ତିନିଜଣ ଯୁବକ ମୁହଁରେ ରୁମାଲ ବାନ୍ଧି କିପରି ଟେକି ନେଲେ ପ୍ରତ୍ୟକ୍ଷଦର୍ଶୀ ଦେଇଥିବା ବୟାନ୍ ପୋଲିସର ତଦନ୍ତକୁ ଦିଗହରା କରିଛି । ସୂଚନା ଅନୁଯାୟୀ, ବଳଙ୍ଗା ପୀଡ଼ିତାଙ୍କୁ କିରୋସିନି ଢ଼ାଳି ଦୁର୍ବୃତ୍ତମାନେ ନିଆଁ ଲଗାଇବା ୧୭ ଦିନ ବିତି ଯାଇଥିବା ବେଳେ କୌଣସି ଅଭିଯୁକ୍ତ ନାହାନ୍ତି ବୋଲି ପୋଲିସ କହୁଛି । ତେବେ ପୀଡ଼ିତା କିପରି ପୋଡ଼ିଲେ ତାହାକୁ ନେଇ ସନ୍ଦେହ ପ୍ରକଟ ହୋଇଛି । ଆଗରୁ କାହିଁକି ପୀଡ଼ିତାଙ୍କ ବାପା ପାଟି ଖୋଲୁନଥିଲେ, ପୀଡ଼ିତାଙ୍କ ମାଆ ଗଣମାଧ୍ୟମକୁ ତୁରନ୍ତ ଅଭିଯୁକ୍ତଙ୍କୁ ଧରିବା ପାଇଁ ବୟାନ୍ ଦେଉଥିବା ବେଳେ ପୀଡ଼ିତା କିପରି ପୋଡ଼ିହେଲେ, ପ୍ରତ୍ୟକ୍ଷଦର୍ଶୀ କିପରି ଦେଖିଲେ, ପୀଡ଼ିତାଙ୍କ ବୟାନ୍ ସାର୍ବଜନୀନ କରାଯାଉ ନାହିଁ କ'ଣ ପାଇ ? ନିମାପଡ଼ା ବିଧାୟକ ପ୍ରାର୍ଥିନୀ ରୋଜାଲିନ୍ ନାୟକ ପୀଡ଼ିତାଙ୍କ ପରିବାରକୁ ଭେଟି କିପରି ପୀଡ଼ିତା ପୋଡ଼ିଲେ ସେ ସଂପର୍କରେ ତଦନ୍ତ ଆବଶ୍ୟକ ଅଛି ବୋଲି କହିଥିଲେ । ଯେ କେହି ଏହି ଘଟଣାରେ ସଂପୃକ୍ତ ଅଛନ୍ତି ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି ମଧ୍ୟ କରିଛନ୍ତି । ଯାହାକୁ ନେଇ ଏବେ ପୀଡ଼ିତା ପୋଡ଼ି ଘଟଣା ରହସ୍ୟରେ ରହିଯାଇଛି । ମଧ୍ୟସ୍ଥି ପୋଲିସକୁ ଦେଇଥିବା ବୟାନ୍‌ରେ କେତେ ସତ୍ୟତା ଅଛି ତାହା ମଧ୍ୟ ତଦନ୍ତ ଆବଶ୍ୟକ ।

# ରାସ୍ତା ଜବରଦଖଲ, କଂକ୍ରିଟ ଉପରେ ନର୍ଦ୍ଦମା ପାଣି



ଗରଦପୁର(ଭାସ୍କର ନ୍ୟୁଜ): କାମ ଦେଉନି ପ୍ରଶାସନର ନୀତିନିୟମ । ନର୍ଦ୍ଦମା ଓ ବର୍ଷା ଜଳ ନିଷ୍କାସନ ନହେବା ଦ୍ୱାରା ଗ୍ରାମବାସୀ ହନ୍ତସନ୍ତ । ଜବରଦଖଲ ସାଜିଛି ମୁଖ୍ୟ ସମସ୍ୟା । କେନ୍ଦ୍ରାପଡା ଜିଲ୍ଲା ଗରଦପୁର ବ୍ଲକ୍ ଅନ୍ତର୍ଗତ ବେଡ଼ାରୀ ପଞ୍ଚାୟତ ସୋଲପାଟ ଗ୍ରାମ ରାସ୍ତାର ଦୟନୀୟ ଅବସ୍ଥା। ଏହି ରାସ୍ତା ସାଜିଛି ମରଣଯନ୍ତା। ବିଗତ ଦିନରେ ଦୁଇ ଦୁଇଥର କଂକ୍ରିଟ ରାସ୍ତା କାର୍ଯ୍ୟ ହୋଇ ଥିଲେ ସୁଦ୍ଧା କିଛି ପରିବର୍ତ୍ତନ ହୋଇପାରି ନାହିଁ । ଏହାର କାରଣ ଜଳ ନିଷ୍କାସନ। ରାସ୍ତାର ଦୁଇ ପାର୍ଶ୍ୱରେ ଜଳ ନିଷ୍କାସନ ହେବା କଥା ତାହା ହୋଇ ପାରୁନାହିଁ। ଯାହାଫଳରେ ବର୍ଷା ଜଳ ଜମିରହି ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡୁଛି । ମୁଖ୍ୟତଃ ସେଇ ରାସ୍ତା ସରକାରୀ ହିସାବରେ ଅନେକ ଓସାରିଆ ଥିଲେ ସୁଦ୍ଧା ଜବରଦଖଲରେ ସମ୍ପୂର୍ଣ୍ଣ ଅବରୋଧ ହୋଇରହିଛି । ଯାହା ଫଳରେ ବର୍ଷାଜଳ ଯିବାରେ ଅନେକ ବାଧା ଉପୁଜିଛି । ନା ପିଲାମାନେ ସ୍କୁଲ ଯାଇ ପାରୁଛନ୍ତି ନା ଆମ୍ବୁଲାନ୍ସ ନା ନିଆଁଲିଭା ଗାଡ଼ି ଯାଇପାରୁଛି। ଏହି ରାସ୍ତା ପଞ୍ଚାୟତ କାର୍ଯ୍ୟାଳୟକୁ ସଂଯୋଗ କରୁଛି, କିନ୍ତୁ ଶହ ଶହ ବାଟୋଇ ଯିବା ଆସିବାରେ ଅସୁବିଧାରେ ସମ୍ମୁଖୀନ ହେବା ସହ ଗ୍ରାମର ଅନେକ ଲୋକ ନାନାଦି ରୋଗରେ ପଡୁଛନ୍ତି । ଏଥିସହ ଅନେକ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ତୁରନ୍ତ ପ୍ରଶାସନ ଏହି ସୋଲପାଟ ଗ୍ରାମରେ ଥିବା ରାସ୍ତାର ଅସୁବିଧା ଦୂରକରିବାକୁ ନିବେଦନ କରିଛନ୍ତି ଗ୍ରାମବାସୀ ।

# ଶ୍ୱଶୁରଙ୍କ ନାମରେ ବୋହୂର ଯୌନ ନିର୍ଯାତନା ଅଭିଯୋଗ

ରଘୁନାଥପୁର(ଭାସ୍କର ନ୍ୟୁଜ): ରଘୁନାଥପୁର ଥାନା ଅନ୍ତର୍ଗତ ଅଯୋଧ୍ୟାପୁର ଗ୍ରାମର ଜନୈକା ମହିଳା ନିଜ ଶ୍ୱଶୁରଙ୍କ ନାମରେ ଯୌନ ନିର୍ଯାତନା ଅଭିଯୋଗ ଥାନାରେ କରିଛନ୍ତି। ଏ ସମ୍ପର୍କରେ ଥାନାରେ କେସ ନଂ ୧୬୭/୨୫ରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ଥିବା ଆଇଆଇସି ସୁଶାନ୍ତ କୁମାର ସେଠି ପ୍ରକାଶ କରିଛନ୍ତି। ଅଭିଯୋଗ ଅନୁଯାୟୀ ଗ୍ରାମର ପ୍ରକାଶ ସାହୁଙ୍କ ପତ୍ନୀ ଲୋପାମୁଦ୍ରା ସାହୁ ସମ୍ବଲପୁରରେ ଏକ କମ୍ପାନୀରେ ଚାକିରି କରନ୍ତି। ସେ ଯେତେବେଳେ ଘରକୁ ଆସନ୍ତି ତାଙ୍କ ଶ୍ୱଶୁର ପୂର୍ଣ୍ଣଚନ୍ଦ୍ର ସାହୁ(୬୬) ଏକୁଟିଆ ପାଇ ଅଶ୍ଳୀଳ ଇଙ୍ଗିତ ସହ ଶାରୀରିକ ସଂପର୍କ ରଖିବାକୁ ବାଧ୍ୟ କରୁଥିବା ଲିଖିତ ଦର୍ଶାଇଛନ୍ତି। ଏହାଛଡା ଜଗତସିଂହପୁର ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ନ୍ୟାୟ ପ୍ରଦାନ ପାଇଁ ଅନୁରୋଧ କରିଛନ୍ତି। କିନ୍ତୁ ଶ୍ୱଶୁର ପୂର୍ଣ୍ଣଚନ୍ଦ୍ର ଏହାକୁ ଅସ୍ୱୀକାର କରିବା ସହ ଏଥିରେ ସତ୍ୟତା ନାହିଁ ବୋଲି କହିଛନ୍ତି। ଜମିବାଡ଼ି ସଂକ୍ରାନ୍ତିୟ ଅଯୋଧ୍ୟାପୁର ଗ୍ରାମର ଖାତା ନଂ ୨୮, ପ୍ଲଟ ନଂ ୫୬କୁ ନେଇ ମୋ ବିରୁଦ୍ଧରେ ଏକ ବିଧିବଦ୍ଧ ଷଡ଼ଯନ୍ତ୍ର ବୋଲି ସେ କହିଛନ୍ତି। ଏହାଛଡା ତାଙ୍କ ପୁଅର ବିବାହ ୬ ମାସ ହୋଇଥିବା ବେଳେ ଘରର ପ୍ରତ୍ୟେକ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଯାଇଛି। ଅଭିଯୋଗର ସତ୍ୟାସତ୍ୟ ଫୁଟେଜରୁ ମିଳିପାରିବ ବୋଲି କହିଛନ୍ତି। ଅନ୍ୟପକ୍ଷେ ବୋହୂ ଯେତେବେଳେ ଘରକୁ ଆସେ ସେତେବେଳେ ସେ ମୋ ଘରେ ନରହି ସାନଭାଇ ଘରେ ରୁହନ୍ତି ଏବଂ ବିଳମ୍ବିତ ରାତିରେ ପୁଅବୋହୂ ଆସି ତାଙ୍କ ପ୍ରକୋଷ୍ଠରେ ଶୋଇଥାନ୍ତି । କିଛି ବ୍ୟକ୍ତି ନିଜର ଚରିତାର୍ଥ ହାସଲ ପାଇଁ ମୋ ପୁଅ ବୋହୂକୁ ଶିଖାଇ ମୋ ବିରୁଦ୍ଧରେ ଏପରି ମିଥ୍ୟା ଅଭିଯୋଗ କରିଛନ୍ତି ବୋଲି ସେ କହିଛନ୍ତି।

# ଦୁଗ୍ଧ ଚାଷୀଙ୍କ ପାଇଁ ହେବ ସୋସାଇଟି: ବିଧାୟକ



କଣିହାଁ(ଭାସ୍କର ନ୍ୟୁଜ): କଣିହାଁ ବ୍ଲକ ସମଲ ବ୍ୟାରେଜ ଅତିଥି ଭବନରେ କୁଲେଇ, ସମଲ ଓ ହରିହରପୁର ପଞ୍ଚାୟତର ଗୋ ଚାଷୀମାନେ ଏକାଠି ହୋଇଥଲେ। ପାଲଲହଡା ବିଧାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୩ଟି ପଞ୍ଚାୟତର ଦୁଗ୍ଧ ଚାଷୀମାନେ କିପରି ଉପକୃତ ହେବେ ସେ ନେଇ ଆଲୋଚନା କରିଥିଲେ। ଏହା ସରକାରଙ୍କ ଯୋଜନା ପୂର୍ବ ସରକାର ସରକାରଙ୍କ ଯୋଜନାକୁ ଜନପ୍ରତିନିଧି ଲୋକଲୋଚନକୁ ଆଣୁନଥିଲେ, ବର୍ତ୍ତମାନ ମୋହନ ସରକାର ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଦୁଗ୍ଧ ଚାଷୀ କିପରି ଉପକୃତ ହେବେ ସବିଶେଷ ତଥ୍ୟ ରଖିଥିଲେ। କମଧେନୁ ଯୋଜନାରେ ଗୋଟିଏ ଗୁହାଳ ଗୃହ ଏବଂ ଦୁଇଟି ଗାଈ ରଖିପାରିବେ ଯାହାର ମୂଲ୍ୟ ୨ ଲକ୍ଷ ୩୦ ହଜାର ଟଙ୍କା ସରକାର ଦେଉଛନ୍ତି ଏବଂ ୭୦ ପ୍ରତିଶତ ରିହାତି ମିଳୁଛି। ଦୁଗ୍ଧଚାଷୀଙ୍କ ଏକ ସୋସାଇଟି ଏ ଅଞ୍ଚଳ କରି ରୋଜଗାର ସହ ଉପକୃତ ହେବା ପାଇଁ ବିଧାୟକ ଶ୍ରୀ ମହାନ୍ତି କହିଥିଲେ। ବୈଠକରେ କଣିହାଁ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ (ବିଭିଓ) ଯୋଗଦେଇ ଗୋ ଚାଷୀଙ୍କ ବିଭିନ୍ନ ସ୍କିମ ଉପରେ ଆଲୋକପାତ କରିଥିଲେ। କଣିହାଁ ସହକାରୀ ଗୋଷ୍ଠୀ ପ୍ରାଣୀଚିକିତ୍ସା ଅଧିକାରୀ (ଭିଏସ) ଧନ୍ୟବାଦ ଦେଇଥିବା ବେଳେ ଗୋଚାଷୀ ଗଣେଶ ମାଝୀ ସଭାପତିତ୍ୱ କରିଥିଲେ। ସମଲ ସରପଞ୍ଚ ଜିତେନ୍ଦ୍ର ବେହେରା, କୁଲେଇ ସରପଞ୍ଚ ଜ୍ୟୋତ୍ସ୍ନାମୟୀ ଗଡ଼ନାୟକ, ପୂର୍ବତନ ସରପଞ୍ଚ ବିଜୟ ପ୍ରଧାନ, ପ୍ରାଣୀ ଚିକିତ୍ସା ଅଧିକାରୀ ଦୁର୍ଗା ପ୍ରସାଦ ସାହୁ ସମେତ ୨୦୦ ଚାଷୀ ଯୋଗ ଦେଇଥିଲେ।

## ୫୪୮ କ୍ୱିଣ୍ଟାଲ ଗହମ ଲୁଟ୍ ଘଟଣାରେ ପ୍ରଶାସନ ଚୁପ୍

# ୧୧ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ବିଞ୍ଝାରପୁର(ଭାସ୍କର ନ୍ୟୁଜ): ଅଗଷ୍ଟ ୨୦୨୨ ମସିହା ବିଞ୍ଝାରପୁର ବ୍ଲକ ଯୋଗାଣ ବିଭାଗରେ ଗହମ ହରିଲୁଟ ନେଇ ପ୍ରଶାସନ ସଂପୃକ୍ତ ଯୋଗାଣ ଅଧିକାରୀଙ୍କୁ ବଦଳି କରି ଚୁପ୍ ବସି ପଡ଼ିଛି। ୫୪୮ କ୍ୱିଣ୍ଟାଲ ଗହମର ହିସାବ ମିଳୁନି। ସୂଚନା ଅଧିକାର ଆଇନରେ ତଥ୍ୟ ମଗା ଯାଇଥିଲେ ମଧ୍ୟ ଯୋଗାଣ ଅଧିକାରୀ ଶୁଭାଙ୍ଗୀ ରାୟ ସୂଚନା ଦେଇନଥିଲେ। ଏଭଳି ଏକ ଦୁର୍ନୀତି ମାମଲାରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ସତ୍ୟର ପର୍ଦ୍ଦାଫାଶ ପାଇଁ ଶେଷରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ଶାସନ୍ଦା ପଞ୍ଚାୟତର ପ୍ରାକ୍ତନ ସମିତି ସଭ୍ୟ ରାଣା ପ୍ରତାପ ମହାପାତ୍ର ଚେତାବନୀ ଦେଇଛନ୍ତି । ଶ୍ରୀ ମହାପାତ୍ରଙ୍କ ଅଭିଯୋଗ ଅନୁସାରେ ବିଞ୍ଝାରପୁର ବ୍ଲକ୍‌ରେ ୫୪୮.୧୧ କ୍ୱିଣ୍ଟାଲ ଗହମ ହଡପ ଘଟଣାରେ କେବଳ ବିଞ୍ଝାରପୁର ବ୍ଲକ୍ ନୁହ ଜିଲ୍ଲା ଯୋଗାଣ ବିଭାଗ ସମେତ ଜିଲ୍ଲା ପ୍ରଶାସନ ବି ସାମିଲ୍ ଥିବା ଜଣାପଡିଛି। ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିବାରୁ ବ୍ଲକ୍‌ର ପୂର୍ବତନ ଯୋଗାଣ ଅଧିକାରୀଣୀ ଶୁଭାଙ୍ଗୀ ରାୟ ତଥ୍ୟ ଉପଲବ୍ଧ ନଥିବା ଦର୍ଶାଇଥିଲେ। ପରେ ଉକ୍ତ ଯୋଗାଣ ଅଧିକାରିଣୀଙ୍କୁ ଜିଲ୍ଲାର ସୁକିନ୍ଦା ବ୍ଲକ୍‌କୁ ବଦଳି କରାଯାଇଥିଲା। ନୂତନ ଯୋଗାଣ ଅଧିକାରିଣୀ, ବିଡିଓ, ଶୁଭାଙ୍ଗୀ ରାୟ ଓ ସୁକିନ୍ଦା ବିଡିଓଙ୍କୁ ଚିଠି ଲେଖିଲା ପରେ ବି ଏହାକୁ ବେଖାତିର୍ ଓ ଅଣଦେଖା କରିଛନ୍ତି ଉଭୟ। ଏମିତି କି ତଥ୍ୟ ପ୍ରଦାନ ପାଇଁ ବିଞ୍ଝାରପୁର ବ୍ଲକ୍ ଯୋଗାଣ ବିଭାଗରେ କୌଣସି ଫାଇଲ ବି ନାହିଁ। ଅପରପକ୍ଷରେ ସରକାରୀ ଦପ୍ତର ସୂଚନା ଅଧିକାର ଆଇନ୍‌ରେ ତଥ୍ୟ ଭୁଲ ଓ ଜିଲ୍ଲା ଆଉ ବ୍ଲକ୍‌ର ରିପୋର୍ଟରେ ତାଳମେଳ ରହୁନଥିବା ଦେଖିବାକୁ ମିଳିଛି। ଜିଲ୍ଲା ପ୍ରଦାନ କରିଥିବା ତଥ୍ୟ ଆଉ ବ୍ଲକ୍ ତଥ୍ୟ ଭିତରେ ପାଖାପାଖି ୮୦୦ହ କ୍ୱିଣ୍ଟାଲ ଫରକ ରହୁଥିବା ଦେଖିବାକୁ ମିଳିଛି। ପାଖାପାଖି ୧୪ଶହ କ୍ୱିଣ୍ଟାଲ ଗହମ ହଡପ କରଯାଇଛି ବୋଲି ଶ୍ରୀ ମହାପାତ୍ର କୁହନ୍ତି। ଶେଷରେ ଶ୍ରୀ ମହାପାତ୍ର ଏନେଇ ଜିଲ୍ଲାଯୋଗାଣ ଅଧିକାରୀ ଓ ଜିଲାପାଳଙ୍କ ନଜରକୁ ଆଣିଥିଲେ। ଅଭିଯୋଗ ଉପରେ ତଦନ୍ତ ପାଇଁ ଲିଖିତ ଅଭିଯୋଗ ପରେ ବି ଏହାକୁ ଜିଲ୍ଲା ପ୍ରଶାସନ ଚାପି ଦେଇଛି। ଶେଷରେ ଦ୍ୱିତୀୟ ଥର ପାଇଁ ଶ୍ରୀ ମହାପାତ୍ର ଜିଲ୍ଲାପାଳ, ଜିଲ୍ଲାଯୋଗାଣ ଅଧିକାରୀ, ନିର୍ଦ୍ଦେଶକ ଓଡ଼ିଶା ଭିଜିଲାନ୍ସ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଲିଖିତ ଜଣାଇଛନ୍ତି । ଉପଯୁକ୍ତ ତଦନ୍ତ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆସନ୍ତା ୧୧ ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମୁଖରେ ଧାରଣା ଦିଆଯିବ ବୋଲି ଶ୍ରୀ ମହାପାତ୍ର ଚେତାବନୀ ଦେଇଛନ୍ତି।

## ରାତ୍ରିରେ କୁଶଭଦ୍ରାରୁ ବେଆଇନ ବାଲି ଖନନ

# ନଦୀପଠାରେ ହଜାର ହଜାର ଟ୍ରିପ୍ ଗଚ୍ଛିତ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ାରୁ ଲଘୁ ଖଣିଜ ଦ୍ରବ୍ୟ ଲୁଣ୍ଠନ ହେଉଥିବା ବେଳେ କୁଶଭଦ୍ରା ନଦୀ ପାଲଟିଛି ବାଲି ମାଟିମାଫିଆଙ୍କ ଚରାଭୂଇଁ । ପ୍ରତ୍ୟେକ ଦିନ ୧୨ରୁ ସକାଳ ୬ଟା ପର୍ଯ୍ୟନ୍ତ ଜେସିବି ମେସିନ୍ ସାହାଯ୍ୟରେ ବାଲି ଖୋଳାଯାଇ ବିକ୍ରି କରାଯାଉଛି । ଦୁଇ କୁଜିନେତା ବାଲି ଲୁଣ୍ଠନର ମଧ୍ୟସ୍ଥି ସାଜି ବିଭିନ୍ନ ଅଧିକାରୀଙ୍କ ନାମରେ ଅର୍ଥ ଆଦାୟ କରୁଥିବା ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି । କୁଶଭଦ୍ରା ନଦୀପଠା ସରକାରୀ ଜଙ୍ଗଲରେ ହଜାର ହଜାର ଟ୍ରିପ୍ ବାଲି ଗଚ୍ଛିତ ରଖାଯାଇ ବିକ୍ରି କରାଯାଉଛି । ସୂଚନା ଅନୁଯାୟୀ, କୁଶଭଦ୍ରା ନଦୀ ପାଲଟିଛି ବାଲି ମାଟି ମାଫିଆର ନିରାପଦ ସ୍ଥାନ । ପ୍ରତ୍ୟେକ ଦିନ ରାତ୍ରରେ ଜେସିବି ମେସିନ୍ ସାହାଯ୍ୟରେ ବାଲି ମାଟି ତଡ଼ା ଯାଇ ବାହାରକୁ ଚାଲଣ କରାଯାଉଥିବା ବେଳେ କୁଶଭଦ୍ରା ନଦୀ ପଠା ବାଲି ତୋଟା ଜଙ୍ଗଲରେ ହଜାର ହଜାର ଟ୍ରିପ୍ ବାଲି ଗଚ୍ଛିତ ରହିଥିଲେ ମଧ୍ୟ ଏଥିପ୍ରତି ଖଣି ବିଭାଗ କିମ୍ବା ସ୍ଥାନୀୟ ପ୍ରଶାସନ ନୀରବ ସାଜିବା ପଛରେ କ'ଣ ଉଦ୍ଦେଶ୍ୟ ରହିଛି ଏନେଇ ସାଧାରଣରେ ମତପ୍ରକାଶ ପାଇଛି । ଏହି ଘଟଣା ପ୍ରତି ତହସିଲଦାର ଦୃଷ୍ଟି ଦେବାକୁ ମଧ୍ୟ ଦାବି ହେଉଛି । ବାଲିମାଟି ଖଣି ବିଭାଗ ଅଧୀନକୁ ଯାଇଥିବା ବେଳେ ଖଣି ଅଧିକାରୀଙ୍କ ଦେଖା ମିଳୁନାହିଁ । କୁଶଭଦ୍ରା ନଦୀ ମୁହାଣ ପୋତି ହୋଇଯାଇ ଥିବାରୁ ଏହା ମାଫିଆଙ୍କ ପାଇଁ ପୁଷମାସ ପାଲଟିଛି । ଦୀର୍ଘଦିନ ଏପରି ଘଟଣା ଚାଲିଥିବା ବେଳେ ଗତ ସୋମବାର ବିଳମ୍ବିତ ରାତ୍ରରେ ପଞ୍ଚାୟତର ଅନେକ ବ୍ୟକ୍ତି ପ୍ରତିବାଦ କରିଥିଲେ । ମାତ୍ର ମାଫିଆମାନେ ପ୍ରତିବାଦକାରୀଙ୍କୁ ହତ୍ୟା ଧମକ ଦେଉଥିବା ବେଳେ କୁଜି ନେତା ମଧ୍ୟସ୍ଥତା ସାଜିଥିବା ଚର୍ଚ୍ଚା ଏବେ ଜୋର ଧରିଛି । ଏପରି ଘଟଣା ଘଟି ଚାଲିଥିବା ବେଳେ କୁଜି ନେତା ପାଇଁ ଦଳ ବଦନାମ ହେଉଛି । ଏ ଦିଗରେ ଦଳର ହାଇକମାଣ୍ଡର କ'ଣ ପାଇଁ ଦୃଷ୍ଟି ଦେଉ ନାହାନ୍ତି ତାହା ଏକ ପରିତାପର ବିଷୟ ବୋଲି ପଞ୍ଚାୟତର ଅନେକ ବ୍ୟକ୍ତି ମତପ୍ରକାଶ କରିଛନ୍ତି । ତୁରନ୍ତ ଏହି ଘଟଣା ପ୍ରତି ଦୃଷ୍ଟି ଦେଇ ଗଚ୍ଛିତ ବାଲିକୁ ଜବତ କରିବା ସହ ଚୋରା ବାଲି ବ୍ୟବସାୟୀ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି ।

# ମୁକୁନ୍ଦପୁର ପଞ୍ଚାୟତରେ ଷ୍ଟ୍ରିଟ୍‌ଲାଇଟ୍ ଦୁର୍ନୀତିର ତଦନ୍ତ ଆରମ୍ଭ

କୋରେଇ(ଭାସ୍କର ନ୍ୟୁଜ): ବର୍ତ୍ତମାନ କୋରେଇ ବ୍ଲକ ମୁକୁନ୍ଦପୁର ପଞ୍ଚାୟତର ଷ୍ଟ୍ରିଟଲାଇଟ ଦୁର୍ନୀତି ହାଟରେ ପଡ଼ି ଦାଣ୍ଡରେ ଗଡୁଛି । ଆଜି ଏନେଇ କୋରେଇ ବ୍ଲକରୁ ବିଡ଼ିଓଙ୍କ ନିର୍ଦ୍ଦେଶରେ ଏକ ପ୍ରତିନିଧି ଦଳ ମୁକୁନ୍ଦପୁର ପଞ୍ଚାୟତକୁ ଯାଇଥିଲେ । ପଞ୍ଚାୟତର ବିଭିର୍ନ୍ନ ୱାର୍ଡ ବୁଲି ଦେଖିବା ପରେ ପଞ୍ଚାୟତ ଅଫିସରେ ବସି ବିଭିନ୍ନ ଫାଇଲର ଖୋଳ ତାଡ଼ କରିଥିବା ଜଣାପଡିଛି । ଏନେଇ ଆମେ ତଦନ୍ତକାରୀ ଦଳର ମୁଖ୍ୟ ଏବିଡିଓ ଭରତ ଚନ୍ଦ୍ର ନାୟକଙ୍କୁ ଏ ବିଷୟରେ ପଚାରିଥିଲୁ, ସେ ତାଙ୍କ ପ୍ରତିକ୍ରିୟାରେ କହିଥିଲେ ତଦନ୍ତ ଚାଲୁ ରହିଛି, ଆମେ ତଦନ୍ତ ବିଷୟରେ କହିବା ପାଇଁ ପ୍ରାଧିକୃତ ନୁହେଁ । ତିନିଦିନ ଭିତରେ ତଦନ୍ତ ରୋପୋର୍ଟ ବ୍ଲକରେ ଦାଖଲ କଲେ ଆପଣ ଜାଣିପାରିବେ । ଏଠାରେ ପ୍ରଶ୍ନ ଉଠେ ବ୍ଲକର ଜଣେ କର୍ମଚାରୀ ଏଥିରେ ସଂପୃକ୍ତ ଥିବାବେଳେ ସେହି ବ୍ଲକର ପ୍ରତିନିଧି ଦଳ କି ପ୍ରକାର ତଦନ୍ତ କରିବେ ? ଅଞ୍ଚଳର ଲୋକ କହୁଛନ୍ତି କି ବ୍ଲକ ପ୍ରଶାସନ ଡାହାଣୀ ହୋଇ ଲାଗି ଗୁଣିଆ ହୋଇ ଝାଡୁଛନ୍ତି ! ଏଠାରେ ଉଲ୍ଲେଖ ଯୋଗ୍ୟ କି ଷ୍ଟ୍ରିଟଲାଇଟ ଦୁର୍ନୀତି ନେଇ ପଞ୍ଚାୟତର କିଛି ବ୍ୟକ୍ତିବିଶେଷଙ୍କ ଅଭିଯୋଗ ଅନୁଯାୟୀ ସେତେବେଳେ ପଞ୍ଚାୟତ ଦାୟିତ୍ୱରେ ଥିବା ପିଇଓ ସୁଦର୍ଶନ ସାହୁ ଓ ସରପଞ୍ଚ ଦୁହେଁ ମିଶି ଷ୍ଟ୍ରିଟଲାଇଟ ମରାମତି ପାଇଁ ମଞ୍ଜୁର ହୋଇଥିବା ଅର୍ଥକୁ ଆତ୍ମସାତ କରିଥିଲେ। ପଞ୍ଚାୟତର ଏକାଧିକ ଗ୍ରାମରେ ଖରାପ ହୋଇପଡ଼ିଥିବା ଷ୍ଟ୍ରିଟ୍‌ଲାଇଟଗୁଡ଼ିକ ମରାମତି ପାଇଁ ମଞ୍ଜୁର ହୋଇଥିବା ଅର୍ଥକୁ ଆତ୍ମସାତ କରିଛନ୍ତି ବୋଲି ଅଭିଯୋଗ ପଞ୍ଚାୟତର କିଛି ବ୍ୟକ୍ତି କୋରେଇ ବିଧାୟକଙ୍କୁ ଦେଇଥିଲେ । ବିଧାୟକ ତଦନ୍ତ ପାଇଁ ଜିଲ୍ଲା ପାଳଙ୍କୁ ସୁପାରିଶ କରିଥିଲେ । ଜିଲାପାଳଙ୍କ ପକ୍ଷରୁ ଜୁଲାଇ ୨୩ ତାରିଖରେ ପତ୍ର ସଂଖ୍ୟା ୯୪୨ରେ ଅଭିଯୋଗର ନିରପେକ୍ଷ ତଦନ୍ତ କରି ୧୦ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ କୋରେଇ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

# ପିଆଇସିଟିର ସାଧାରଣ ସଭା




ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ପୋର୍ଟ ମଜଦୁର ସଙ୍ଘ ପକ୍ଷରୁ ପାରାଦୀପ ଇଣ୍ଟରନ୍ୟାସନାଲ କାର୍ଗୋ ଟର୍ମିନାଲ (ପିଆଇସିଟି) ଶ୍ରମିକମାନଙ୍କର ଏକ ସାଧାରଣ ସଭା ମଙ୍ଗଳବାର ଦିନ ପାରାଦୀପ ବନ୍ଦର ନୂତନ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ହୋଇଯାଇଛି । ଏଥିରେ ମଜଦୁର ସଂଘର ସଭାପତି ବିଶିଷ୍ଟ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ଅଭିମନ୍ୟୁ ବେହେରା, ସାଧାରଣ ସମ୍ପାଦକ ପରେଶ ମୁର୍ମୁ, ଉପସଭାପତି ସୁବ୍ରତ ପ୍ରଧାନ, ସହ ସମ୍ପାଦକ ଦିଲ୍ଲୀପ ବଳିୟାରସିଂହ ଏବଂ ଉପଦେଷ୍ଟା ସର୍ବେଶ୍ୱର ବଳିୟାରସିଂହ ପ୍ରମୁଖ ଯୋଗଦେଇ ଶ୍ରମିକ ମାନଙ୍କ ବିଭିନ୍ନ ସମସ୍ୟା ଏବଂ ଏହାର ସମାଧାନ ଦିଗରେ ସଙ୍ଘର ବିଭିନ୍ନ ପ୍ରଚେଷ୍ଟା ଓ ସଫଳତା ଉପରେ ଆଲୋକପାତ କରିଥିଲେ । ତେବେ ପାରାଦୀପରେ ଶ୍ରମିକଙ୍କ ସ୍ୱାର୍ଥ ରକ୍ଷା ନିମନ୍ତେ ଛଦ୍ମବେଶି ଦଲାଲ ନେତାମାନଙ୍କଠାରୁ ଦୁରେଇ ରହିବା ଏକାନ୍ତ ଜରୁରୀ ବୋଲି ଶ୍ରମିକ ନେତା ଶ୍ରୀ ତ୍ରିପାଠୀ ଆହ୍ୱାନ ଦେଇଥିଲେ । ଏତଦବ୍ୟତୀତ ସ୍ଥାନୀୟ ଶ୍ରମିକ ମାନଙ୍କ ସାମୁହିକ ସ୍ୱାର୍ଥ ସୁରକ୍ଷା ଲାଗି ପାରାଦୀପ ପୋର୍ଟ ମଜଦୁର ସଙ୍ଘ ସର୍ବଦା ଚେଷ୍ଟିତ ବୋଲି ଉପସ୍ଥିତ ନେତୃବୃନ୍ଦ ଦୃଢୋକ୍ତି ପ୍ରକାଶ କରିଥିଲେ । ଏହି ସଭାରେ ଶତାଧିକ ଶ୍ରମିକ ଉପସ୍ଥିତ ହୋଇ ଅତୀତରେ ପିଆଇସିଟିରେ ଦଲାଲ ଶ୍ରମିକ ନେତା ବାପି ସର୍କେଲଙ୍କ ଦ୍ୱାରା କିପରି ଅତ୍ୟାଚାରିତ, ଅବହେଳିତ ଓ ପ୍ରତାରିତ ହୋଇଥିଲେ, ସେ ସମ୍ପର୍କର ନିଜର ଅଭିଜ୍ଞତା ବର୍ଣ୍ଣନା କରିଥିଲେ । ପ୍ରକାଶ ତ୍ରିପାଠୀଙ୍କ ନେତୃତ୍ୱାଧୀନ ସଂଘରେ ସାମିଲ ହେଲାପରେ କିପରି ସେମାନଙ୍କର ସମସ୍ୟା ସମାଧାନ ହେଉଛି ସେ ସମ୍ପର୍କରେ ଶ୍ରମିକମାନେ ବର୍ଣ୍ଣନା କରିଥିଲେ ।

# ପେଟ୍ରୋଲ ପମ୍ପରୁ ପିକଅପ୍ ଚୋରି: ପୋଲିସ ନିଷ୍କ୍ରିୟ

ସୋର(ଭାସ୍କର ନ୍ୟୁଜ): ପୁଣି ସୋରରେ ଗାଡ଼ି ଚୋରି ସକ୍ରିୟ। କିଛିଦିନ ପୂର୍ବରୁ ରାଧାବଲ୍ଲଭପୁରର ଯୋଗେନ୍ଦ୍ର ବେହେରାଙ୍କ ବାଇକ ରାତିରେ ଘରୁ ଚୋରି ହୋଇଯାଇଥିଲା। ମାତ୍ର ଉକ୍ତ ଚୋରିରେ ସୋର ପୋଲିସ ହାତ ଖାଲି ଥିବାବେଳେ ଗତକାଲି ରାତିରେ ସୋରରେ ଏକ ପିକ୍‌ଅପ୍ ଗାଡ଼ି ଚୋରି ହୋଇଥିବା ଜଣାପଡିଛି। ସୋର ଥାନାଠାରୁ ମାତ୍ର ୧୦୦ ମିଟର ଦୂରରେ ଥିବା ଏକ ପେଟ୍ରୋଲ ପମ୍ପରୁ ଗତକାଲି ରାତିରେ ଏକ ପିକ୍‌ଅପ୍ ଭ୍ୟାନ ଚୋରି ହୋଇଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ସୋର ଥାନା ତିଳଦା ଗ୍ରାମର ସୁଶାନ୍ତ କୁମାର ମଳିକ ପ୍ରତିଦିନ ଭଳି ଗତକାଲି ସଂଧ୍ୟାରେ ଓଡି୦୧କେ୧୮୧୨ ନମ୍ବର ବିଶିଷ୍ଟ ପିକ୍‌ଅପ୍ ଭ୍ୟାନଟିକୁ ୧୬ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ଭାରତ ପେଟ୍ରୋଲ ପମ୍ପରେ ରଖିଥିଲେ। ମାତ୍ର ସକାଳେ ଗାଡ଼ି ରଖିଥିବା ସ୍ଥାନରେ ନ ପାଇ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନୟାନ୍ତ ହେବା ପରେ ସୋର ଥାନାରେ ଗାଡ଼ି ଚୋରି ନେଇ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି। ତେବେ ସୋରରେ ବାରମ୍ବାର ଚୋରି ଡକାୟତି ଭଳି ଘଟଣା ଦିନକୁ ଦିନ ବଢ଼ି ଚାଲିଥିବାରୁ ଜନସାଧାରଣଙ୍କ ଭିତରେ ପୋଲିସର ନିଷ୍କ୍ରିୟତା ଚିନ୍ତା ବଢ଼ାଇଛି।

# ହାତଗୋଡ଼ ବାନ୍ଧି ମୁଣ୍ଡରେ ବନ୍ଧୁକ ଲଗାଇ ୫୦ ଲକ୍ଷ ଲୁଟ୍



ସୋର(ଭାସ୍କର ନ୍ୟୁଜ): ସୋର ଥାନା ଦହିସଡା ଗ୍ରାମରୁ ଗତକାଲି ରାତିରେ ହାତଗୋଡ ବାନ୍ଧି ଲୁଟେରାମାନେ ଲୁଟ କରିଥିବା ଜଣାପଡ଼ିଛି। ସୋର ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ପୁଣି ହାତଗୋଡ ବାନ୍ଧି ଲୁଟେରା ଲୁଟ କରିଛନ୍ତି । ଗତକାଲି ବିଳମ୍ବିତ ରାତିରେ ସୋର ଥାନା ଦହିସଡା ଗ୍ରାମର ଜ୍ଞାନେନ୍ଦ୍ର ଉପାଧ୍ୟାୟଙ୍କ ଘର ପଛପଟ କବାଟ ଭାଙ୍ଗି ୫ ଜଣ ଦୁର୍ବୃତ୍ତ ପଶିଥିଲେ। ପରେ ପରିବାରର ସମସ୍ତଙ୍କ ହାତଗୋଡ ବାନ୍ଧି ୫୦ ଲକ୍ଷର ଗହଣା ଓ ନଗଦ ଟଙ୍କା ସମେତ ଦୁଇଟି ମୋବାଇଲ ଲୁଟିନେଇଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ସୋର ପୋଲିସକୁ ଖବର ଦେଇଥିଲେ। ଖବର ପାଇବାର ଦୁଇଘଣ୍ଟା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ସୋର ପୋଲିସର ନିଷ୍କ୍ରିୟତା ପାଇଁ ଏପରି ଘଟଣା ବାରମ୍ବାର ଘଟୁଥିବାରୁ ଲୋକେ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି । ଜିଲ୍ଲା ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଇ ଜଣେ ଦକ୍ଷ ଥାନାଧିକାରୀଙ୍କ ନିଯୁକ୍ତି ପାଇଁ ଦାବି ହୋଇଛି।

# ଖଣତାପଶି ରାସ୍ତାରୁ ପଲସର ଗାଡ଼ି ଜବତ !

ବଡ଼ଚଣା(ଭାସ୍କର ନ୍ୟୁଜ): ମଙ୍ଗଳବାର ସକାଳୁ ରାସ୍ତାରେ ପଡିଥିବା ଏକ ପଲସର ଗାଡ଼ି ବଡ଼ଚଣା ପୋଲିସ ଉଦ୍ଧାର କରି ଥାନାରେ ରଖିଥିବା ସୂଚନା ମିଳିଛି । ସୂଚନା ଅନୁସାରେ ବଡ଼ଚଣା ଥାନା ଅଧିନସ୍ଥ ସୁଂଗୁଡା ପଂଚାୟତ ଖଣତାପସି ଦେଇ ରାଧାଦେଇପୁରକୁ ଯାଇଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତା କଡରେ ଏକ ପଲସର ବାଇକ ପଡିଥିବା ବଡ଼ଚଣା ପୋଲିସ କୌଣସି ସୂତ୍ରରୁ ଖବର ପାଇଥିଲା । ପରେ ଏକ ପୋଲିସ ଟିମ ସେଠାକୁ ଯାଇ ରାସ୍ତା କଡରେ ପଡିଥିବା ପଲସର ବାଇକକୁ ଉଦ୍ଧାର କର ବଡ଼ଚଣା ଥାନାରେ ରଖିଛି । ତେବେ ପ୍ରାଥମିକ ତଦନ୍ତ ଏହି ବାଇକକୁ କେହି ଦୃର୍ବୃତ୍ତ କେଉଁଠୁ ଆଣି ଏଠାରେ ପକାଇ ଦେଇ ଫେରାର ହୋଇଯାଇଥିବା ଜଣାଯାଇଛି । ବାଇକଟି ପୁରୁଣା ଏବଂ ଏହାକୁ ଦୁର୍ବୃତ୍ତମାନେ କେଉଁଠୁ ଆଣି ତେଲ ସରିଗଲା ପରେ ଏହି ରାସ୍ତା କଡରେ ପକାଇ ଦେଇଥିବା ସୂଚନା ମିଳିଛି ।

# '୧ କୋଟି ବୃକ୍ଷରୋପଣ କରାଯିବ'




ଜଳେଶ୍ୱର(ଭାସ୍କର ନ୍ୟୁଜ): ପରିବେଶକୁ ସନ୍ତୁଳନ ରଖିବାଲାଗି ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ମା'ଙ୍କ ଲାଗି ଗଛଟିଏ ଲଗାଇବାର ପ୍ରୟାସ ଆରମ୍ଭ ହୋଇଛି । ବିଭିନ୍ନ ସଂଗଠନ, ଶିକ୍ଷାନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ଗଛଲଗାଇବା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ଶ୍ରୀସତ୍ୟସାଇଙ୍କ ଜନ୍ମ ଶତବାର୍ଷିକ ଉପଲକ୍ଷେ ୧ କୋଟି ଗଛ ଲଗାଯିବ ବୋଲି ଜଳେଶ୍ୱର ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ସଂଗଠନ ପକ୍ଷରୁ କୁହାଯାଇଛି । ପ୍ରତ୍ୟେକ ଶିକ୍ଷାର୍ଥୀ ଗଛ ଲଗାଇବା ଓ ତାହାକୁ ବଂଚାଇ ରଖିବା ଲାଗି ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଅର୍ଜୁନ କୁମାର ଜେନା ସଭାପତିତ୍ୱ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ଏବିଇଓ ଜ୍ୟୋସ୍ନାରାଣୀ ପ୍ରଧାନ, ପୂର୍ବତନ ଏବିଇଓ ପ୍ରଫୁଲ୍ଲ ମହାନ୍ତି, ପୂର୍ବତନ ଜିଲା ବିଜ୍ଞାନ ସଂଯୋଜକ ସର୍ବେଶ୍ୱର ଜେନା, ସଂଗଠନର କର୍ମକର୍ତ୍ତା ମଧୁସୂଦନ ମହାନ୍ତି, ସଂଜୟ ପଣ୍ଡା, ସଂଜୟ ପ୍ରଧାନ, ଶିକ୍ଷକ ରାଜେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ବିଭିନ୍ନ ସ୍ଥାନରେ ଗଛଲଗାଇବା ଓ ତାର ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟ ପରିସର ମଧ୍ୟରେ ସଂଗଠନର ସଭ୍ୟ ଓ ଏନ୍‌ସିସି ଓ ଏନ୍‌ଏସ୍‌ଏସ୍ ଛାତ୍ରଛାତ୍ରୀ ଔଷଧିୟ ବୃକ୍ଷ ଓ ଅନ୍ୟାନ୍ୟ ଗଛ ଲଗାଇ ବଂଚାଇ ରଖିବାକୁ ଶପଥ ନେଇଥିଲେ ।

# ପ୍ରଥମଥର ପାଇଁ ଗୋପାଳପୁର ବନ୍ଦରରେ ଥର୍ମାଲ୍ କୋଇଲା ରପ୍ତାନି




ଛତ୍ରପୁର(ଭାସ୍କର ନ୍ୟୁଜ): ଓଡିଶାର ଅନ୍ୟତମ ଗଭୀରତା ବିଶିଷ୍ଟ ତଥା ସବୁଦିନିଆ ଓ ଚବିଶ ଘଣ୍ଟା ପରିଚାଳିତ ହେଉଥିବା ଗୋପାଳପୁର ବନ୍ଦର ଏକ ଗୁରୁତ୍ୱପୂର୍ଣ୍ଣ ପରିଚାଳନା ମାଇଲଖୁଣ୍ଟ ଅତିକ୍ରମ କରି ପ୍ରଥମ ଥର ପାଇଁ ଥର୍ମାଲ୍ କୋଲ୍ ରପ୍ତାନି ପରିବହନ ପରିଚାଳନା କରିଛି । ଏଥି ସହିତ ଗୋପାଳପୁର ବନ୍ଦର ଶକ୍ତି କ୍ଷେତ୍ରର ପଣ୍ୟ ପରିବହନରେ ପ୍ରବେଶ କରିଛି । ଏସ୍‌ଇଆଇଏଲ୍ ଏନର୍ଜି ଇଣ୍ଡିଆ ଲିମିଟେଡ୍ ଦ୍ୱାରା ପରିଚାଳିତ ଜାହାଜ ଏମ୍‌ଭି ପ୍ରୋପେଲ୍ ୱେଲ୍‌ଥ ପୋର୍ଟର ବର୍ଥରେ ଲଗାଯିବାପରେ କୋଇଲା ଲୋଡିଂ କରାଯାଇଥିଲା । ପ୍ରାୟ ୬୦,୦୦୦ ମେଟ୍ରିକ୍ ଟନ୍ ଥର୍ମାଲ୍ କୋଲ ମାତ୍ର ୨୪ ଘଣ୍ଟାରେ ଲୋଡ଼ କରାଯାଇଥିଲା, ଯାହା ଗୋପାଳପୁର ପୋର୍ଟରେ ଗୋଟିଏ ଜାହାଜରେ ସର୍ବାଧିକ ଲୋଡ଼ିଂର ନୂତନ ରେକର୍ଡ ସ୍ଥାପନ କରିଥିଲା । ଗୋପାଳପୁର ପୋର୍ଟ ପ୍ରଥମଥର ପାଇଁ ଥର୍ମାଲ୍ କୋଲ୍ ରପ୍ତାନି ସିପ୍‌ମେଂଟ୍‌ରେ ସଫଳତା ଅର୍ଜନ କରିଛି ଯାହା ପୋର୍ଟର ବିଭିନ୍ନ ପ୍ରକାରର ପଣ୍ୟ ସିପ୍‌ମେଂଟ୍ ପାଇଁ ବଢୁଥିବା କ୍ଷମତାକୁ ପ୍ରତିଫଳିତ କରୁଛି । ଏହି ଉପଲକ୍ଷେ ଜାହାଜର କ୍ରୁ ସଦସ୍ୟ, ପୋର୍ଟର ବରିଷ୍ଠ ଅଧିକାରୀ ଏବଂ ଅନ୍ୟାନ୍ୟ ଟର୍ମିନାଲ କର୍ମଚାରୀ ଐତିହାସିକ ଜାହାଜକୁ ସ୍ୱାଗତ ଜଣାଇବା ପାଇଁ ବର୍ଥରେ ଏକତ୍ରିତ ହୋଇଥିଲେ । ଆଦାନୀ ପୋର୍ଟସ୍ ଏବଂ ସ୍ପେସିଆଲ ଇକୋନୋମିକ୍ ଗୋପାଳପୁର ପୋର୍ଟ ଅଧିଗ୍ରହଣ କରିବାର ଏକ ବର୍ଷ ମଧ୍ୟରେ ଏହି ସଫଳତା ମିଳିଛି ଯାହା ଆଦାନୀ ଗ୍ରୁପ୍‌ର ପୂର୍ବ ଉପକୂଳରେ ଉପସ୍ଥିତି ବୃଦ୍ଧି ଏବଂ ସାରା ଭାରତରେ ମଲ୍‌ଟିମୋଡାଲ୍ ପଣ୍ୟ ସୁବିଧା ସମ୍ପ୍ରସାରଣ କରିବା ପ୍ରତି କମ୍ପାନିର ପ୍ରତିବଦ୍ଧତାକୁ ଦୃଢ଼ୀଭୂତ କରିଛି । ସଫଳତା ସମ୍ପର୍କରେ ଗୋପାଳପୁର ପୋର୍ଟର ବ୍ୟବସାୟ ମୁଖ୍ୟ କହିଛନ୍ତି ଯେ, ଏମ୍‌ଭି ପ୍ରୋପେଲ୍ ୱେଲ୍‌ଥରେ ସଫଳତାର ସହିତ ଥର୍ମାଲ୍ କୋଲ୍ ଲୋଡ଼ିଂ ଗୋପାଳପୁର ପୋର୍ଟ ପାଇଁ ଏକ ଗର୍ବର ମୁହୂର୍ତ୍ତ ଏବଂ ଆମର ବିଭିନ୍ନ ପ୍ରକାରର ପଣ୍ୟ ପରିଚାଳନା କରିବାର ଏକ ପ୍ରମାଣ । ଏସ୍‌ଇଆଇଏଲ୍ ଏନର୍ଜି ଇଣ୍ଡିଆ ଲିମିଟେଡ୍ ଗୋପାଳପୁର ପୋର୍ଟକୁ ଏକ ଲଜିଷ୍ଟିକ୍ ସହଯୋଗୀ ଭାବରେ ଚୟନ କରିଥିବାରୁ ଆମେ କୃତଜ୍ଞ । ଗୋପାଳପୁର ପୋର୍ଟ ଲୁହା ପଥର, ଚୂନପଥର, ଆଲୁମିନା, ସିମେଂଟ ଏବଂ ବର୍ତ୍ତମାନ ଥର୍ମାଲ୍ କୋଲ୍ ସମେତ ନିଜର ପଣ୍ୟ ବର୍ଗମାଳାକୁ ନିରନ୍ତର ବିସ୍ତାର କରୁଛି । ପାରାଦୀପ ଏବଂ ବିଶାଖାପାଟଣା ମଧ୍ୟରେ ପୂର୍ବ ଉପକୂଳରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଅବସ୍ଥିତ ଗୋପାଳପୁର ପୋର୍ଟ ଓଡିଶା, ଛତିଶଗଡ଼ ଏବଂ ଝାଡ଼ଖଣ୍ଡର ପ୍ରମୁଖ ଶିଳ୍ପ ହବ୍‌ଗୁଡ଼ିକୁ ସୁଗମ ମଲ୍‌ଟିମୋଡାଲ୍ ସଂଯୋଗ ପ୍ରଦାନ କରିବାରେ ସକ୍ଷମ । ବାର୍ଷିକ ୨୦ ନିୟୁତ ଟନ୍ କ୍ଷମତା ଏବଂ ୩ କାର୍ଯ୍ୟକ୍ଷମ ବର୍ଥ ସହିତ ବନ୍ଦର ୧୪.୫ ମିଟର ପର୍ଯ୍ୟନ୍ତ ଗଭୀରତା ବିଶିଷ୍ଟ ବୃହତ୍ କେପ୍ ସାଇଜ୍ ଜାହାଜିକୁ ସୁଗମତାର ସହ ପରିଚାଳନା କରୁଛି



କନ୍ଧମାଳ, (ଭାସ୍କର ନ୍ୟୁଜ୍) : ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ବରଗୋଛା ଆଶ୍ରମ ବିଦ୍ୟାଳୟଟି ୭୫ବର୍ଷରେ ପଦାର୍ପଣ କରିଛି । କିନ୍ତୁ ବର୍ତ୍ତମାନ ସମୟରେ ଉକ୍ତ ବିଦ୍ୟାଳୟଟି ବିଭିନ୍ନ ଅବ୍ୟବସ୍ଥା ଦେଇ ଗତି କରୁଥିବା ନେଇ ଛାତ୍ର ଛାତ୍ରୀ ଓ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି । ଏହି ବିଦ୍ୟାଳୟରେ ଥିବା ପାଚେରୀ ଦୀର୍ଘ ଦିନରୁ ଭାଙ୍ଗି ଯାଇଛି । ସୂଚନା ଅନୁସାରେ,ଉକ୍ତ ଆଶ୍ରମ ବିଦ୍ୟାଳୟଟି ୧୯୫୦ ମସିହାରେ ପ୍ରତିଷ୍ଠିତ କରାଯାଇଥିଲା । ଏହି ବିଦ୍ୟାଳୟରେ ଅଞ୍ଚଳର ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିର ୧୭୫ଜଣ ଛାତ୍ରଛାତ୍ରୀ ହଷ୍ଟେଲରେ ରହୁଥିବାବେଳେ ୨୯୩ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । କିନ୍ତୁ ଏହି ବିଦ୍ୟାଳୟର ଆନୁଷଙ୍ଗିକ ବ୍ୟବସ୍ଥା ଠିକ ନ ଥିବାରୁ ଛାତ୍ରଛାତ୍ରୀ ମାନେ ସୁସ୍ଥ ଅନୁଭବ କରୁନାହାନ୍ତି । ଏହି ବିଦ୍ୟାଳୟର ପାଚେରୀ ଭାଙ୍ଗି ଯାଇଥିବା ଅଭିଯୋଗ ପାଇ ପୂର୍ବତନ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ଓ କନ୍ଧମାଳ ବିଡ଼ିଓ ଶାମି ଜୟଶ୍ରୀ ରେଡ୍ଡି ପରିଦର୍ଶନ କରି ଶୀଘ୍ର ଏହାକୁ ମରାମତି କରାଯିବାର ପ୍ରତିଶ୍ରୁତି ଦେଇଥିବାବେଳେ ଏହାକୁ ୬ମାସ ହେଲା ଏହାର ମରାମତି ହୋଇ ନ ଥିବା ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଉଛି । ଏହି ବିଦ୍ୟାଳୟ ସମ୍ମୁଖ ଦେଇ ଅନେକ ନେତା,ମନ୍ତ୍ରୀ,ପ୍ରଶାସନ, ପୋଲିସ ଯିବାଆସିବା କରୁଛନ୍ତି । କିନ୍ତୁ ଏହି ପାଚେରୀ ନିର୍ମାଣ ଦିଗରେ କାହାରି ନିଘା ପଡ଼ି ନ ଥିବା ଅଭିଯୋଗ ହୋଇଛି । ସରକାର ଶିକ୍ଷା କ୍ଷେତ୍ରରେ ଅନେକ ଉନ୍ନତି ମୂଳକ ପଦକ୍ଷେପ ନେଉଥିବା କହୁଛନ୍ତି । କିନ୍ତୁ ଦୀର୍ଘଦିନରୁ ଭାଙ୍ଗି ପଡ଼ିଥିବା ଏହି ପାଚେରୀ ମରାମତି ହୋଇପାରି ନ ଥିବା ଜିଲ୍ଲା ପ୍ରଶାସନର ପାରିଗ ପଣିଆ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରଞ୍ଚି ପ୍ରସାଦ ମହାରଣାଙ୍କୁ ପଚାରିବାରୁ ଉକ୍ତ ପାଚେରୀ ମରାମତି କରିବାକୁ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି ।



# ମୌଳିକ ଅଧିକାର ପାଇଁ ଲଢେଇ: ରାଜରାସ୍ତାରେ ଆଦିବାସୀ ପରିବାର

ବାରିପଦା, (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା ବ୍ଲକ ଅନ୍ତର୍ଗତ ପଦ୍ମପୋଖରୀ ଗ୍ରାମ ପଞ୍ଚାୟତର ଧଧଡ଼ା ଗ୍ରାମର ଧନ୍ୟାଣ୍ଟି ପଡ଼ାର ୫୫ ଟି ଆଦିବାସୀ ପରିବାରଙ୍କ ନିକଟରେ ଆଜିବି ପହଞ୍ଚିନି ବିଜୁଳି । ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଏଠି ଦିଗହରା ହୋଇଥିବା ବେଳେ ବିଦ୍ୟୁତ ଆଲୋକ ଏମାନଙ୍କ ପାଇଁ ସ୍ୱପ୍ନ ସଦୃଶ । ଧନ୍ୟାଣ୍ଟି ଗ୍ରାମର ୫୫ ପରିବାର ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ ବିଦ୍ୟୁତ ସେବାରୁ ବଞ୍ଚିତ ରହିଛନ୍ତି । ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ ଏମାନଙ୍କ ଗ୍ରାମକୁ ବିଦ୍ୟୁତ ସଂଯୋଗ ନ ମିଳିଥିବା ଦୁଃଖଦ ଅବସ୍ଥା ନେଇ ଗ୍ରାମବାସୀ ବାରମ୍ବାର ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ସୁଫଳ ମିଳି ନଥିଲା । ଖବର ପ୍ରସାରଣ ସହିତ ସୋସିଆଲ ମିଡ଼ିଆ ଏକ୍ସ ସାଇଡ଼ରେ ଟୁଇଟ୍ ମଧ୍ୟ କରିଥିବା କହିଛନ୍ତି । ସବୁଠି ନିରାଶ ହୋଇ ପରିଶେଷରେ ଆଶା ପୋଷଣ କରି ସାହସ ବାନ୍ଧି ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମର ଆବାଳବୃଦ୍ଧବନିତା ସମସ୍ତେ ପହଞ୍ଚି ଶାନ୍ତିପୂର୍ଣ୍ଣ ଆନ୍ଦୋଳନରେ ବସିଛନ୍ତି । ଏହି ଆନ୍ଦୋଳନ ସଂପୂର୍ଣ୍ଣ ଅହିଂସ ଢଙ୍ଗରେ କରୁଛନ୍ତି ସେମାନେ । ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସେମାନଙ୍କର ପାରମ୍ପରିକ ଖାଦ୍ୟ ହାଣ୍ଡିଆ ଶାଗଭଜା ଓ ଘୁଗୁନି ଖାଇ ପ୍ରତିବାଦ କରିଛନ୍ତି ଯାହା ଚର୍ଚ୍ଚାର କାରଣ ପାଲଟିଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ପୂର୍ବରୁ ଗ୍ରାମବାସୀ ଗ୍ରାମରେ ଏକ ବୈଠକ ମାଧ୍ୟମରେ ଏହି ନିଷ୍ପତ୍ତି ସହିତ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ ସମାଜସେବୀ ନବୀନ ମୁଣ୍ଡୁରୀ, ବଳରାମ ଜାରିକା, ବିର୍ସା ମୁଣ୍ଡୁରୀ, ଶରତ ବିକାଶ ମଞ୍ଚର ସଭାପତି ଗାମାଏ ରାମିଲ ସିଂ ଗୋଇପାଇ, ମାନସିଂ ଜାରିକା, ଚକ୍ର ସିଂ ଓ ଅନ୍ୟ ଅନେକ ଗ୍ରାମବାସୀ ଉପସ୍ଥିତ ରହି ଏ ବାବଦରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ସହ ଦାବିପତ୍ର ଦେଇ ଅବଗତ କରାଇବା ନିମନ୍ତେ ସ୍ଥିରୀକୃତ ହୋଇଥିଲା । ଗ୍ରାମବାସୀଙ୍କ ଅଭିଯୋଗ ଯେ, ବିଦ୍ୟୁତ ବିନା ଜୀବନ ବେହାଲ । ଏବେ ସରକାରଙ୍କ ପକ୍ଷରୁ କାଳେଣି ତେଲ କିରୋସିନି ଯୋଗାଣ ବନ୍ଦ ହୋଇଛି । ଅପରପକ୍ଷରେ ଗ୍ରାମରେ ବିଦ୍ୟୁତ୍ ନ ଥିବାରୁ ଶିକ୍ଷାର୍ଥୀମାନେ ରାତିରେ ଅନ୍ଧାରେ ପାଠପଢ଼ି ପାରୁନାହାନ୍ତି, ଅନେକ ଲୋକ ଅନ୍ଧାର ଯୋଗୁଁ ସର୍ପ ଦଂଶନରେ ମୃତ୍ୟୁବରଣ କରୁଛନ୍ତି ବୋଲି ଅଭିଯୋଗ । ମୋବାଇଲ ଚାର୍ଜ ପାଇଁ ବଜାରକୁ ଯିବା ସହ ସେମାନେ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ବାଧ୍ୟ ହେଉଛନ୍ତି । ଗ୍ରାମବାସୀମାନେ ଅନେକଥର ଜିଲ୍ଲାପାଳ, ଉପ-ଜିଲ୍ଲାପାଳ ଓ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ସତ୍ତ୍ୱେ ଏପର୍ଯ୍ୟନ୍ତ କୌଣସି ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ ହୋଇନାହିଁ । ଅପର ପକ୍ଷରେ କେନ୍ଦ୍ର ସରକାରଙ୍କ 'ହରଘର ବିଦ୍ୟୁତ ଯୋଜନା' ବାଟବଣା ସାଙ୍ଗକୁ,'ଦୁଆରେ ସରକାର'ଯୋଜନା ଅପହଞ୍ଚ । ଏଭଳି ସ୍ଥିତିରେ ବୁଦ୍ଧିଜୀବୀ ପ୍ରଶ୍ନ ଉଠାଇଛନ୍ତି ଯେ ଏଭଳି ସ୍ଥିତିକୁ ଗ୍ରାମବାସୀଙ୍କ ଭାଗ୍ୟର ବିଡମ୍ବନା, ନା ବ୍ୟବସ୍ଥାର ବାବୁ ମାନଙ୍କର ଅବହେଳା । ଏହା ପ୍ରଗତି ପଥରେ ପ୍ରତିବନ୍ଧକ ସାଙ୍ଗକୁ ମୟୂରଭଞ୍ଜ ଜିଲ୍ଲାର ଏକ ଲଜ୍ଜାଜନକ ସ୍ଥିତି ସାରା ରାଜ୍ୟରେ ଜିଲ୍ଲାର ଚିତ୍ରକୁ ସମାଲୋଚିତ କରିବ । ତେବେ ଦେଖାଯାଉ ଖବର ପ୍ରସାରଣ ପରେ କେବେ ସୁଧୁରୁଛି ଗ୍ରାମବାସୀଙ୍କ ଭାଗ୍ୟ ।

## ଶ୍ରାବଣ ଶେଷ ସୋମବାରରେ କାଉଡିଆଙ୍କ ଭିଡ଼

ବୌଦ୍ଧ, (ଭାସ୍କର ନ୍ୟୁଜ୍) : ଶ୍ରାବଣ ମାସର ଶେଷ ସୋମବାରରେ ଅଞ୍ଚଳର ଶୈବପୀଠ ଗୁଡ଼ିକରେ କାଉଡିଆଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇ ଥିଲା । ଅଞ୍ଚଳର ଚଣ୍ଡିତଲ, ଚଣ୍ଡିଗଡ଼, ଦାମୋଦରପୁର, କୃଷ୍ଣପାଲି, ଖଲିଆପାଲି, ବନ୍ଧାପଥର, ପଲାଶ ଆଦି ପୀଠରେ କାଉଡିଆ ମାନେ ଜଳାଭିଷେକ କରିଥିଲେ । ବିଶେଷ କରି ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ଜଗତି ନିକଟସ୍ଥ ଐତିହାସିକ ଗନ୍ଧହାଡ଼ିର ସିଦ୍ଧେଶ୍ୱର ଓ ପଶ୍ଚିମ ସୋମନାଥ ଆଦି ପୀଠରେ କାଉଡିଆଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା । ଦୂରଦୂରାନ୍ତରୁ କାଉଡିଆମାନେ ଆସି ବିଭିନ୍ନ ଶୈବପୀଠ ନିକଟରେ ଥିବା ଗୋଷ୍ଠୀ କେନ୍ଦ୍ର, ସ୍କୁଲ, ବିଶ୍ରାମାଗାରରେ ରାତ୍ରି ଯାପନ କରି ସକାଳୁ ନିକଟସ୍ଥ ପୋଖରୀ, ନାଳ ଓ ନଦୀରେ ସ୍ନାନ କରି ଭାରରେ ପାଣି ଧରି ଶିବାଳୟକୁ ଯାତ୍ରା କରିଥିଲେ । ସେହିପରି ମନ୍ଦିର ପୂଜକ ଭୋରରୁ ଶୌଚ ସ୍ନାନ ସାରି ନୀତିକାନ୍ତି ଭାବେ ପୂଜା କରି ମନ୍ଦିର ଦ୍ୱାର ଖୋଲିଥିଲେ । ଦ୍ୱାର ଖୋଲିବା ମାତ୍ରେ କାଉଡିଆମାନେ ଜଳ ଲାଗି ଲମ୍ବା ଧାଡିରେ ଠିଆ ହୋଇଥିଲେ । ବିଶେଷକରି ଐତିହାସିକ ପୃଷ୍ଠଭୂମି ବହନ କରୁଥିବା ଗନ୍ଧରକ୍ଷଡ଼ି (ଚାରିଶମ୍ଭୁ) ପୀଠରେ ପ୍ରବଳ ଗହଳିକୁ ଆଶଙ୍କା କରି ମନ୍ଦିର କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । କାଉଡିଆମାନେ ଧାଡିରେ ଜଳଲାଗି କରିଥିଲେ । ଜିଲ୍ଲା ପ୍ରଶାସନ କି ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ପାଇଁ କୌଣସି ବ୍ୟବସ୍ଥା କରାଯାଇନଥିଲା । ଫଳରେ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା ।

## ନବାଗତ ବିଦ୍ୟାର୍ଥୀଙ୍କ ସ୍ୱାଗତ ଉତ୍ସବ

ଜଳେଶ୍ୱର, (ଭାସ୍କର ନ୍ୟୁଜ୍) : ଜଳେଶ୍ୱର ଯୁକ୍ତ ତିନି ମହିଳା ମହାବିଦ୍ୟାଳୟ ପରିସରରେ ସ୍ନାତକୋତ୍ତର ପ୍ରଥମ ବର୍ଷ ଛାତ୍ରୀଙ୍କ ସ୍ୱାଗତ ଉତ୍ସବ ମହା ଆଡମ୍ବର ସହିତ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ଦିଲ୍ଲୀପ କୁମାର ଘୋଷ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଡକ୍ଟର ପ୍ରଫୁଲ୍ଲ କୁମାର ଦେ, ମୁଖ୍ୟ ବକ୍ତା ମହା ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଶ୍ରୀଯୁକ୍ତ କାମଳାକାନ୍ତ ଚାନ୍ଦ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଉକ୍ତକାର୍ଯ୍ୟକ୍ରମରେ ସ୍ନାତକୋତ୍ତରବିଭାଗର ସଂଯୋଜକ ତଥା ମହା ବିଦ୍ୟାଳୟର ଇଂରାଜୀ ବିଭାଗର ବରିଷ୍ଠ ଅଧ୍ୟାପକ ସଂଗ୍ରାମ ପଟ୍ଟନାୟକ କାର୍ଯ୍ୟକ୍ରମ ଉପରେ ସବିଶେଷ ତଥ୍ୟ ଉପସ୍ଥାପନା କରିଥିଲେ । ଏହା ବ୍ୟତୀତ ଅଧ୍ୟାପିକା ଡକ୍ଟର ଲିପସା ଦାସ, ସୁସ୍ମିତା ପାତ୍ର, ଅଧ୍ୟାପକ ସତ୍ୟମୟ ଆଚାର୍ଯ୍ୟ ପ୍ରମୁଖ ନୂତନ ଛାତ୍ରଛାତ୍ରୀଙ୍କ ଉଦ୍ଦେଶରେ ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଆଦ୍ୟାପିକା ଅଣ ଶିକ୍ଷକ କର୍ମଚାରୀ ମାନେ ସୁଚାରୁରୂପେ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଚନ୍ଦ୍ରଶେଖର ଗିରି ଧନ୍ୟବାଦ ଅର୍ପଣ କରିଥିଲେ ।

# ନିଆଳି ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ

ନିଆଳି, (ଭାସ୍କର ନ୍ୟୁଜ୍) : ନିଆଳି କଲେଜ ୪ ଅଗଷ୍ଟ ୨୦୨୫ ସୋମବାର ଦିନ ଅତ୍ୟନ୍ତ ଉତ୍ସାହ ଏବଂ ଶ୍ରଦ୍ଧାର ସହିତ ଏହାର ୪୯ତମ ପ୍ରତିଷ୍ଠା ଦିବସ ପାଳନ କରିଚି । ସଂସ୍କୃତ ଅଧ୍ୟାପକ ପ୍ରଦୀପ୍ତ କୁମାର ମିଶ୍ରଙ୍କ ଦ୍ୱାରା ସ୍ୱାଗତ ଘୋଷଣା ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା, ଯିଏ ବୈଦିକ ସ୍ତୁତି ସହିତ ଆନୁଷ୍ଠାନିକ ଦୀପ ପ୍ରଜ୍ୱଳନ କରିଥିଲେ । ସମ୍ମାନିତ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଏବଂ ବ୍ୟାଚ୍ ଦେଇ ସମ୍ମାନିତ କରାଯାଇଥିଲା । ଅଧ୍ୟକ୍ଷ ଏବଂ ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରା ଉତ୍ତରୀୟ ପ୍ରଦାନ କରାଯାଇଥିଲା । ମିଳିତ ସ୍ୱରରେ ରାଜ୍ୟ ସଂଗୀତ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା । ନିଆଳି କଲେଜ ପରିବାରର ଚାରି ଜଣ ଦିବଂଗତ ସଦସ୍ୟଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା, ଯାହା ଅନୁଷ୍ଠାନର ଏକତା ଏବଂ ସ୍ମୃତି ଭାବନାକୁ ଗୁରୁତ୍ୱ ଦେଇଥିଲା । ପ୍ରଭୁ ଜଗନ୍ନାଥ ଭଜନର ଭକ୍ତିପୂର୍ଣ୍ଣ ପରିବେଷଣ କରାଯାଇଥିଲା, ଯାହା କାର୍ଯ୍ୟକ୍ରମରେ ଏକ ଆଧ୍ୟାତ୍ମିକ ସ୍ୱର ଯୋଡିଥିଲା । ଅଧ୍ୟକ୍ଷ ସ୍ୱାଗତ ଭାଷଣ ଦେଇଥିଲେ, କଲେଜ ପତ୍ରିକା 'ପ୍ରାଚୀ'ର ଉଦଘାଟନ କରାଯାଇଥିଲା । ପ୍ରଶାସନିକ ଅଧିକାରୀ, ଅଧ୍ୟାପକ ହରେକୃଷ୍ଣ ଦାସ, ସମ୍ମାନିତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଶଶିଭୂଷଣ ପରିଡା, କଲେଜର ବିକାଶ ଏବଂ ଏହାର ଶୈକ୍ଷିକ ଐତିହ୍ୟ ଉପରେ ଏକ ପ୍ରେରଣାଦାୟକ ଭାଷଣ ଦେଇଥିଲେ । ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଭାଗୀରଥି ଜେନା, ତାଙ୍କ କାର୍ଯ୍ୟକାଳର ନିଆରା ଅନୁଭୂତି ବାଣ୍ଟିଥିଲେ ଏବଂ ଛାତ୍ରମାନଙ୍କୁ ଶୈକ୍ଷିକ ଉତ୍କର୍ଷତା ହାସଲ କରିବାକୁ ଉତ୍ସାହିତ କରିଥିଲେ । ପ୍ରତିଷ୍ଠାତା ଅଧ୍ୟକ୍ଷ ଏସଜେ ମଦନ ମୋହନ ସାହୁଙ୍କୁ କଲେଜର ଦୃଷ୍ଟିକୋଣର ମୂଳଦୁଆ ସ୍ଥାପନ କରିବା ପାଇଁ ସ୍ୱାଗତ କରାଯାଇଥିଲା ଏବଂ କୃତଜ୍ଞତା ଜ୍ଞାପନ କରାଯାଇଥିଲା । ନିଆଳିର ବିଧାୟକ ଛବି ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ନିଜର ଅଭିଭାଷଣ ସହିତ କାର୍ଯ୍ୟକ୍ରମ ଜାରି ରଖି ଥିଲେ । ଶ୍ରୀ ମଲିକ ଅଞ୍ଚଳର ଶିକ୍ଷାଗତ ଅଭିବୃଦ୍ଧିରେ କଲେଜର ଅବଦାନକୁ ପ୍ରଶଂସା କରିଥିଲେ ଏବଂ ଏହାର ବିକାଶ ପାଇଁ ନିରନ୍ତର ସମର୍ଥନ ପ୍ରତିଶ୍ରୁତି ଦେଇଥିଲେ । ଏହି ଉତ୍ସବର ଶେଷ ଭାଗରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଅଧ୍ୟାପକ ଡକ୍ଟର ଶ୍ରୀଧର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ସେ ସମସ୍ତ ଅତିଥି, ଅଧ୍ୟାପକ, ଛାତ୍ର ଏବଂ ଆୟୋଜକଙ୍କୁ ଏହି କାର୍ଯ୍ୟକ୍ରମକୁ ଏକ ମହାନ ସଫଳତା ପାଇଁ କୃତଜ୍ଞତା ଜଣାଇଥିଲେ ।

## ଜିଲ୍ଲାପାଳଙ୍କ ଦ୍ୱାରା ଓରମାସର ରାକ୍ଷୀ ଷ୍ଟଲ ଉଦ୍‌ଘାଟିତ



ବୌଦ୍ଧ, (ଭାସ୍କର ନ୍ୟୁଜ୍) : ବୌଦ୍ଧ ସହର ମର୍ଜାକୁଦ୍ ବ୍ରିଜ ଛକରେ ଓରମାସ୍ ପକ୍ଷରୁ ପ୍ରତିଷ୍ଠା କରାଯାଇଥିବା ଅସ୍ଥାୟୀ ରାକ୍ଷୀ ଷ୍ଟଲ ଉଦ୍‌ଘାଟିତ ହୋଇଯାଇଛି । ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଷ୍ଟଲକୁ ଉଦଘାଟନ କରିଥିଲେ । ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ହାତ ନିର୍ମିତ ରାକ୍ଷୀ ଏହି ଷ୍ଟଲରେ ଉପଲବ୍ଧ ରହିଛି । ଉକ୍ତ ରାକ୍ଷୀ ଷ୍ଟଲ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତଥା ଭାରପ୍ରାପ୍ତ ଅତିରିକ୍ତ ଜିଲ୍ଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ମୁଖ୍ୟ ନିର୍ବାହୀ ଅଧିକାରୀ ଓରମାସ୍ ପ୍ରବୀଣ କୁମାର ଝା ଏବଂ ଓରମାସର ଅନ୍ୟ ଅଧିକାରୀ ଏବଂ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# ୱେବ ପୋର୍ଟାଲରେ ମଧ୍ୟାହ୍ନ ଭୋଜନ ବଣ୍ଟନ ଅଭିଯୋଗ

ସଇଁତଳା, (ଭାସ୍କର ନ୍ୟୁଜ୍) : ସଇଁତଳା ବ୍ଲକ ଭଦ୍ରା କ୍ଲଷ୍ଟର ବରମୁଣ୍ଡା ପ୍ରାଥମିକ ବିଦ୍ୟାଳୟରେ ଶନିବାର ସ୍କୁଲ ବନ୍ଦକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ସୂଚନାରୁ ପ୍ରକାଶ ଯେ ବରମୁଣ୍ଡା ପ୍ରାଥମିକ ବିଦ୍ୟାଳୟରେ ଦୁଇ ଜଣ ଶିକ୍ଷକ ନିଯୁକ୍ତି ହୋଇଥିବା ବେଳେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନେ ଅଧ୍ୟୟନ କରୁଛନ୍ତି । ହେଲେ ଗତ ଶନିବାର ଦିନ ଜଣେ ଶିକ୍ଷୟିତ୍ରୀ ଟ୍ରେନିଂ ଯାଇଥିବା ବେଳେ ପ୍ରଧାନ ଶିକ୍ଷକ ସ୍କୁଲକୁ ଆସିବା କଥା ହେଲେ ସ୍କୁଲକୁ ନଆସିବାରୁ ଛାତ୍ରଛାତ୍ରୀ ମାନେ ସ୍କୁଲ ସମ୍ମୁଖରେ ଘଣ୍ଟାଏ ପର୍ଯ୍ୟନ୍ତ ରହି ଶିକ୍ଷକ ନଆସିବାରୁ ଘରକୁ ଚାଲି ଯାଇଥିବା ବେଳେ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଅନ୍ୟ ପଟେ ଛୁଟି ଥାଇବି ମଧ୍ୟାହ୍ନ ଭୋଜନ ବଣ୍ଟନ କରାଯାଇଥିବା ପିଏମ୍ ପୋଷଣ ୱେବ ପୋର୍ଟାଲରେ ଦର୍ଶାଯାଇଥିବା ଆଶ୍ଚର୍ଯ୍ୟ କରିଛି । ଏନେଇ ସିଆର୍‌ସିସି ମନୋଜ ସାହୁଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ଫୋନ ଗ୍ରହଣ କରିନଥିଲେ । ଏନେଇ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗଙ୍କୁ ଫୋନରେ ଯୋଗାଯୋଗ କରିବାରୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି ।

# ୪ ଖ୍ରୀଷ୍ଟିଆନ ପରିବାର ବାସହରା ହୋଇ ଥାନାର ଦ୍ୱାରସ୍ଥ






ବନ୍ଧୁଗାଁ, (ଭାସ୍କର ନ୍ୟୁଜ୍) : କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ଯାଗୁଗୁଡା ପଞ୍ଚାୟତ ଅଣ୍ଟାମଡା ଗ୍ରାମରେ ଦୁଇ ମାସ ତଳେ ୪ ଜଣ ଖ୍ରୀଷ୍ଟିଆନ ପରିବାରଙ୍କୁ ମାଡ ମାରି, ତାଙ୍କ ଘର ଭାଙ୍ଗି, ଗାଁରୁ ତଡ଼ି ଦେବା ପରେ ଗାଁକୁ ଶାନ୍ତି ଫେରିବା ବଦଳରେ ପୁନର୍ବାର ଅଶାନ୍ତ ହୋଇଯାଇଛି । ଉକ୍ତ ପରିବାର ଗାଁ ଛାଡ଼ିବା ପରେ ଜଙ୍ଗଲରେ କରିଥିବା ଅସ୍ଥାୟୀ କୁଡ଼ିଆ ଘରେ ନିଆଁ ଲଗାଇ ଗାଁରୁ ଘଉଡ଼ାଇ ଦେଇଥିବା ଦେଖିବାକୁ ମିଳିଛି । ସୂଚନା ଅନୁଯାୟୀ ଆଜକୁ ଦୁଇ ମାସ ତଳେ ଖ୍ରୀଷ୍ଟିଆନ ଧର୍ମ ଗ୍ରନ୍ଥ ବାଇବଲ ପ୍ରଚାର ଶୁଣିବା ପାଇଁ ଯାଇଥିଲେ କିଛି ବ୍ୟକ୍ତି । ଗାଁ ଲୋକେ ଉକ୍ତ ଲୋକମାନେ ଖ୍ରୀଷ୍ଟିଆନ ଧର୍ମର ହୋଇଥିବା ଜାଣି ୪ଟି ପରିବାରଙ୍କୁ ମାଡ ମାରି, ଘର ଭାଙ୍ଗି ଗାଁରୁ ତଡି ଦେଇଥିଲେ । ସେତେବେଳେ ସେମାନେ ପୋଲିସ ଥାନାର ଦ୍ୱାରସ୍ଥ ହୋଇଥିଲେ । ପରେ ଥାନା ତରଫରୁ ଗାଁର ୬ ଜଣଙ୍କ ନାମରେ କେସ ରୁଜୁ କରି କୋର୍ଟକୁ ପଠାଇ ଦେଇଥିଲେ । ସେବେଠାରୁ ଖ୍ରୀଷ୍ଟିଆନ ୪ ପରିବାର ଭୟରେ ତହସିଲଦାର୍‌ଙ୍କ ଦ୍ୱାରା ମିଳିଥିବା ଟାରପଲ ପାଇ ପାହାଡ ଉପରେ କୁଡ଼ିଆ ଘର କରି ବସବାସ କରୁଥିଲେ । ସମସ୍ୟାର ସମାଧାନ ପାଇଁ ଗାଁରେ ଶାନ୍ତି କମିଟି ଗଠନ କରି ଶାନ୍ତି ଫେରାଇ ଆଣିବା ଲାଗି ଥାନା ଆଇଆଇସି ପ୍ରସନ୍ନ କୁମାର ମିଶ୍ର, ସ୍ଥାନୀୟ ତହସିଲଦାର, ସୋନାଲି ପାତ୍ର, ଏସ୍‌ଡିପିଓ ବିରଞ୍ଚି ନାରାୟଣ ଜଗଦେବ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା ଓ କୋଟପାଡ଼ ବିଧାୟକ ଗାଁରେ ପହଞ୍ଚି ଶାନ୍ତି ଫେରାଇ ଆଣିବା ପାଇଁ ଚେଷ୍ଟା କରିଥିଲେ । କୌଣସି କାରଣରୁ ଗାଁ ଲୋକେ ସେହି ୪ ପରିବାରଙ୍କୁ ଗାଁରେ ଥିବା ଘରକୁ ଆସିବାକୁ ଦେଇ ନ ଥିଲେ । କିନ୍ତୁ ସେହି ୪ ପରିବାର ଆଜକୁ ୪ ଦିନ ତଳେ ନିଜ ଚାଷ ଜମିକୁ ଆସି ପୁଣି ଟାରପଲ ପରିବାର ସହିତ ରହୁଥିଲେ । ଶନିବାର ଦିନ ରାତ୍ର ୯ ଘଣ୍ଟା ସମୟରେ ପୁନର୍ବାର ଗାଁ ଲୋକେ କୁଡ଼ିଆ ଘରେ ଅସ୍ତ୍ର ସତ୍ର ଧରି ଲୋକଙ୍କୁ ମାରିବା ପାଇଁ ପହଞ୍ଚିବା ପରେ ୪ ପରିବାର ଜୀବନ ବିକଳରେ ପାହାଡ ଉପରକୁ ଚାଲି ଯାଇଥିଲେ । ପରେ ଗାଁ ଲୋକେ କୁଡ଼ିଆ ଘର ଭାଙ୍ଗିବା ସହିତ ପିନ୍ଧିବା ବସ୍ତ୍ର, ଟାରପଲ, ଖାଦ୍ୟ ସାମଗ୍ରୀ କୁ ନିଆ ଲଗାଇ ଦେଇଛନ୍ତି । ରବିବାର ସକାଳେ ୪ ପରିବାର ସମସ୍ତ ସଦସ୍ୟ ବନ୍ଧୁଗାଁ ଥାନା ଆଇଆଇସି ପ୍ରସନ୍ନ କୁମାର ମିଶ୍ରଙ୍କୁ ସାକ୍ଷାତ କରି ସମସ୍ତ ବିଷୟରେ ଅବଗତ କରିଛନ୍ତି । ବର୍ତ୍ତମାନ ଅସହାୟ ଅବସ୍ଥାରେ ଲୋକଙ୍କ ପିଣ୍ଡାରେ କିଏ ଦେଲେ ମୁଠାଏ ଖାଇ ଘୁରି ବୁଲି ସାଉଛନ୍ତି । ଗାଁରେ ଶାନ୍ତି କେବେ ଫେରିବ, କେବେ ଏହି ୪ ପରିବାର ନ୍ୟାୟ ପାଇ ନିଜ ଘରକୁ ଫେରିବେ ଆଜି ପର୍ଯ୍ୟନ୍ତ ଗାଁରେ ଅଶାନ୍ତି ସୃଷ୍ଟି କରିବା ପାଇଁ ଯେଉଁ କିଛି ଲୋକଙ୍କ ହାତ ଅଛି ସେମାନେ ବାହାରେ ରହି ମଜା ନେଉଛନ୍ତି ।

# ଶିକ୍ଷକଙ୍କ ଉପସ୍ଥାପନକୁ ଜିଲ୍ଲା ପ୍ରାଥମିକ ଶିକ୍ଷକଙ୍କ ବିରୋଧ



ମାଲକାନାଗିରି, (ଭାସ୍କର ନ୍ୟୁଜ୍) : ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ହରିପୁର ରୋଡ କଟକ, ମାଲକାନଗିରି ଶାଖା ଆନୁକୁଲ୍ୟରେ, ସଭାପତି ତାରକ ମଣ୍ଡଳଙ୍କ ନେତୃତ୍ୱରେ ମାଲକାନଗିରି ଜିଲ୍ଲା ସମସ୍ତ ସାତୋଟି ଯାକ ବ୍ଲକର ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ, ଅନଲାଇନ୍ ଉପସ୍ଥାନ ପ୍ରକ୍ରିୟା ୟୁଏଏସ୍‌କୁ ବିରୋଧ ପୂର୍ବକ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଓ ମାନ୍ୟବର ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ, ମାଲକାନଗିରି ଜିଲ୍ଲାପାଳ ମହୋଦୟ ଓ ମାଲକାନଗିରି ଜିଲ୍ଲା ଶିକ୍ଷା ଅଧିକରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହିଠାରେ ଉଲ୍ଲେଖ ଯୋଗ୍ୟ ଏହିକି ଯେ ସ୍କୁଲ ଓ ଗଣଶିକ୍ଷା ବିଭାଗ ତରଫରୁ ଏଲେମେଣ୍ଟରୀ ସ୍ତରରେ ୟୁଏଏସ୍ ପୋର୍ଟାଲ ମାଧ୍ୟମରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ମାନଙ୍କର ଉପସ୍ଥାନ ଗ୍ରହଣ କରାଯିବାର ନିର୍ଦ୍ଦେଶ ଅଛି । କିନ୍ତୁ ଶିକ୍ଷକ ସଂଘର କହିବା କଥା ଏହି କି ଯେ, ଆବଶ୍ୟକୀୟ ଭିତ୍ତିଭୂମିର ଅଭାବ, ନେଟୱର୍କ ଅଭାବ ଓ ଶିକ୍ଷକ ଶିକଷୟିତ୍ରୀମାନେଙ୍କୁ ନାନା ଅଣ ଶିକ୍ଷଣ କାର୍ଯ୍ୟରେ ନିୟୋଜନ କରାଯାଉଥିବାରୁ ଟଇଝ ମାଧ୍ୟମ, ମାଲକାନଗିରି ଭଳି ଉପାନ୍ତ ଅଞ୍ଚଳରେ ଉପସ୍ଥାନ ନେବା ଏକ ପ୍ରକାର ଶିକ୍ଷକ ଉପରେ ମାନସିକ ନିର୍ଯ୍ୟାତନା ଭଳିହେବ । ପୁଣି ଶିକ୍ଷକ ଶିକ୍ଷୟିତ୍ରୀ ନିଜ ବ୍ୟକ୍ତିଗତ ମୋବାଇଲରେ ନିଜ ନେଟ ପ୍ୟାକ୍‌ରେ ଏଭଳି ପୋର୍ଟାଲକୁ ଆକ୍ସେସ କରିବା ନିରାପଦ ନୁହେଁ ବୋଲି ଯୁକ୍ତି କରିଛନ୍ତି । ଜିଲ୍ଲାପାଳ ଓଡିଇଓ ମାଲକାନଗିରିଙ୍କୁ ଦାବିପତ୍ର ପ୍ରଦାନ କରିବା ଅବସରରେ ଜିଲ୍ଲା ସଂଘର ସଂପାଦକ ଦାମୋଦର ସାହୁ, ରାଜ୍ୟ ଉପସଭାପତି ରଞ୍ଜିତ ନାୟକ, ମାଲକାନଗିରି ବ୍ଲକ ଶିକ୍ଷକ ସଂଘ ସଭାପତି ରାମ ପ୍ରସାଦ ପାଢ଼ୀ ତଥା ମଙ୍ଗଳା ଜେନା, ଏମ୍ ବିଚେନ୍, ରୁଦ୍ର ମାଧବ ମେହେର ତଥା ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲ । ତୋକାଲ୍ ବଚେନ୍, ହିମାଂଶୁ ପାଢୀ, ସଞ୍ଜୟ ରାଇଶିଁ, ଦିଲୀପ କୁମାର ନାୟକ ଓ ଅର୍ଚ୍ଚନା ସେଠୀ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ ।

## 'ନ୍ୟାୟ ବ୍ୟବସ୍ଥାର ନୂଆ ରୂପ' ସମ୍ପର୍କିତ ସଚେତନତା



ଟାଙ୍ଗୀ, (ଭାସ୍କର ନ୍ୟୁଜ୍) : ଚାନ୍ଦପୁର ଥାନା ପକ୍ଷରୁ ନ୍ୟାୟ ବ୍ୟବସ୍ଥାର ନୂଆ ରୂପ ସମ୍ପର୍କରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଚାନ୍ଦପୁର ଥାନା ନିରୀକ୍ଷକ ଦିଲୀପ କୁମାର ସ୍ୱାଇଁ ଜନସାଧାରଣ ମାନଙ୍କୁ ଭାରତୀୟ ନ୍ୟାୟ ସଂହିତା ସମ୍ପର୍କରେ ଅବଗତ କରାଇଥିଲେ । ଥାନାର ଉପ-ନିରୀକ୍ଷକ ଶ୍ରଦ୍ଧା ନାୟକ, ବରିଷ୍ଠ ଆଇନଜୀବୀ ତଥା ଅବସରପ୍ରାପ୍ତ ନ୍ୟାୟାଧିଶ ନାରାୟଣ ମହାପାତ୍ର ପ୍ରମୁଖ ଯୋଗ ଦେଇ ଆଇନର ନୂଆ ରୂପରେଖ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଆଇନଜୀବୀ, ବରିଷ୍ଠ ନାଗରିକ, ସମାଜସେବୀ, ଯୁବବର୍ଗ ଏବଂ ଚାନ୍ଦପୁର ଥାନା ଅଞ୍ଚଳର ବିଭିନ୍ନ ଜନ ପ୍ରତିନିଧିଙ୍କ ସମେତ ବିଭିନ୍ନ ମହିଳା ସଂଗଠନ ସାମିଲ ହୋଇଥିଲେ । ଏହି ଅବସରରେ ୫୦ ଜଣ ବରିଷ୍ଠ ନାଗରିକଙ୍କୁ ଚାନ୍ଦପୁର ପୋଲିସ ପକ୍ଷରୁ ବରିଷ୍ଠ ନାଗରିକ ପରିଚୟ ପତ୍ର ବଣ୍ଟନ କରାଯାଇଥିଲା । ଚାନ୍ଦପୁର ଥାନା ଦ୍ୱାରା ନୂତନ ଫୌଜଦାରୀ ଆଇନ କାର୍ଯ୍ୟକାରୀ କରାଯାଉଥିବା ସମ୍ପର୍କରେ ସମସ୍ତଙ୍କୁ ସଚେତନତା କରାଇଥିଲେ ଚାନ୍ଦପୁର ଥାନା ନିରୀକ୍ଷକ ଦିଲୀପ କୁମାର ସ୍ୱାଇଁ । ଶାନ୍ତ ବାତାବରଣ ଓ ପୋଲିସର ନ୍ୟାୟିକ ବ୍ୟବସ୍ଥାରେ ସମସ୍ତଙ୍କ ସହଯୋଗ ଲୋଡିଥିଲେ ଚାନ୍ଦପୁର ଥାନା ନିରୀକ୍ଷକ ଶ୍ରୀ ସ୍ୱାଇଁ ।

### ପଳସାଗୋରା ହାଇସ୍କୁଲରେ ଶିକ୍ଷକ ଅଭାବ

## ସଂସ୍କୃତ ଶିକ୍ଷକଙ୍କ ଡେପୁଟେସନ ରଦ୍ଦ କରାଯିବାକୁ ଦାବି



କନ୍ଧମାଳ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ଅନ୍ତର୍ଗତ ପଳସାଗୋରା ଠାରେ ମିଳିତ ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ୧୯୭୧ ମସିହାରେ ସ୍ଥାପନ କରାଯାଇଥିଲା । ଉକ୍ତ ବିଦ୍ୟାଳୟରୁ ଶିକ୍ଷା ଗ୍ରହଣ କରି ଏବେ ହଜାର ହଜାର ଛାତ୍ର, ଛାତ୍ରୀ ଦେଶର କୋଣ ଅନୁକୋଣରେ କାର୍ଯ୍ୟରତ ଅଛନ୍ତି କ୍ଷ ଉକ୍ତ ବିଦ୍ୟାଳୟରେ ନବମ ଓ ଦଶମ ଶ୍ରେଣୀ ମିଶି ୩୬୫ ଜଣ ଛାତ୍ର ଛାତ୍ରୀ ଏବେ ପାଠ ପଢୁଛନ୍ତି କ୍ଷ ସେଥି ମଧ୍ୟରୁ ସଂସ୍କୃତ ବିଷୟରେ ନବମରେ ୫୦ଜଣ ଓ ଦଶମରେ ୯୧ଜଣ ଛାତ୍ର ଛାତ୍ରୀ ପଢୁଛନ୍ତି କ୍ଷ ପ୍ରାୟ ଏକ ବର୍ଷ ରୁ ଅଧିକ ହେବ ଉକ୍ତ ବିଦ୍ୟାଳୟର ସଂସ୍କୃତ ଶିକ୍ଷକଙ୍କୁ ଏଠାରୁ ସପ୍ତାହକୁ ତିନିଦିନ ଡେପୁଟେସନ ରେ କନ୍ଧମାଳ ବ୍ଲକ ଅନ୍ତର୍ଗତ ଯୁଗୀନ୍ଦ୍ରପୁର ହାଇସ୍କୁଲକୁ ନିଆ ଯାଇଛିକ୍ଷ ଫଳରେ ୧୪୧ ଜଣ ପିଲାଙ୍କ ସଂସ୍କୃତ କ୍ଲାସରେ ପାଠପଢା ବହୁ ଅସୁବିଧା ହେଉଛି । ସପ୍ତାହକୁ ୬ ଦିନ ସଂସ୍କୃତ କ୍ଲାସ କରାଯିବାକୁ ଓ ସଂସ୍କୃତ ଶିକ୍ଷକଙ୍କ ଡେପୁଟେସନ କେନସେଲ କରିବାକୁ ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ନବୀନ କୁମାର ମହାପାତ୍ର ଦାବି କରିଛନ୍ତି କ୍ଷ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୟନ୍ତ କୁମାର ପ୍ରଧାନ ଅବସର ନେଲା ପରେ ସେହି ଦିନଠାରୁ ପ୍ରଧାନ ଶିକ୍ଷକ ପଦବି ମଧ୍ୟ ଖାଲି ପଡିଛି କ୍ଷ ସେହି ଦିନଠାରୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକରେ ଚାଲିଛି ପଳସାଗୋରା ହାଇସ୍କୁଲ । ଏହି ପୁରାତନ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକଙ୍କ ସମେତ ବିଜ୍ଞାନ ଶିକ୍ଷକ (ପିସିଏମ ) ମଧ୍ୟ ନିଯୁକ୍ତି ଦେବାକୁ ଛାତ୍ର, ଛାତ୍ରୀ, ଓ ଅବିଭାବକ ମହଲରେ ଦାବି ହେଉଛି ।

# ଯାତ୍ରା କମିଟି ମହାସଂଘର କାର୍ଯ୍ୟକାରିଣୀ ବୈଠକ



ପୁରୁଷୋତ୍ତମପୁର, (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲାବାସି ଯାତ୍ରା ପ୍ରେମୀ । କେଉଁଠି କୋଠିଶାଳ ଯାତ୍ରା ହୁଏ ତ ସାମାଜିକ ନାଟକ ମଞ୍ଚସ୍ଥ ହୁଏ । କେଉଁଠି ମନ୍ଦିର ପ୍ରତିଷ୍ଠା ଉତ୍ସବ ହୁଏ ତ ସେଠି ସାମାଜିକ ନାଟକ ଦେଖିବାକୁ ମିଳେ । ଗାଁ ଗାଁରେ ପର୍ବ ପର୍ବାଣି ରେ ଯେଉଁଠି ସେହିଠି ନାଟକ ମଞ୍ଚସ୍ଥ ଶୁଣି ଦୌଡ଼ି ଥାନ୍ତି ଯାତ୍ରା ପ୍ରେମୀ । ସାରା ଜିଲ୍ଲାରେ ଯାତ୍ରା କଳାକାର ଭର୍ତ୍ତି ହୋଇ ଅଛନ୍ତି । ତେଣୁ ଗଞ୍ଜାମର ପ୍ରସିଦ୍ଧ ଦଣ୍ଡ ଯାତ୍ରା ବାହାରି ପଡିଲେ ଗ୍ରାମାଞ୍ଚଳ କଳାକାର ମାନଙ୍କ ବହୁଳ ଭାବେ ଦେଖିବାକୁ ମିଳିଥାଏ । ସାରା ଜିଲ୍ଲା ଏହି ସମୟରେ ଚଳ ଚଞ୍ଚଳ ହୋଇ ଉଠେ । ତଥାପି ରାଜ୍ୟ ସ୍ତରରେ ବଳିଷ୍ଠ କଳାକାର ମାନଙ୍କୁ ନେଇ ଗଢିଉଠିଥିବା ଯାତ୍ରା (ଅପେରା) ମାନଙ୍କ ଚାହିଦା ଗଞ୍ଜାମରେ ବେଶି ଆଦୃର୍ତ୍ତ ହୋଇ ଆସିଛି । ବର୍ଷ ସାରା ଗଞ୍ଜାମ ଜିଲ୍ଲା ଗ୍ରାମାଞ୍ଚଳ କଳାକାର ମାନଙ୍କ ନାଟକ ମଞ୍ଚସ୍ଥ ଦେଖୁଥିଲେ ସୁଦ୍ଧା କେଉଁଠି ରାଜ୍ୟ ସ୍ତରୀୟ ଯାତ୍ରା (ଅପେରା) ନାଟକ ହେଉଥିବା ଖବର ଶୁଣି, ଦର୍ଶକ ଶହ ଶହ ଟଙ୍କାର ଟିକେଟ କାଟି ନାଟକ ଦେଖିବା ପାଇଁ ରଣ୍ଡ ହୁଅନ୍ତି । ଏହା ଏକ ବ୍ୟବସାୟିକ ଲାଭ ବାନ ହେବା ନେଇ ଅପେରା କୁ ଆଣିଥିବା କମିଟି କେଉଁଠି ନା କେଉଁଠି କ୍ଷତି ମଧ୍ୟ ସହିଥାନ୍ତି । ଅପେରା ମାଲିକ ମାନେ କମିଟି ପ୍ରତି ଠିକ ବ୍ୟବହାର କରୁନଥିବା ନେଇ ଖୋଭ ପ୍ରକଶ କରି ଅପେରାକୁ ଚୁକ୍ତି କରି ଆଣୁଥିବା ଗଞ୍ଜାମର ଯାତ୍ରା ପ୍ରେମୀ ଜିଲ୍ଲା ସ୍ତରୀୟ ଯାତ୍ରା କମିଟି ଗଠନ କରିଛନ୍ତି । ଖଲ୍ଲିକୋଟ ଅଞ୍ଚଳର ଯାତ୍ରା ପ୍ରେମୀ ଭଗବାନ ଲେଙ୍କାଙ୍କ ଆବାହକତ୍ୱରେ ଗଞ୍ଜାମ ଜିଲ୍ଲା ଯାତ୍ରା କମିଟି ଗଠନ ହୋଇଛି । ସ୍ଥାନୀୟ ତାରାତାରିଣୀ ମନ୍ଦିର ଲକ୍ଷ୍ମୀପ୍ରିୟା ହୋଟେଲ ପରିସରରେ ଅନୁଷ୍ଠିତ ଯାତ୍ରା କମିଟି ବୈଠକରେ ରାଜ୍ୟ ସ୍ତରୀୟ ଯାତ୍ରା କମିଟି ମହାସଂଘ ଉପସଭାପତି ମହେନ୍ଦ୍ର କୁମାର ପଟ୍ଟନାୟକ ଓ ରାଜ୍ୟ ମହାସଂଘ ସଂଯୋଜକ ମାନସ ରଞ୍ଜନ ରାୟ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅପେରା ମାଲିକ ମାନଙ୍କ ଦ୍ୱାରା ହେଉଥିବା ଦୁବ୍ୟବହାର, ଅପେରା ପରିବେଷଣରେ ଅହେତୁକ ଟିକେଟ ଦର ମୂଲ୍ୟ ବୃଦ୍ଧି, ଯେଉଁ ଅପେରା କମିଶନ ପ୍ରକାରେ ଆସିବ ସେହି ଅପେରାକୁ ଅଗ୍ରାଧିକାର ଦେଇ ସହଯୋଗ କରିବା, ଅପେରା ପରିବେଷଣ ସମୟରେ ଅଶିଳତା ଓ ଅପ ଶବ୍ଦ ବ୍ୟବହାରକୁ ପ୍ରଶୟ ନଦେବା ପାଇଁ ଆଲୋଚନା କରି ଗଞ୍ଜାମ ଜିଲ୍ଲା ଯାତ୍ରା କମିଟି ଗଠନ କରିଥିଲେ । ହିଞ୍ଜିଳି କାଟୁର ଯୁଗଳ କିଶୋର ପଣ୍ଡା ସଭାପତି ରୂପେ ଚୟନ ହୋଇଥିବା ବେଳେ ପୁରୁଷୋତ୍ତମପୁରର ରବୀନ୍ଦ୍ର ମହାରଣା ଉପସଭାପତି, ଖଲ୍ଲିକୋଟର ଭଗବାନ ଲେଙ୍କା ସମ୍ପାଦକ, ପୁଇଁତଳା ର ହରିହର ବିଶ୍ୱାଳ ସହ ସମ୍ପାଦକ ଭାବେ ଚୟନ ହୋଇଥିଲେ ଏବଂ କାର୍ଯ୍ୟକାରୀ ସଭ୍ୟ ଭାବେ କେ. ବିକ୍ରମ କୁକୁଡ଼ା ଖଣ୍ଡି, ପଞ୍ଚାନନ ପ୍ରଧାନ କବିସୂର୍ଯ୍ୟନଗର, ପ୍ରାଣକୃଷ୍ଣ ସାହୁ ବେଲଗୁଣ୍ଠା, ନୀଳାଞ୍ଚଳ ଗୌଡ଼ ହିଞ୍ଜିଳି କାଟୁ, ସିମାଞ୍ଚଳ ମିଶ୍ର ପୁରୁଷୋତ୍ତମପୁର, ମଧୁସୁଦନ ପଣ୍ଡା ଟାଙ୍ଗଣାପଲ୍ଲୀରୁ ଚୟନ ହୋଇଥିବା ନେଇ ଅତିଥି ବୃନ୍ଦ ଘୋଷଣା କରିଥିଲେ ।

# ନାରୀ ସୁରକ୍ଷା ନେଇ ବିଜେଡିର ପ୍ରତିବାଦ ଶୋଭାଯାତ୍ରା




ଆସିକା, (ଭାସ୍କର ନ୍ୟୁଜ୍) : ଆସିକା ଛାତ୍ରୀ ଓ ମହିଳା ସୁରକ୍ଷା ନେଇ ବିଜୁ ଯୁବ ଓ ଛାତ୍ର ଜନତା ଦଳର ପ୍ରତିବାଦ ଶୋଭାଯାତ୍ରା । ଗାଁ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସବୁଠି ଛାତ୍ରୀ ଓ ମହିଳା ଅସୁରକ୍ଷିତ ମଣୁଛନ୍ତି । ଏନେଇ ସବୁଠିଁ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡିଥିବା ବେଳେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଏହାକୁ ପ୍ରତିବାଦ ଶୋଭାଯାତ୍ରା ଆୟୋଜନ କରି ବିରୋଧ ପ୍ରଦର୍ଶନ କରାଯାଇଛି । ଏହି ଅବସରରେ ଆଜି ଆସିକା ବିଜୁ ଜନତା ଦଳ ପକ୍ଷରୁ ଏକ ପ୍ରତିବାଦ ଶୋଭାଯାତ୍ର ଆସିକା ବିଜୁ ଜନତା ଦଳ କାର୍ଯ୍ୟାଳୟ ଠାରୁ ବାହାରି ଆସିକା ଆଦର୍ଶ ଥାନା ଠାରେ ପହଁଚି ଥିଲା । ସେଠାରେ ମହିଳା ଓ ଛାତ୍ରୀ ସୁରକ୍ଷା ନେଇ ରାଜ୍ୟ ସରକାରଙ୍କୁ ସମଲୋଚନା କରିଥିଲେ । ଏନେଇ ବିରୋଧ ପ୍ରଦର୍ଶନ ସାଙ୍ଗକୁ ଛାତ୍ରୀ ଓ ମହିଳା ସୁରକ୍ଷା ନେଇ ପୋଲିସ ଡି.ଜିଙ୍କ ଉଦ୍ଦେଶ୍ୟରେ ସ୍ୱାକ୍ଷର ସମ୍ବଳିତ ପତ୍ର ଆସିକା ଥାନା ଅଧିକାରୀ କୁଳମଣି ସେଠୀଙ୍କୁ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ନଚିକେତା ସ୍ୱାଇଁଙ୍କ ଦିଗଦର୍ଶନରେ ବି.ମନୋଜ କୁମାର ଦୋରାଙ୍କ ସଂଯୋଜନାରେ ଜୟସେନ୍ ସ୍ୱାଇଁ, ଭବାନୀ କାନ୍ତ ସାହୁ, କାର୍ତ୍ତିକଶ୍ୱର ପରିଡ଼ା, ଭରତ ନାହାକ, ଅରୁଣ ଦଳାଇ, ସଂଜୟ କୁମାର ସାହୁ, ପ୍ରତାପ ଚନ୍ଦ୍ର ପ୍ରଧାନ, ବିମଳ ପ୍ରଧାନ, ଜିତେନ୍ଦ୍ର ମହାରଣା, ନିଗମାନନ୍ଦ ରାଉତ, ନିଳାଞ୍ଚଳ ମଣ୍ଡଳ, ଅନନ୍ତ ଭଞ୍ଜ, ଉଦିତ ପାଢ଼ୀ, ସତ୍ୟବାନ ନାହାକ, ପ୍ରିୟବ୍ରତ ପାତ୍ର, ସୀମାଞ୍ଚଳ ସ୍ୱାଇଁ, ମିଟୁ ନାହାକ, ପୂର୍ଣ୍ଣ ଗୌଡ଼, ଭଗବାନ ବିଶ୍ୱାଳ, ଟୁନା ନାହାକ, ଶିବ ପାଣିଗ୍ରାହୀ, ଶଙ୍କର ପାଣିଗ୍ରହୀ, ଆଶିଷ ଜେନା, ସାଗରିକା ପ୍ରଧାନ, ଅର୍ଚ୍ଚନା ପ୍ରଧାନ, ଜଗବନ୍ଧୁ ମହାରଣା,ସୁଭମ୍ ନାୟକ, ବବୁଲୁ ପ୍ରଧାନ, ଚନ୍ଦନ ଗୌଡ଼, ରାହୁଲ ଦୋରା, ଶଙ୍କର ନାହାକ, ବଳରାମ ଆପଟ, ସମୀର ସ୍ୱାଇଁ, ରାଜା ଗୌଡ଼, ମାନସ ସ୍ୱାଇଁ, ସୁଭମ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## କାର୍ଯ୍ୟକାରୀ ହେଉନାହିଁ ସୂଚନା ଅଧିକାର ଆଇନ

କେନ୍ଦ୍ରାପଡା, (ଭାସ୍କର ନ୍ୟୁଜ୍) : କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ନଦୀ ତଟବନ୍ଧ ଉପ ବିଭାଜନ କାର୍ଯ୍ୟାଳୟରେ ଅର୍ଥିକ ବର୍ଷ ୨୦୧୮-୨୦ରୁ ଅନେକ ଦୁର୍ନିତିର ଅଭିଯୋଗ ସାମ୍ନାକୁ ଆସୁଥିବା ବେଳେ ବାରମ୍ବାର ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଲେ ସୁଦ୍ଧା କୌଣସି ଉତ୍ତର ବା ତଥ୍ୟ ମିଳୁନାହିଁ । ଯାହା ପାଇଁ ଜିଲ୍ଲାପାଳଙ୍କ ମିଳିତ ଜନ ଶୁଣାଣିରେ ଲିଖିତ ଅଭିଯୋଗ କରିଛନ୍ତି କେନ୍ଦ୍ରାପଡ଼ା ସୁଚନା ଅଧିକାର କର୍ମୀ ତଥା ଯୁବ ସାମ୍ବାଦିକ ଉମେଶ ପାଢ଼ୀ । ଉକ୍ତ କାର୍ଯ୍ୟାଳୟରେ ଜନ ସୁଚନା ଅଧିକାରୀ ଅଛନ୍ତି କି ନାହିଁ ତାହାର ମଧ୍ୟ ତଦନ୍ତ କରିବା ଆବଶ୍ୟକ ବୋଲି ଶ୍ରୀ ପାଢ଼ୀ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି । ଏବଂ ଆର୍ଥିକ ବର୍ଷ ୨୦୧୯-୨୦ରୁ ଏପର୍ଯ୍ୟନ୍ତ ହୋଇଥିବା ସମସ୍ତ କାର୍ଯ୍ୟର ଉଚ୍ଚ ସ୍ତରୀୟ ତଦନ୍ତ ମଧ୍ୟ ଦାବି କରିଛନ୍ତି କେନ୍ଦ୍ରାପଡ଼ା ସୁଚନା ଅଧିକାର କର୍ମୀ ।



କେନ୍ଦୁଝର(ଭାସ୍କର ନ୍ୟୁଜ): ତେଲକୋଇ ମଧୁସୂଦନପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମହାସରସ୍ୱତୀ ମିଶ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଉଚ୍ଚ ବିଦ୍ୟାଳୟର ସଭାଗୃହରେ ତେଲକୋଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାଏକ, ପ୍ରାକ୍ତନ ରାଜ୍ୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ତଥା ଓସ୍ତାର ଉପଦେଷ୍ଟା ବସୁଦେବ ମହାନ୍ତ, ଆଞ୍ଚଳିକ ସାଧନ ସଂଯୋଜକ ପ୍ରଦ୍ୟୁମ୍ନ ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ଭରତ ନାଏକ ପ୍ରମୁଖ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ମାନପତ୍ର, ଉପଢ଼ୌକନ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଅନ୍ତର୍ଗତ ମଧୁସୂଦନପୁର ଉଚ୍ଚ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, କେନ୍ଦୁଝର ଜିଲ୍ଲାର ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଓ ଆଖପାଖର ବହୁ ଜନସାଧାରଣ ଉପସ୍ଥିତ ରହି ପ୍ରଧାନ ଶିକ୍ଷୟିତ୍ରୀଙ୍କ କର୍ତ୍ତବ୍ୟନିଷ୍ଠ ତ୍ୟାଗ, ଶୈକ୍ଷିକ ବିକାଶ, ବୌଦ୍ଧିକ ବିକାଶର ଉଦ୍ୟମ ଓ ପରିଶ୍ରମ ବିଷୟରେ ବକ୍ତବ୍ୟ ଦେଇଥିଲେ। ଅନୁଷ୍ଠାନର ଶିକ୍ଷକ ଶ୍ୟାମଘନ ଡାଙ୍ଗୁଆ, କଳ୍ପନା ସୁନା, ଶୁଭାଶିଷ ଯେନା, ପପୁନ କୁମାର ମହାନ୍ତ, ବିଜୟ କୁମାର ସେଠୀ, ଚନ୍ଦ୍ରଶେଖର, ଯଦୁମଣି ନାଏକ ପ୍ରମୁଖ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହ ନିଜ ଅନୁଭୂତି କହିଥିଲେ। ଗତ ମାଟ୍ରିକ ପରୀକ୍ଷାରେ ଶତପ୍ରତିଶତ ଉତ୍ତୀର୍ଣ୍ଣ ଫଳାଫଳ ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭୂୟସୀ ପ୍ରଶଂସା କରିଥିଲେ। ସମ୍ମାନିତ ବକ୍ତା ଭାବରେ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ପିନାକୀ ମିଶ୍ର ଯୋଗ ଦେଇଥିଲେ।

## ପରିବେଶ ମଞ୍ଜୁରୀ ଲାଗି ଜନଶୁଣାଣି ସ୍ଥଗିତ

ଜଳେଶ୍ୱର(ଭାସ୍କର ନ୍ୟୁଜ): ଜଳେଶ୍ୱର ବ୍ଲକରେ ପ୍ରବାହିତ ସୁବର୍ଣ୍ଣରେଖା ନଦୀର ବାଲି ଉତ୍ତର ବାଲେଶ୍ୱର ଓ ପଶ୍ଚିମବଂଗରେ ବହୁ ଅଧିକ ଚାହିଦା ରହିଛି । ବାଲି ମାଫିଆମାନେ ବିଭିନ୍ନ କୌଶଳରେ ଉତ୍ତୋଳନ କରି ବିକ୍ରିକରି ମାଲେମାଲ ହେଉଥିବା ବେଳେ ସରକାରଙ୍କ କୋଟି କୋଟି ଟଙ୍କା ରାଜସ୍ୱ କ୍ଷତି ଘଟୁଛି । ଜଳେଶ୍ୱର ବ୍ଲକ ଅଂଚଳ ଦେଇ ସୁବର୍ଣ୍ଣରେଖା ନଦୀ ୨୦ କିମି. ପ୍ରବାହିତ ହୋଇଥିବା ବେଳେ ୨୬ଟି ବାଲି ସୌରାତରୁ ବାଲି ଉତ୍ତୋଳନ ହୋଇଥାଏ । ୨୦୧୮ମସିହାରେ ଏନ୍‌ଜିଟି ପରେ ବେଆଇନ୍ ବାଲି ଉତ୍ତୋଳନ ଉପରେ ଲଗାମ ଲଗାଯାଇ ସରକାରୀ ସୌରାତ ଗୁଡିକୁ ବନ୍ଦ କରାଯାଇଥିଲା । ଏହାପରେ ବାଲି ମାଫିଆମାନେ ଚୋରାରେ ବାଲି ଉତ୍ତୋଳନ କରି ପଶ୍ଚିମବଂଗକୁ ପଠାଇବାରେ ସକ୍ଷମ ହୋଇଥିଲେ । ସେକ ସରାଇ (କ) ବାଲି ଉତ୍ତୋଳନ ଲାଗି ଟେଣ୍ଡର ହୋଇ ହୋଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଏହା ବନ୍ଦ ହୋଇଯାଇଥିଲା । ଲିଜଧାରୀ ୨୦୧୫-୧୬ ମସିହାରୁ ୨୦୨୦-୨୧ମସିହା ପର୍ଯ୍ୟନ୍ତ ୫ବର୍ଷ ଲାଗି ବାଲି ଉତ୍ତୋଳନ କରିବାକୁ ଜଳେଶ୍ୱର ତହସିଲ କାର୍ଯ୍ୟାଳୟରୁ କାର୍ଯ୍ୟାଦେଶ ପାଇ ବିଡ ବାବଦକୁ ଟଙ୍କା ଜମା କରିଥିଲେ । ପରବର୍ତ୍ତୀ ସମୟରେ ଏନ୍‌ଜିଟିରେ ମାମଲା ରୁଜୁ ହେବାରୁ ବାଲି ଉତ୍ତୋଳନ ବନ୍ଦ ହୋଇଯାଇଥିଲା । ଏବେ ସେହି ବିବାଦୀୟ ସେକସରାଇ (କ) ବାଲି ସୌରାତକୁ ପୁଣି ଚାଲୁ କରିବାଲାଗି ପ୍ରୟାସ ଆରମ୍ଭ ହୋଇଛି । ଏଥିନିମିତ୍ତ ମହମ୍ମଦନଗରପାଟଣା ପଂଚାୟତରେ ଅଗଷ୍ଟ ୫ତାରିଖରେ ଗ୍ରାମସଭା ଆୟୋଜନ ଲାଗି ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏହି ବାଲି ସୈରାତ ଚାଲୁ ହେଲେ ବିଭିନ୍ନ ସମସ୍ୟା ସୃଷ୍ଟି ହେବା ଦର୍ଶାଇ ଏ ଅଂଚଳର କେତେକ ସମାଜସେବୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଜିଲାପାଳ ଏହି ଜନଶୁଣାଣୀକୁ ବନ୍ଦ କରିବାଲାଗି ଆଂଚଳିକ ରାଜ୍ୟ ପଲ୍ୟୁସନ ବୋର୍ଡକୁ ନିର୍ଦ୍ଦେଶ ଦେବା ଫଳରେ ଗ୍ରାମସଭା ବନ୍ଦ କରାଯାଇଛି । ଫଳରେ ଲିଜଧାରୀଙ୍କ ଆଶା ମଉଳିଯାଇଥିବା ଜଣାଯାଇଛି ।

## ଯୌତୁକ ଜନିତ ମୃତ୍ୟୁ ଘଟଣା
# ହତ୍ୟା ଅଭିଯୋଗ ଆଣିଲେ ବାପା

କଣ୍ଟାପଡ଼ା, (ଭାସ୍କର ନ୍ୟୁଜ୍) : କଣ୍ଟାପଡା ବ୍ଲକ ଗୋବିନ୍ଦ ପୂର ଥାନା ଅଧିନସ୍ତ ପୋସ୍ତଳ ପଞ୍ଚାୟତ ତୁଣ୍ଡା ଗ୍ରାମରେ ଦେବାଶିଷ ମଲିକଙ୍କୁ ନିଆଳି ଥାନା ଅଧିନସ୍ତ ଅଁଳ ପଞ୍ଚାୟତ ଅଁଳ ଗ୍ରାମର ରମେଶ ନାୟକଙ୍କ ବଡ଼ ଝିଅ ରାଜଲକ୍ଷ୍ମୀ ନାୟକ ୨୦.୫. ୨୦୨୨ରେ ସହମତିରେ ବିବାହ କରିଥିଲେ। ବିବାହର କିଛିଦିନ ପରେ ଶାଶୁ ଘର ଲୋକେ ଯୌତୁକ ମାଗିବା ସହ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେଉଥିଲେ। ଶାଶୁ ଘର ପରିବାର ଦାବି ମୁତାବକ ରମେଶ ନାୟକ କିଛି ମାତ୍ରାରେ ପୂର୍ଣ୍ଣ କରିଥିଲେ। ଯୌତୁକ ଦେବା ପରେ ବି ନିର୍ଯ୍ୟାତନା କମି ନଥିଲା। ବାଧ ହୋଇ ବାପା ନିଆଳି ଥାନାରେ ୧୦.୯.୨୦୨୪ରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଦେବାଶିଷ ନାୟକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା ନିଆଳି ପୋଲିସ। ଗତ ୩ ତାରିଖ ରବିବାର ରାତି ୧୦ ଘଟିକା ସମୟରେ ଶାଶୁ ଘର ପକ୍ଷରୁ ଝିଅର ବାପ ଘରକୁ ଜଣାଇ ଦିଆଗଲା ତମେ ଝିଅ ଆତ୍ମହତ୍ୟା କରିଛି। ଏ ନେଇ ଝିଅର ବାପା ରମେଶ ନାୟକ ଗୋବିନ୍ଦପୂର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗୋବିନ୍ଦପୂର ପୋଲିସ ୧୯୨/୨୫ରେ ମାମଲା ରୁଜୁ କରି ସ୍ୱାମୀ ଦେବାଶିଷ ମଲିକଙ୍କୁ ଗିରଫ କରିଛି ଓ ଶବ ବ୍ୟବଛେଦ କରି ଶାଶୁ ଘର ଲୋକଙ୍କୁ ଶବ ହସ୍ତାନ୍ତର କରିଥିବା ସୋନାଲି ଆନନ୍ଦ ସୂଚନା ଦେଇଛନ୍ତି।

## ପୂର୍ବତନ ସାଂସଦ ରବିନ୍ଦ୍ର ଜେନାଙ୍କ ଜନ୍ମବାର୍ଷିକରେ ବିଜେଡିର ସମୂହ ଦୀପଦାନ




ଜଳେଶ୍ୱର (ଭାସ୍କର ନ୍ୟୁଜ): ପୂର୍ବତନ ସାଂସଦ ରବିନ୍ଦ୍ର ଜେନାଙ୍କ ୫୮ତମ ଜନ୍ମ ଦିବସରେ ଶୁଭେଚ୍ଛା ଓ ସମର୍ଥକମାନେ ମନ୍ଦିରରେ ଦୀପ ପ୍ରଜ୍ୱଳନ କରିଛନ୍ତି । ଜଳେଶ୍ୱର ମ୍ୟୁନିସିପାଲଟିର ୯ନଂ ୱାର୍ଡ କାଉନସିଲର ଗୋବିନ୍ଦ ସାହୁଙ୍କ ନେତୃତ୍ୱରେ ବିଜ ଜନତା ଦଳ ପକ୍ଷରୁ ବାସନ୍ତୀ ପଡିଆଠାରେ ଥିବା ମା ମଙ୍ଗଳା ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ତାଙ୍କର ଦୀର୍ଘାୟୁ କାମନା କରାଯାଇଥିଲା । ସେ ୨୦୧୪ ମସିହାରେ ସାଂସଦ ଭାବେ ନିର୍ବାଚିତ ହୋଇ ବହୁ ଜନହିତକର କାର୍ଯ୍ୟ କରିଥିବା ବେଳେ ଦୀର୍ଘବର୍ଷ ବାଲେଶ୍ୱର ଏଲଏଜ୍‌ରେ ମ୍ୟାନେଜିଙ୍ଗ ଡାଇରେକ୍ଟର ଭାବେ କାର୍ଯ୍ୟ ତୁଲାଇଛନ୍ତି। ଏହି ଜନ୍ମଦିନ ପାଳନ ଅବସରରେ ବ୍ଲକ ଅଧ୍ୟକ୍ଷ ମାନସ ଜେନା, ମଧୁସୂଦନ ସେନାପତି, ମଧୁସୂଦନ ଦତ୍ତ, ସୁରଜ ଚୌରାସିଆ, ସୌରଭ ଦାସ, ଅନନ୍ତ ଦାସ, ଗୌରହରୀ ସାହୁ, ଆନନ୍ଦ କର, ସମରେନ୍ଦ୍ର ଦାସ, ଗୌତମ ପାତ୍ରଙ୍କ ସହିତ ବହୁ ସମର୍ଥକମାନେ ଉପସ୍ଥିତ ରହି ମିଷ୍ଟାନ୍ନ ବଣ୍ଟନ କରିଥିଲେ ।

## ବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଖପ୍ରାଖୋଲ, (ଭାସ୍କର ନ୍ୟୁଜ) : ବିଦ୍ୟାଳୟ ମାନଙ୍କ ର ଭିତ୍ତିଭୂମିର ବିକାଶ ଓ ୟୁଏଏସ୍ ଆପ ବ୍ୟବହାର ସଂପର୍କିତ ଏକ ସ୍ମାରକ ପତ୍ର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଖପ୍ରାଖୋଲ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ ଅନୁପସ୍ଥିତିରେ ବରିଷ୍ଠ କିରାଣୀ ମାଧବ ସାହୁଙ୍କୁ ପ୍ରଦାନ କରିଥିଲେ। ବିଦ୍ୟାଳୟ ଗୁଡ଼ିକର ଭିତ୍ତିଭୂମି ଠିକ୍ ନ ଥିବାରୁ ଶିକ୍ଷାଦାନ ବ୍ୟାହତ ହେଉଥିବା ବେଳେ ନେଟୱର୍କ ଅଭାବରୁ ୟୁଏଏସ୍ ଆପ ବ୍ୟବହାର ମଧ୍ୟ ହୋଇପାରୁନାହିଁ। ତୁରନ୍ତ ଭିତ୍ତିଭୂମିର ବିକାଶ ସହିତ ନେଟୱର୍କ୍ ବ୍ୟବସ୍ଥା କରିବାକୁ ଦାବି କରିଥିବା ବେଳେ ଭିତ୍ତିଭୂମିର ବିକାଶ ନ ହେବାଯାଏ ୟୁଏଏସ୍ ଆପରେ ତଥ୍ୟ ପଠାଇବା ବନ୍ଦ ପରିବାକୁ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ୍ ଅବସରରେ ବିଭିନ୍ନ ଶିକ୍ଷକ ସଂଘ ତରଫରୁ ସୁଶିଲ କୁମାର ପୋଡ଼, ବୃନ୍ଦାବନ ଧରୁଆ, ଜିତେନ୍ଦ୍ର ପଣ୍ଡା, ଆଲୋକ ମେହେର, ମିଠାଲାଲ ସୁନା ପ୍ରମୁଖ ଉପସ୍ଥିତ ଥିଲେ।

## ଯଶିପୁର ନିର୍ବାଚନ ମଣ୍ଡଳୀରେ ବିଜେଡିର ସାଙ୍ଗଠନିକ ବୈଠକ
# ନୂତନ ସଭାପତିଙ୍କୁ ସମ୍ବର୍ଦ୍ଧନା




କରଞ୍ଜିଆ (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲାର ଯଶିପୁର ନିର୍ବାଚନ ମଣ୍ଡଳୀ ସ୍ତରୀୟ ବିଜୁ ଜନତା ଦଳର ସାଙ୍ଗଠନିକ ବୈଠକ ଏବଂ ନୂତନ କରି ମନୋନୀତ ବ୍ଲକ ସଭାପତି ଓ ପଞ୍ଚାୟତ ସଭାପତି ମାନଙ୍କ ସମ୍ବର୍ଦ୍ଧନା ସମାରୋହ ଯଶିପୁରରେ ଅନୁଷ୍ଠିତ ହୋଇଯାଇଛି। ଯଶିପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ପ୍ରାର୍ଥୀ ଚକ୍ରଧର ହେମ୍ବ୍ରମଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ସମସ୍ତ କର୍ମୀ ପ୍ରଥମେ ବିଜୁବାବୁଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା। ବିଜେଡିର ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ମନୋନୀତ ଯଶିପୁର ବ୍ଲକ ସଭାପତି ଭାବେ ଦର୍ପ ନାରାୟଣ ମହାନ୍ତଙ୍କୁ ଚୟନ କରାଯାଇ ଥିବାବେଳେ କୁସୁମୀ ବ୍ଲକ ସଭାନେତ୍ରୀ ସୁଲୋଚନା ହେମ୍ବ୍ରମ୍, ରରୁଆଁ ବ୍ଲକ ସଭାପତି ମନ୍ମଥ ଗିରି, ଶୁକ୍ରୁଳି ବ୍ଲକ ସଭାପତି ଭାବେ ପତି କାରୁଆଙ୍କୁ ଚୟନ କରାଯାଇଛି। ସେହିପରି ଯଶିପୁର ବ୍ଲକର ବିଭିନ୍ନ ପଞ୍ଚାୟତର ନୂତନ ସଭାପତି ମାନେ ହେଲେ ଜହରଲାଲ ମହାନ୍ତ ଯଶିପୁର ପଞ୍ଚାୟତ, ହିରାଲାଲ ମହାନ୍ତ ପାଣ୍ଡ, ହରିଶ୍ ସେଠୀ ମାଟିଆଗଡ, ବାବୁଲାଲ ନାଏକ ମାହାର୍ଦାପଳସା, ହରିଶ୍ ମହାନ୍ତ ମଣଦା,ପରମେଶ୍ୱର ମଡେଇ ଚାକିଡି, ସନ୍ଦୀପ ମହାନ୍ତ ମଉଦି,ଅନନ୍ତ ହାଁସଦା ପୋଡାଗଡ, ଲକ୍ଷ୍ମୀଧର ସେଠୀ ଧଳ୍ପାଣୀ, ଦେବେନ୍ଦ୍ର ନାଏକ ରୁଗୁଡି, ପଙ୍କଜ ମହାନ୍ତ ବାଉଁଶନାଳୀ,ଦୁଲ୍ଲୁ ସିଂ ଦୁର୍ଦୁରା, ପୂର୍ଣ୍ଣ ବାରି ବରେହିପାଣି ପ୍ରମୂଖଙ୍କୁ ବିଜେଡି ବୈଠକ ର ସମ୍ମାନିତ ନିମନ୍ତ୍ରିତ ଅତିଥି ଅଭିଷେକ ପଟ୍ଟନାୟକ,ଆନିଷ୍ ମାନ୍ନା, ନାରୀନେତ୍ରୀ ତନୁଜା ମହାନ୍ତ ଚୟନ ନୂତନ ସଭାପତି ମାନଙ୍କୁ ଫୁଲତୋଡ଼ା ଓ ଉତ୍ତରୀୟ ଦେଇ ସମ୍ବୋର୍ଧନା କରିଥିଲେ। ଆଗାମୀ ଦିନରେ ସଙ୍ଗଠନକୁ ମଜବୁତ କରିବା ପାଇଁ ବିଜେଡିର ମହିଳା ସଦସ୍ୟା ମିନତୀ ନାଏକ, ସୁଜାତା ହୋ ମିନତୀ ତିରିଆ, ବରିଷ୍ଠ କର୍ମୀ କୃଷ୍ଣଚନ୍ଦ୍ର ସାହୁ, ସାର୍ଥକ ମହାନ୍ତ, ଅଭିଷେକ ସାହୁ, ଗୋବିନ୍ଦ ସୋରେନ୍,ଲାଲି ମହାନ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କର୍ମୀ ନେପାଳି ବେହେରା, ଶମ୍ଭୁନାଥ ମହାକୁଡ଼, ବିଶ୍ୱନାଥ ସାହୁ, ସୁରାଇ ମାଝୀ, ଦୂର୍ଗା ସିଂ, ପ୍ରଦୀପ ନାଏକ, ଦେବାଶିଷ ସାହୁ, ରମାକାନ୍ତ ମହାନ୍ତ, ନଳିନୀ ସାହୁ,ଶାରଦା ବାରିକ୍,ରହିତ ସାହୁ,ତର୍‌ୱ ହୁସେନ,ତପନ ବେହେରା,କନ୍ଦର୍ପ ବାରିକ୍,ଦୀପୁ ପଲେଇ,ସୁକୁମତୀ ଟୁଡୁ, ଦୀପ୍ତି ସିଂ ଲାଗୁରୀ,ସପ୍ନା ନାଏକ, ମୁନ୍ନା କାରୁଆ, ଦୂର୍ଗାମଣି ସି, ଭାବଗ୍ରାହୀ ପାତ୍ର ଙ୍କ ସହ ଯଶିପୁର, ରରୁଆଁ, ଶୁକ୍ରୁଳି,ଓ କୁସୁମୀ ଚାରିଗୋଟି ବ୍ଲକର ସମସ୍ତ ପଞ୍ଚାୟତ ସଭାପତି, ଯୁବଛାତ୍ର, ମହିଳା, ସଂଖ୍ୟାଲଘୁ, କୃଷକ ମୋର୍ଚ୍ଚା ଓ ଛାମୁଆଁ ସଙ୍ଗଠନର ପଦାଧିକାରୀ ସମେତ ଶତାଧିକ ବିଜେଡି କର୍ମୀ ବୈଠକରେ ଉପସ୍ଥିତ ରହିଥିଲେ ।

## ଡାକ୍ତର ଲିଭନ ନର୍ସିଂହୋମ ଉଦ୍‌ଘାଟିତ

ଆଳି, (ଭାସ୍କର ନ୍ୟୁଜ): ଗ୍ରାମାଞ୍ଚଳ ଲୋକ ମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଲକ୍ଷ ନେଇ ରବିବାର ଦିନ ଆଳି ନିଆଳ ହାଟ ନିକଟସ୍ଥ ଆଦର୍ଶ ବିଦ୍ୟାଳୟ ନିକଟରେ ପ୍ରଥମ କରି ଡାକ୍ତର ଲିଭନ ନର୍ସିଂହୋମ ଉଦ୍‌ଘାଟିତ ହୋଇଯାଇଛି। ନର୍ସିଂହୋମ ନିର୍ଦ୍ଦେଶିକା ଦୀପାଞ୍ଜଳି ନାୟକଙ୍କ ନେତୃତ୍ୱରେ ଉଦ୍‌ଘାଟନ ଉତ୍ସବରେ ଡାକ୍ତର ହୃଦାନନ୍ଦ ଦାସ, ଧରିଲତା ଗୋଚ୍ଛାୟତା, ଶୁଭ୍ରକାନ୍ତ ପାଣି, ରବୀନ୍ଦ୍ର ମିଶ୍ର ଉପସ୍ଥିତ ଥିଲେ। ଆୟୁଷ ଡାକ୍ତର ଆଭାସ ରଞ୍ଜନ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡାକ୍ତର କୁଳମଣି ବରାଳ ଏହି ଉଦ୍‌ଘାଟନ ଉତ୍ସବର ଅତିଥି ଭାବେ ଯୋଗଦାନ କରିଥିଲେ। ନର୍ସିଂହୋମର ସମସ୍ତ କର୍ମଚାରୀ ଉତ୍ସବର ସଫଳତା ଲାଗି ସହଯୋଗ କରିଥିଲେ। ଜନସାଧାରଣ ଏହି ନର୍ସିଂ ହୋମର ସ୍ୱାସ୍ଥ୍ୟ ସୁବିଧା ନେବାକୁ ନିର୍ଦ୍ଦେଶିକା ଶ୍ରୀମତୀ ନାୟକ କହିଛନ୍ତି ।

## ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

ଗୁଣପୁର (ଭାସ୍କର ନ୍ୟୁଜ): ଗୁଣପୁର ଉପଖଣ୍ଡ ସ୍ତରୀୟ ୭୯ ତମ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଆଜି ଏକ ପ୍ରସ୍ତୁତି ବୈଠକ ଉପ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ତଥା ଭାରପ୍ରାପ୍ତ ଉପ ଜିଲ୍ଲାପାଳ ଅଜୟ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ସହକାରୀ ଜିଲ୍ଲାପାଳ ବିପିନ ଚନ୍ଦ୍ର ନାୟକ, ଆଇ, ଆର, ବି ଡେପୁଟି କମାଣ୍ଡାଣ୍ଟ ରମେଶ ଚନ୍ଦ୍ର ମାହାଲି ମଞ୍ଚାସିନ ଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରାଙ୍କ ଉପସ୍ଥିତିରେ ଅନନ୍ତ ପାତ୍ର ଗତ ବର୍ଷର କାର୍ଯ୍ୟକ୍ରମ ବିବରଣୀ ପାଠ କରି ସଂଯୋଜନା କରିବା ସହ ଚଳିତ ବର୍ଷ ପାଇଁ ବୈଠକରେ ଉପସ୍ଥିତ ବ୍ୟକ୍ତି ବିଶେଷଙ୍କ ପ୍ରସ୍ତାବ ଲୋଡିଥିଲେ। ସ୍ୱାଧୀନତା ଦିବସ ପାଳନ ଦିନ ପ୍ରତ୍ୟୁଷରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ରାମଧୂନ ପରିବେଷଣ କରାଯିବ। ସକାଳ ଘ ୭.୩୦ ମି ସମୟରେ ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ସେହିପରି ସ୍ଥାନୀୟ ମିନି ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବାକୁ ଥିବା ଉପଖଣ୍ଡ ସ୍ତରୀୟ ସ୍ୱାଧୀନତା ଦିବସରେ ସକାଳ ଘ. ୯. ୧୫ମି. ସମୟରେ ଅନୁଷ୍ଠାନିକ ଭାବେ ମୁଖ୍ୟ ଅତିଥି ତଥା ଗୁଣପୁର ଉପ ଜିଲ୍ଲାପାଳଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତଳୋନ କରାଯିବ। ପ୍ୟାରେଡ଼ର ସମସ୍ତ ଦାୟିତ୍ୱ ଆଇ, ଆର, ବିଙ୍କୁ ଅର୍ପଣ କରାଗଲା। ୧୧, ୧୨ ଓ ୧୩ ତିନିଦିନ ସକାଳ ୦୮-୩୦ଘଟିକା ସମୟରେ ପ୍ୟାରେଡ଼ର ପୂର୍ବଭ୍ୟାସ କରିବା ନିମନ୍ତେ ସ୍ଥିର କରାଗଲା । ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବକ୍ତୃତା ଓ କୁଇଜ ଭଳି ବିଭିନ୍ନ ପ୍ରତିଯୋଗିତା ଅଗଷ୍ଟ ୦୬ ଓ ୦୭ ତାରିଖରେ ଆୟୋଜନ କରାଯିବ। ପ୍ୟାରଡ଼ ପଡିଆରେ ବାରିକେଟ ଲଗାଇବାପାଇଁ ବନ ବିଭାଗକୁ ଦାୟିତ୍ୱ, ପଡିଆ ମରାମତି ଡାଇସ ମରାମତି ରଙ୍ଗ ଦିଆକାର୍ଯ୍ୟ ପୂର୍ତ୍ତ ବିଭାଗ ସହ ଅନ୍ୟ ବିଭାଗକୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ଏହି ଦିବସ ପାଳନ ଅବସରରେ ବିଭିନ୍ନ ଅନୁଷ୍ଠାନରେ ଯଥା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଥିବା ରୋଗୀ, ଉପ କାରାଗାର ଅନ୍ତେବାସୀ ମାନଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯିବ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ତହସିଲଦାର ଗୟା ଡମ୍ବରୁଧର ବେହେରା, , ପୌର ନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ, ଆଦର୍ଶ ଥାନା ଅଧିକାରୀ କେକେବିକେ କହଁର, ମହାବିଦ୍ୟାଳୟ ଓ ମହିଳା ମହାବିଦ୍ୟାଳୟ ଅଧକ୍ଷ, ଅଧକ୍ଷା, ହାଇସ୍କୁଲ ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ,ପୂର୍ତ୍ତ ବିଭାଗ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ ପରେ ସଭା ସାଙ୍ଗ କରାଯାଇଥିଲା।

## ଗୋଲାପି ଫାଉଣ୍ଡେସନ ପକ୍ଷରୁ ନିଶୁଳ୍କ ଖାଦ୍ୟ ବଣ୍ଟନ




ସଇଁତଳା, (ଭାସ୍କର ନ୍ୟୁଜ୍) :ବଲାଙ୍ଗୀର ଜିଲ୍ଲା ସଇଁତଳାରେ ଗୋଲାପି ଫାଉଣ୍ଡେସନ ତରଫରୁ ପ୍ରତ୍ୟେକ ସୋମବାର ଭଳି ଆଜି ମଧ ସଇଁତଳା ମେଡିକାଲରେ ନିଶୁଳ୍କ ଖାଦ୍ୟ ବଣ୍ଟନ କରାଗଲା। ହାରାହାରି ୩୫୦ ଜଣ ଲୋକଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲା। ଗୋଲାପି ଫାଉଣ୍ଡେସନ ର ସଦସ୍ୟ ବଲାଙ୍ଗୀର ନିବାସୀ ନୀତେଶ ଜୈନ ଆଜିର ନିଃଶୁଳ୍କ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମର ସମସ୍ତ ଖର୍ଚ୍ଚ ବହନ କରିଥିଲେ, ସେଥିପାଇଁ ତାଙ୍କୁ ଫାଉଣ୍ଡର ସୁବ୍ରତ ନାଗ ତଥା ଅନ୍ୟ ସଦସ୍ୟ ମାନଙ୍କ ତରଫରୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା। ଗୋଲାପି ଫାଉଣ୍ଡେସନ ତାହାର ଅନେକ ଉନ୍ନତି ମୂଳକ କାର୍ଯ୍ୟକ୍ରମ କରି ଜିଲ୍ଲା ରେ ବେଶ ସୁନାମ ଅର୍ଜନ କରିପାରିଛି । ଗୋଲାପି ଫାଉଣ୍ଡେସନ ର ଫାଉଣ୍ଡର ସୁବ୍ରତ ନାଗଙ୍କ ତତ୍ତ୍ୱାବଧାନ ରେ ଆଗାମୀ ଦିନରେ ଆହୁରି ଲୋକଭିମୁଖୀ କାର୍ଯ୍ୟକ୍ରମ କରିବାର କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି। ଫାଉଣ୍ଡେସନର ଏପ୍ରକାର ସେବା ମନୋଭାବ କାର୍ଯ୍ୟ ଯୋଗୁଁ ପ୍ରଶଂସାର ସୁଅ ଛୁଟିଛି। ଏହି କାର୍ଯ୍ୟକ୍ରମ ରେ ଲୋଚନ ସାହୁ, ସୁଶୀଲ ସାହୁ, ସଂଜୀବ ବାଗ, ମନୋଜ ସାହୁ, କମଲ ସାହୁ, ଏସ ବି ଇମର୍ଶନ, ଆଲୋକ ସାହୁ, ଟିଙ୍କୁ ସାହୁ, ସରୋଜ ଥପ୍ପା, ଗିରିଧାରୀ ଚନ୍ଦନ, ଧ୍ରୁବା ଜାଲ, ବିନୋଦ ସାହୁ, ଭୀଷ୍ମ ସାହୁ, ଆଶିଷ ସାହୁ, ରାକେଶ ସାହୁ, ନୀଳପଦ୍ମ ମିଶ୍ର ସାହାଯ୍ୟ କରିଥିଲେ ।

## ବିକାଶ ଠାରୁ ବହୁ ଦୂରରେ ସିଣ୍ଡିବୁର ଗ୍ରାମ



ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ବର୍ତ୍ତମାନ କିଛିଦିନ ତଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଦ୍ୱାରା ବିକାଶ ରଥକୁ ଗଜପତି ଜିଲ୍ଲାର ପ୍ରତି ଗ୍ରାମକୁ ପଠାଇ ବହୁତ ପ୍ରଚାର କରିଥିଲେ । ସରକାରଙ୍କ ଯୋଜନା ଗୁଡିକର ସଫଳ ରୂପାୟନକୁ ନେଇ ବ୍ୟାପକ ପ୍ରଚାର କରଯାଇଥିଲା। ହେଲେ ବାସ୍ତବରେ ଦେଖିବାକୁ ହେଲେ ଗୁମ୍ମା ବ୍ଲକର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ସିଣ୍ଡିବୁର ଗ୍ରାମରେ ବିକାଶ ସପ୍ନ ହୋଇପଡିଛି। ଦେଶ ସ୍ୱାଧୀନ ହୋଇ ୭୫ ବର୍ଷ ପୁରିଯାଇ ଥିଲେ ମଧ ବିକାଶର ବହୁ ଦୁରରେ ସିଣ୍ଡିବୁର ଗ୍ରାମବାସୀ। କାରଣ ପ୍ରଶାସନର ଆଖି ଆଢୁଆଳରେ ରହିଯାଇଥିଲା ଏହି ଗ୍ରାମ। ଏହି ଗ୍ରାମ ଆର. ଡି ରାସ୍ତା ଠାରୁ ମାତ୍ର ୪କି. ମି ଦୂରତା ଅଟେ। ସମ୍ପୂର୍ଣ୍ଣ ପାହାଡ଼ ଜଙ୍ଗଲ ଉପରେ ଅବସ୍ଥିତ। ୪୦ ପରିବାର କୁ ନେଇ ଏହି ସିଣ୍ଡିବୁର ଗ୍ରାମର ବସତି। ୨୦୨୦ ମସିହାରେ ଏସ. ପି ସାରା ଶର୍ମା ଗ୍ରାମକୁ ଯାଇ ଗ୍ରାମର ଅବସ୍ଥାକୁ ଦେଖି ପୋଷ୍ୟ ଗ୍ରାମ ଭାବେ ଘୋଷଣା କରିଥିଲେ। ସେହି ସମୟରେ ଗ୍ରାମବାସୀ ଅତ୍ୟନ୍ତ ଖୁସି ହୋଇଥିଲେ କି ଆମେ ସମସ୍ତ ସୁବିଧା ପାଇବୁବୋଲି। କିନ୍ତୁ ସେମାନଙ୍କ ଖୁସି ଖୁସିରେ ହିଁ ରହିଗଲା କାରଣ ଏସପି ମାଡାମ ସେହି ଗାଁକୁ ଆଉ ପାଦ ପକେଇଲେନାହିଁ। କେବଳ ପାହାଡ ପାଦଚଲା ରାସ୍ତା ପାଇଁ ମଧ ଉପଯୋଗୀ ନାହିଁ। ରୋଗୀଙ୍କ ପାଇଁ ଆମ୍ବୁଲାନ୍ସ ସ୍ୱପ୍ନ ପାଲଟିଛି କେବଳ ଖଟିଆ ହିଁ ଏକମାତ୍ର ସାହା। ଗତଦିନ ମାନଙ୍କରେ ତ୍ୱରିତ ଚିକିତ୍ସା ସୁବିଧା ନ ପାଇ ମୃତ୍ୟୁ ବରଣ କରିଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି। ପଞ୍ଚାୟତକୁ ଯାଇ ୧୦୦୦ ଟଙ୍କା ଭତ୍ତା ଆଣିବାକୁ ହେଲେ ପାଞ୍ଚ ଶହ ଟଙ୍କା ଖର୍ଚ୍ଚ ହେଉଥିବା ପ୍ରକାଶ କରିଛନ୍ତି ଗ୍ରାମ ବାସି ପାନୀୟ ଜଳ କଥା ନ କହିବା ଭଲ କାରଣ କେବଳ ଛୋଟିଆ ଝରଣା ପାଣିକୁ ଛାଡିଦେଲେ ଏମାନଙ୍କ ପାଖରେ କୌଣସି ବିକଳ୍ପ ନାହିଁ। ଦୂଷିତ ପାଣି ପିଇ ଅନେକ ସମୟରେ ରୋଗ ବେମାରର ଶିକାର ହେଉଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଗ୍ରାମାରେ ସ୍କୁଲ ମଧ ନାହିଁ କେବଳ ଅଙ୍ଗନବାଡି କେନ୍ଦ୍ର ଅଛି ପାଠ ପଢିବାକୁ ଇଛାଥିଲେ ମଧ ବିଦ୍ୟାଳୟ ନ ଥିବାରୁ ପଢିପାରୁନାହାନ୍ତି। ପଞ୍ଚାୟତକୁ ଯାଇ ମାସିକ ପଡି ଚାଉଳ ଆଣିବାକୁ ହେଲେ ଦୁଇ ଶହରୁ ଉର୍ଦ୍ଧ ଟଙ୍କା ଖର୍ଚ୍ଚ ହେଉଛି ବୋଲି ହିତାଧିକାରୀ ମନେ ପ୍ରକାଶ କରିଛନ୍ତି। ଗ୍ରାମବାସୀ ପ୍ରତେକ ତୁରନ୍ତ ରାସ୍ତା ନିର୍ମାଣ କରି ଆମର ଉପକାର କରିବାପାଇଁ ଗୁହାରି କରିଥିବା ବେଳେ ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚଙ୍କୁ ପଚାରିବାରେ ରାସ୍ତା କାମ ନିମନ୍ତେ ଦରଖାସ୍ତ ଦିଆଯାଇଛି କିନ୍ତୁ ଏପର୍ଯ୍ୟନ୍ତ ଏହା ମଞ୍ଜୁରୀ ହୋଇନଥିବା ପ୍ରକାଶ କରିଛନ୍ତି ଏବଂ ଗୋଷ୍ଠୀ ଉନୟନ୍ନ ଅଧିକାରୀ ଦୁଲାରାମ ମାରାଣ୍ଡିଙ୍କୁ ପଚାରିବାରୁ ମୁଁ ନୂଆ ଆସିଛି ଏବିଷୟରେ ମୋର ଅବଗତ ନାହିଁ ବୋଲି କହିଛନ୍ତି।

## ପୂର୍ବତନ ସରପଞ୍ଚ କମଳା କୁମାରୀଙ୍କ ପରଲୋକ

ଜଳେଶ୍ୱର (ଭାସ୍କର ନ୍ୟୁଜ): ଜଳେଶ୍ୱର ବ୍ଲକ ଖୁଦିଆମାଝିସାହି ପଂଚାୟତର ପୂର୍ବତନ ସରପଂଚ କମଳାକୁମାରୀ ଦାସମହାପାତ୍ରଙ୍କ ଆଜି ଦେହାନ୍ତ ହୋଇ ଯାଇଛି । ସେ ୧୯୯୭ରୁ୨୦୦୧ ମଧ୍ୟରେ ସରପଞ୍ଚ ଥାଇ ପଞ୍ଚାୟତ କାର୍ଯ୍ୟାଳୟ ଗୃହ ନିର୍ମାଣ, ଘୋଷସାହି ଛକରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ, ଆଦିବାସୀ ସାହି ଛକ, ତୋଟାପଡା ଓ ବରଙ୍ଗାସାହି ଠାରେ କମ୍ୟୁନିଟୀ ସେଣ୍ଟର ନିର୍ମାଣ, ଗୋପାଳପ୍ରସାଦରେ କ୍ଲବ ଘର ନିର୍ମାଣ, ତୋଟାପାଡା- ମୁଣ୍ଡୁତୁଣିଆ ସଂଯୋଗ ରାସ୍ତାରେ ପୋଲ ନିର୍ମାଣ ଇତ୍ୟାଦି ବହୁ ଜନହିତକର କାର୍ଯ୍ୟ କରି ଆଦୃତ ହୋଇଥିଲେ। ଆଜି ୮୩ ବୟସରେ ଜ୍ୟୋତି ହସ୍‌ପିଟାଲରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କର ପାର୍ଥୀବ ଶରୀରକୁ ଖୁଦିଆମାଝିସାହି ଗାଁକୁ ଅଣାଯିବାପରେ ପୂର୍ବତନ ଦେବୀପ୍ରସନ୍ନ ଚାନ୍ଦ, ସ୍ତମ୍ଭକାର ସୁଦର୍ଶନ ଦାସ, ସରପଂଚ ଚଂଚଳା ସେଠୀ, ସରପଂଚ ସତ୍ୟଶୋଭନ ମିଶ୍ର, କ୍ଷୀତିଶ ଦେ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ପୂର୍ବତନ ସମିତି ସଦସ୍ୟ ତଥା ସାନପୁଅ ମାନସ ରଂଜନ ଦାସମହାପାତ୍ର ସୁବର୍ଣ୍ଣରେଖା ନଦୀକୂଳରେ ମୁଖାଗ୍ନି ଦେଇଥିବା ବେଳେ ବଡପୁଅ ଡ. ଗଦାଧର ଦାସମହାପାତ୍ର, ଶ୍ରୀବାସ ଦାସମହାପାତ୍ର, ଶ୍ରୀନିବାସ ଦାସମହାପାତ୍ର, ସୁବଳ ଦାସମହାପାତ୍ର ଓ ପୁତ୍ରବଧୂ ଓ ନାତି ନାତୁଣୀ ମାନେ ମୃତ୍ୟୁଶଯ୍ୟା ନିକଟରେ ଉପସ୍ଥିତ ଥିଲେ।

## ବିପର୍ଯ୍ୟୟ ପ୍ରଶମନ ତାଲିମ ଶିବିର


କେନ୍ଦୁଝର, (ଭାସ୍କର ନ୍ୟୁଜ) : ଓସଡ଼ମା ସହଯୋଗ ରେ କେନ୍ଦୁଝର ଆପତକାଳୀନ ବିଭାଗ ଆନୁକୂଲ୍ୟରେ ଜିଲ୍ଲା ସମ୍ପ୍ରସାରଣ ତାଲିମ କେନ୍ଦ୍ର ରେ ଦୁଇଦିନିଆ ପଂଚାୟତ ଏକଜିକ୍ୟୁଟିଭ ଅଫିସରଙ୍କ ବିପର୍ଯ୍ୟୟ ପ୍ରଶମନ ତାଲିମ ଶିବିର ଆୟୋଜିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ପିଇଓ ମାନଙ୍କୁ ଉଦ୍‌ବୋଧନ ଦେଇ କହିଲେ ଯେ ବିପର୍ଯ୍ୟୟ ସମୟରେ ଶୂନ୍ୟସହନଶୀଳତା, ଶୂନ୍ୟଜୀବନହାନି ନୀତି ଅନୁଯାୟୀ କାର୍ଯ୍ୟ କରିବାକୁ ହେଲେ ସ୍ୱତନ୍ତ୍ର ତାଲିମ ନେଇ କ୍ଷେତ୍ରରେ ଏହାର ସୁବିନିଯୋଗ କରିବାକୁ ପଡିବ। ଏହା ଦ୍ୱାରା ବିପର୍ଯ୍ୟୟ ଯୋଗୁଁ ଅନେକ ଧନଜୀବନ ରକ୍ଷା କରାଯାଇପାରିବ। ଆସିଷ୍ଟାଣ୍ଟ କଲେକ୍ଟର ସନ୍ତୋଷ କୁମାର ଜେନା କହିଲେ ଯେ ଏହି ତାଲିମ ଦ୍ୱାରା ଅନେକ ଅନାଲୋଚିତ ଜ୍ଞାନ ଆହରଣ କରାଯାଇ କ୍ଷେତ୍ର ସ୍ତରରେ ଲୋକଙ୍କ ହିତରେ ଉପଯୋଗ କରାଯାଇପାରିବ। ଜିଲ୍ଲା ରେଡକ୍ରସ ଯୁଗ୍ମସମ୍ପାଦକ ତଥା ଜାତୀୟସ୍ତରୀୟ ମାଷ୍ଟର ତାଲିମଦାତା ଏ ଆର ଖାନ ସ୍ୱାଗତ ସମ୍ଭାଷଣ ପ୍ରଦାନକରି ଆଜିର ତାଲିମ ର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ, ଜିଲ୍ଲା ପ୍ରକଳ୍ପ ଅଧିକାରୀ ଇଜାଜ ଇକବାଲ ସମସ୍ତ ପିଇଓଙ୍କୁ ସ୍ୱାଗତ କରି ଡିଜାଷ୍ଟର ସମ୍ପର୍କରେ ବିସ୍ତୃତ ବ୍ୟାଖ୍ୟା କରିବା ସହିତ ଏହାକୁ କିପରି କାର୍ଯ୍ୟ ରେ ଲଗାଯାଇପାରିବ ତଥ୍ୟ ପ୍ରଦାନ କରିଥିଲେ। ଏହି ଦୁଇ ଦିନିଆ ତାଲିମ ଶିବିରରେ ଶତାବନ ଜଣ ପିଇଓଙ୍କୁ ମାଷ୍ଟର ଟ୍ରେନର ରଞ୍ଜନ ପଟ୍ଟନାୟକ, କେଦାରନାଥ ଆରୁକ, ଡକ୍ଟର ମହାରଣା, ଓ ବିଭିନ୍ନ ବିଭାଗୀୟ ଅଧିକାରୀ ତାଲିମ ପ୍ରଦାନ କରିଥିଲେ, ଝସକେତନ ମହାନ୍ତ, ସେକ ମହମ୍ମସ ସହନାୱାଜ, ସନ୍ଦୀପ ପଟନାୟକ, ମାନସ ସେଠୀ, ସସ୍ମିତାରାଣୀ ଧର, ଶିବିର ପରିଚାଳନା କରିଥିଲେ।

# ରାଶିଫଳ

ବୁଧବାର, ୦୬ ଅଗଷ୍ଟ ୨୦୨୫



**ମେଷ:** ବ୍ୟବସାୟ ଆଶା କରାଯାଉଥିବା ସଫଳତା ହାସଲ କରିବାର ସମ୍ଭାବନା ଅଧିକ। ଆୟ ବୃଦ୍ଧି ପାଇବ। ମଜା ଏବଂ ମଜାଦାର ଧାରା ଦିନସାରା ଜାରି ରହିବ। ଆଜି ଆପଣ ଘର ସାଜସଜ୍ଜାରେ ନୂତନତା ଆଣିବେ। ଆଜି ଘର ସଜାଇବା ପାଇଁ ବ୍ୟବସ୍ଥା ମଧ ପରିବର୍ତ୍ତନ ହେବ।




**ବୃଷ:** ଆଜି ଆପଣ ବ୍ୟବସାୟର ବିକାଶ ପାଇଁ ଅଧିକ ଧ୍ୟାନ ଦେବେ। ନୂତନ ଯୋଜନା ଏବଂ ଚିନ୍ତାଧାରାର ନୂତନତ୍ୱ ସହିତ ବ୍ୟବସାୟ ପ୍ରଗତି ଆଡକୁ ଗତି କରିବ। ତଥାପି, ସଫଳତା ବିଳମ୍ବ ହୋଇପାରେ । ମଧ୍ୟାହ୍ନ ଭୋଜନ ପରେ ଏକ ବ୍ୟବସାୟ ଅନୁକୂଳ ପରିବେଶ ସୃଷ୍ଟି ହେବ।



**ମିଥୁନ:** ମନରୁ ନକାରାତ୍ମକ ଚିନ୍ତାଧାରାକୁ ହଟାଇ ଆପଣ ନିରାଶାରୁ ବାହାରି ଆସିବେ। ଅନୈତିକ କାର୍ଯ୍ୟଗୁଡ଼ିକ ଚିନ୍ତାର କାରଣ ହୋଇପାରେ। ତେଣୁ ଯଦି ସମ୍ଭବ ସେସବୁରୁ ଦୂରରେ ରୁହନ୍ତୁ । ବ୍ୟବସାୟରେ ବିକାଶ ସହିତ ନୂତନ ଯୋଜନା ମଧ କାର୍ଯ୍ୟକାରୀ ହେବ।




**କର୍କଟ:** ମନ ଆନନ୍ଦ ଏବଂ ମଜା ସହିତ ଆନନ୍ଦିତ ହେବ। ଏହି ଧାରାରେ, ସାଙ୍ଗମାନଙ୍କ ସହିତ ମନୋରଞ୍ଜନର ଉପଭୋଗକୁ ଦ୍ୱିଗୁଣିତ କରିବ। ମଧ୍ୟାହ୍ନ ଭୋଜନ ପରେ ଆପଣଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ। ଗାଡ଼ି ଚଳାଇବା ସମୟରେ ଯତ୍ନ ନିଅନ୍ତୁ ଏବଂ ଆପଣଙ୍କ କ୍ରୋଧକୁ ନିୟନ୍ତ୍ରଣ କରନ୍ତୁ। ମନେରଖନ୍ତୁ ଯେ ବକ୍ତବ୍ୟ ଆକ୍ରମଣାତ୍ମକ ନୁହେଁ।



**ସିଂହ:** ଆପଣଙ୍କର ଅଧକ୍ଷତାରେ ବୃତ୍ତିଗତ ଲୋକମାନେ ବୃତ୍ତିଗତ ଭାବରେ ଉପକୃତ ହେବେ। ଧନ ପାଇବା ପାଇଁ ଦୃଢ ସମ୍ଭାବନା ଅଛି। ଆୟ ହେତୁ ଆର୍ଥିକ ଦୃଷ୍ଟିରୁ ସୁଧ ପେରସ୍ତ ହେବ। ସେୟାର ଇତ୍ୟାଦି ମାଧ୍ୟମରେ ଆୟ ବୃଦ୍ଧି ହେବାର ସମ୍ଭାବନା ଅଛି।




**କନ୍ୟା:** ପୋଷାକ ସପିଂ ଆପଣଙ୍କ ପାଇଁ ଉତ୍ସାହଜନକ ଏବଂ ଉପଭୋଗ୍ୟ ହେବ। କଳା ପ୍ରତି ତୁମର ଆଗ୍ରହ ବିଶେଷ ହେବ। ବ୍ୟବସାୟରେ ବିକାଶ ହେତୁ, ମନରେ ସୁଖ ରହିବ। ବ୍ୟବସାୟରେ ସମୟ ଅନୁକୂଳ ହେବ। ପ୍ରତିଯୋଗୀମାନେ ଜିତିବେ।



**ତୁଳା:** ଆଜି ଆପଣଙ୍କ ପାଇଁ ମଧ୍ୟମ ଫଳପ୍ରଦ ହେବ। ପ୍ରକୃତ ସମ୍ପତ୍ତି ଦଲିଲଗୁଡ଼ିକର ଯତ୍ନ ନିଅନ୍ତୁ। ମା'ଙ୍କ ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ। ଧ୍ୟାନ ଦିଅନ୍ତୁ ଯେ ପରିବାରରେ କୌଣସି ବିବାଦ ହେବ ନାହିଁ। କିନ୍ତୁ ମଧ୍ୟାହ୍ନ ପରେ ସୁସ୍ଥ ଅନୁଭବ କରିବେ। ସୃଜନଶୀଳ ପ୍ରବୃତ୍ତି ପ୍ରତି ଧ୍ୟାନ ଦେବ। ଛାତ୍ରମାନଙ୍କ ପାଇଁ ସମୟ ଅନୁକୂଳ ଅଟେ।




**ବିଛା:** ଘରୋଇ ଜୀବନରେ ଜଟିଳ ପ୍ରଶ୍ନର ସମାଧାନ ହେବ। ଏହା ସହିତ, ଆପଣ ପ୍ରକୃତ ସମ୍ପତ୍ତି ସହିତ ଜଡିତ କାର୍ଯ୍ୟ ସହିତ ମୁକାବିଲା କରିବାକୁ ପାଇବେ। ଭାଇଭଉଣୀଙ୍କ ସହିତ ସମ୍ପର୍କରେ ରହିବ। ମଧ୍ୟାହ୍ନ ଭୋଜନ ପରେ କାର୍ଯ୍ୟରେ ଅସୁବିଧା ବୃଦ୍ଧି ପାଇବ। ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଚିନ୍ତା ଅନୁଭବ କରିବେ।



**ଧନୁ:** ଆଜି, ମନ ଆଧ୍ୟାତ୍ମିକ ଚିନ୍ତାଧାରା ଏବଂ ପ୍ରବୃତ୍ତିରେ ନିୟୋଜିତ ହେବ। ତଥାପି, ଛାତ୍ରମାନେ ପଢିବା ଏବଂ ଲେଖିବାରେ ଏକାଗ୍ରତା ବଜାୟ ରଖିବା ଆବଶ୍ୟକ। ମଧ୍ୟାହ୍ନ ଭୋଜନ ପରେ, ଚିନ୍ତା କମାଇବା ପାଇଁ ସମାଧାନ ଖୋଜି ମାନସିକ ଶାନ୍ତି ଅନୁଭବ କରିବେ। ଶାରୀରିକ ଏବଂ ମାନସିକ ସ୍ତରରେ ସୁସ୍ଥ ରହିବ।



**ମକର:** ଆଜି ପ୍ରତ୍ୟେକ କାର୍ଯ୍ୟ ବିନା ବାଧାରେ ସଂପୂର୍ଣ୍ଣ ହେବ। ଘରୋଇ ଜୀବନରେ ଅତ୍ୟଧିକ ସୁସ୍ଥ୍ୟ ପରିବେଶ ରହିବ। ଆପଣ ଆଧ୍ୟାତ୍ମିକ ପ୍ରବୃତ୍ତି ପାଇଁ ଆଗ୍ରହୀ ହେବେ। ମଧ୍ୟାହ୍ନ ପରେ, ଆପଣଙ୍କ ମନରେ ନକାରାତ୍ମକ ଚିନ୍ତାଧାରାର ଆକ୍ରମଣ ହେତୁ, ନିରାଶାର ମେଘ ଦେଖାଯିବ। ନିଷ୍ପତ୍ତି ଶକ୍ତିର ଅଭାବ ରହିବ। ଘରୋଇ କାମ ପଛରେ ଟଙ୍କା ଖର୍ଚ୍ଚ କରିବାର ସମ୍ଭାବନା ଅଛି।



**କୁମ୍ଭ:** କୋର୍ଟ କାର୍ଯ୍ୟରେ ସଫଳତା ମିଳିବ। ପରୋପକାରୀ କାର୍ଯ୍ୟ ପଛରେ ଟଙ୍କା ଖର୍ଚ୍ଚ ହେବ। ଭଗବାନଙ୍କୁ ଉପାସନା କରିବା ଆପଣଙ୍କ ମନରେ ଶାନ୍ତି ଆଣିବ। ମଧ୍ୟାହ୍ନ ପରେ ଆପଣଙ୍କର ପ୍ରତ୍ୟେକ କାର୍ଯ୍ୟ ସହଜରେ ସମାପ୍ତ ହେବ। ପାରିବାରିକ ଜୀବନରେ ସମନ୍ୱୟ ରହିବ। ଶାରୀରିକ ସ୍ୱାସ୍ଥ୍ୟ ମଧ ଭଲ ରହିବ।



**ମୀନ:** ବିବାହ କରିବାକୁ ଯୋଗ ଫିଟିବ। ବାଣିଜ୍ୟିକ କ୍ଷେତ୍ରରେ ମଧ ଲାଭ ହେବ। ପାରିବାରିକ ଜୀବନରେ ସୁଖ ଏବଂ ଶାନ୍ତି ରହିବ। ହୁଏତ କିଛି ସୁନ୍ଦର ସ୍ଥାନରେ ରହିବାକୁ ପଡିପାରେ। ସାଙ୍ଗମାନେ ମଧ ଉପକୃତ ହେବେ। ମଧ୍ୟାହ୍ନ ଭୋଜନ ପରେ, ଆପଣ କୌଣସି କାରଣରୁ ମାନସିକ ସ୍ତରରେ ଚିନ୍ତିତ ହେବେ। ଧାର୍ମିକ କାର୍ଯ୍ୟ ପଛରେ ଟଙ୍କା ଖର୍ଚ୍ଚ ଅଧିକ ରହିବ।



ଶ୍ରୀପତି ଆଚାର୍ଯ୍ୟ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଆଳି, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ସ୍ଥିତ କଟକ ସେଣ୍ଟ୍ରାଲ କୋ ଅପରେଟିଭ ବ୍ୟାଙ୍କର ଆଳି ନୂତନ ବସ ଷ୍ଟାଣ୍ଡ ସମ୍ମୁଖରେ ଦୀର୍ଘଦିନ ଧରି ଚାଲି ଆସୁଥିବା ଶାଖା ଆଜି ଆଳି ନୂତନ କୋର୍ଟ ସମ୍ମୁଖ କୁ ସ୍ଥାନାନ୍ତର ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଏକ ଉଦ୍ଘାଟନୀ ସଭା ଓ ନୂତନ ଗୃହ ପ୍ରବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସୂଚନା ସୂତ୍ରରୁ ପ୍ରକାଶ ଯେ ଆଳି ସମବାୟ ବ୍ୟାଙ୍କ ଅଧୀନ ରେ ମୋଟ ୨୨ଟି ସୋସାଇଟି ରହିଛି । ଯାହା ମାଧ୍ୟମରେ ଚାଷୀ ମାନଙ୍କୁ ବ୍ୟାଙ୍କ ସହାୟତା ରେ ଋଣ ପ୍ରଦାନ କରାଯାଇଥାଏ । ପୂର୍ବରୁ ଥିବା ଅଫିସ ଟି ଦୀର୍ଘ ଦିନ ହେବ ଏକ ପୁରୁଣା ଗୃହ ଚାଲୁଥିବା ହେତୁ ବାରମ୍ବାର ସଟସର୍କିଟ ହେବା ସହ ଛାତରୁ ପାଣି ଗଳୁଥିବା ଦେଖିବାକୁ ମିଳୁଥିଲା । ଦୈନନ୍ଦିନ କାର୍ଯ୍ୟ କରିବା ପାଇଁ ଶତାଧିକ ଲୋକ ବ୍ୟାଙ୍କକୁ ଆସୁଥିବା ବେଳେ ବ୍ୟାଙ୍କର ଗୃହ ସଙ୍କୀର୍ଣ୍ଣ ଓ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ହେତୁ ଖାତାଧାରୀମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏହିସବୁ ସମସ୍ୟାକୁ ଆଖିଆଗରେ ରଖି ବ୍ୟାଙ୍କ ତାର ଶାଖାକୁ ଆଳି ନୂତନ କୋର୍ଟ ସାମ୍ନାକୁ ସ୍ଥାନାନ୍ତର କରିଛି । ମଙ୍ଗଳବାର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଟକ ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଅରୁଣ କୁମାର ସାହୁ, ସମ୍ମାନନୀୟ ଅତିଥି ସୁଜାତା ଦାସ, ଆଳି ଶାଖା ପରିଚାଳକ ନିହାରକାନ୍ତ ସ୍ୱାଇଁ, କୋଷାଧକ୍ଷ ବାସୁଦେବ ମହାରଣା, ସୌଭାଗ୍ୟ ରଞ୍ଜନ ଦାସଙ୍କ ସହ ପୂର୍ବତନ ଶାଖା ପରିଚାଳକ ଜଗନ୍ନାଥ ତ୍ରିପାଠୀ ଫିତା କାଟି ଉଦଘାଟନ କରିଥିବା ବେଳେ ସମସ୍ତ ୨୨ ପ୍ୟାକ୍ସର ସମ୍ପାଦକ, ସହ ସମ୍ପାଦକ, ସଭାପତି ଓ ସମସ୍ତ କର୍ମଚାରୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଅଲ୍ ଇଣ୍ଡିଆ ପ୍ୟାରେଣ୍ଟସ୍ ଆସୋସିଏସନ୍‌ର ରାଜ୍ୟ ସମ୍ମିଳନୀ




ରାଉରକେଲା (ଭାସ୍କର ନ୍ୟୁଜ୍) : ଅଲ୍ ଇଣ୍ଡିଆ ପ୍ୟାରେଣ୍ଟ ଆସୋସିଏସନର ୨ୟ ରାଜ୍ୟ ସମ୍ମିଳନୀ ରାଉରକେଲାର ଉଦିତ ନଗର ସ୍ଥିତ ଆରଟିଡିଏ ହଲ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ସଙ୍ଗଠନର ରାଜ୍ୟ ସଭାପତି ପ୍ରଦୀପ୍ତ ନାୟକ ସଭାପତିତ୍ୱ କରିଥିଲେ । ସମ୍ମିଳନୀକୁ ବରିଷ୍ଠ ଆଇନଜୀବୀ ଗିରିଶ ଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ଶିକ୍ଷକ ନେତା ବ୍ରଜେନ୍ଦ୍ର ଦାଶ, ବିଶିଷ୍ଟ ସାମ୍ବାଦିକ ଅରବିନ୍ଦ ଦାଶ ପ୍ରମୁଖ ଯୋଗ ଦେଇଥିବା ବେଳେ ଯଯାତୀ କେଶରୀ ସାହୁ, ନୀହାର ରଞ୍ଜନ ସାମଲ, ଗାୟତ୍ରୀ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ସଙ୍ଗଠନର ସାଧାରଣ ସମ୍ପାଦକ ସୁରେନ୍ଦ୍ର ଦାଶ ସମ୍ପାଦକୀୟ ରିପୋର୍ଟ ଉପସ୍ଥାପନ କରିଥିଲେ । ଏହି ରାଜ୍ୟ ସମ୍ମିଳନୀ ରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୭୦ ଜଣ ପ୍ରତିନିଧି ଯୋଗ ଦେଇଥିଲେ । ସମ୍ମିଳନୀରେ ପ୍ରତିନିଧି ମାନେ ନୂତନ ଶିକ୍ଷା ନୀତି ୨୦୨୦ ଓ ଆଜି ଦିନରେ ଶିକ୍ଷା ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ । ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି । ହଜାର ସଂଖ୍ୟାରେ ସରକାରୀ ଶିକ୍ଷାନୁଷ୍ଠାନ ବନ୍ଦ ହେବାରେ ଲାଗିଛି । ଯାହାଫଳରେ ଘରୋଇ ଶିକ୍ଷାନୁଷ୍ଠାନ ଗୁଡିକ ଛତୁ ଫୁଟିଲା ପରି ଗଢି ଉଠୁଛି । ଘରୋଇ ଶିକ୍ଷାନୁଷ୍ଠାନ ଗୁଡିକ ଅଭିଭାବକମାନଙ୍କ ଠାରୁ ଅହେତୁକ ଅର୍ଥ ଆଦାୟ କରାଯାଉଛି । ଗରିବ ପରିବାରର ପିଲାମାନଙ୍କ ପାଇଁ ଉଚ୍ଚ ଶିକ୍ଷା ଆଜି ସପ୍ନ ହୋଇପଡିଛି । ସରକାରଙ୍କ ପକ୍ଷରୁ ଶିକ୍ଷା ପାଇଁ ବଜେଟ ଦିନକୁ ଦିନ କମିବାରେ ଲାଗିଛି । ନୂତନ ଶିକ୍ଷକ ନିଯୁକ୍ତି ହେଉନାହିଁ । ଚୁକ୍ତିଭିତ୍ତିକ ଶିକ୍ଷକ ନିଯୁକ୍ତି ମିଳୁଛି । ସରକାରଙ୍କ ପକ୍ଷରୁ ଶିକ୍ଷକମାନଙ୍କୁ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ପଠାଯାଉଛି । ଯାହା ଫଳରେ ଶିକ୍ଷକମାନେ ଶିକ୍ଷାନୁଷ୍ଠାନ ମାନଙ୍କରେ କମ୍ ସମୟ ରହୁଥିବା ବେଳେ ସରକାରଙ୍କ ବିଭିନ୍ନ ଯୋଜନାର ସର୍ଭେ ରେ ନିୟୋଜିତ କରାଯାଉଛି । ନୂତନ ଶିକ୍ଷା ନୀତି ୨୦୨୦ ଲାଗୁ ହେବା ଫଳରେ ଶିକ୍ଷାର ଘରୋଇ କରଣକୁ ଅଧିକ ପ୍ରୋତ୍ସାହନ ମିଳିବ, ଶିକ୍ଷାର ମାନ କମିବା ସହିତ ବୈଜ୍ଞାନିକ ସମ୍ମତ ଶିକ୍ଷାରୁ ଛାତ୍ରଛାତ୍ରୀ ମାନେ ଦୂରେଇ ଯିବେ । ତେଣୁ ସରକାର ଶିକ୍ଷା ପାଇଁ ବଜେଟ ରେ ଅଧିକ ଅର୍ଥ ପ୍ରଦାନ କରିବା । ଶିକ୍ଷାନୁଷ୍ଠାନ ପାଇଁ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ କରିବା, ଶିକ୍ଷାନୁଷ୍ଠାନ ରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ନିଯୁକ୍ତ ପ୍ରଦାନ କରିବା । ବୈଷୟିକ ଶିକ୍ଷାନୁଷ୍ଠାନ ଅଧିକରୁ ଅଧିକ ଖୋଲାଯିବା ନେଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବା ନେଇ ସମ୍ମିଳନୀରେ ପ୍ରସ୍ତାବ ମାନ ନିଆଯାଇଥିଲା । ଶେଷରେ ଆଗାମୀ ସମ୍ମିଳନୀ ପାଇଁ ଏକ ୨୧ ଜଣିଆ କମିଟି ଗଠନ କରାଯାଇଥିଲା ଉକ୍ତ ନୂତନ କମିଟିରେ ଉପଦେଷ୍ଟା ଭାବରେ ସୁରେନ୍ଦ୍ର ଜେନା, ଅମୀୟ କୁମାର ମହାନ୍ତି, ବଜେନ୍ଦ୍ର ଦାଶ ସଭାପତି ଭାବରେ ପ୍ରଦୀପ୍ତ ନାୟକ, ସାଧାରଣ ସମ୍ପାଦକ ସୁରେନ୍ଦ୍ର ଦାଶ, ଉପ ସଭାପତି ଭାବରେ ନିହାର ରଞ୍ଜନ ସାମଲ, ଡଲି ଦାଶ, ବୁଧନୀ ମୁଣ୍ଡାରି, କିଶୋର ଜେନା, ଯୁଗ୍ମ ସମ୍ପାଦକ ଭାବରେ ଯଯାତୀ କେଶରୀ ସାହୁ, ଉମେଶ ପୁରୋହିତ ସର୍ବେଶ୍ୱର ଦାଶ, ଦ୍ୱିତିକୃଷ୍ଣ ନାୟକ, କମିଟି ସଭ୍ୟ ଭାବରେ ବିଶ୍ୱନାଥ ଲେଙ୍କା, ରାଜିବ ବସନ୍ତରାଏ, ସନ୍ତୋଷ ବିଶ୍ୱାଳ, ଧନ୍ତିଆ ତାଣ୍ଡିଆ, ଗାୟତ୍ରି ମିଶ୍ର, ଅର୍ଚ୍ଚନା ମିଶ୍ର, ପ୍ରମୁଖ ନିର୍ବାଚନ ହେଇଥିଲେ । ଶେଷ ରେ ରାଜ୍ୟ ଉପ ସଭାପତି ନିହାର ରଞ୍ଜନ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଭିନ୍ନ ଶୈବପୀଠରେ ଭକ୍ତଙ୍କ ଜଳଲାଗି

ଉମରକୋଟ(ଭାସ୍କର ନ୍ୟୁଜ୍): ଆଷାଢ଼ ପୂର୍ଣ୍ଣିମା ଠାରୁ ଆରମ୍ଭ କରି ଶ୍ରାବଣ ପୂର୍ଣ୍ଣିମା ପର୍ଯ୍ୟନ୍ତ ସମସ୍ତ ସୋମବାରରେ ବିଭିନ୍ନ ଶିବାଳୟରେ ଭକ୍ତମାନେ ଶିବଙ୍କ ଜଳ ଢ଼ାଳିଥାନ୍ତି । ବୋଲବମ୍ ଯାତ୍ରାରେ ଭାଗ ନେଉଥିବା ଭକ୍ତମାନେ ଗେରୁଆବସ୍ତ୍ର ପରିଧାନ କରି କାନ୍ଧରେ କଳସୀ ଭାର ଧରି ଚାଲି ଚାଲି ସଂପୂର୍ଣ୍ଣ ପଥ ଅତିକ୍ରମ କରିଥାନ୍ତି । ସେମାନେ କୌଣସି ନଦୀ ବା ଜଳାଶୟରୁ ଜଳନେଇ ମହାଦେବ ମନ୍ଦିରର ଶିବଲିଙ୍ଗ ଉପରେ ଜଳ ଢ଼ାଳନ୍ତି । ବିଶେଷକରି ଶ୍ରାବଣ ମାସର ପ୍ରତି ସୋମବାରରେ କାଉଡିଆଙ୍କ ଯାତ୍ରା ନର୍ମଦାରୁ ମହାକାଳ ପର୍ଯ୍ୟନ୍ତ, ଗଙ୍ଗାରୁ ନୀଳକଣ୍ଠ ମହାଦେବ, ବୈଦ୍ୟନାଥ ଧାମ, ଗୋଦବରୀରୁ ତ୍ରୈମ୍ବକ, ଗଙ୍ଗାରୁ କେଦାରେଶ୍ୱର ପର୍ଯ୍ୟନ୍ତ ଦୃଶ୍ୟମାନ ହୋଇଥାନ୍ତି । ଏ ପରମ୍ପରା କେବେଠୁ ଆରମ୍ଭ ହୋଇଛି ତାହାର କୌଣସି ପ୍ରମାଣ ନାହିଁ । ତେବେ ପୁରାଣମାନଙ୍କରେ ଏହାର ପ୍ରମାଣ ଅଛି । ଦେବତା ଓ ଅସୁରମାନଙ୍କ ଦ୍ୱାରା କରାଯାଇଥିବା ସମୁଦ୍ର ମନ୍ଥନ ଯୋଗୁଁ ଶ୍ରାବଣ ମାସ ଅମାବାସ୍ୟା ଦିନ ସମୁଦ୍ରରୁ ଅମୃତ ଓ ବିଷ ପ୍ରାପ୍ତ ହୋଇଥିଲା । ଦେବତାମାନଙ୍କ ଅନୁରୋଧକ୍ରମେ ମହାଦେବ ସେହି ବିଷପାନ କରିଥିଲେ । ଫଳରେ ବିଷର ଉତ୍କଟ ଜ୍ୱାଳାରେ ତାଙ୍କ କଣ୍ଠ ନୀଳବର୍ଣ୍ଣ ହୋଇଯାଇଥିଲା । ବିଷପାନ ଯନ୍ତ୍ରଣାରୁ ଲାଘବ କରିବା ପାଇଁ ଦେବତାଗଣ, ମହାଦେବଙ୍କ ମସ୍ତକରେ ସୁବାସିତ ଜଳ ଢ଼ାଳିଥିଲେ । ଶିବଙ୍କ ଠାରୁ କୃପା ଲାଭ କରିବା ଶ୍ରାବଣମାସରେ ପ୍ରତିବର୍ଷ ନୀଳକଣ୍ଠଙ୍କ ଜଳଲାଗି ଉତ୍ସବ ପାଳନ କରାଯାଇଆସୁଛି । ଭଗବାନ ଶିବ ଗଙ୍ଗାଜଳ ସ୍ନାନ ଦ୍ୱାରା ପ୍ରସନ୍ନ ହୋଇଥାଆନ୍ତି, ତାଙ୍କୁ ଧୂପ, ଦୀପ, ନୈବେଦ୍ୟ ତଥା ଫୁଲ ଚଢ଼ାଇବା ଦ୍ୱାରା ସେତିକି ପ୍ରସନ୍ନ ହୋଇନଥାନ୍ତି । କାନ୍ଧରେ କାଉଡି ଭାରବୋହି ବୋଲବମ୍ ଡାକଦେଇ ଯିବା ଦ୍ୱାରା ଭକ୍ତ ଅଶ୍ୱମେଧ ଯଜ୍ଞସମ ପୁଣ୍ୟ ଲାଭ କରିଥାଏ । ଆଜି ଶ୍ରାବଣ ମାସ ଶେଷ ସୋମବାର ଉମରକୋଟ ସହରର ବିଭିନ୍ନ ଶୈବପୀଠ ରେ ବୋଲବମ ଭକ୍ତଙ୍କ ସମାଗମ ପରିଲକ୍ଷିତ ହୋଇଛି ଧୋଡ୍ରା ନିକଟସ୍ଥ ବିଡ୍ରି ନଦୀ ରୁ ବୋଲବମ ଭକ୍ତ ମାନେ ସଂକଳ୍ପ କରି ପ୍ରାୟ ୧୨ କିଲୋମିଟର ପଥ କୁନି କୁନି ପୁଅ ଝିଅ ମାନେ ଜଳଭାର କାଉଡି ଧରି ଚାଲି ଚାଲି ପହଞ୍ଚିଥିଲେ ଉମରକୋଟ ସହର ଥିବା ନିଳକଣ୍ଠ ଶିବ ମନ୍ଦିରରେ । ମହାଦେବଙ୍କ ଜଳାଭିଷେକ କରି ଆଶିଷ ଲାଭ କରିଛନ୍ତି ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଦୁର୍ନୀତି ଅଭିଯୋଗ



ଚିତ୍ରକୋଣ୍ଡା (ଭାସ୍କର ନ୍ୟୁଜ୍): ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଅଧିନିୟମ (ଏମଜିଏନ ଆରଜିଏ) ଅନୁଯାୟୀ ୧୦୦ ଦିନର କାମ ଯୋଗାଇ ଦେବା ପାଇଁ ସରକାର ତତ୍ପର ଥିବା ବେଳେ ଏହି କାମକୁ ନେଇ ମହାଦୁର୍ନୀତିର ଅଭିଯୋଗ ଆଣିଛନ୍ତି ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ନୂଆଗୁଡ଼ା ପଞ୍ଚାୟତ ବାସିନ୍ଦା । ସୂଚନା ଅନୁଯାୟୀ ନୂଆଗୁଡ଼ା ପଞ୍ଚାୟତ ର ଆରଏସସି-୧୦ ଗ୍ରାମରୁ ଡଙ୍ଗର ଦେବୀ ଆଡ଼କୁ ଯାଉଥିବା ରାସ୍ତାଟି ବର୍ତ୍ତମାନ କାମ ଚାଲିଛି । ସେହିପରି ଆରଏସସି-୧୧ ଠାରୁ ଗାଁ ମଶାଣି ପର୍ଯ୍ୟନ୍ତ ରାସ୍ତା କାମ ଚାଲୁଅଛି । ଲୋକଙ୍କ କହିବା ଅନୁଯାୟୀ ନୂଆଗୁଡ଼ା ପଞ୍ଚାୟତର ଅନ୍ୟ ଗ୍ରାମ ଗୁଡିକରେ ମଧ ଏହିଭଳି ଏନଆରଜିଏସ୍‌ର କାମ ଚାଲୁଛି । ପ୍ରଥମତଃ ସରକାରଙ୍କ ନିୟମ ଅନୁଯାୟୀ ଜୁନ ୧୫ ପରେ ମାଟି କାମ କରାଯିବା ନିଷେଧ ଥିବା ବେଳେ କିଭଳି ଏଠାରେ କାର୍ଯ୍ୟରତ ଜିଆରଏସ ଏବଂ ପିଇଓଙ୍କ ଜାଣତରେ କାମ ଚାଲୁଛି ତାହା ନେଇ ଗ୍ରାମବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । କାମ ନ ସରିବା ପୂର୍ବରୁ ଟଙ୍କା ଉଠା ଯାଉଥିବା ନେଇ ସଙ୍ଗୀନ ଅଭିଯୋଗ ମଧ୍ୟ ଆଣିଛନ୍ତି ଗ୍ରାମବାସୀ । ସରକାରଙ୍କ ସମ୍ପତ୍ତିକୁ ନିଜ ସମ୍ପତ୍ତି ଭାବି ନିଜ ଇଚ୍ଛା ମୁତାବକ କେମିତି ଅନୈତିକ ଭାବେ ବ୍ୟବହାର କରୁଛନ୍ତି ତାକୁ ନେଇ କଡ଼ା ସମାଲୋଚନା କରିଛନ୍ତି ବୁଦ୍ଧିଜୀବୀ । ସେଥିପାଇଁ ବୋଧେ ତରବରିଆ ଭାବେ ବ୍ଲକ ପ୍ରଶାସନ ବର୍ଷା ଦିନ ଥିବା ସତ୍ତ୍ୱେ କାମ ସରାଇବା ପାଇଁ ଲାଗି ପଡ଼ିଛି । ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରି ସମ୍ପୃକ୍ତ ଅଧିକାରୀଙ୍କ ଉପରେ ତୁରନ୍ତ କଡ଼ା ପଦକ୍ଷେପ ନେବା ପାଇଁ ଦାବି କରିଛନ୍ତି ଗ୍ରାମବାସୀ ବୃନ୍ଦ ।

# ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



କାଳିମେଳା (ଭାସ୍କର ନ୍ୟୁଜ୍): କାଳିମେଳା ଗୋପବନ୍ଧୁ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର +୨ କଳା ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ହିମାଂଶୁ ଶେଖର ବୈଦ୍ୟ ସଭା ଅଧ୍ୟକ୍ଷତା କରିଥିବା ବେଳେ ସାମାଜିକ ବିଜ୍ଞାନ ଅଧ୍ୟାପକ ତଥା କଲଚୁରାଲ ଇନଚାର୍ଜ ଅଧ୍ୟାପକ ସୁଧାମ ଚରଣ ମହାଳିକ ସଭା ପରିଚାଳନା କରିଥିଲେ । ଅଧ୍ୟକ୍ଷ ଛାତ୍ରଛାତ୍ରୀଙ୍କୁ ନୂତନ ଶିକ୍ଷାବର୍ଷ ୨୦୨୫-୨୬ କୁ ସ୍ୱାଗତ ଜଣାଇବା ସହିତ ଶୃଙ୍ଖଳିତ, ସମୟାନୁବର୍ତ୍ତିତା ଓ କଠିନ ପରିଶ୍ରମ କରି ଭଲ ପାଠ ପଢିବା ପାଇଁ ପରାମର୍ଶ ଦେଇଥିଲେ । ଓଡ଼ିଆ ଅଧ୍ୟାପକ ଡକ୍ଟର ପ୍ରଭାତ କୁମାର ସୁତାର, ରାଜନୀତି ବିଜ୍ଞାନ ଅଧ୍ୟାପକ ଡକ୍ଟର ପ୍ରକାଶ ଚନ୍ଦ୍ର ମିଶ୍ର, ଇଂରାଜୀ ଅଧ୍ୟାପକ ପ୍ରଫୁଲ କୁମାର ବିଶ୍ୱାଳ, ଶିକ୍ଷା ବିଭାଗ ଅଧ୍ୟାପକ ବିମଳ କୁମାର ସାହୁ, ଇତିହାସ ଅଧ୍ୟାପିକା ରାନୁ ତିୱାରୀ, ଓଡ଼ିଆ ଅଧ୍ୟାପିକା ଧରିତ୍ରୀ ପ୍ରଧାନ,ପିଟି ସହଦ୍ଦେ ଦାସ, ଲାଇବ୍ରେରୀଆନ ଶୈଳେନ୍ଦ୍ର ଦାସ,ହେଡ୍ କ୍ଲର୍କ ବୀରେନ୍ଦ୍ର କୁମାର ମହାନ୍ତି, କନିଷ୍ଠ କ୍ଲର୍କ ନାରାୟଣ ସିଂ, ଡିଇଓ ଜଲିଲ ଖାନ ପ୍ରମୁଖ ମଞ୍ଚାସୀନ ହୋଇଥିଲେ । ସଭା ପ୍ରାରମ୍ଭରେ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ସହ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ସମସ୍ତ ଛାତ୍ରଛାତ୍ରୀଙ୍କୁ ଚନ୍ଦନ ଓ ପୁଷ୍ପ ଦେଇ ସ୍ୱାଗତ କରାଯାଇଛି । ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିଥିଲେ । ବିଦ୍ୟାଳୟ ତରଫରୁ ଓଡିଶା ଓ ଭାରତ ସରକାରଙ୍କୁ ଅଶେଷ ଧନ୍ୟବାଦ ଅର୍ପଣ କରାଯାଇଥିଲା । ଅଧ୍ୟାପକ ସୁଧାମ ଚରମ ମହାଳିକ ସଭା ଶେଷରେ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ ।

# ଘୁମରେଶ୍ୱର ଶୈବ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼

ତେନ୍ତୁଳି ଖୁଣ୍ଟି (ଭାସ୍କର ନ୍ୟୁଜ୍): ନବରଂଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଅନ୍ତର୍ଗତ ଝରିଗୁମା ପଞ୍ଚାୟତ ଘୁମରେଶ୍ୱର ଶୈବ ପୀଠ ରେ ଭକ୍ତ ଓ ଶ୍ରଦ୍ଧାଳୁ ଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ଶ୍ରାବଣ ମାସର ଶେଷ ସୋମବାର ହୋଇଥିବାରୁ ହଜାର ହଜାର ଭକ୍ତଙ୍କ ସହ କାଉଡ଼ିଆ ମହାଦେବ ଙ୍କ ଜଳ ଲାଗି ଓ ଦର୍ଶନ ପାଇଁ ଆସିଥିଲେ । ମନ୍ଦିର ପରିଚାଳନା କମିଟି ତରଫରୁ ଭକ୍ତ ଙ୍କ ନିମନ୍ତେ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା ।୧୦ହଜାରରୁ ଉର୍ଦ୍ଧ୍ୱ ଭକ୍ତ ଓ ଶ୍ରଦ୍ଧାଳୁ ଅନ୍ନ ପ୍ରସାଦ ସେବନ କରିଥିଲେ । ଏହି ଅବସରରେ ଘୁମରେଶ୍ୱର ଶୈବ ପୀଠର ପାର୍ବତୀ ମନ୍ଦିର ପରିସର ରେ ନବରଂଗପୁର ସାଇ ସମିତି ଓ ଖାତିଗୁଡା ଭଜନ ମଣ୍ଡଳୀ ତରଫରୁ ରୁଦ୍ରଭିଷେକ ପୂଜା କରାଯାଇଥିଲା । ଏହି ପୂଜା ରେ କର୍ତ୍ତା ଭାବେ ପାତ୍ରପୁଟ ଗ୍ରାମ ର ଏମ କ୍ରିଷ୍ଣା ରାଓ ଓ ଏମ ଭାରତୀ ରହିଥିବା ବେଳେ ୫୦ ରୁ ଉର୍ଦ୍ଧ୍ୱ ଭକ୍ତ ଉପସ୍ଥିତ ରହିଥିଲେ । ନବରଙ୍ଗପୁର ସାଇ ସମିତିର ମୁଖ୍ୟ ଟିଏସ୍‌କେ ମୂର୍ତ୍ତି , ପରଦେଶୀ ଭାଇ, କାମେଶ୍ୱର ରାଓ, ଚନ୍ଦ୍ରା ଭାଇ ସହ ସମିତିର ବହୁ ସଭ୍ୟ ଯୋଗ ଦେଇଥିଲେ । ଭକ୍ତଙ୍କ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ଭାରତୀୟ ଷ୍ଟେଟ ବ୍ୟାଙ୍କ୍ ର ସଂଜୀବନୀ ପକ୍ଷରୁ ୬ ଜଣିଆ ଟିମ୍ ଆସି ସେବା ଯୋଗାଇଥିଲେ । ମନ୍ଦିର ପରିଚାଳନା କମିଟି ର ସଭାପତି ପିତାମ୍ବର ବିଷୋୟୀ, ସମ୍ପାଦକ ପ୍ରମୋଦ କୁମାର ଦାସ, ସରପଞ୍ଚ ମନମୋହନ ଦଳପତି, ହରି ନାୟକ, ତ୍ରିନାଥ ନାୟକ, କମୁଲୁ ପ୍ରଧନୀ, ଭବାନୀ ବିଷୋୟୀ,ସଞ୍ଜୁ ଦଳପତି ଉମା ହରିଜନ, କ୍ଷୀରୋଦ ଚନ୍ଦ୍ର, ହରେକୃଷ୍ଣ ମୁଦୁଲି ସହ ସମସ୍ତ ସଦସ୍ୟ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସହ ପୂର୍ଣ୍ଣ ସହଯୋଗ କରି ଥିଲେ ।

# ୧୨୫ କିଲୋ ଗଞ୍ଜେଇ ଜବତ, ୨ଗିରଫ

କୋରାପୁଟ (ଭାସ୍କର ନ୍ୟୁଜ୍):ପାଡୁଆ ଥାନା ପୋଲିସ ବଡଦେବତା ମନ୍ଦିର ଛକ ନିକଟରୁ କାର୍ ସହ ୧୨୫କିଲୋ ଗଞ୍ଜେଇ ଜବତ କରିଛି । ଏଥିସହ ଗଞ୍ଜେଇ ଚାଲାଣରେ ସଂପୃକ୍ତ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପାଡୁଆ ଥାନା ଅଧିକାରୀ ଅଶୋକ କୁମାର ବିଶୋଇ ସୂଚନା ଦେଇଛନ୍ତି । ଗିରଫ ଅଭିଯୁକ୍ତମାନେ ହେଲେ ମାଲକାନଗିରି ଜିଲ୍ଲାର ଚିତେଚିଂଲିକା ଗ୍ରାମର ମଧୁ ଖିଲ (୩୦) ଓ ତୁମୁନାଥ ହନ୍ତାଳ(୩୨) । ସୂଚନା ଅନୁଯାୟୀ, ମାଲକାନଗିରି ଅଞ୍ଚଳରୁ ଆନ୍ଧ୍ରର ଆରକୁ ଅଞ୍ଚଳକୁ ଗଞ୍ଜେଇ ଚାଲାଣ ହେଉଥିବା ନେଇ ପୋଲିସକୁ କୌଣସି ସୂତ୍ରରୁ ସୂଚନା ମିଳିଥିଲା । ଏହାପରେ ପାଡୁଆ ପୋଲିସ, ବଡଦେବତା ମନ୍ଦିର ଛକରେ ଗାଡି ମୋଟର ଯାଞ୍ଚ କରୁଥିଲା । ଏହି ସମୟରେ ଏକ କାର୍ (ଓଆର୦୨ ଡବ୍ଲୁ୯୮୬୦)କୁ ଅଟକାଇ ଯାଞ୍ଚ କରିବାରୁ ସେଥିରେ ଗଞ୍ଜେଇ ଥିବା ଜଣାପଡିଥିଲା । ଗଞ୍ଜେଇ ଜବତ କରିବା ସହିତ ଗାଡିରେ ଥିବା ମାଲକାନଗିରି ଜିଲ୍ଲା ଚିତେଚିଂଲିକା ଗ୍ରାମର ମଧୁ ଖିଲ ଓ ତୁମୁନାଥ ହନ୍ତାଳକୁ ଅଟକ ରଖି ପଚରାଉଚରା କରିଥିଲା । ମାଜିଷ୍ଟ୍ରେଟ ନନ୍ଦପୁର ଅତିରିକ୍ତ ତହସିଲଦାର ମାଧବ ପାଙ୍ଗିଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରିବାରୁ ୧୨୫ କିଲୋ ଥିବା ଜଣାପଡିଥିଲା । ଏନେଇ ପାଡୁଆ ଥାନାରେ କେସ ନଂ ୮୮/୨୫ରେ ଏକ ମାମଲା ରୁଜୁ କରାଯାଇ ଗଞ୍ଜେଇ ଓ କାର ଜବତ କରାଯାଇଛି ।

# ଚଷମା ବଣ୍ଟନ ମେଳା


ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ର ମୋହନା ବ୍ଲକରେ ଶନିବାର ଦିନ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଦିନ ୧୧ ଘଟିକା ସମୟରେ ଗୋଷ୍ଠୀ ସାଧନ କେନ୍ଦ୍ର ଠାରେ ଅଖିଳ ଭାରତୀୟ ଶିକ୍ଷା ସମାଗମ ଉତ୍ସବ ପାଳନ ଅବସରରେ ବିଦ୍ୟାଳୟରେ ଅଧ୍ୟୟନ ରତ ସ୍ୱଳ୍ପ ଦୃଷ୍ଟିବାଧିତ ଛାତ୍ର ଛାତ୍ରୀ ମାନଙ୍କୁ ଚଷମା ବଣ୍ଟନ ମେଳା ଅନୁଷ୍ଠିତ ହୋଇଥିଲା । ଏହି ମେଳାକୁ ଅନୁଷ୍ଠାନିକ ଭାବେ ମୋହନା ବିଡିଓ ରାଜୀବ ଦାସ, ଗୋଷ୍ଠୀ ଶିକ୍ଷା ଅଧିକାରୀ ନରେନ୍ଦ୍ର କୁମାର ବେହେରା । ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଦନ କହଁର ଓ ଏସ ଏସ ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସତ୍ୟରଞ୍ଜନ କରଙ୍କ କର କମଳରେ ଜଗତରନାଥ ଶ୍ରୀ ଜଗନ୍ନାଥଙ୍କ ଫଟୋ ରେ ପୁଷ୍ପ , ଦୀପ ପ୍ରଦାନ କରିଥିଲେ । ତତ୍ ପରେ ସମସ୍ତ ମଞ୍ଚାସୀନ ଅତିଥି ମାନେ ଚଷମା ପିନ୍ଧିବାର ଉପକାରୀତା ବିଷୟରେ ଆଲୋଚନା କରିଥିଲେ । ତତ୍ ପରେ ସମସ୍ତ ମଞ୍ଚାସୀନ ଅତିଥି ମାନେ ଛାତ୍ର ଛାତ୍ରୀ ମାନଙ୍କୁ ଚଷମା ବଣ୍ଟନ କରିଥିଲେ । ଏହି ମେଳାକୁ ଆନୁଷ୍ଠାନିକ ଭାବେ ମୋହନା ବ୍ଲକ ଗୋଷ୍ଠୀ ସମ୍ବଳ ଶିକ୍ଷକ ଶ୍ରୀ ସୁମନ୍ତ ପ୍ରଧାନ ଓ ଶ୍ରୀ ପ୍ରକାଶ କୁମାର ସାହୁ ପରିଚାଳନା କରିଥିଲେ ଓ ସମସ୍ତ ଆଇଇଡିମାନେ ସହଯୋଗ କରିଥିଲେ । ଗୋଷ୍ଠୀ ଶିକ୍ଷା ଅଧିକାରୀ ନରେନ୍ଦ୍ର କୁମାର ବେହେରା ଧନ୍ୟବାଦ ଅର୍ପଣ କରିବା ପରେ ସଭା ସମାପ୍ତି ଘୋଷଣା କରିଥିଲେ ।

# ଶିକ୍ଷୟିତ୍ରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା



ବରଗଡ଼(ଭାସ୍କର ନ୍ୟୁଜ୍):ଗୋବିନ୍ଦପାଲି ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ତପସ୍ୱିନୀ ମହାପାତ୍ରଙ୍କର ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଶ୍ରୀମତୀ ମହାପାତ୍ର ନିଜ ଚାକିରୀକାଳ ମଧ୍ୟରେ ଉତ୍ତମ ବ୍ୟବହାର, ଶିକ୍ଷାଦାନ, ପ୍ରଶିକ୍ଷଣ କାର୍ଯ୍ୟ ପ୍ରଦାନ କରି ସମସ୍ତଙ୍କର ପ୍ରିୟଭାଜନ ହୋଇ ପାରିଥିଲେ । ଛୋଟ ଶିଶୁ ଠାରୁ ଆରମ୍ଭ କରି ହାଇସ୍କୁଲ ପର୍ଯ୍ୟନ୍ତ ତାଙ୍କରି ସହ ନିଜର କର୍ମକୁ ପ୍ରଦାନ କରି ବନ୍ଧୁତ୍ୱର ସୂତ୍ରରେ ପ୍ରେମପୂର୍ଣ୍ଣଭାବ ବାଣ୍ଟି ଏକ ଆଦର୍ଶ ଶିକ୍ଷୟିତ୍ରୀ ର ସ୍ଥାନ ମଣ୍ଡନ କରିବା ସହ ସଙ୍ଗୀତ, ସାହିତ୍ୟ, ନେତୃତ୍ୱ, ବକ୍ତୃତା, ଶିକ୍ଷାଦାନ ସମସ୍ତ କ୍ଷେତ୍ରରେ ନିଜର ପାରଦର୍ଶିତା ପ୍ରତିପାଦନ କରିଥିଲେ । ସର୍ବଭାରତୀୟ ସ୍ତରରେ ସେ ବରଗଡ଼ ଜିଲ୍ଲା ତଥା ରାଜ୍ୟସ୍ତରୀୟ ସହ ସଂଯୋଜିକା ଭାବରେ ନାରୀ ନେତ୍ରୀ ଭାବେ ସର୍ବାଦୃତ । ସର୍ବଭାରତୀୟ ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ସାଧାରଣ କାର୍ଯ୍ୟକାରିଣୀ ସଦସ୍ୟା ଭାବରେ ଶିକ୍ଷକମାନଙ୍କପାଇଁ ଜାତୀୟ ସ୍ତରରେ କାର୍ଯ୍ୟକରି ଉଚ୍ଚ ପ୍ରଶଂସିତ ହୋଇ ବରଗଡ଼ମାଟିର ଗୌରବକୁ ଅକ୍ଷୁର୍ଣ୍ଣ ରଖିଛନ୍ତି । ତାଙ୍କର ତତ୍ତ୍ୱାବଧାନରେ ଶହ ଶହ ଛାତ୍ରଛାତ୍ରୀ ବିଭିନ୍ନ କ୍ଷେତ୍ରରେ ପୁରସ୍କୃତ ହୋଇ ଯୋଗ୍ୟ ହୋଇଛନ୍ତି । ତାଙ୍କ ଦ୍ୱାରା ଲିଖିତ ଶିଶୁ କବିତା ସଙ୍କଳନର ପ୍ରଥମ ପୁସ୍ତକ ବରଗଡ଼ ବ୍ଲକ ଶିକ୍ଷା ଅଧିକାରୀ ସୁରେନ୍ଦ୍ର ସାହୁଙ୍କ ଦ୍ୱାରା ଉନ୍ମୋଚିତ ହୋଇ ପ୍ରଶଂସିତ ହୋଇଥିଲା । ପ୍ରଧାନଶିକ୍ଷକ ସାର୍ତ୍ତିକ ସାହୁ ତଥା କାଉନସିଲର ଅକୁର ବାରିକ, ଏବିଇଓ, ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ତିନି ଜଣ ଅଧ୍ୟକ୍ଷ ମେଘନାଦ ସାହୁ, କିଶୋର ପ୍ରଧାନ ଓ ଅଭୟ ସାହୁ ମହୋଦୟ ନିଜର ମତାମତ ପ୍ରଦାନ କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀ , ଶିକ୍ଷକ ଶିକ୍ଷୟିତ୍ରୀ, ଗ୍ରାମବାସୀ ଏବଂ ଶିକ୍ଷାବିଭାଗର କର୍ମଚାରୀବୃନ୍ଦ ଶ୍ରଦ୍ଧା, ସମ୍ମାନ ତଥା ଆନ୍ତରିକତାର ସହ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ।

# ଗଜିଆଗୁଡାବାସୀଙ୍କୁ ନଦୀପାର ପାଇଁ ଡଙ୍ଗା ଯୋଗାଇଲା ପ୍ରଶାସନ



ଖଇରପୁଟ (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ ଗୋବିନ୍ଦପାଲି ପଞ୍ଚାୟତର ଗଜିଆଗୁଡ଼ା ଗ୍ରାମବାସୀ ଅସମ୍ପୂର୍ଣ୍ଣ ପୋଲ ନିର୍ମାଣ ହେଉ ନଥିବାରୁ ଗ୍ରାମବାସୀ ନିଜ ଉଦ୍ୟମରେ କାଠ ନିର୍ମାଣ ପୋଲ କରିବା ଖବର ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଲୋକଙ୍କ ସୁରକ୍ଷା ଓ ସ୍ୱାର୍ଥ ଦୃଷ୍ଟିରୁ ପ୍ରଶାସନ ଆଜି ଅଣ୍ଟା ଭିଡିଛି । ବ୍ଲକ୍ ପ୍ରଶାସନଙ୍କ ଉପସ୍ଥିତିରେ ଆଜି ଗ୍ରାମ ପଞ୍ଚାୟତର ତରଫରୁ ଗଜିଆଗୁଡା ଗ୍ରାମ ଓ ନଦୀରେ ପହଞ୍ଚି ଗ୍ରାମ ବାସୀଙ୍କ ନଦୀ ପାର ପାଇଁ ଏକ ସରକାରୀ ଡ଼ଙ୍ଗା ପ୍ରଦାନ କରିଛନ୍ତି । ପ୍ରଶାସନିକ ଅଧିକାରୀ ଖଇରପୁଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉମାଶଙ୍କର କୋୟାଙ୍କ ସମେତ ସହକାରୀ ଯନ୍ତ୍ରୀ ଦୁଷ୍ମନ୍ତ ବେହେରା, ସ୍ଥାନୀୟ ସରପଞ୍ଚ ସୁମନ ମୁଦୁଲି, ୱାର୍ଡ ମେମ୍ବର ଧନ ଗୁଣ୍ଡିଆ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବାଳକୃଷ୍ଣ ଦେହୁରୀ, ଗ୍ରାମବାସୀଙ୍କ ଉପସ୍ଥିତିରେ ନୂତନ ଡଙ୍ଗା ପୂଜା କରାଯାଇଥିଲା । ଏହା ପରେ ସମସ୍ତେ ନଦୀ ଆରପାରିକୁ ଡଙ୍ଗାଯୋଗେ ପାର ହେଇଥିଲେ ଓ ଲୋକଙ୍କୁ ଏହାର ବ୍ୟବହାର ସହିତ ସୁରକ୍ଷିତ ଭାବେ ବ୍ୟବହାର କରିବା ପାଇଁ ଉତ୍ସାହିତ କରିଥିଲେ । ଏହିଡଙ୍ଗା ଦ୍ୱାରା ନଦୀର ଉଭୟ ପାର୍ଶ୍ୱରେ ଥିବା ଗଜିଆଗୁଡା,ସୁରାକନ, ନୂଆଗୁଡ଼ା,ଅନ୍ଧାରୀ, ଅଟାଳଗୁଡ଼ା, କମଳାପଦର ଲୋକେ ଉପକୃତ ହେବେ ବୋଲି ଚର୍ଚ୍ଚା ହେଉଛି । ପ୍ରକାଶ ଥାଉ କି ଦୀର୍ଘ ୬ ବର୍ଷ ହେବ ଗଜିଆଗୁଡା ନଦୀରେ ପୋଲ ନିର୍ମାଣ କାମ ସରୁ ନାହିଁ, ଏହି କାମ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧ୍ୟରେ ନ୍ୟାୟାଳୟରେ ବିବାଦ ଚାଲୁଥିବାରୁ କାମ ଆଗେଇ ପାରୁନାହିଁ ।ତେଣୁ ଅନେକ ଥର ଏହି ଗ୍ରାମବାସୀଙ୍କ ଦୁଃଖ ବିଭିନ୍ନ ସରକାରୀ ଅନୁଷ୍ଠାନରେ ଗୁହାରି କରୁଥିବା ଓ ଗଣ ମାଧ୍ୟମରେ ଦେଖିବାକୁ ମିଳୁଛି ।

# ନୂତନ ଏସଡିପିଓଙ୍କ ଯୋଗଦାନ



ଖଡ଼ିଆଳ(ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ ଥାନାରେ ନୂତନ ଭାବେ ଏସଡିପିଓ ଉପେନ୍ଦ୍ର ପ୍ରଧାନ ଯୋଗ ଦେଇଛନ୍ତି । ୨୦୦୫ ବେଚର ଓପିଏସ ଅଟନ୍ତି । ଏହା ପୂର୍ବରୁ ଶ୍ରୀ ପ୍ରଧାନ ଯାଜପୁର ଜିଲ୍ଲା ର ଯାଜପୁର ରୋଡରେ ଏସଡିପିଓ ଭାବେ କାର୍ଯ୍ୟରତ ଥିଲେ । ସୋମବାର ଖଡ଼ିଆଳ ଥାନାରେ ଯୋଗଦାନ କରିଛନ୍ତି । ଖଡ଼ିଆଳ ଭଳି ଥାନାରେ ବହୁ ଦିନ ବ୍ୟବଧାନରେ ଏସଡିପିଓ ଯୋଗଦାନ କରିଥିବାରୁ ଖଡ଼ିଆଳ ଥାନା, ସିନାପାଲି ଥାନା ଓ ବୋଡ଼େନ ଥାନା ଅଞ୍ଚଳର ଲୋକମାନେ ତାଙ୍କ ସ୍ୱାଗତ ଜଣାଇଛନ୍ତି ।

# ଓଡ଼ିଶା ରାଜସ୍ୱ ଅମଲା ସଂଘର ଆନ୍ଦୋଳନ ନିଷ୍ପତ୍ତି

ପାରଳାଖେମୁଣ୍ଡି/ଗଜପତି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ଶାଖା ରାଜସ୍ୱ ଅମଲା ସଂଘର ସଭାପତି ଯୁଧିଷ୍ଠିର ରଣସିଂହ ଓ ଶାନ୍ତନୁ ମିଶ୍ରଙ୍କ ଅଧକ୍ଷତାରେ ଏକ ବୈଠକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ପ୍ରକାଶଥାଉ କି, ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କର ଦୀର୍ଘଦିନର ଦାବି ପୂରଣ କରିବା ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ପୋଷଣ କରୁଥିବା ଯୋଗୁଁ ଜିଲ୍ଲା ସ୍ତରରେ ଅମଲା ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଦାବି ଗୁଡିକ ମଧ ରେ ମୁଖ୍ୟତଃ, ଜିଲ୍ଲା ସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲା ମାନଙ୍କ ମୂଳ ଦରମା ORSP-୨୦୧୭ ନିୟମ ଅନୁଯାୟୀ ଲେବେଲ- ୯କୁ ବୃଦ୍ଧି କରାଯାଉ । ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ଅଭିଯୋଗ ବିଭାଗର ପତ୍ର ସଂଖ୍ୟା :- ୮୮୯୮ ତାରିଖ – ୧୫-୦୩-୨୦୨୪ ଅନୁଯାୟୀ ସମସ୍ତ ଜିଲ୍ଲାପାଳ ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ କୁ ଆଧାର କରି ନୂତନ ପଦବୀ ସୃଷ୍ଟି ଓ ପଦବୀ ପୁନର୍ଗଠନ କରାଯାଉ । ରାଜ୍ୟରେ କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀଙ୍କୁ ବାର୍ଷିକ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ଲାଗୁ କରାଯାଉ । ୨୦୨୦ ମସିହାରେ ଲାଗୁ କରାଯାଇଥିବା ପୁନଃ ଥଇଥାନ ଯୋଜନାର ନିୟମାବଳୀକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇ ୧୯୯୦ ମସିହାରେ ଲାଗୁ କରାଯାଇଥିବା ନିୟମାବଳୀ ଅନୁଯାଇ ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେକୌଣସି ଜଣେ ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ପ୍ରଦାନ କରାଯାଉ । ଓଡ଼ିଶା ରାଜସ୍ୱ ସେବା ପଦ୍ଧତି ରେ ରାଜସ୍ୱ ଅମଲା ମାନଙ୍କୁ ସତ ପ୍ରତିଶତ ପଦୋନ୍ନତି ଦିଆଯାଉ । ନୂତନ ପେନସନ ଯୋଜନାକୁ ରଦ୍ଦ କରି ସମସ୍ତ ସରକାରୀ କର୍ମଚାରୀଙ୍କୁ ପୁରାତନ ପେନସନ ଯୋଜନା ରେ ଅନ୍ତର୍ଭୁକ୍ତ କରାଯାଉ । ରାଜ୍ୟ ସରକାର ଆଗାମୀ ୧୦ ଅଗଷ୍ଟ ୨୦୨୫ ତାରିଖ ମଧ୍ୟରେ ଉପରୋକ୍ତ ଦାବି ଗୁଡିକ ପୂରଣ ନ କରନ୍ତି ତାହେଲେ, ରାଜ୍ୟ ସଂଘର କାର୍ଯ୍ୟକାରିଣୀ ବୈଠକରେ ଗୃହୀତ ହୋଇଥିବା ନିଷ୍ପତ୍ତି ଅନୁସାରେ ଅଗଷ୍ଟ ୧୧ ତାରିଖ ଠାରୁ ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯିବ ବୋଲି ଜିଲ୍ଲା ସଭାପତି ଯୁଧିଷ୍ଠିର ରଣସିଂହ, ସମ୍ପାଦକ ଶାନ୍ତନୁ ମିଶ୍ର ପ୍ରକାଶ କରିଥିଲେ । ଏହି ଅବସରରେ ସନ୍ତୋଷ ପାଣିଗ୍ରାହୀ, ଭୈରବ ପଟ୍ଟନାୟକ, ଶଶାଙ୍କ ଶତପଥୀ, ପ୍ରସାଦ ପାତ୍ର ଇଶ୍ୱର ବେହେରା ଦେବେନ୍ଦ୍ର ପଟ୍ଟନାୟକ ରଘୁନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମଟିକୁ ଶିବ ପ୍ରସାଦ ପଣ୍ଡା ପରିଚାଳନା କରିଥିଲେ ।




ମାଲକାନଗିରି (ଭାସ୍କର ନ୍ୟୁଜ୍): ଓଡ଼ିଶା ରାଜସ୍ୱ ଅମଲା ସଂଘ ଜିଲା ରାଜସ୍ୱ ଅମଲା ଶାଖା ସାଧାରଣ ପରିଷଦ ବୈଠକ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି ସିଏଚ କ୍ରିଷ୍ଣା ରାଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ଦିଲୀପ ନାୟକ, ସଂଗଠନ ସମ୍ପାଦକ ଟୁକୁନା ପଡିଆରି, କୋଷାଧକ୍ଷ ପ୍ରଶାନ୍ତ କୁମାର ପୃଷ୍ଟି ରାଜ୍ୟ କାର୍ଯ୍ୟକାରିଣୀ କମିଟି ସଦସ୍ୟ ଶ୍ୟାମ ସୁନ୍ଦର ନାୟକ, ଉପଦେଷ୍ଟା ଅଶୋକ ସାମଲଙ୍କ ସହ ଶହେରୁ ଊର୍ଦ୍ଧ୍ୱ ସଦସ୍ୟା/ ସଦସ୍ୟ ଯୋଗ ଦେଇଥିଲେ । ବୈଠକରେ ସରକାର ଅମଲାଙ୍କ ନ୍ୟାୟୋଚିତ ଦାବି ଉପରେ ବାରମ୍ବାର ପ୍ରତିଶ୍ରୁତି ଦେଇ କାର୍ଯ୍ୟକାରୀ କରୁନଥିବାରୁ ବୈଠକରେ କ୍ଷୋଭ ପ୍ରକାଶ କରିବା ସହ ତୁରନ୍ତ ଅମଲାମାନଙ୍କ ଦାବି ପୂରଣ ନ କରିବା ଉପରେ ଆଲୋଚନା କରିବା ସହ ଯଦି ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ରାଜସ୍ୱ ଅମଲା ସଂଘର ଦାବିଗୁଡ଼ିକ ପୂର୍ଣ୍ଣ ନକରନ୍ତି ତାହେଲେ ରାଜସ୍ୱ ଅମଲାମାନେ ଆସନ୍ତା ୧୧ ତାରିଖରୁ ସମୂହ ଛୁଟିରେ ଯିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି । ବିଶେଷକରି ୯,୩୦୦ ସ୍କେଲ୍ସରେ ୪୨୦୦ ଗ୍ରେଡ ପେ’ ପ୍ରଦାନ, ନିୟମିତ ପଦୋନ୍ନତି, କ୍ୟାଡର ପୁନର୍ଗଠନ ଆଦି ଦାବି କରିଛନ୍ତି ।

# ଶ୍ରାବଣର ଶେଷ ସୋମବାର: ହରିଶଙ୍କରରେ କାଉଡ଼ିଆଙ୍କ ଭିଡ



ଖପ୍ରାଖୋଲ(ଭାସ୍କର ନ୍ୟୁଜ୍):ପଶ୍ଚିମ ଓଡ଼ଶାର ପ୍ରମୁଖ ଶୈବ ପୀଠ ତଥା ପୁଣ୍ୟ କ୍ଷେତ୍ର ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲର ହରିଶଙ୍କର ଠାରେ ଶ୍ରାବଣ ମାସ ଶେଷ ସୋମବାର ଅବସରରେ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା । ଦୂର ଦୂରାନ୍ତରୁ ଶ୍ରଦ୍ଧାଳୁମାନେ ପାପ ନାଶିନୀ ଝରଣାରେ ସ୍ନାନ ସହିତ ରାତି ସାରା ଅନିଦ୍ରା ରହି ସୋମବାର ସକାଳୁ ଲମ୍ବା ଧାଡ଼ିରେ ରହି ହରିଶଙ୍କର ବାବାଙ୍କ ଠାରେ ପାଣି ଢାଳିଲେ । ଅନ୍ୟ ବର୍ଷ ତୁଳନାରେ ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ୍ ମୁତୟନ ହୋଇଥିଲେ । ଅପରାହ୍ନ ରେ ଭିଡ କମିଥିବା ହରିଶଙ୍କର ମନ୍ଦିର ପରିଚାଳକ ଗୁପ୍ତେଶ୍ୱର କୁଅଁର ସୂଚନା ଦେଇଛନ୍ତି ।



ମାଲକାନଗିରି(ଭାସ୍କର ନ୍ୟୁଜ): ନିଷିଦ୍ଧ ଭାବେ କଇଁଛ ବ୍ୟବସାୟ ସମ୍ପର୍କରେ ଭରସାଯୋଗ୍ୟ ତଥ୍ୟ ମିଳିବା ପରେ ମାଲକାନଗିରି ଜିଲ୍ଲା ବନଖଣ୍ଡ ଅଧିକାରୀ ସାଇ କିରଣ ଡି ଏନ ଙ୍କ ନେତୃତ୍ୱରେ ଏକ ମୋବାଇଲ ଟିମ ଗଠନ କରାଯାଇଥିଲା । ଏହି ଟିମ ର ନେତୃତ୍ୱ ନେଇଥିଲେ ମାଲକାନଗିରି ଜିଲ୍ଲାର ସହାୟକ ବନଖଣ୍ଡ ଅଧିକାରୀ ମନସୁନ ଖେମୁଣ୍ଡୁ ମୋଟୁ ଫରେଷ୍ଟର ମୁରଲୀଧର ଅନୁଗୁଳିଆ ଓ ମୋଟୁ ସେକ୍ସନ ର ସମସ୍ତ ବନ କର୍ମଚାରୀମାନେ ଗତ କାଲି ରାତି ଠାରୁ ମାଲକାନଗିରି ଜିଲ୍ଲାର ସୀମାନ୍ତ ମୋଟୁ ଅଂଚଳରେ କୌଶଳ ପୁର୍ଣ ଭାବେ ଜଗିଥିଲେ । ଅପରାହ୍ନ ପ୍ରାୟ ୪ଟା ସମୟରେ ମୋଟୁ - କୋଂଟା ବ୍ରିଜ ନିକଟରେ କଇଁଛ ଅବୈଧ ଚୋରା ଚାଲାଣ ସହିତ ଜଡିତ ଥିବା ତିନି ଜଣ ବ୍ୟକ୍ତି ଧରା ପଡ଼ିଥିବା ସୂଚନା ରହିଛି । ସେମାନଙ୍କ ଠାରୁ ମୋଟ ୧୦୭୮ ଟି କଇଁଛ ଜବତ କରାଯାଇଛି ଯାହା ମଧ୍ୟରୁ ୯୧୦ ଟି କଇଁଛ ଜୀବିତ ଓ ୧୬୮ ଟି କଇଁଛ ମୃତ ହୋଉଥିବା ଜଣାପଡିଛି। ଏହି ଅବୈଧ ଚାଲାଣ ରେ ବ୍ୟବହୃତ ହୋଇଥିବା ଗୋଟିଏ ବୋଲେରୋ ଗାଡି ଏବଂ ତିନି ଗୋଟି ମୋବାଇଲ ଫୋନ୍ ମଧ ଜବତ କରାଯାଇଛି । ଏହି କଇଁଛ ଆନ୍ଧ୍ର ପ୍ରଦେଶରୁ ଟିଗଲ ପଞ୍ଚାୟତ ଏମପିଭି ୬୫ ଗ୍ରାମକୁ ବିକ୍ରୟ ଏବଂ ଖାଇବା ଉଦ୍ଦେଶ୍ୟରେ ଚୋରା ଚାଲାଣ କରାଯାଉଥିଲା । ମୁଖ୍ୟ ଆସାମୀ ଏମ ଭି ୭୯ ଥାନା ଅନ୍ତର୍ଗତ ଏମପିଭି ୬୫ ଗ୍ରାମର ସୁକୁମାର ତରଫଦାର ଓରଫ ଖୋକନ, ଗିରଫ ହେବା ସହିତ ଅନ୍ୟ ଦୁଇ ଜଣଙ୍କ ମଧ୍ୟରୁ ଛତିଶଗଡ ରାଜ୍ୟ ସୁକୁମା ଜିଲ୍ଲା ଦୋରନାପାଲ ଗ୍ରାମର ଡ୍ରାଇଭର ଯୁଗଳ ଚନ୍ଦ୍ର ଦେ ,ଓ ଏମଭି ୭୯ ଥାନା ଅନ୍ତର୍ଗତ ଏମପିଭି ୫୬ ଗ୍ରାମର ବିଶ୍ୱନାଥ ମଣ୍ଡଳ ଗିରଫ ହୋଇଛନ୍ତି।

# କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଭେଟିଲେ ମୁକେଶ ମହାଲିଙ୍ଗ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନକରେ ମଙ୍ଗଳବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ ତାଳଚେରର ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ଏବଂ ଫୁଲବାଣୀର ସରକାରୀ ମେଡିକାଲ କଲେଜର ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ସମୁଦାୟ ୨୦୦ ଏମବିବିଏସ ସିଟରେ ନାମ ଲେଖା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡାଙ୍କୁ ଭେଟି ଅନୁମତି ପତ୍ର ଅନୁରୋଧ କରିବା ସହ ରାଜ୍ୟରେ ସ୍ୱାସ୍ଥ୍ୟ ସେବାକୁ ଉନ୍ନତତର କରିବା ପାଇଁ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି। ୨୦୨୫-୨୬ ଶିକ୍ଷାବର୍ଷରେ ଉଭୟ କଲେଜରେ ୧୦୦ ଜଣ ଲେଖାଏଁ ଏମବିବିଏସ୍ ଛାତ୍ରଛାତ୍ରୀଙ୍କ ନାମଲେଖା ପାଇଁ ଅନୁମତି ପତ୍ର କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ତ୍ୱରିତ ହସ୍ତକ୍ଷେପ ପାଇଁ ଅନୁରୋଧ କରିଛନ୍ତି। ସୂଚନା ଅନୁସାରେ, ଉପରୋକ୍ତ ଦୁଇଟି ମହାବିଦ୍ୟାଳୟ ଓଡ଼ିଶାରେ ଚିକିତ୍ସା କ୍ଷେତ୍ରରେ ନୂଆଭାବେ ପ୍ରତିଷ୍ଠିତ ହୋଇଛି। ଏହି ଦୁଇ ଅନୁଷ୍ଠାନର ଡିନ ଓ ପ୍ରିନ୍ସିପାଲ ମାନେ ନିଜ ଅନୁମତି ପତ୍ର ପାଇଁ ଆବେଦନ ୧୮ ଜାନୁଆରୀ ରେ ନ୍ୟାସନାଲ ମେଡିକାଲ କମିଶନର ପୋର୍ଟାଲ ମାଧ୍ୟମରେ ଦାଖଲ କରିଥିଲେ। ନ୍ୟାସନାଲ ମେଡିକାଲ କମିଶନ ଟିମ ମାନେ ୨୩ ଜୁନ ୨୦୨୫ ରେ ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ତାଳଚେର ଓ ୨୮ ମେ ୨୦୨୫ ରେ ସରକାରୀ ମେଡିକାଲ କଲେଜର, ଫୁଲବାଣୀର ଭୌତିକ ନିରୀକ୍ଷଣ କରିଥିଲେ। ଅନୁମତି ପତ୍ର ମିଳିବା ପରେ ରାଜ୍ୟରେ ସ୍ୱାସ୍ଥ୍ୟ ସେବାରେ ଆଉ ଦୁଇ ଗୋଟି କଲେଜ ଯୋଡି ହେବ । ୧୪ ଟି ସରକାରୀ କଲେଜ ରୁ ବଢି ୧୬ ସରକାରୀ ମେଡିକାଲ କଲେଜ ହେବା ସହ ସମୁଦାୟ ୧୮୦୦ ଏମବିବିଏସ୍ ସିଟକୁ ବଢିବ । ଏହି ସମୟରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ , ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ, କଟକ ସାଂସଦ ଭର୍ତ୍ତୃହରି ମହତାବ, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଏବଂ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଉପସ୍ଥିତ ଥିଲେ।

# ବିପୁଳ ପରିମାଣର ବିଅର ଜବତ, ଜଣେ ଗିରଫ

କଣ୍ଟାମାଳ (ଭାସ୍କର ନ୍ୟୁଜ୍)ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ମନମୁଣ୍ଡା ଥାନା ବରଗୋଛା ଗ୍ରାମ୍ୟ ରାସ୍ତା ନିକଟରୁ ବୌଦ୍ଧ ଅବକାରୀ ବିଭାଗ ବିପୁଳ ପରିମାଣର ବିଅର ଜବତ କରିବା ସହ ଘଟଣାରେ ଜଣକୁ ଗିରଫ କରିଛି । ବେଆଇନ ଭାବରେ ବିଦେଶୀ ମଦ ଚୋରା ଚାଲାଣ ହେଉଥିବା ନେଇ ଅବକାରୀ ଟିମ ଖବର ପାଇ ଉକ୍ତ ସ୍ଥାନରେ ପଞ୍ଚାନନ ଡାଙ୍ଗ ନିକଟରୁ ୭:୫୫ ଲିଟର ବିଅର ଜବତ କରିଥିଲା । ବିଅର ଜବତ କରିବା ସହ ଅଭିଯୁକ୍ତ କୁ ଅବକାରୀ ଟିମ ଗିରଫ କରିଥିଲା । ଏ ନେଇ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଆଜି କଣ୍ଟାମାଳ କୋର୍ଟ ଚାଲାଣ କରିଥିବା ନେଇ ଅବକାରୀ ଅଧିକାରୀ ଅସିତ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

## ଓଟିଇଟି ପ୍ରଶ୍ନପତ୍ର ପ୍ରଘଟରେ ବଢିପାରେ ଗିରଫଦାରୀ ସଂଖ୍ୟା !

# ବୋର୍ଡ ସଭାପତିଙ୍କୁ ଏକାଧିକବାର ଜେରା

କଟକ(ଭାସ୍କର ନ୍ୟୁଜ୍): ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଆହୁରି ଗିରଫଦାରୀ ସଂଖ୍ୟା ବଢିବାର ସମ୍ଭାବନା ଦେଖାଦେଇଛି। କ୍ରାଇମବ୍ରାଞ୍ଚର ତଦନ୍ତକାରୀ ଅଧିକାରୀ ମଙ୍ଗଳବାର ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇଙ୍କୁ ଚାରିଥର ଜେରା କରିଥିବା ଜଣାପଡିଛି । ଅଧିକ୍ତ ତଥ୍ୟ ଲାଗି ଦରକାର ପଡ଼ିଲେ ବୋର୍ଡ ସଭାପତିଙ୍କୁ ପୁଣି ତଦନ୍ତ ପାଇଁ ଡକାଯିବ ବୋଲି କ୍ରାଇମବ୍ରାଞ୍ଚ ମୁଖ୍ୟାଳୟ ପକ୍ଷରୁ ସୂଚନା ମିଳିଛି । ଗିରଫ ଓ ସନ୍ଦେହରେ ଥିବା ଅଭିଯୁକ୍ତଙ୍କ ଆର୍ଥିକ କାରବାରର ଛାନଭିନ ଚାଲିଛି । ନିହାରଙ୍କଠାରୁ ବିଜୟଙ୍କ ଯାଏଁ ପ୍ରଶ୍ନପତ୍ର କାରବାର ଓ ବିକ୍ରି ପଛର କାର୍ପଟଦାର ବୋଲି ସ୍ପଷ୍ଟ ପ୍ରମାଣ ମିଳିଛି । ତେଣୁ କ୍ରାଇମବ୍ରାଞ୍ଚ ତିନି ଦିନିଆ ରିମାଣ୍ଡରେ ଆଣି ଘଟଣାର ଅନୁସନ୍ଧାନ କରିବାର ଯୋଜନା ରଖିଛି। ୨୦୨୨ରେ ଓଟିଇଟି ପରୀକ୍ଷାରେ ଅନିୟମିତତା ଅଭିଯୋଗ ହୋଇଥିଲା । ଏନେଇ କିନ୍ତୁ ବୋର୍ଡ ପକ୍ଷରୁ କୌଣସି ଅଭିଯୋଗ କରାଯାଇନଥିଲା ବୋଲି କ୍ରାଇମବ୍ରାଞ୍ଚ ଯାଞ୍ଚ ସମୟରେ ଜଣାପଡ଼ିଛି । ମାତ୍ର ସେତେବେଳେ ଅଭିଯୋଗ ହୋଇଛି ବୋଲି ବୋର୍ଡ ପକ୍ଷରୁ କୁହାଯାଇଥିଲା। ଆର୍ଥିକ କାରବାର ଦିଗକୁ ନେଇ ଯାଞ୍ଚ ଚାଲିଥିବାରୁ ପୂର୍ବରୁ ହୋଇଥିବା ଅନିୟମିତତାକୁ ତଦନ୍ତ ପରିସରକୁ ଆସିଛି । ସେହିପରି ଏଥର ଅନିୟମିତତାରେ ମୁଖ୍ୟ ଅଭିଯୁକ୍ତ ମାନଙ୍କ ଆର୍ଥିକ ଯାଞ୍ଚ ଚାଲିଥିବାରୁ ସେ ସଂପର୍କିତ ଅନେକ ଦସ୍ତାବିଜ୍ କ୍ରାଇମବ୍ରାଞ୍ଚ ହାତରେ ଲାଗିଛି । ବୋର୍ଡରେ ଠିକାରେ ଡାଟା ଏଣ୍ଟ୍ରି ଅପରେଟର ଭାବେ ନିୟୋଜିତ ଥିଲା । ଦୈନିକ ମଜୁରି ହିସାବରେ ଜିତନ୍ ମାସକୁ ପ୍ରାୟ ୧୫ ହଜାର ଟଙ୍କା ଦରମା ପାଉଥିଲା । ତେବେ ଉପସଭାପତିଙ୍କ ଲାପ୍‌ଟପ୍‌ରୁ ପ୍ରଶ୍ନ ଚୋରି କରି ବିକି ଧରାପଡ଼ିବା ପରେ ଏବେ ଚର୍ଚ୍ଚାରେ ରହିଛି ଜିତନ । ବାଲେଶ୍ୱରରେ ଜିତନର ଘର ହୋଇଥିବା ବେଳେ ସେ କଟକ ସହରରେ ଦୀର୍ଘ ଦିନ ହେଲା ରହିଆସୁଥିଲା । ସଦର ଥାନା ଗୋପାଳପୁର ଅଞ୍ଚଳରେ ଜାଗା କିଣି ଘର କରି ରହୁଥିବା ଜିତନକୁ ତା ଘରୁ ଗିରଫ କରିବା ସମୟରେ ତା ଘରଦ୍ୱାର, ଆଡାଚୌଡ଼ା ଦେଖି ତଦନ୍ତକାରୀ କ୍ରାଇମବ୍ରାଞ୍ଚ ଟିମ୍ ଆଶ୍ଚର୍ଯ୍ୟ ହୋଇଯାଇଛି । ଓଟିଇଟି ପ୍ରଶ୍ନପତ୍ର କେଲେଙ୍କାରୀ ଘଟଣାରେ ମାଧ୍ୟମିକ ଶିକ୍ଷା ପରିଷଦର ଉପସଭାପତି ଡକ୍ଟର ନିହାର ରଞ୍ଜନ ମହାନ୍ତିଙ୍କ ସମେତ ତିନି ଜଣଙ୍କୁ ରିମାଣ୍ଡରେ ଆଣିବା ପ୍ରକ୍ରିୟା ଆରମ୍ଭ ହୋଇଛି ।

# ସାରସ୍ୱତ ସାଧକ ପଣ୍ଡିତ ନୀଳକଣ୍ଠ ଦାସଙ୍କୁ ସ୍ମରଣ କଲେ ନବୀନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସାରସ୍ୱତ ସାଧକ ପଣ୍ଡିତ ନୀଳକଣ୍ଠ ଦାସଙ୍କ ସ୍ମରଣ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଏନେଇ ସୋସିଆଲ ମିଡିଆ ଏକ୍ସରେ ନବୀନ କହିଛନ୍ତି ଯେ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପଞ୍ଚସଖାଙ୍କ ମଧ୍ୟରେ ଅନ୍ୟତମ ସାରସ୍ୱତ ସାଧକ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜୟନ୍ତୀରେ ମୋର ଶ୍ରଦ୍ଧାଞ୍ଜଳି ଜଣାଉଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ସମୃଦ୍ଧ କରିବା ପାଇଁ ତାଙ୍କର ଅବଦାନ ଚିର ସ୍ମରଣୀୟ।

# ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜୟନ୍ତୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡିଶା ସାହିତ୍ୟ ଏକାଡେମିର ପ୍ରଥମ ସଭାପତି, ଓଡିଶା ବିଧାନସଭାର ପୂର୍ବତନ ବାଚସ୍ପତି ତଥା ଉତ୍କଳ ସମ୍ମିଳନୀର ପୂର୍ବତନ ସଭାପତି ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜନ୍ମ ଦିବସ ଅବସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀର ସଭାପତି ଅନନ୍ତ ପ୍ରସାଦ ଜେନା ସଭାପତିତ୍ୱ କରିଥିବା ବେଳେ ଅତିଥି ଭାବେ ଯୋଗଦେଇ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଗୁଣଗାନ କରିଥିଲେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବିଶିଷ୍ଟ ବକ୍ତା ପ୍ରବୀର ମହାନ୍ତି, ଶାଖା ଉପଦେଷ୍ଟା ନିମାଇଁ ଚରଣ ଦାସ ଓ ଉପ- ସଭାପତି ଶିତଳ ଚନ୍ଦ୍ର ମହାନ୍ତି। ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ତଥା ମଞ୍ଚେଶ୍ୱର ଶିଳ୍ପାଂଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମାଙ୍କ ସଂଯୋଜନା କ୍ରମେ ଆୟୋଜିତ ମାଲ୍ୟାର୍ପଣ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ-ସମ୍ପାଦକ ଶିଧାର୍ଥ ଶଙ୍କର ଗଡନାୟକ, କାର୍ଯ୍ୟନିର୍ବାହୀ ସମିତି ସଦସ୍ୟା ବାସନ୍ତୀ ତ୍ରିପାଠୀ, ମହେଶ୍ୱର ବିଶ୍ୱାଳ, ଜଟେଶ୍ୱର ଦାସ, ଭଗବାନ ପ୍ରଧାନ ଓ ରଜନିକାନ୍ତ ଆଚାର୍ଯ୍ୟ ପ୍ରମୁଖ ବହୁ ସଦସ୍ୟା ସଦସ୍ୟ କାର୍ଯ୍ୟକ୍ରମରେ ଭାଗନେଇ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

AFFIDAVIT

By virtue of an affidavit sworn before Notary Public, Nimapara on dated 19.07.2025, I SK.Rahim Bakhas, S/o-Late SK. Ibrar Bakhas, resident of village/ post/ Ps- Gop, Dist- Puri, declares that my acutal name is Sk.Rahim Bakhas which is mentioned Aadhar Card, PAN Card, Bank Account and other relevant documents, but wrongly mentioned as Shaikh Rahim Bakhas in HSC Certificate. Sk.Rahim Bakhas & Shaikh Rahim Bakhas is same and one person myself. This affidavit is to be produced before concerned authority for necessary action.
Sd/- Sk.Rahim Bakhas

AFFIDAVIT

By virtue of an affidavit No.4643 sworn before the Executive Magistrate, Baripada on date 01.08.2025, I jagannath Mohanta, S/o- Budhuram Mohanta, resident of village- Karatbasa, ward No 28, Post- Goudadiha, Ps- Baripada Town, Dist- Mayurbhanja, declares that I have changed my name from Jagan Nath Mohanta to Jagannath Mohanta. Henceforth, I shall be known as Jagannath Mohanta for all purposes.
Sd/- Jagannath Mohanta

AFFIDAVIT

By virtue of an affidavit sworn before the Executive Magistrate, Jajpur, dated: 23.05.2025, I Gagan Bihari Das, Address: At- Pasasuapal, Po- Aliabad, Ps- Balichandrapur, Dist- Jajpur, Odisha, PIN-754214, declare that I have changed my name from Hadibandhu Das to Gagan Bihari Das. Henceforth, I shall be known as Gagan Bihari Das for all purposes.
Sd/- Gagan Bihari Das

AFFIDAVIT

By virtue of an affidavit sworn before the Executive Magistrate, Salipur, Cuttack, dated: 31.07.2025, I Sarat Kumar Sahoo, Address: Village- Satyabhamapur, Po- Satyabhamapur, Ps- Jagatpur, Dist- Cuttack, Odisha, PIN-754200, declare that I have changed my son's name from Subham Sahoo to Saurav Sahoo. Henceforth, He shall be known as Saurav Sahoo for all purposes.
Sd/- Sarat Kumar Sahoo

AFFIDAVIT

By virtue of an affidavit sworn before the Executive Magistrate, Bari, Jajpur, Dated: 07.07.2025, I Susanta Kumar Rout, Address: village- Routsahi, Po- Routsahi, Ps- Bari Ramachandrapur, Dist- Jajpur, Odisha, PIN-754214, declare that I have changed my name from Sushanta Kumar to Susanta Kumar Rout. Henceforth, I shall be known as Susanta Kumar Rout for all purposes.
Sd/- Susanta Kumar Rout

AFFIDAVIT

By virtue of an affidavit sworn before Notary Public, Umerkote on dated 30.07.2025, I Paduram Majhi, S/o- Bharath Majhi, resident at village- Nunabeda A/C, Post- Sunabeda, Ps- Umerkote, Dist- Nabarangpur, declares that my actual name is Paduram Majhi, S/o- Bharath Majhi, which is mentioned in Aadhar Card & PAN Card. But in Bank A/C my name is mentioned as Paduram Gond, S/o- Bharath Gond. Both the name Paduram Majhi, S/o- Bharath Majhi & Paduram Gond, S/o- Bharath Gond is same and one person myself. This affidavit is to be produced before concerned authority for necessary correction.
Sd/- Paduram Majhi

AFFIDAVIT

By virtue of an affidavit sworn before the Executive Magistrate, Hinjilicut, dated: 31.07.2025, I Gourishankar Nayak, Address: Gandhinagar Street, Kharida, Ps- Hinjili, Dist- Ganjam, Odisha, PIN-761102, declare that I have changed my daughter's name from Pujasri Nayak to Pooja Nayak. Henceforth, She shall be known as Pooja Nayak for all purposes.
Sd/- Gourishankar Nayak

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଶୋଭନା ମହାନ୍ତି...

ହେଲା ଖାଲି ପଡ଼ିଥିଲା। ଏଥିସହ ଏହି କମିଶନରେ ୬ଜଣ ସଦସ୍ୟାଙ୍କୁ ନିଯୁକ୍ତି ମିଳିଛି। ସେମାନେ ହେଲେ କେନ୍ଦୁଝରର ସୁକେଶୀ ଓରାମ, ରାଉରକେଲା ବାସନ୍ତୀ କଲୋନୀର କଳ୍ପନା ଲେଙ୍କା, ଭୁବନେଶ୍ୱର ବଡଗଡ଼ର ଚନ୍ଦନା ଦାସ, ବାପୁଜୀନଗରର କସ୍ତୁରୀ ମିଶ୍ର, ବମିଖାଲର ସୁଜାତା ନାୟକ ଓ ଭଦ୍ରକ ଜିଲ୍ଲା ଚରମ୍ପାର ମନସ୍ମିତା ଖୁଣ୍ଟିଆ। ନିଯୁକ୍ତି ପାଇବା ପରେ ଶ୍ରୀମତୀ ପାତ୍ର ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ସାଧୁବାଦ ଜଣାଇଛନ୍ତି। ସେ କହିଛନ୍ତି, ଶିଶୁ ନିର୍ଯାତନା କମାଇବା ପାଇଁ ରୋଡମ୍ୟାପ ପ୍ରସ୍ତୁତ ସହ ଶିଶୁ ଚାଲାଣ ଓ ଶିଶୁ ଶ୍ରମିକ ପ୍ରଥାକୁ ରୋକିବା ପାଇଁ ପଦକ୍ଷେପ ନେବୁ।

## ୪ ମୃତ...

ଲାଗି ରହିଥିବାରୁ ଲୋକଙ୍କୁ ସତର୍କ ରହିବାକୁ କୁହାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଅମିତଶାହ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କରସିଂ ଧାମିଙ୍କ ସହ କଥା ହୋଇଛନ୍ତି । କେନ୍ଦ୍ର ସରକାର ଉତ୍ତରାଖଣ୍ଡକୁ ସମସ୍ତ ସହାୟତା ଯୋଗାଇଦେବେ ବୋଲି ସେମାନେ ପ୍ରତିଶ୍ରୁତି ଦେଇଛନ୍ତି।

## ବିଦା ହେବେ...

କୁହାଯାଇଛି। ଶ୍ରୀ ରଥ ଆହୁରି ଉଲ୍ଲେଖ କରିଛନ୍ତି ଯେ ସାଧାରଣ ପ୍ରଶାସନ ବିଭାଗର ୨୦୧୯ ସେପ୍ଟେମ୍ବରେ ୨୪ର ସର୍କୁଲାର ଅନୁଯାୟୀ ଅପାରଗ ଅଧିକାରୀଙ୍କୁ ଚାକିରିରୁ ବାଧ୍ୟତାମୂଳକ ଅବସର ପ୍ରଦାନ କରାଯିବ। ସେହିପରି ଯେଉଁ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଏବଂ ଯଦି ସେ ପଦୋନ୍ନତି ପାଇବାକୁ ଯୋଗ୍ୟ ଅଛନ୍ତି ତାଙ୍କର ନାମ ପଦୋନ୍ନତି ତାଲିକାରେ ନ ଦର୍ଶାଇ କେବଳ ସିଲ୍‌ଡ କଭରରେ ରଖିବାକୁ କୁହାଯାଇଛି। ସେହିପରି ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ଚାକିରିଆଙ୍କ ଅବସର ଦିନ ପୂର୍ଣ୍ଣାଙ୍ଗ ପେନସନ ପ୍ରଦାନ କରିବାକୁ କୁହାଯାଇଥିଲା। ତେଣୁ ସଂପୃକ୍ତ ବିଭାଗରେ କେତେଜଣ ଚାକିରିଆ କେଉଁ ମାସରେ ଅବସର ନେଇଛନ୍ତି ଓ କେତେଜଣଙ୍କୁ ବାସ୍ତବରେ ସେମାନଙ୍କ ପେନସନ ପ୍ରମାଣପତ୍ର ପ୍ରଦାନ କରାଯାଇଛି ତାର ବିବରଣୀ ନିର୍ଦ୍ଦିଷ୍ଟ ଫର୍ମାଟରେ ପ୍ରଦାନ କରିବାକୁ କୁହାଯାଇଛି।

## ବଦଳିବ ଆଇନ...

ବ୍ୟକ୍ତି ମୋବାଇଲ ଫୋନ୍ ଜାଣତରେ ଶ୍ରୀମନ୍ଦିର ଭିତରେ ବ୍ୟବହାର କଲେ କଠୋର ଦଣ୍ଡବିଧାନ କରାଯିବ, ଦ୍ୱିତୀୟ ବିନ୍ଦୁ ହେଉଛି କୌଣସି ହିସାବରେ ମହାପ୍ରଭୁଙ୍କ ସଂସ୍କୃତି ଗାରିମା ଜାଣତରେ କେହିବି କ୍ଷୁର୍ଣ୍ଣ କରିବେନି କିମ୍ବା ସୋସିଆଲ ମିଡିଆରେ ଭାବାବେଗକୁ ଆଘାତ ଭଳି କୌଣସି ପୋଷ୍ଟ କଲେ କଠୋର ଦଣ୍ଡବିଧାନ ହେବାସହ ନନ ବେଲେବୁଲ ୱାରେଣ୍ଟ ୭ ବର୍ଷ ପର୍ଯ୍ୟନ୍ତ। ତୃତୀୟ ବିନ୍ଦୁ ହେଉଛି ଅନଧିକୃତ ଭାବେ ଡ୍ରୋନ୍ ଶ୍ରୀମନ୍ଦିର ଉପରେ ଉଡାଇଲେ କଠୋର ଦଣ୍ଡବିଧାନ ସହ ନନ ବେଲେବୁଲ ୱାରେଣ୍ଟ। ଚତୁର୍ଥ ବିନ୍ଦୁ ହେଉଛି ଶ୍ରୀମନ୍ଦିର ପରିଚାଳନା କମିଟିର ପରାମର୍ଶ କ୍ରମେ ଶ୍ରୀମନ୍ଦିର ଆଇନ୍ ୧୯୫୫ ଅନ୍ତର୍ଗତ ଦଣ୍ଡବିଧାନ ହୋଇପାରିବ,ତିନିବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ମଧ ହୋଇପାରିବ। ଏ ଚାରୋଟି ବିନ୍ଦୁ ଉପରେ ଆଜିର ବୈଠକରେ ବିସ୍ତୃତ ଆଲୋଚନା କରାଯାଇ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯିବ କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ। ବୈଠକରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ,ନୀତି ପ୍ରଶାସକ,ସୁରକ୍ଷା ପ୍ରଶାସକ,ସ୍ୱତନ୍ତ୍ର ବାଟାଲିୟନ କମାଣ୍ଡାଣ୍ଟ ଓ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ଦୁର୍ନୀତିଠାରୁ...

ସୁରକ୍ଷା ନିୟମ ପାଳନ ସମୟରେ ସେମାନଙ୍କ ସହ ସମ୍ବେଦନଶୀଳତା ସହ ବ୍ୟବହାର କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏଥି ସହିତ ହାତୀ ମନୁଷ୍ୟ ସଂଘର୍ଷକୁ ହ୍ରାସ କରିବା ପାଇଁ ବିଭାଗ ପକ୍ଷରୁ ଜଙ୍ଗଲ ଭିତରେ ହାତୀ ଖାଦ୍ୟ ପାଇଁ ଧାନ ଚାଷ କରିବା ପାଇଁ ବିଭାଗକୁ ସେ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ ଅତ୍ୟନ୍ତ ଆବଶ୍ୟକ। ବୃକ୍ଷରୋପଣ ସହିତ ତା'ର ସୁରକ୍ଷା, ପରିଚାଳନା ଓ ତଥା ସବୁଜ ବଳୟ ବୃଦ୍ଧି ପ୍ରତି ଆମକୁ ଦୃଷ୍ଟି ଦେବାକୁ ପଡିବ। ଏଥିସହିତ ବନ୍ୟପ୍ରାଣୀଙ୍କ ସୁରକ୍ଷା ପ୍ରତି ମଧ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ବନ୍ୟପ୍ରାଣୀ ଶିକାର ରୋକିବା, ଜଙ୍ଗଲ ନିଆଁ ରୋକିବାରେ ଜଙ୍ଗଲ ବିଭାଗ ଭଲ କାମ କରୁଛି। ତଥାପି ଏ କ୍ଷେତ୍ରରେ ଶତ ପ୍ରତିଶତ ସଫଳତା ହାସଲ କରିବାକୁ ପଡିବ। ଆବଶ୍ୟକ ସ୍ଥଳେ ବ୍ୟାପକ ଜନସଚେତନ ସୃଷ୍ଟି ସହିତ ନୂଆ ଟେକ୍ନୋଲୋଜିର ପ୍ରୟୋଗ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଜଙ୍ଗଲ ସୁରକ୍ଷା ପାଇଁ ସ୍ୱେଚ୍ଛାସେବୀ ସଂଗଠନ, ନାଗରିକ ସୁରକ୍ଷା ମଞ୍ଚ ଇତ୍ୟାଦିର ସହଯୋଗ କାମନା କରିଥିଲେ। ଏଥିସହିତ ଜଙ୍ଗଲ ସୁରକ୍ଷା କ୍ଷେତ୍ରରେ କେନ୍ଦୁଝର ଜିଲ୍ଲାର ପ୍ରମିଳା ପ୍ରଧାନଙ୍କ ଉଦ୍ୟମକୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଥିଲେ। ମୁଖ୍ୟମନ୍ତ୍ରୀ ୨୦୩୬ ସମୃଦ୍ଧ ଓଡିଶା ଗଠନ ପାଇଁ ପରିକଳ୍ପନା କରାଯାଇଥିବା ସବୁଜ ଓଡିଶା ଗଠନର ଲକ୍ଷ୍ୟ ପୂରଣରେ ବିଭାଗୀୟ ଅଧିକାରୀଙ୍କ ନିଷ୍ଠାପର ଯୋଗଦାନ କାମନା କରିବା ସହିତ ବିଭାଗୀୟ କର୍ମଚାରୀ ଓ ଅଧିକାରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ତାଲିମ୍ ଓ ଗବେଷଣା ଦିଗ ପ୍ରତି ଗୁରୁତ୍ୱାରୋପ କରି ଲୋକମାନଙ୍କ ସେବା କରିବା ପାଇଁ ଉତ୍ସର୍ଗୀକୃତ ମନୋଭାବ ନେଇ କାମ କରିବା ପାଇଁ ଆହ୍ୱାନ ଦେଇଥିଲେ। ଦୁର୍ନୀତି ବିରୋଧରେ ସରକାରଙ୍କ ଆଭିମୁଖ୍ୟ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ବର୍ତ୍ତମାନର ସରକାର ଦୁର୍ନୀତି ବିରୋଧରେ ଶୂନ୍ୟସହନଶୀଳତା ନୀତି ଅବଲମ୍ବନ କରୁଛନ୍ତି। ତେଣୁ, ଅଧିକାରୀ ମାନେ ଦୁର୍ନୀତିରୁ ଦୂରରେ ରୁହନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ସତର୍କ କରାଇଦେଇଥିଲେ। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ କହିଥିଲେ ଯେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ହେଉଛି ଏ ସମାଜର ଜୀବନ ରେଖା। ଏ ସୃଷ୍ଟିର ମୌଳିକତାକୁ ବଜାୟ ରଖିବାରେ ଏହି ବିଭାଗର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଅଛି। ନୂଆ ସରକାର ଆସିବା ପରେ ଜଙ୍ଗଲ ସଂରକ୍ଷଣ ଓ ଅଭିବୃଦ୍ଧି ପ୍ରତି ଗୁରୁତ୍ୱ ଦିଆଯାଉଛି। ଆଜି ଓଡିଶାରେ ଜଙ୍ଗଲ ଅଭିବୃଦ୍ଧି କ୍ଷେତ୍ରରେ ଯାହା ବି ଅଭିବୃଦ୍ଧି ହୋଇଛି ଏହାର ଶ୍ରେୟ ଆମ ନିଷ୍ଠାପର ଜଙ୍ଗଲ ବିଭାଗର ଅଧିକାରୀ ଓ କର୍ମଚାରୀ ମାନଙ୍କର। ସମସ୍ତ କ୍ଷେତ୍ରରେ ସ୍ୱଚ୍ଛତା ଅବଲମ୍ବନ କରି ଲୋକଙ୍କ ସହ ଯୋଡିହୋଇ କାମ କରି ବିଭାଗ ପାଇଁ ସୁନାମ ଆଣିବା ପାଇଁ ସେ ପରାମର୍ଶ ଦେଇଥିଲେ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ ଯେ ଆମ ରାଜ୍ୟ ହେଉଛି ଏକ ଜୈବ ବିବିଧତା ପୂର୍ଣ୍ଣ ରାଜ୍ୟ। ଜଙ୍ଗଲ ସମ୍ପଦର ସୁରକ୍ଷା ସହିତ ଜଙ୍ଗଲ ଭିତରେ ଏବଂ ଜଙ୍ଗଲ ନିକଟରେ ରହୁଥିବା ଲୋକଙ୍କୁ ଜଙ୍ଗଲ ସଂରକ୍ଷଣ ପ୍ରତି ସଚେତନ କରିବା ସହିତ ଜଙ୍ଗଲ ମଧ୍ୟରେ ରହୁଥିବା ଲୋକଙ୍କ ଜୀବନ ଜୀବିକା ବୃଦ୍ଧି ପ୍ରତି ଦୃଷ୍ଟି ଦେବାକୁ ସେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଆଞ୍ଚଳିକ ଉଦ୍ଭିଦ ଗବେଷଣା କେନ୍ଦ୍ର, ଉଦ୍ୟାନ କୃଷି ବିଭାଗ ଏବଂ ଓଡିଶା ରାଜ୍ୟ ବିହନ ନିଗମ ମଧ୍ୟରେ ଏକ ତ୍ରିପାକ୍ଷିକ ଚୁକ୍ତିପତ୍ର ସ୍ୱାକ୍ଷର ହୋଇଥିଲା । ଏହାଦ୍ୱାରା ରାଜ୍ୟର କୃଷକ ମାନଙ୍କୁ ସୁଲଭ ମୂଲ୍ୟରେ ଉନ୍ନତ ମାନର ଫଳ ଚାରା ଯୋଗାଇ ଦିଆଯିବ। ଜଙ୍ଗଲ ସମ୍ପଦର ସଂରକ୍ଷଣ ଏବଂ ବିଭାଗର ସଫଳତା ଉପରେ ପର୍ଯ୍ୟବସିତ ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରଧାନ ମୁଖ୍ୟ ବନସଂରକ୍ଷକ (ବନ୍ୟପ୍ରାଣୀ) ପ୍ରେମ୍ କୁମାର ଝା, ପ୍ରଧାନ ମୁଖ୍ୟ ବନସଂରକ୍ଷକ (କେନ୍ଦୁପତ୍ର) ଉମା ନନ୍ଦୁରୀ ଉପସ୍ଥିତ ଥିଲେ। ରାଜ୍ୟର ସମସ୍ତ ବନଖଣ୍ଡର ବନ ସଂରକ୍ଷକ, ଡିଏଫ୍‌ଓ, ଏସିଏଫଙ୍କ ସମେତ ବିଭାଗୀୟ ଅଧିକାରୀମାନେ ସମ୍ମିଳନୀରେ ଯୋଗଦେଇଥିଲେ। ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ପ୍ରଧାନ ମୁଖ୍ୟ ବନସଂରକ୍ଷକ ଓ ବନବାହିନୀ ମୁଖ୍ୟ ସୁରେଶ ପନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ନିଜ ପାଦରେ...

ମୋଦୀ ପହଞ୍ଚିବା ପରେ ଏନଡିଏ ସାଂସଦମାନେ ହରହର ମହାଦେବ ଓ ଭାରତ ମାତା କି ଜୟ ସ୍ଲୋଗାନ ଦେଇ ସ୍ୱାଗତ କରିଥିଲେ। ଅପରେସନ ସିନ୍ଦୂରର ସଫଳତା ନେଇ ଏନଡିଏ ସାଂସଦମାନେ ମୋଦୀଙ୍କୁ ମଧ୍ୟ ସମ୍ମାନିତ କରିଥିଲେ। ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ମୋଦୀଙ୍କୁ ମାଲ୍ୟାର୍ପଣ କରି ସ୍ୱାଗତ ଜଣାଇଥିଲେ। ଏହି ବୈଠକରେ ଅପରେସନ ସିନ୍ଦୂର ଏବଂ ଅପରେସନ ମହାଦେବର ସଫଳତା ଉପରେ ଏକ ପ୍ରସ୍ତାବ ଗୃହୀତ ହେବା ସହ ପହଲଗାମ ଆତଙ୍କବାଦୀ ଆକ୍ରମଣର ଶିକାର ହୋଇଥିବା ପରିବାର ପ୍ରତି ସମବେଦନା ପ୍ରକାଶ କରାଯାଇଥିଲା। ପ୍ରଧାନମନ୍ତ୍ରୀ ତାଙ୍କ ଅଭିଭାଷଣରେ ଏନଡିଏ ସାଂସଦଙ୍କୁ ତ୍ରିରଙ୍ଗା ଯାତ୍ରା ଏବଂ କ୍ରୀଡ଼ା ଦିବସ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିବାକୁ ଅନୁରୋଧ କରିଥିଲେ। ଏଥିସହ ସେ ଗୃହମନ୍ତ୍ରୀ ଅମିତ ଶାହଙ୍କୁ ମଧ୍ୟ ପ୍ରଶଂସା କରିଥିଲେ। କହିଥିଲେ, ଲାଲକୃଷ୍ଣ ଆଡଭାନୀଙ୍କ ପରେ ଅମିତ ଶାହ ସବୁଠାରୁ ଦୀର୍ଘସମୟ ଧରି ଗୃହମନ୍ତ୍ରୀ ରହିଛନ୍ତି। ଏହି ବୈଠକରେ କେତେକ ପ୍ରସ୍ତାବ ମଧ୍ୟ ପାରିତ ହୋଇଥିଲା। ମୋଦୀଙ୍କ ଅଟଳ ସଂକଳ୍ପ, ଦୂରଦୃଷ୍ଟି ସମ୍ପନ୍ନ ଏବଂ ଦୃଢ ନେତୃତ୍ୱ ଦେଶକୁ କେବଳ ଦିଗ୍‌ଦର୍ଶନ ଦେଇନାହିଁ, ବରଂ ସମସ୍ତ ଭାରତୀୟଙ୍କ ହୃଦୟରେ ଏକତା ଓ ଗର୍ବର ନୂଆ ଆତ୍ମା ଜାଗ୍ରତ କରିଛି ବୋଲି ପ୍ରସ୍ତାବ ପାରିତ ହୋଇଥିଲା।

# ବଳଙ୍ଗା ପୀଡିତାଙ୍କୁ ନ୍ୟାୟ ଦାବିରେ ୮ରେ ଡିଜି ଅଫିସ ଘେରିବ କଂଗ୍ରେସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ବଢ଼ି ଚାଲିଥିବା ନାରୀ ନିର୍ଯାତନା ବିରୁଦ୍ଧରେ କଂଗ୍ରେସ ସପ୍ତାହବ୍ୟାପି ନାରୀ ନ୍ୟାୟ ଯାତ୍ରା କରିବ। ଆସନ୍ତା ୮ ତାରିଖ ଶୁକ୍ରବାର ବଳଙ୍ଗା ନାବାଳିକା ପୋଡ଼ି ଘଟଣାର ୩ ଦୁର୍ବୃତ୍ତଙ୍କ ଗିରଫ ଦାବିରେ କଟକ ସ୍ଥିତ ପୋଲିସ୍ ଡିଜି କାର୍ଯ୍ୟାଳୟକୁ ସହସ୍ର ସଂଖ୍ୟାରେ କଂଗ୍ରେସ କର୍ମୀ ଘେରାଉ କରିବେ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ ସୂଚନା ଦେଇଛନ୍ତି। ଗତ ଶନିବାର ସନ୍ଧ୍ୟାରେ ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁ ପରେ ପରେ କାର୍ଯ୍ୟାନୁଷ୍ଠାନ ପାଇଁ ପିସିସି ପକ୍ଷରୁ ଶ୍ରୀ ଦାସ ସରକାରଙ୍କୁ ସାତ ଦିନର ମହଲତ ଦେଇଥିଲେ। ଏହି କଣ୍ଟ ପୂରଣ ହେବା ପରେ କଂଗ୍ରେସ ଆନ୍ଦୋଳନ କରିବାକୁ ନିଷ୍ପତି ନେଇଛି। ସେହିପରି ଆସନ୍ତା ୧୦ ଅଗଷ୍ଟ, ରବିବାର ପୂର୍ବାହ୍ନରେ ଦିବଂଗତ ବଳଙ୍ଗା ନାବାଳିକାଙ୍କ ପାଇଁ 'ନାରୀ ନ୍ୟାୟ ପଦଯାତ୍ରା' ବାୟାବରରୁ ବାହାରି ନିମାପଡ଼ାରେ ପହଂଚିବ। ଅନ୍ୟପକ୍ଷରେ, ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବିରେ ଆସନ୍ତା ୧୪ ତାରିଖରେ ବାଲେଶ୍ୱରରେ ନାରୀ ନ୍ୟାୟ ପଦଯାତ୍ରା ହେବ। ୧୪ ତାରିଖ ଗୁରୁବାର ପୂର୍ବାହ୍ନ ୯ ଟାରେ ଫକୀରମୋହନ କଲେଜ ପାଖରୁ ନାରୀ ନ୍ୟାୟ ପଦଯାତ୍ରାରେ ରାଜ୍ୟର ବରିଷ୍ଠ ନେତୃବୃନ୍ଦଙ୍କ ସହ ଅନ୍ୟ ସମସ୍ତଙ୍କୁ ନେଇ ଦଳ ପକ୍ଷରୁ ନଗର ପରିକ୍ରମା କରାଯିବ। ଏହାର ବିସ୍ତୃତ କାର୍ଯ୍ୟସୂଚୀ ଶୀଘ୍ର ପ୍ରକାଶ ପାଇବ। ସୂଚନାଯୋଗ୍ୟ, ଯେଉଁମାନଙ୍କ ଚାପରେ ବାଲେଶ୍ୱର ପୀଡ଼ିତାଙ୍କ ପାଇଁ ଏଫ୍‌ଆଇଆର୍ ସୁଦ୍ଧା ରୁଜୁ କରାଗଲା ନାହିଁ,ସେମାନଙ୍କୁ ମଧ ଅଭିଯୁକ୍ତ ଭାବେ ତଦନ୍ତ ପରିସର ଭୁକ୍ତ କରିବାକୁ ଶ୍ରୀ ଦାସ ଦାବି କରିଛନ୍ତି। ଉପରୋକ୍ତ ସମସ୍ତ ଦାବି ପୂରଣ ନ ହେଲେ ସପ୍ତାହବ୍ୟାପୀ ରାଜ୍ୟର ସମସ୍ତ ଥାନାର ଘେରାଉ କାର୍ଯ୍ୟକ୍ରମ କଂଗ୍ରେସ କରିବ ବୋଲି ଶ୍ରୀ ଦାସ ଚେତାବନୀ ଦେଇଛନ୍ତି ।

# ଯୁବ କଂଗ୍ରେସ ପକ୍ଷରୁ ସ୍ୱର୍ଗତ ସଂଗ୍ରାମ ଜେନାଙ୍କ ଜନ୍ମ ଦିବସ ପାଳିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପ୍ରଦେଶ ଯୁବ କଂଗ୍ରେସର ସଭାପତି ରଣଜିତ ପାତ୍ରଙ୍କ ଅଧକ୍ଷତାରେ ଯୁବ କଂଗ୍ରେସ ପକ୍ଷରୁ ପ୍ରଦେଶ ଯୁବ କଂଗ୍ରେସର ପୂର୍ବତନ ସଭାପତି ସ୍ୱର୍ଗତ ସଂଗ୍ରାମ କେଶରୀ ଜେନାଙ୍କର ଜନ୍ମ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଯୁବ କଂଗ୍ରେସ ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା ଏବଂ ଶ୍ରଦ୍ଧା ଭୋଜନ କାର୍ଯ୍ୟକ୍ରମ ମଧ ହୋଇଥିଲା । କଂଗ୍ରେସ ଭବନ ପ୍ରାଙ୍ଗଣରେ ଦରିଦ୍ର ନାରାୟଣ ସେବା କାର୍ଯ୍ୟକ୍ରମ ମଧ ହୋଇଥିଲା । ପିସିସି ସଭାପତି ଭକ୍ତ ଚରଣ ଦାସ ରକ୍ତ ଦାନ ଶିବିରକୁ ଉଦ୍‌ଘାଟନ କରି କହିଥିଲେ ଯେ, ପ୍ରଦେଶ ଯୁବ କଂଗ୍ରେସର ପୂର୍ବତନ ସଭାପତି ସଂଗ୍ରାମ କେଶରୀ ଜେନା ଜଣେ ସଂଗ୍ରାମୀ ଯୁବ ନେତା ଥିଲେ। ସେ ପ୍ରଦେଶ ଯୁବ କଂଗ୍ରେସର ପ୍ରଥମ ନିର୍ବାଚିତ ସଭାପତି । କଂଗ୍ରେସ ଦଳର ସେ ଜଣେ ପ୍ରଚଣ୍ଡ ପ୍ରତିଭାଶାଳୀ ସମ୍ଭାବନା ଥିଲେ । ଛାତ୍ର ଓ ଯୁବକ ମାନଙ୍କର ତାଙ୍କ ନେତୃତ୍ୱ ଉପରେ ବିଶ୍ୱସ ଓ ଭରସା ଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ତାରା ପ୍ରସାଦ ବାହିନିପତି, ସୁରେଶ କୁମାର ରାଉତରାୟ, ଅନନ୍ତ ସେଠୀ, ଶିବାନନ୍ଦ ରାୟ, ରମେଶ ଜେନା, ସମୀର ରାଉତରାୟ, ନବଜ୍ୟୋତି ପଟ୍ଟନାୟକ, ମାନସ ଚୌଧୁରୀ, ଜଗନ୍ନାଥ ପଟ୍ଟନାୟକ, ଦେବାଶିଷ ପଟ୍ଟନାୟକ, ସ୍ପନ୍ଦନ ସ୍ୱାଇଁ ଓ ଦିଲ୍ଲୀପ ସ୍ୱାଇଁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ବିମାନବନ୍ଦର ନିର୍ଦ୍ଦେଶକଙ୍କ ନାମରେ ଏତଲା

ଝାରସୁଗୁଡ଼ା (ଭାସ୍କର ନ୍ୟୁଜ): ଝାରସୁଗୁଡ଼ା ବିମାନବନ୍ଦର ନିର୍ଦ୍ଦେଶକଙ୍କ ନାମରେ ଏକ ଏତଲା ରୁଜୁ ହୋଇଛି। ବିମାନବନ୍ଦରର ବରିଷ୍ଠ ସହାୟକ ସନ୍ଦୀପ ମିଞ୍ଜ ଏହି ଏତଲା ଦେଇଛନ୍ତି। ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ ନିର୍ଦ୍ଦେଶକ ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିଛନ୍ତି ଓ ଜାତିଆଣ ଆକ୍ଷେପ ମଧ୍ୟ କରିଛନ୍ତି। ଏ ନେଇ ବିମାନବନ୍ଦର ଥାନାରେ ଏତଲା ହୋଇଛି। ତେବେ ଥାନା ପକ୍ଷରୁ କ'ଣ ପଦକ୍ଷେପ ନିଆଯାଇଛି ସେ ନେଇ କୌଣସି ସୂଚନା ମିଳିନାହିଁ। ନିର୍ଦ୍ଦେଶକଙ୍କ ଏଭଳି ଆଚରଣକୁ ନେଇ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଦ.ପୂ. ରେଳପଥ-ଟେଣ୍ଡର

ଇ-ଟେଣ୍ଡର ନୋଟିସ୍ ନମ୍ବର: ଏସ୍‌ଟି_ପି_ସିକେପି_ଇଏଲ୍_ରକ୍ସି_୧୨, ତାରିଖ: ୦୪.୦୮.୨୦୨୫। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ପକ୍ଷରୁ କାର୍ଯ୍ୟ କରୁଥିବା ଚକ୍ରଧରପୁର/ଦକ୍ଷିଣ ପୂର୍ବ ରେଳପଥର ଉପ-ମୁଖ୍ୟ ସିଗନାଲ ଏବଂ ଟେଲିକମ୍ ଇଞ୍ଜିନିୟର (ପ୍ରକଳ୍ପ), ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି: କାର୍ଯ୍ୟର ନାମର ସଂକ୍ଷିପ୍ତ ବର୍ଣ୍ଣନା ଏବଂ ଏହାର ସ୍ଥାନ: ଚକ୍ରଧରପୁର ଡିଭିଜନରେ ଅଧିକ ପୁରୁଣା ପ୍ୟାନେଲ୍ ଇଣ୍ଟରଲକିଂ ବଦଳରେ ସମସ୍ତ ଏସ୍‌ଏଣ୍ଟି କାର୍ଯ୍ୟ ସହିତ ରକ୍ସିରେ ଇଏଲର ଯୋଗାଣ, ପରିବହନ, ସ୍ଥାପନ ଏବଂ କମିଶନିଂ ପାଇଁ କୋଠା ନିର୍ମାଣ। କାର୍ଯ୍ୟର ଆନୁମାନିକ ମୂଲ୍ୟ: ଟ.୭,୩୩,୧୮,୧୬୬.୪୮। ସର୍ବଶ୍ରେଷ୍ଠ ମୂଲ୍ୟ: ଟ.୫,୧୬,୬୦୦। ଇ-ଟେଣ୍ଡର ବନ୍ଦ କରିବାର ତାରିଖ ଏବଂ ସମୟ: ୨୯.୦୮.୨୦୨୫, ୧୫.୦୦ ଘଣ୍ଟା। ୱେବସାଇଟ୍: www.ireps.gov.in।

(PR-481)

ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଲିମିଟେଡ୍
(ପୂର୍ବ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଏବଂ ଆଇଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରିତ)
ସିଆଇଏନ୍: ଏଲ୍‌୬୫୧୧୦ଟିଏନ୍‌୨୦୧୪ପିଏଲ୍‌ସି୯୭୭୯୨
ପଞ୍ଜିକୃତ କାର୍ଯ୍ୟାଳୟ : କେଆରଏମ୍ ଟାୱାର୍ସ, ୮ ଫ୍ଲୋର, ହାରିଂଟନ୍ ରୋଡ୍, ଚେଟ୍‌ପେଟ୍, ଚେନ୍ନାଇ-୬୦୦୦୩୧
ଟେଲିଫୋନ୍: +୯୧ ୪୪ ୪୫୬୪ ୪୦୦୦। ଫ୍ୟାକ୍ସ: +୯୧ ୪୪ ୪୫୬୪ ୪୦୨୨
IDFC FIRST Bank

ସାର୍ବଜନୀନ ନୋଟିସ୍
ସୁନା ନିଲାମ ସହିତ ନିମନ୍ତ୍ରଣ ନୋଟିସ୍

ନିମ୍ନରେ ଉଲ୍ଲେଖିତ ଋଣଗ୍ରହୀତାଙ୍କୁ ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଲିମିଟେଡ୍ ଠାରୁ ତାଙ୍କ ଦ୍ୱାରା ପ୍ରାପ୍ତ ସୁନା ସୂତ୍ର ବିରୁଦ୍ଧରେ କ୍ରେଡିଟ୍ ସୁବିଧା ପାଇଁ ବକେୟା ରାଶି ପୈଠ କରିବାକୁ ନୋଟିସ୍ ଜାରି କରାଯାଇଛି। ଯେହେତୁ ଋଣଗ୍ରହୀତାଙ୍କ ସୁବିଧା ଅଧୀନରେ ଦେୟ ପରିଶୋଧ କରିବାରେ ବିଫଳ ହୋଇଛନ୍ତି। ଆମେ ୧୪/୦୮/୨୦୨୫ ରେ ପ୍ରତିବନ୍ଧ ସୁନା ଅଳଙ୍କାରର ନିଲାମ କରିବାକୁ ବାଧ୍ୟ। ଯଦି ଏହି ନିଲାମରୁ କୌଣସି ଅତିରିକ୍ତ ପରିମାଣ ଆଦାୟ ହୁଏ, ତେବେ ତାହା ସମ୍ପୃକ୍ତ ଋଣଗ୍ରହୀତାଙ୍କୁ ଫେରସ୍ତ କରାଯିବ ଏବଂ ନିଲାମ ପରେ ଯଦି କୌଣସି କ୍ଷତି ହୁଏ, ତେବେ ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ଋଣଗ୍ରହୀତାଙ୍କଠାରୁ ବଳକା ପରିମାଣ ଆଦାୟ କରାଯିବ। ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କର ପୂର୍ବ ସୂଚନା ବିନା ନିଲାମରୁ ନିମ୍ନଲିଖିତ ଆକାଉଣ୍ଟକୁ ହଟାଇବାର ଅଧିକାର ଅଛି। ଏହା ବ୍ୟତୀତ ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ କୌଣସି ପୂର୍ବ ସୂଚନା ବିନା ନିଲାମ ତାରିଖ ପରିବର୍ତ୍ତନ କରିବାର ଅଧିକାର ସଂରକ୍ଷଣ କରେ।

| ଋଣ ଆକାଉଣ୍ଟ ନଂ | ଗ୍ରାହକଙ୍କ ନାମ | ଶାଖାର ନାମ |
|---|---|---|
| ୧୬୭୮୪୬୪୫୨ | ଅର୍ପିତା ଷଡଙ୍ଗୀ | ଭୁବନେଶ୍ୱର ବ୍ରାଞ୍ଚ |
| ୧୬୮୨୭୩୮୪୬ | ଅର୍ପିତା ଷଡଙ୍ଗୀ | ଭୁବନେଶ୍ୱର ବ୍ରାଞ୍ଚ |

ନିଲାମ https://idfcegold.auctiontiger.net ମାଧ୍ୟମରେ ଅନଲାଇନରେ ୧୪/୦୮/୨୦୨୫ ଦିନ ୧୨:୦୦ରୁ ୨:୦୦ପର୍ଯ୍ୟନ୍ତ କରାଯିବ ଏବଂ http://gold.samil.in ମାଧ୍ୟମରେ ୧୪/୦୮/୨୦୨୫ ଦିନ ୩:୦୦ ରୁ ୫:୦୦ ପର୍ଯ୍ୟନ୍ତ। ଏହି ପ୍ରକାଶନ ମାଧ୍ୟମରେ ସମ୍ପୃକ୍ତ ଋଣଗ୍ରହୀତାଙ୍କୁ ଏତଦ୍ୱାରା ଶେଷ ସୂଚନା ଏବଂ ସମସ୍ତ ସୁଧ ଏବଂ ଶୁଳ୍କ ସହିତ ସୁବିଧା ପ୍ରତ୍ୟାହାର କରାଯାଇଥିବା ପରିମାଣ, ସୂଚୀ ନିଲାମ ତାରିଖ ପୂର୍ବରୁ ପୈଠ କରିବାର ଶେଷ ସୁଯୋଗ ଦିଆଯାଇଛି, ଯାହା ବିଫଳ ହେଲେ ଅଳଙ୍କାର ନିଲାମ କରାଯିବ। ଦୟାକରି ଧ୍ୟାନ ଦିଅନ୍ତୁ ଯେ, ଯଦି ସମୟ ସୀମା ଯୋଗୁଁ ସେହି ଦିନ ନିଲାମ ସମାପ୍ତ ନହୁଏ, ତେବେ ବ୍ୟାଙ୍କ ସମାନ ସର୍ତ୍ତାବଳୀରେ ପରବର୍ତ୍ତୀ ୭ ଦିନ ମଧ୍ୟରେ ବନ୍ଧକ ସୁନା ଅଳଙ୍କାର ପୁନଃ ନିଲାମ କରିବ। ଯଦି ଗ୍ରାହକଙ୍କ ମୃତ୍ୟୁ ହୋଇଯାଏ, ତେବେ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତାଙ୍କ ଆଇନଗତ ଉତ୍ତରାଧିକାରୀଙ୍କ ପାଇଁ ପ୍ରଯୁଜ୍ୟ ହେବ।

ତାରିଖ: ୦୬.୦୮.୨୦୨୫ ସ୍ଥାନ : ଓଡ଼ିଶା

O-545
E.Mail – rw_sundargarh@yahoo.co.in
Ph – 06622-272280 (off)

OFFICE OF THE SUPERINTENDING ENGINEER
RURAL WORKS DIVISION: SUNDARGARH

1st Corrigendum to Bid Identification No Online-SESNG-06 of 2025-26

In continuation to this office bid Identification No: Online-SESNG-06 of 2025-26 invited vide this office notice no. 3839 dt. 21.07.2025 is partial modified for the work TCN has been made as follows:-

| Sl No. | | Time Schedule as per original TCN | Time Schedule as per 1st Corrigendum Notice |
|---|---|---|---|
| 1 | Availability of tender online for bidding | 29.07.2025 at 11.00 A.M to 12.08.2025 up to 06.00 P.M | Extended up to 21.08.2025 up to 5.00 P.M |
| 2 | Last date of seeking clarification | 11.08.2025 at 11.00 A.M | Extended up to 20.08.2025 up to 11.00 A.M |
| 3 | Date of Opening of Tender | 13.08.2025 at 10.00 A.M | Extended up to 21.08.2025 at 05.15 P.M |

All other terms & conditions remain unchanged.

Sd/- Superintending Engineer
R.W. Division, Sundargarh

OIPR 25046/11/0064/2526

ବିଜ୍ଞାପିତ ଅଚଂଳ ପରିଷଦ, ପଦ୍ମପୁର
C-812
OFFICE OF THE NOTIFIED AREA COUNCIL, PADAMPUR
DIST:-BARGARH (ODISHA) PIN-768036,Email-nac.padampur@gmail.com, Ph.06683-223436

No. 2240 /NACP, Dated. 05.08.2025

QUOTATION CALL NOTICE

The Sealed Quotations are invited from the Authorized Agencies / Painter /Firms / Contractors having License, GST Registration Certificate, PAN Card for 3D Wall Painting of different boundaries under Padampur Town. The quotationer should submit their quotation to the Executive Officer, NAC, Padampur, Dist-Bargarh, Pin-768036, from Dt.06.08.25 to 16.08.25 during office hour through Regd. Post/ Speed Post up to 1.00 PM and the same will be opened at 3.00 PM on the same day by the Tender Committee Members in presence of quotationers or their authorized agent. The cost of quotation paper is Rs.1,000.00 (Rupees one thousand) only (non-Refundable) in shape of Money Receipt, Demand draft in favour of E.O, N.A.C Padampur with the quotation. The quotation received after due date and time shall not be entertained.The above notice also available in our office website-www.padampurnac.in.

The undersigned reserves the right to accept or reject any or all the Quotation without assigning reason thereof.

| Si. No. | Description | Units | Rate |
|---|---|---|---|
| 1 | 3d Wall Painting on different walls of different ward of Padampur NAC | Per Sqft. | |

OIPR 13118/11/0036/2526

Sd/- Executive Officer
NAC Padampur



ନୂଆଦିଲ୍ଲୀ: ଜମ୍ମୁ-କାଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଲ ମଲ୍ଲିକଙ୍କ ପରଲୋକ ହୋଇଛି । ୭୯ବର୍ଷୀୟ ସତ୍ୟପାଲଙ୍କର ଆରଏମ୍ଏଲ୍ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଥିବା ସୂଚନା ମିଳିଛି । ଦୀର୍ଘ ଦିନ ହେବ ସେ ଅସୁସ୍ଥ ଥିବାରୁ ଦିଲ୍ଲୀର ରାମ ମନୋହର ଲୋହିଆ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ମଙ୍ଗଳବାର ଅପରାହ୍ନ ୧ଟା ୨୦ମିନିଟରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ସତ୍ୟପାଲ ଦୀର୍ଘ ଦିନ ହେବ କିଡନୀ ରୋଗରେ ପୀଡ଼ିତ ଥିଲେ । ତାଙ୍କ ଅବସ୍ଥା ଗୁରୁତର ହେବାରୁ ମେ ୧୧ରେ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି ହୋଇଥିଲେ । ସତ୍ୟପାଲ ମଲ୍ଲିକ ୨୩ଅଗଷ୍ଟ ୨୦୧୮ରୁ ୩୦ଅକ୍ଟୋବର ୨୦୧୯ ପର୍ଯ୍ୟନ୍ତ ଜମ୍ମୁ-କାଶ୍ମୀରର ରାଜ୍ୟପାଳ ରହିଥିଲେ । ତାଙ୍କ କାର୍ଯ୍ୟକାଳ ସମୟରେ ଆଜିର ଦିନ ୫ଅଗଷ୍ଟ ୨୦୧୯ରେ ଜମ୍ମୁ-କାଶ୍ମୀରରୁ ଧାରା ୩୭୦ ଉଚ୍ଛେଦ କରାଯାଇଥିଲା ।

## ଫିଲିପାଇନ୍ସ ରାଷ୍ଟ୍ରପତିଙ୍କ ସହ ମିଳିତ ପ୍ରେସ୍ ବିବୃତ୍ତି ସମୟରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ



ନୂଆଦିଲ୍ଲୀ: ଫିଲିପାଇନ୍ସ ରାଷ୍ଟ୍ରପତିଙ୍କ ସହ ମିଳିତ ପ୍ରେସ ବିବୃତ୍ତି ସମୟରେ ପ୍ରଧାନମନ୍ତ୍ରୀ ଅଭିଭାଷଣ ରଖିଛନ୍ତି । ସେ କହିଛନ୍ତି, ସର୍ବପ୍ରଥମେ, ମୁଁ ରାଷ୍ଟ୍ରପତି ଏବଂ ତାଙ୍କ ପ୍ରତିନିଧିମଣ୍ଡଳକୁ ଭାରତକୁ ହାର୍ଦ୍ଦିକ ସ୍ୱାଗତ କରୁଛି । ଏହି ବର୍ଷ ଭାରତ ଏବଂ ଫିଲିପାଇନ୍ସ ସେମାନଙ୍କର କୂଟନୈତିକ ସମ୍ପର୍କର ୭୫ତମ ବାର୍ଷିକୀ ପାଳନ କରୁଛନ୍ତି । ଏହି ପରିପ୍ରେକ୍ଷୀରେ, ତାଙ୍କର ଗସ୍ତର ବିଶେଷ ଗୁରୁତ୍ୱ ରହିଛି । ଆମର କୂଟନୈତିକ ସମ୍ପର୍କ ନୂତନ ହୋଇପାରେ, କିନ୍ତୁ ଆମର ସଭ୍ୟତାଗତ ସମ୍ପର୍କ ପ୍ରାଚୀନ ସମୟରୁ ରହିଆସିଛି । ଫିଲିପାଇନ୍ସର ରାମାୟଣ - 'ମହାରାଦିଆ ଲୱାନା' - ଆମର ଶତାବ୍ଦୀ ପୁରୁଣା ସାଂସ୍କୃତିକ ସମ୍ପର୍କର ଏକ ଜୀବନ୍ତ ସାକ୍ଷ୍ୟ । ଉଭୟ ଦେଶର ଜାତୀୟ ଫୁଲକୁ ନେଇ ସଦ୍ୟ ଉନ୍ମୋଚିତ ଡାକଟିକଟ, ଆମ ବନ୍ଧୁତାର ସୁଗନ୍ଧକୁ ଦର୍ଶାଏ । ଆମର ଦ୍ୱିପାକ୍ଷିକ ବାଣିଜ୍ୟ ନିରନ୍ତର ବୃଦ୍ଧି ପାଉଛି ଏବଂ ଏହା ୩ ବିଲିୟନ ଡଲାର ଅତିକ୍ରମ କରିଛି । ଆଜି ସମାପ୍ତ ହୋଇଥିବା ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ସହଯୋଗ ଯୋଜନା ଏହାକୁ ଆହୁରି ତ୍ୱରାନ୍ୱିତ କରିବ । ବାରାଣସୀର ଅନ୍ତର୍ଜାତୀୟ ଚାଉଳ ଗବେଷଣା ପ୍ରତିଷ୍ଠାନର ଆଞ୍ଚଳିକ କେନ୍ଦ୍ର ଅଲଟ୍ରା ଲୋ ଗ୍ଲାଇସେମିକ୍ ଇଣ୍ଡେକ୍ସ ସହିତ ଚାଉଳର ବିକାଶ ଉପରେ କାମ କରୁଛି । ପ୍ରତିରକ୍ଷା ସମ୍ପର୍କକୁ ସୁଦୃଢ଼ କରିବା ଗଭୀର ପାରସ୍ପରିକ ବିଶ୍ୱାସର ପ୍ରତୀକ । ସାମୁଦ୍ରିକ ରାଷ୍ଟ୍ର ଭାବରେ, ଦୁଇ ଦେଶ ମଧ୍ୟରେ ସାମୁଦ୍ରିକ ସହଯୋଗ ସ୍ୱାଭାବିକ ଅଟେ ଏବଂ ଆବଶ୍ୟକ ମଧ୍ୟ । ଭାରତରେ ପ୍ରତିଷ୍ଠିତ ଭାରତ ମହାସାଗର କ୍ଷେତ୍ର ପାଇଁ ଇଣ୍ଟରନ୍ୟାସନାଲ ଫ୍ୟୁଜନ୍ ସେଣ୍ଟରରେ ଯୋଗଦାନ ପାଇଁ ଆମେ ଫିଲିପାଇନ୍ସକୁ ସ୍ୱାଗତ କରୁଛୁ । ଭାରତୀୟ ପର୍ଯ୍ୟଟକଙ୍କୁ ଭିସା-ମୁକ୍ତ ପ୍ରବେଶ ପ୍ରଦାନ କରିବା ପାଇଁ ଫିଲିପାଇନ୍ସର ନିଷ୍ପତ୍ତିକୁ ଆମେ ସ୍ୱାଗତ କରୁଛୁ । ଭାରତ ମଧ୍ୟ ଫିଲିପାଇନ୍ସର ପର୍ଯ୍ୟଟକମାନଙ୍କୁ ମାଗଣା ଇ-ଭିସା ସୁବିଧା ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛି । ଫିଲିପାଇନ୍ସ ଆମର ଆକ୍ଟ-ଇଷ୍ଟ ନୀତି ଏବଂ 'ମହାସାଗର' ଦୃଷ୍ଟିକୋଣରେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର । ଆମେ ଇଣ୍ଡୋ-ପାସିଫିକ କ୍ଷେତ୍ରରେ ଶାନ୍ତି, ସୁରକ୍ଷା, ସମୃଦ୍ଧି ଏବଂ ଆଇନ ଆଧାରିତ ବ୍ୟବସ୍ଥା ପ୍ରତି ପ୍ରତିବଦ୍ଧ । ଆଗାମୀ ବର୍ଷ, ଫିଲିପାଇନ୍ସ ଆସିଆନର ଅଧ୍ୟକ୍ଷତା କରିବ । ଆମେ ଏହାର ସଫଳତା ପାଇଁ ପୂର୍ଣ୍ଣ ସମର୍ଥନ ପ୍ରଦାନ କରିବୁ । ଭାରତ ଏବଂ ଫିଲିପାଇନ୍ସ ପସନ୍ଦ ଅନୁସାରେ ବନ୍ଧୁ ଏବଂ ଭାଗ୍ୟ ଅନୁସାରେ ଅଂଶୀଦାର । ଭାରତ ମହାସାଗରଠାରୁ ପ୍ରଶାନ୍ତ ମହାସାଗର ପର୍ଯ୍ୟନ୍ତ ଅଂଚଳରେ ଆମେ ସମାନ ମୂଲ୍ୟବୋଧକୁ ନେଇ ଏକଜୁଟ । ଏହା କେବଳ ଆମର ଅତୀତର ବନ୍ଧୁତା ନୁହେଁ, ଭବିଷ୍ୟତ ପାଇଁ ଏକ ପ୍ରତିଶ୍ରୁତି ।

### ମମତାଙ୍କ ବଡ଼ ଆକ୍ସନ
## ମୁଖ୍ୟ ସଚେତକ ପଦରୁ ବିଦା ହେଲେ କଲ୍ୟାଣ ବାନାର୍ଜୀ


କୋଲକାତା: ତୃଣମୂଳ କଂଗ୍ରେସ କାକୋଲି ଘୋଷ ଦସ୍ତିଦାରଙ୍କୁ ମୁଖ୍ୟ ସଚେତକ ଏବଂ ଶତାବ୍ଦୀ ରାୟଙ୍କୁ ଲୋକ ସଭାରେ ଉପନେତା ଭାବରେ ନିଯୁକ୍ତ କରିଛି । ତୃଣମୂଳ କଂଗ୍ରେସ ଟୁଇଟରରେ ପୋଷ୍ଟ କରିଛି, 'କଲ୍ୟାଣ ବାନାର୍ଜୀ ୪ ଅଗଷ୍ଟ ୨୦୨୫ରେ ସଂସଦୀୟ ଦଳର ମୁଖ୍ୟ ସଚେତକ ପଦରୁ ଦଳର ଅଧ୍ୟକ୍ଷା ମମତା ବାନାର୍ଜୀଙ୍କୁ ଇସ୍ତଫାପତ୍ର ପ୍ରଦାନ କରିଥିଲେ । ଦଳର ଅଧ୍ୟକ୍ଷ ତାଙ୍କ ଇସ୍ତଫାପତ୍ର ଗ୍ରହଣ କରିଛନ୍ତି । କଲ୍ୟାଣ ବାନାର୍ଜୀ କହିଛନ୍ତି, 'ମୁଁ ଲୋକ ସଭାରେ ଦଳର ମୁଖ୍ୟ ସଚେତକ ପଦରୁ ଇସ୍ତଫା ଦେଉଛି, କାରଣ ଡିଜିଟାଲ ବୈଠକ ସମୟରେ ମମତା ବାନାର୍ଜୀ କହିଥିଲେ ଯେ ଦଳୀୟ ଏମପିମାନଙ୍କ ମଧ୍ୟରେ ସମନ୍ୱୟର ଅଭାବ ରହିଛି, ତେଣୁ ଦୋଷ ମୋ ଉପରେ । ସେଥିପାଇଁ ମୁଁ ପଦ ଛାଡିବାକୁ ନିଷ୍ପତ୍ତି ନେଇଛି ।'

## ଇଣ୍ଡିଆ ସିନେ ହବ୍ ପୋର୍ଟାଲ୍ ବ୍ୟବହାର କରିବାକୁ ରାଜ୍ୟମାନଙ୍କୁ ପରାମର୍ଶ



ନୂଆଦିଲ୍ଲୀ: ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ମଙ୍ଗଳବାର ନୂଆଦିଲ୍ଲୀର ବିଜ୍ଞାନ ଭବନରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ସୂଚନା ଓ ଲୋକସମ୍ପର୍କ (ଆଇ ଆଣ୍ଡ ପିଆର) ସଚିବମାନଙ୍କର ଏକ ଉଚ୍ଚସ୍ତରୀୟ ସମ୍ମିଳନୀର ଆୟୋଜନ କରିଛି । କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗନ, ସୂଚନା ଓ ପ୍ରସାରଣ ସଚିବ ସଞ୍ଜୟ ଜାଜୁ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ସମ୍ମିଳନୀରେ ଉଦବୋଧନ ଦେଇଛନ୍ତି । ଗଣ ଯୋଗାଯୋଗ କ୍ଷେତ୍ରରେ କେନ୍ଦ୍ର-ରାଜ୍ୟ ସମନ୍ୱୟକୁ ସୁଦୃଢ଼ କରିବା, ପ୍ରେସ୍ ସେବା ପୋର୍ଟାଲ୍ ଏବଂ ଇଣ୍ଡିଆ ସିନେ ହବ୍ ର ପୂର୍ଣ୍ଣାଙ୍ଗ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ତଥା ଚଳଚ୍ଚିତ୍ର ଭିତ୍ତିଭୂମି ବିକାଶ ଓ ବିଭିନ୍ନ କ୍ଷେତ୍ରରେ ଭାରତର ସୃଜନଶୀଳ ଅର୍ଥବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ପାଇଁ ସହଯୋଗୀ ସୁଯୋଗ ଅନୁସନ୍ଧାନ କରିବା ଏହି ସମ୍ମିଳନୀର ଉଦ୍ଦେଶ୍ୟ । ସମ୍ମିଳନୀରେ ଉଦବୋଧନ ଦେଇ କେନ୍ଦ୍ର ସୂଚନା ଏବଂ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗନ କହିଥିଲେ, ଇଣ୍ଡିଆନ୍ ସିନେମା ହବ୍ ପୋର୍ଟାଲକୁ ଏକକ ସିଙ୍ଗଲ୍-ୱିଣ୍ଡୋ ସିଷ୍ଟମ ରୂପେ ପୁନଃନିର୍ମାଣ କରାଯାଇଛି । ମନ୍ତ୍ରୀ କମ ମୂଲ୍ୟର ଥିଏଟର ମାଧ୍ୟମରେ ମହିଳା ଏବଂ ସ୍ଥାନୀୟ ସମାଜକୁ ସଶକ୍ତ କରୁଥିବା ତୃଣମୂଳ ସ୍ତରର ସିନେମା ପ୍ରୟାସ ଉପରେ ମଧ୍ୟ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମ ସମୟରେ, ସୂଚନା ଓ ପ୍ରସାରଣ ସଚିବ ସଞ୍ଜୟ ଜାଜୁ ପ୍ରଭାବଶାଳୀ ଯୋଗାଯୋଗ ଏବଂ ଗଣମାଧ୍ୟମ ବିକାଶରେ କେନ୍ଦ୍ର-ରାଜ୍ୟ ସହଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ । ଶ୍ରୀ ଜାଜୁ ସିନେମା ଏବଂ କଣ୍ଟେଣ୍ଟ ବା କାର୍ଯ୍ୟକ୍ରମ ପ୍ରସ୍ତୁତିର ଆର୍ଥିକ ସମ୍ଭାବନା ଉପରେ ମଧ୍ୟ ଆଲୋକପାତ କରିଥିଲେ । ଇଣ୍ଡିଆ ସିନେ ହବ୍ ପୋର୍ଟାଲ୍ ଜିଆଇଏସ୍ ଆଧାରିତ ସ୍ଥାନ ମ୍ୟାପିଂ, ଶିଳ୍ପ ପେସାଦାରଙ୍କ ଠାରୁ ଆରମ୍ଭ କରି କ୍ରାଉଡସୋର୍ସ କଣ୍ଟେଣ୍ଟ ଏବଂ ଚଳଚ୍ଚିତ୍ର ନିର୍ମାଣ ଓ ପ୍ରୋତ୍ସାହନ ସହ ଜଡ଼ିତ ବିଭିନ୍ନ ଭିନ୍ନ କାର୍ଯ୍ୟପ୍ରବାହକୁ ସମର୍ଥନ କରିଛି । ଏହି ଆଲୋଚନାରେ ଭାରତୀୟ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ (ଆଇଏଫଏଫଆଇ) ଏବଂ ୱେଭ୍ସ ବଜାର ଭଳି ପ୍ରମୁଖ ଚଳଚ୍ଚିତ୍ର ଏବଂ କଣ୍ଟେଣ୍ଟ ପ୍ଲାଟଫର୍ମରେ ଅଂଶଗ୍ରହଣ ପ୍ରସଙ୍ଗ ମଧ୍ୟ ସ୍ଥାନ ପାଇଥିଲା । ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶଗୁଡ଼ିକୁ ସେମାନଙ୍କର ଚଳଚ୍ଚିତ୍ର ସ୍ଥାନ ପ୍ରଦର୍ଶନ କରିବା, ଆଞ୍ଚଳିକ ସ୍ତରରେ ପ୍ରୋତ୍ସାହନ ଯୋଗାଇ ଦେବା ଏବଂ ସ୍ଥାନୀୟ ପ୍ରତିଭାକୁ ସମର୍ଥନ କରିବା ପାଇଁ ଏହି ପ୍ଲାଟଫର୍ମଗୁଡ଼ିକୁ ବ୍ୟବହାର କରିବାକୁ ଉତ୍ସାହିତ କରାଯାଇଥିଲା । ୫୫ତମ ଆଇଏଫଏଫଆଇରେ ୧୧୪ ଦେଶ ଅଂଶଗ୍ରହଣ କରିଥିଲେ । ୱେଭ୍ସ ବଜାରରେ ୩୦ଟି ଦେଶରୁ ୨ହଜାରରୁ ଅଧିକ ଶିଳ୍ପ ପ୍ରତିନିଧି ଅଂଶଗ୍ରହଣ କରିଥିଲେ । ରାଜ୍ୟଗୁଡ଼ିକର ସ୍ୱତନ୍ତ୍ର ମଣ୍ଡପ ସ୍ଥାପନ କରିବା ସହିତ ଭାରତୀୟ ପାନୋରାମାରେ ପ୍ରବେଶକୁ ସହଜ କରି ଏବଂ ବିଶ୍ୱସ୍ତରୀୟ ପ୍ରଦର୍ଶନ ପାଇଁ ସୃଜନଶୀଳ ପ୍ରତିଭାଙ୍କୁ ମନୋନୀତ କରି ଏହି ସୁଯୋଗଗୁଡ଼ିକୁ ଲାଭ ଉଠାଇପାରିବେ ବୋଲି ସମ୍ମିଳନୀରେ ସୂଚନା ଦିଆଯାଇଥିଲା ।

### ଭାରତକୁ ପୁଣିଥରେ ଟ୍ରମ୍ପଙ୍କ ଧମକ
## ୨୪ ଘଣ୍ଟା ଭିତରେ ନିଆଯିବ ଆକ୍ସନ



ନୂଆଦିଲ୍ଲୀ: ଆମେରିକାର ଟାର୍ଗେଟ୍ ବିରୁଦ୍ଧରେ ଋଷ ଭାରତକୁ ସମର୍ଥନ କରିବା ପରେ ପୁଣି ଧମକ ଦେଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ସେ କହିଛନ୍ତି ଯେ ଭାରତ ଆଉ ଭଲ ବାଣିଜ୍ୟ ସହଯୋଗୀ ହୋଇ ରହି ନାହିଁ । ୨୪ ଘଣ୍ଟା ଭିତରେ ଆମେ ମୋଟା ଅଙ୍କର ଟାରିଫ ଲଗାଇବୁ ଯାଉଛୁ । ରୁଷରୁ ତେଲ କିଣିବା ନେଇ ଭାରତ ଉପରେ ଚାପ ସୃଷ୍ଟି କରିବାକୁ ଟ୍ରମ୍ପ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଭାରତ ଉପରେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ଅତିରିକ୍ତ ଶୁଳ୍କ ଲଗାଯିବ ବୋଲି ସେ ଚେତାବନୀ ଜାରି କରିଛନ୍ତି । ବୁଧବାର ଟ୍ରମ୍ପ ଆମେରିକା ଗଣମାଧ୍ୟମ ସିଏନ୍‌ବିସିକୁ ପ୍ରତିକ୍ରିୟା ଦେଇ କହିଛନ୍ତି 'ଭାରତ ଏକ ଭଲ ବାଣିଜ୍ୟିକ ସହଯୋଗୀ ହୋଇ ନାହିଁ, କାରଣ ସେମାନେ ଆମ ସହିତ ବହୁତ ବ୍ୟବସାୟ କରୁଛନ୍ତି, କିନ୍ତୁ ଆମେ ସେମାନଙ୍କ ସହିତ ବ୍ୟବସାୟ କରୁ କରିପାରୁ ନାହୁଁ । ତେଣୁ ଆମେ ୨୫ ପ୍ରତିଶତ ଶୁଳ୍କ ଲଗାଇବାକୁ ସ୍ଥିର କରିଥିଲୁ, କିନ୍ତୁ ଭାବୁଛି ମୁଁ ଆଗାମୀ ୨୪ ଘଣ୍ଟା ମଧ୍ୟରେ ଏହାକୁ ବଡ଼ ଧରଣରେ ବୃଦ୍ଧି କରିବି । କାରଣ ସେମାନେ ରୁଷୀୟ ତେଲ କିଣୁଛନ୍ତି । ସେମାନେ ଯୁଦ୍ଧ ମେସିନକୁ ଇନ୍ଧନ ଯୋଗାଇବା ଭଳି କାମ କରୁଛନ୍ତି ।' ୩୦ ଜୁଲାଇରେ ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଲଗାଇବା ପରେ ଆମରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଲଗାତର ଭାରତକୁ ଟାର୍ଗେଟ୍ କରି ଚାଲିଛନ୍ତି । ଋଷ ଠାରୁ ତେଲ ଓ ଅସ୍ତ୍ରଶସ୍ତ୍ର କିଣୁଥିବାରୁ ଟ୍ରମ୍ପଙ୍କ ଟାର୍ଗେଟ୍‌ରେ ରହିଛି ଭାରତ । ଋଷ ବ୍ୟବସାୟ ପାଇଁ ଭାରତ ଉପରେ ଫାଇନ ଲଗାଇବେ ବୋଲି ଟ୍ରମ୍ପ ପୂର୍ବରୁ ଘୋଷଣା କରିଥିଲେ । ଏବେ ମିଡିଆକୁ ପ୍ରତିକ୍ରିୟା ଦେଇ ଆଗାମୀ ୨୪ ଘଣ୍ଟା ମଧ୍ୟରେ ଭାରତ ବିରୁଦ୍ଧରେ ବଡ଼ ଶୁଳ୍କ ବୃଦ୍ଧି କରାଯିବ ବୋଲି ସେ ଧମକ ଦେଇଛନ୍ତି । ଏହା ପୂର୍ବରୁ ସୋମବାର ଟ୍ରମ୍ପ ଭାରତ ବିରୋଧରେ ବିଷୋଦ୍‌ଗାର କରିଥିଲେ । ଟ୍ରମ୍ପଙ୍କ ବାରମ୍ବାର ଆକ୍ରମଣ ପରେ ଭାରତ ସମର୍ଥନରେ ବାହାରିଛି ଋଷ । ସମସ୍ତଙ୍କର ସ୍ୱାଧୀନ ଭାବେ ବ୍ୟବସାୟ କରିବାର ଅଧିକାର ରହିଛି ବୋଲି ଋଷ କହିଛି ।

## ଯୁବବର୍ଗଙ୍କୁ ନିଯୁକ୍ତି ଭିତ୍ତିକ ତାଲିମ ଉପରେ ବିଷ୍ଣୁଦେବଙ୍କ ଗୁରୁତ୍ୱ



ରାୟପୁର: ଛତିଶଗଡର ଯୁବବର୍ଗଙ୍କୁ ନିଯୁକ୍ତି ଭିତ୍ତିକ ତାଲିମ ଦେବା ଉପରେ ଗୁରୁତ୍ୱାରୋପ କରିଛନ୍ତି ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ । ମଙ୍ଗଳବାର ମହାନଦୀ ଭବନଠାରେ ଦକ୍ଷତା ବିକାଶ ବିଭାଗର କାର୍ଯ୍ୟର ସମୀକ୍ଷା ସମୟରେ ସେ ଏହା କହିଛନ୍ତି । ସେ କହିଛନ୍ତି ଯୁବବର୍ଗଙ୍କୁ ଦକ୍ଷତା ଭିତ୍ତିକ ତାଲିମ ଦେବା ଜରୁରୀ । କେବଳ ତାଲିମ ଦେବା ଠିକ୍ ନୁହେଁ ସେମାନେ କିପରି ନିଜେ ସ୍ୱାବଲମ୍ବି ହୋଇପାରିବେ ଏନେଇ ମଧ୍ୟ ପଦକ୍ଷେପ ନିଆଯିବା ଉଚିତ । ଏହି ବୈଠକରେ ସେ ବିଭାଗର ବିଭିନ୍ନ ଯୋଜନାର କାର୍ଯ୍ୟକାରି ଉପରେ ବିସ୍ତୃତ ଭାବେ ସମୀକ୍ଷା କରିଥିଲେ । ୨୦୨୫-୨୬ ଆର୍ଥିକ ବର୍ଷରେ ଜିଲ୍ଲା ଭିତ୍ତିରେ ଦକ୍ଷତା ତାଲିମ କାର୍ଯ୍ୟକ୍ରମ କେତେ ବାଟ ଆଗେଇଛି ସେ ନେଇ ମଧ୍ୟ ପଚାରି ବୁଝିଥିଲେ । ମୁଖ୍ୟମନ୍ତ୍ରୀ କୌଶଳ ବିକାଶ ଯୋଜନା ଏବଂ ପ୍ରଧାନମନ୍ତ୍ରୀ କୋଶଳ ବିକାଶ ଯୋଜନା ଏବଂ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ଉପରେ ମଧ୍ୟ ଆଲୋକପାତ କରିଥିଲେ । ସେ କହିଥିଲେ ଯେଉଁ ମାଓବାଦୀମାନେ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି ସେମାନଙ୍କୁ ନିଆଦ ନେଲନାର୍ ଯୋଜନାରେ ସାମିଲ କରି ସେମାନଙ୍କୁ ନିଯୁକ୍ତି ସୁଯୋଗ ଦେବା ପାଇଁ ମଧ୍ୟ ଗୁରୁତ୍ୱ ଦେଇଥିଲେ । ସେ କହିଥିଲେ ଏହି ଯୋଜନାରେ ୫୩୯ ଜଣ ତାଲିମ ନେବା ପାଇଁ ମନୋନୀତ ହୋଇଥିବା ବେଳେ ସେଥିମଧ୍ୟରୁ ୩୪୨ ଜଣଙ୍କ ତାଲିମ ଚାଲୁ ରହିଛି । ଏହି ତାଲିମ ପାଇଁ ସଂପୃକ୍ତ ବିଭାଗ ନନ୍ଦିଫାଉଣ୍ଡେସନ ଏବଂ ମହିନ୍ଦ୍ରା ଏଣ୍ଡ ମହିନ୍ଦ୍ରା ସହ ଚୁକ୍ତିନାମା ସ୍ୱାକ୍ଷରିତ କରିଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କୌଶଳ ତିହାର ଯୋଜନାର ଏକ ରୋଡ ମ୍ୟାପ୍ ଉପସ୍ଥାପନ କରିଥିଲେ । ଦକ୍ଷତା ବିକାଶ ତାଲିମ ପାଇଁ ଯୁବବର୍ଗଙ୍କ ଭିତରେ ସଚେତନତା ସୃଷ୍ଟି କରିବାକୁ ଜିଲ୍ଲାସ୍ତରରେ ବିଭିନ୍ନ ପ୍ରତିଯୋଗିତା କରିବାକୁ ସେ ଆହ୍ୱାନ ଦେଇଥିଲେ । ସେ କହିଥିଲେ ୧୦ଟି ଟ୍ରେଡ୍‌ରେ ତାଲିମ ଦିଆଯିବା ଜରୁରୀ । ଅଟୋ ମୋବାଇଲ ଟେକ୍ନୋଲୋଜି, ସ୍ୱାସ୍ଥ୍ୟ ଏବଂ ସାମାଜିକ ଯତ୍ନ, ବିଦ୍ୟୁତ୍ କ୍ଷେତ୍ର ସ୍ଥାପନ, ଇଲେକ୍ଟ୍ରୋନିକ୍ସ କମ୍ପ୍ୟୁଟର, ମୋବାଇଲ ଫୋନ୍ ଟେକ୍ନିସିଆଲ, ଗ୍ରାଫିକ୍ ଡିଜାଇନ ଟେକ୍ନୋଲୋଜି, ରେଫ୍ରିଜେରଟର ଏବଂ ଏୟାର କଣ୍ଡିନର ତାଲିମ ଉପରେ ଗୁରୁତ୍ୱ ଦେଇଥିଲେ ।

## ରାଶନ କାର୍ଡଧାରୀଙ୍କ ପାଇଁ ନୂଆ ନିୟମ ଜାରି

ନୂଆଦିଲ୍ଲୀ: କେନ୍ଦ୍ର ସରକାର ରାଶନ କାର୍ଡ ପାଇଁ ନୂଆ ନିୟମ ଜାରି କରିଛନ୍ତି । ଏହି ନିୟମ ଅନୁଯାୟୀ, ରାଶନ କାର୍ଡ ଧାରୀଙ୍କୁ ପ୍ରତି ୫ ବର୍ଷରେ ଇ-କେୱାଇସି କରିବା ବାଧ୍ୟତାମୂଳକ । ଯଦି ଏହି କାମ ନ କରାଯାଏ, ତେବେ ରାଶନ କାର୍ଡ ସସ୍ପେଣ୍ଡ ହୋଇପାରେ ଏବଂ ମାଗଣା ଚାଉଳ କି ଗହମ ମିଳିବ ନାହିଁ । କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ସମସ୍ତ ରାଜ୍ୟକୁ ୩ ମାସ ମଧ୍ୟରେ ସମସ୍ତ ରାଶନ କାର୍ଡ ଧାରୀଙ୍କର ଇ-କେୱାଇସି ସମ୍ପୂର୍ଣ୍ଣ କରିବାକୁ କୁହାଯାଇଛି । ଏହା ଦ୍ୱାରା ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ତାଲିକାରୁ ବାଦ ଦିଆଯିବ ଏବଂ ଯୋଗ୍ୟ ଲୋକଙ୍କୁ ମାଗଣା ଖାଦ୍ୟଶସ୍ୟର ଲାଭ ମିଳିବ । ଏହା ସହିତ, ଯଦି କୌଣସି ବ୍ୟକ୍ତି ୬ ମାସ ପାଇଁ ରାସନ ନେଇ ନଥାନ୍ତି, ତେବେ ତାଙ୍କ କାର୍ଡ ସାମୟିକ ଭାବେ ସସ୍ପେଣ୍ଡ ହୋଇପାରେ । ତେବେ, ଉପଯୁକ୍ତ ଡକ୍ୟୁମେଣ୍ଟ ଜମା କଲେ ଏହା ପୁନଃସକ୍ରିୟ କରାଯାଇପାରିବ । ନୂଆ ନିୟମ ଅନୁସାରେ, ୧୮ ବର୍ଷରୁ କମ ବୟସର ବ୍ୟକ୍ତିଙ୍କୁ ରାଶନ କାର୍ଡ ମିଳିବ ନାହିଁ । ୫ ବର୍ଷରୁ କମ ବୟସର ଶିଶୁଙ୍କ ପାଇଁ ଆଧାର କାର୍ଡ ଜମା କରିବା ଆବଶ୍ୟକ, ଏବଂ ୫ ବର୍ଷ ପୂର୍ଣ୍ଣ ହେବା ପରେ ଏକ ବର୍ଷ ମଧ୍ୟରେ ତାଙ୍କର ଇ-କେୱାଇସି କରାଯିବା ଜରୁରୀ । ଯଦି କୌଣସି ବ୍ୟକ୍ତିଙ୍କର ଦୁଇଟି ରାଜ୍ୟରେ ରାସନ କାର୍ଡ ରହିଛି, ତେବେ ଯାଞ୍ଚ ପରେ ଗୋଟିଏ କାର୍ଡ ରଦ୍ଦ କରାଯିବ ।

# ବାଣିଜ୍ୟ

AXIS BANK

ନୂଆଦିଲ୍ଲୀ : ଭାରତର ଅନ୍ୟତମ ସର୍ବବୃହତ୍ ଘରୋଇ ବ୍ୟାଙ୍କ ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ 'ଲକ୍ ଏଫ୍‌ଡି'ର ଶୁଭାରମ୍ଭ କରାଯାଇଛି । ଯାହାକୁ ବର୍ଦ୍ଧିତ ଡିଜିଟାଲ୍ ଠକେଇରୁ ଗ୍ରାହକମାନଙ୍କ ମିଆଦୀ ଜମାକୁ ସୁରକ୍ଷିତ ରଖିବା ପାଇଁ ପ୍ରସ୍ତୁତ କରାଯାଇଛି । ଏହି ଅଭିନବ ସୁବିଧା ବ୍ୟାଙ୍କର ମୋବାଇଲ୍ ଆପ୍ 'ଓପନ୍' ଏବଂ ସମସ୍ତ ଶାଖାରେ ଉପଲବ୍ଧ ହୋଇଛି, ଯାହା ଗ୍ରାହକମାନଙ୍କୁ ସେମାନଙ୍କ ମିଆଦୀ ଜମା (ଏଫ୍‌ଡି)କୁ ମୋବାଇଲ୍ ଓ ଇଂଟରନେଟ୍ ବ୍ୟାଙ୍କିଂ ଭଳି ଡିଜିଟାଲ୍ ମାଧ୍ୟମରେ ଆଗୁଆ ବନ୍ଦ କରିବାରୁ ସୁରକ୍ଷା ପ୍ରଦାନ କରିବ ଏବଂ ତାହା ସାଇବର୍ ବିପଦରୁ ଅତିରିକ୍ତ ସୁରକ୍ଷା ସ୍ତର ଭାବେ କାମ କରିବ । ଆକ୍ସିସ୍ ବ୍ୟାଙ୍କର ଗ୍ରୁପ୍ ଏକ୍‌ଜିକ୍ୟୁଟିଭ୍-ଡିଜିଟାଲ୍ ବିଜନେସ୍, ଟ୍ରାନ୍ସଫର୍ମେସନ୍ ଆଣ୍ଡ୍ ଷ୍ଟ୍ରାଟେଜିକ୍ ପ୍ରୋଗ୍ରାମ୍ ସମୀର ସେଟ୍ଟି କହିଛନ୍ତି ଯେ, 'ଆକ୍ସିସ୍ ବ୍ୟାଙ୍କରେ ଆମେ ନିରନ୍ତର ଭାବେ ଡିଜିଟାଲ୍ ପ୍ରଥମ ବ୍ୟବସ୍ଥାରେ ନିବେଶ କରୁଛୁ ଯାହା ସୁରକ୍ଷିତ ଓ ନିରବଚ୍ଛିନ୍ନ ବ୍ୟାଙ୍କିଙ୍ଗ ଅନୁଭୂତି ଉପରେ ଗୁରୁତ୍ୱାରୋପ କରୁଛି । ଆକ୍ସିସ୍ ବ୍ୟାଙ୍କର ସମସ୍ତ ଗ୍ରାହକଙ୍କ ପାଇଁ 'ଲକ୍ ଏଫ୍‌ଡି' ସୁବିଧା ଉପଲବ୍ଧ ରହିଛି ଯାହାକୁ ଆକ୍ସିସ୍ ବ୍ୟାଙ୍କର ମୋବାଇଲ୍ ଆପ୍ କିମ୍ବା ଯେକୌଣସି ଶାଖାରେ ସକ୍ରିୟ କରାଯାଇପାରିବ ।

## ରକ୍ଷାବନ୍ଧନ ଉପଲକ୍ଷେ ମହିଳାଙ୍କୁ ସଶକ୍ତ କରୁଛି ଟିପିସିଓଡିଏଲ୍



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ପାଖେଇ ଆସୁଛି ଭାଇ ଭଉଣୀଙ୍କ ସ୍ନେହର ପ୍ରତୀକର ପର୍ବ ପବିତ୍ର ରକ୍ଷା ବନ୍ଧନ । ଟିପିସିଓଡିଏଲ ଓ ଏହାର ସିଏସଆର ପ୍ରକଳ୍ପ ସମୃଦ୍ଧି ମାଧ୍ୟମରେ ଓଡ଼ିଶାର ଅନନ୍ୟ ସଂସ୍କୃତିକ ଲୋକକଳା ପଟ୍ଟଚିତ୍ର ଓ ଡକ୍ରା କାରିଗରୀକୁ ନେଇ ପ୍ରସ୍ତୁତ ପରିବେଶ ଉପଯୋଗୀ ରାକ୍ଷୀର ପ୍ରଚାର ପ୍ରସାର ଦିଗରେ ନେଇଛି ଅଭିନବ ପଦକ୍ଷେପ । ମହିଳା ସଶକ୍ତିକରଣ ଓ କଳା ସଂସ୍କୃତିର ସୁରକ୍ଷା ଉଦ୍ଦେଶ୍ୟରେ, ଟିପିସିଓଡିଏଲ ଓଡିଶାର ପାରମ୍ପରିକ ଶିଳ୍ପ-ପଟ୍ଟଚିତ୍ର, ଡୋକ୍ରା ଓ ତାଳପତ୍ର ଶିଳ୍ପ ବ୍ୟବହାର କରି ପ୍ରାକୃତିକ ଓ ପରିବେଶ ଅନୁକୂଳ ରାକ୍ଷୀ ତିଆରିରେ ଗ୍ରାମୀଣ ମହିଳା ଓ ଶିଳ୍ପୀଙ୍କୁ ସହଯୋଗ କରୁଛି । ଏହି ହାତ ତିଆରି ରାକ୍ଷୀଗୁଡିକ ପୁରୀ ଜିଲ୍ଲାର ବଳିଆନ୍ତା ଆର୍ଟ କ୍ଲଷ୍ଟର୍ ଓ ଢେଙ୍କାନାଳ ଜିଲ୍ଲାର ସପ୍ତଶଯ୍ୟା ହେରିଟେଜ ଭିଲେଜର ଶିଳ୍ପୀମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଛି । ଯାହାକୁ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ପ୍ରଦର୍ଶିତ କରାଯାଉଛି । କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ପରିବେଶ ଅନୁକୂଳ ରାକ୍ଷୀଗୁଡ଼ିକୁ ପ୍ରଦର୍ଶନ କରିବା ପାଇଁ ଭୁବନେଶ୍ୱରର ଇଡ୍‌କୋ ଟାୱାରରେ ଏକ ସ୍ୱତନ୍ତ୍ର ଷ୍ଟଲ୍ ସ୍ଥାପନ କରାଯାଇଥିଲା । ଶହ ଶହ ଲୋକ ଷ୍ଟଲ୍ ପରିଦର୍ଶନ କରିଥିଲେ ଏବଂ ଏହି ସୁନ୍ଦର ହସ୍ତଶିଳ୍ପ ରାକ୍ଷୀଗୁଡ଼ିକୁ ଦେଖି ଖୁସି ବ୍ୟକ୍ତ କରିଥିଲେ । ଟିପିସିଓଡିଏଲ୍ ଦ୍ୱାରା ଦିଆଯାଉଥିବା ପ୍ରଶିକ୍ଷଣ, ଦକ୍ଷତା ବିକାଶ ଓ ବଜାର ସଂଯୋଜନ ସହଯୋଗରେ ୩୦୦ ରୁ ଅଧିକ ମହିଳା ଲୋକକଳାର ତାଲିମ ନେବା ସହ ସ୍ୱାବଲମ୍ବୀ ହୋଇ ପାରିଛନ୍ତି । ଏହି ପ୍ରୟାସ ଗ୍ରାମୀଣ ମହିଳାଙ୍କୁ ଉଦ୍ୟମୀତା ରାସ୍ତାରେ ଆଗେଇ ନେବା ସହ ଓଡିଶାର ପାରମ୍ପରିକ କଳାକୁ ପୁନରୁଜ୍ଜୀବିତ କରୁଛି । ଏହି ପରିବେଶ ଅନୁକୂଳ ରାକ୍ଷୀଗୁଡିକୁ ପ୍ରଦର୍ଶନୀ, ସ୍ଥାନୀୟ ବିକ୍ରୟ ଓ ଅନଲାଇନ୍ ପ୍ଲାଟଫର୍ମ ମାଧ୍ୟମରେ ବିକ୍ରୟ କରାଯାଉଛି । ଗ୍ରାମୀଣ ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ପ୍ରତିଟି ରାକ୍ଷୀ ଓଡ଼ିଶାର କଳା ସଂସ୍କୃତି ପରମ୍ପରା ଓ ମହିଳା ସଶକ୍ତିକରଣର ପ୍ରତୀକ ।

## 'ନେକ୍ସଟ-ଜେନ ରୋର ଇଜେଡ ସିଗମା'ର ଶୁଭାରମ୍ଭ




ନୂଆଦିଲ୍ଲୀ: ଭାରତର ଇଲେକଟ୍ରିକ ମୋଟରସାଇକେଲ ନିର୍ମାତା କମ୍ପାନୀ ଓବେନ ଇଲେକଟ୍ରିକ ପକ୍ଷରୁ ଏହାର ନୂତନ ଇଲେକଟ୍ରିକ ବାଇକର ଶୁଭାରମ୍ଭ କରାଯାଇଥିବାବେଳେ ଏହାର ପ୍ରାରମ୍ଭିକ ମୂଲ୍ୟ ଟଙ୍କା.୧.୨୭ ଲକ୍ଷ ରହିଛି । ସହରରେ ଭାରତୀୟ ଚଳାଳୀଙ୍କୁ ଆରାମଦାୟକ ଓ ଉନ୍ନତ ଯାତ୍ରାର ଅନୁଭୂତି ପ୍ରଦାନ କରିବା ପାଇଁ 'ରୋର ଇଜେଡ ସିଗମା'କୁ ନିର୍ମାଣ କରାଯାଇଛି । ଏହି ନୂଆ ଗାଡିରେ ରିଭର୍ସ ମୋଡ ରହିଛି, ଯେଉଁଥିରେ ସହରର ଭିଡପୂର୍ଣ୍ଣ ସ୍ଥାନ ମାନଙ୍କରେ ଏହି ବାଇକକୁ ଖୁବ ସହଜରେ ବୁଲାଇ ପାରିବେ । ଦୁଇଟି ବ୍ୟାଟେରୀ ବେରିଙ୍ଗ ପଏଂଟରେ ଉପଲବ୍ଧ ଥିବା ଏହି 'ରୋର ଇଜେଡ ସିଗମା' ୩.୪ କେଡବ୍ଲୁଏଚର ମୂଲ୍ୟ ଟ.୧.୨୭ ଲକ୍ଷ ରହିଥିବାବେଳେ ୪.୪ କେଡବ୍ଲୁଏଚର ମଡେଲର ପ୍ରାରମ୍ଭିକ ମୂଲ୍ୟ ଟ୧.୩୭ ଲକ୍ଷ ରହିଛି । ଲଂଚର ଅଫର ସମାପ୍ତ ହେବା ପରେ ଏହାର ପରବର୍ତ୍ତୀ ମୂଲ୍ୟ ୧.୪୭ ଏବଂ ୧.୫୫ ଲକ୍ଷ ହୋଇଯିବ । ମାତ୍ର ୨,୯୯୯ ଟଙ୍କାର ଇଏମଆଇରେ 'ରୋର ଇଜେଡ ସିଗମା' ଗ୍ରାହକଙ୍କୁ ମିଳିବ । ଏହାର ଶୁଭାରମ୍ଭ ଅବସରରେ ଓବେନ ଇଲେକଟ୍ରିକର ପ୍ରତିଷ୍ଠାତା ଏବଂ ସିଇଓ ମଧୁମିତା ଅଗ୍ରୱାଲ କହିଛନ୍ତି ଯେ 'ରୋର ଇଜେଡ ସିଗମା'ର ଶୁଭାରମ୍ଭ ସହରମାନଙ୍କରେ ଆଗାମୀ ଭବିଷ୍ୟତକୁ ବଦଳାଇବାରେ ଆମର ଯାତ୍ରାର ଏକ ବଡ ପଦକ୍ଷେପ ଅଟେ । 'ରୋର ଇଜେଡ ସିଗମା' ର ବୁକିଂ ବର୍ତ୍ତମାନ ଆରମ୍ଭ ହୋଇଯାଇଛି । ଗ୍ରାହକମାନେ ମାତ୍ର ୨,୯୯୯ ଟଙ୍କାରେ ଏହାକୁ ବୁକିଂ କରିପାରିବେ । ଶୁଭରାମ୍ଭ ସହିତ ଗ୍ରାହକମାନଙ୍କ ପାଇଁ ଟେଷ୍ଟ ରାଇଡ ଆରମ୍ଭ ହୋଇଯାଇଥିବାବେଳେ ଉପଭୋକ୍ତାଙ୍କୁ ୧୫ ଅଗଷ୍ଟ ୨୦୨୫ରୁ ବାଇକ ଡେଲିଭରି ମିଳିବ ।

## ୯ରେ ଜାତୀୟସ୍ତରୀୟ ସମ୍ମିଳନୀ ଟାଇକନ୍




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଓଡିଶାରେ ୧୩ ବର୍ଷର ପ୍ରଭାବଶାଳୀ ଉପସ୍ଥିତି ପରେ ଟାଇ (ଟିଆଇଇ) ଭୁବନେଶ୍ୱର ଆସନ୍ତା ଅଗଷ୍ଟ ୯ ଓ ୧୦ ତାରିଖ, ୨୦୨୫ରେ ଭୁବନେଶ୍ୱରରେ ଅନ୍ତର୍ଜାତୀୟ ସ୍ୱୀକୃତି ସହିତ ଏକ ଜାତୀୟସ୍ତରୀୟ ଉଦ୍ୟୋଗିକତା ସମ୍ମିଳନୀ ଟାଇକନ ୨୦୨୫ର ଆୟୋଜନ କରିବା ପାଇଁ ପ୍ରସ୍ତୁତ ହୋଇଛି । ଏହି ସମ୍ମିଳନୀ ଉଦ୍ୟୋଗିକତା ଓ ଉଦ୍ଭାବନ ପାଇଁ ଏକ ବିକଶିତ କେନ୍ଦ୍ରରେ ପରିଣତ ହେବା ଦିଗରେ ଓଡିଶାର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତାକୁ ଚିହ୍ନିତ କରୁଛି । ଟାଇକନ ୨୦୨୫ ଘୋଷଣା ଅବସରରେ ଅୟସକାନ୍ତ ମହାନ୍ତି, ଅଧ୍ୟକ୍ଷ, ଟାଇ ଭୁବନେଶ୍ୱର, ସତ୍ୟବ୍ରତ ରଥ, ଉପାଧ୍ୟକ୍ଷ, ଟାଇ ଭୁବନେଶ୍ୱର, ଅନ୍ନଦା ପ୍ରସାଦ ପାଢୀ, ସଚିବ, ଟାଇ ଭୁବନେଶ୍ୱର ଏବଂ ରାକେଶ କୁମାର ଗୁପ୍ତା, କୋଷାଧ୍ୟକ୍ଷ, ଟାଇ ଭୁବନେଶ୍ୱର ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଦୁଇ ଦିବସୀୟ ସମ୍ମିଳନୀରେ ଭାରତ ଏବଂ ଶ୍ରୀଲଙ୍କା, ସିଙ୍ଗାପୁର, ୟୁଏଇ (ଦୁବାଇ) ଓ ୟୁଏସଏ ଭଳି ଦେଶଗୁଡିକରୁ ଉଦ୍ୟୋଗୀ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କ ଅଂଶଗ୍ରହଣ କରିବେ । ଓଡିଶାକୁ ବ୍ୟବସାୟ ଓ ଉଦ୍ଭାବନ ପାଇଁ ଏକ ଆକର୍ଷଣୀୟ ଗନ୍ତବ୍ୟସ୍ଥଳୀ ଭାବେ ହାଇଲାଇଟ କରିବା ପାଇଁ ଡିଜାଇନ କରାଯାଇଥିବା ଟାଇକନ ୨୦୨୫କୁ ଓଡିଶା ସରକାରଙ୍କ ସହ ସହଭାଗିତାରେ ଆୟୋଜନ କରାଯିବ । ଏହି କାର୍ଯ୍ୟକ୍ରମ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଅଧିବେଶନ, ନେଟୱର୍କିଂ ସୁଯୋଗ ଏବଂ ୪ଟି ପ୍ରମୁଖ ପଦକ୍ଷେପର ଲଂଚ ସହ ସୁସଜ୍ଜିତ ରହିଛି ଯାହା ରାଜ୍ୟରେ ଉଦ୍ୟୋଗିକତାକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖିଛି । ଏହି କାର୍ଯ୍ୟକ୍ରମର ୨ୟ ଦିନରେ 'ଏଆଇ ଆଣ୍ଡ ଏଂଟରପ୍ରେନ୍ୟୋସିପ୍' ଉପରେ ଏକ ସ୍ୱତନ୍ତ୍ର ଅଧିବେଶନ ରହିବ, ଏଥିସହିତ ଜାତୀୟ ଓ ଅର୍ନ୍ତଜାତୀୟ ବିଶେଷଜ୍ଞମାନେ ରାଜ୍ୟକୁ ଭବିଷ୍ୟତ ପ୍ରସ୍ତୁତ କରିବା ପାଇଁ ଓଡିଶାର ଏଆଇ ନୀତି ଓ ରଣନୀତିଗୁଡିକ ଉପରେ ଆଲୋଚନା କରିବେ । ୧୦୦ରୁ ଅଧିକ ବିଦେଶୀ ଅଂଶଗ୍ରହଣକାରୀଙ୍କ ସମେତ ୫୦୦ରୁ ଅଧିକ ପ୍ରତିନିଧି ଏହି ବିଶାଳ ଉଦ୍ୟୋଗିକତା ସମ୍ମିଳନୀରେ ଯୋଗ ଦେବାର ସମ୍ଭାବନା ରହିଛି । ଏ ସମ୍ପର୍କରେ ଟାଇ ଭୁବନେଶ୍ୱରର ଅଧ୍ୟକ୍ଷ ଅୟସକାନ୍ତ ମହାନ୍ତି କହିଛନ୍ତି, 'ଆମେ ଟାଇ ଗ୍ଲୋବାଲକୁ ଭୁବନେଶ୍ୱରକୁ ଟାଇକନ ଆଣିବା ପାଇଁ ଆବେଦନ କରିଥିଲୁ ଏବଂ ଆମେ ଖୁବ୍ ଖୁସି ଅନୁଭବ କରୁଛୁ ଯେ, ସେମାନେ ଏହାକୁ ଗ୍ରହଣ କରିଛନ୍ତି । ଟାଇକନ ୨୦୨୫ ଓଡିଶାର ଉଦ୍ୟୋଗୀ ଉତ୍ସାହକୁ ପାଳନ କରିବ ଏବଂ ଆମର ରାଜ୍ୟକୁ ବିଶ୍ୱର ବ୍ୟବସାୟ ମାନଚିତ୍ରରେ ଅବସ୍ଥାପିତ କରିବା ପାଇଁ ଏହା ଏକ ମଂଚ ହେବ ।'

## ରାଜୀବ ଆନନ୍ଦଙ୍କ ନିଯୁକ୍ତି ଅନୁମୋଦନ ପ୍ରଶଂସନୀୟ: ଅଶୋକ ହିନ୍ଦୁଜା



ନୂଆଦିଲ୍ଲୀ: ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କର ଏମ୍ ଡ଼ି ଏବଂ ସିଇଓ ଭାବରେ ରାଜୀବ ଆନନ୍ଦଙ୍କ ନିଯୁକ୍ତିକୁ ନେଇ ନିୟାମକକୁ ପ୍ରଶଂସା କରିବା ସହ ଇଣ୍ଡସ୍‌ଇଣ୍ଡ ଇଣ୍ଟରନ୍ୟାସନାଲ ହୋଲ୍ଡିଂସ୍ ଲିମିଟେଡ (ଆଇଆଇଏଚ୍‌ଏଲ୍)ର ଅଧ୍ୟକ୍ଷ ଅଶୋକ ହିନ୍ଦୁଜା କହିଛନ୍ତି ଯେ, 'ଆଇଆଇଏଚ୍‌ଏଲ୍‌ର ବୋର୍ଡ ଓ ସମସ୍ତ ସେୟାରହୋଲ୍ଡରମାନଙ୍କ ପକ୍ଷରୁ, ମୁଁ ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କର ଏମ୍ ଡ଼ି ଏବଂ ସିଇଓ ଭାବରେ ରାଜୀବ ଆନନ୍ଦଙ୍କ ନିଯୁକ୍ତିକୁ ଶୀଘ୍ର ଅନୁମୋଦନ ନିୟାମକ ଦ୍ୱାରା ଏକ ପ୍ରଶଂସନୀୟ ପଦକ୍ଷେପ ବୋଲି ଗ୍ରହଣ କରୁଛି । ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କର ପ୍ରମୋଟର ଭାବରେ, ଆମେ ପୂର୍ଣ୍ଣ ସମର୍ଥନ ପ୍ରଦାନ ସହ ଆଗାମି ସମସ୍ତ କାର୍ଯ୍ୟଧାରା ପାଇଁ ତାଙ୍କ ସଫଳତା କାମନା କରୁଛି । ଆମେ ବିଶ୍ୱାସ କରୁଛୁ ଯେ ତାଙ୍କର ଦୀର୍ଘ ସମୟର ଅଭିଜ୍ଞତା ସହିତ, ସେ ଏହି ଦୃଢ଼ ଘରୋଇ ବ୍ୟାଙ୍କ ଫ୍ରାଞ୍ଚାଇଜର ପୂର୍ଣ୍ଣ ସମ୍ଭାବନାକୁ ପ୍ରତିଫଳନତ କରିପାରିବେ । ଏହି ଭଳି ଆହ୍ୱାନପୂର୍ଣ୍ଣ ସମୟ ମଧ୍ୟରେ ବ୍ୟାଙ୍କକୁ ପରିଚାଳନା କରିବାରେ ବୋର୍ଡ ଓ କାର୍ଯ୍ୟନିର୍ବାହୀ କମିଟି ଯେଉଁ ଭୂମିକା ଗ୍ରହଣ କରିଛନ୍ତି, ଆମେ ତାହାକୁ ବହୁତ ପ୍ରଶଂସା କରୁଛୁ ।

## ଅର୍ଥନୀତି ଓ ଶିଳ୍ପ ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ 'ଟାଟା ପାୱାର'ର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଓଡ଼ିଶାର ସ୍ଥାନୀୟ ଅର୍ଥନୀତି ଓ ଶିଳ୍ପ ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଓଡ଼ିଶା ସରକାରଙ୍କ ସହ ଯୌଥ ଉଦ୍ୟୋଗରେ ସ୍ଥାପନ କରାଯାଇଥିବା ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶାର ଡିସ୍‌କମ୍ ଗୁଡ଼ିକ ଗତ ଚାରି - ପାଞ୍ଚ ବର୍ଷରେ ସ୍ଥାନୀୟ ଭେଣ୍ଡର ଓ ଠିକାଦାରମାନଙ୍କୁ ପ୍ରାୟ ୧୫,୯୪୪ କୋଟି ଟଙ୍କାର କାର୍ଯ୍ୟବରାଦ ପ୍ରଦାନ କରିଛନ୍ତି । ଏହି ବରାଦଗୁଡ଼ିକ ଟିପି ସେଂଟ୍ରାଲ, ଟିପି ସଦର୍ଣ୍ଣ, ଟିପି ନର୍ଦ୍ଦନ ଓ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍‌ର ପରିଚାଳନାର ମୂଳଦୁଆ ପାଲଟିଥିବା ବେଳେ ୧୭,୬୭୨ରୁ ଅଧିକ ବରାଦ ଆଂଚଳିକ ନିଯୁକ୍ତି ଓ ଉଦ୍ୟମିତା ପ୍ରତି ଉଲ୍ଲେଖଯୋଗ୍ୟ ଯୋଗଦାନ ପ୍ରଦାନ କରିଛି । ଦିଆଯାଇଥିବା ମୋଟ୍ ବରାଦର ୫୮ ପ୍ରତିଶତ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସଏମ୍‌ଇ)ଗୁଡ଼ିକୁ ପ୍ରଦାନ କରାଯାଇଛି ଯାହା ସ୍ଥାନୀୟ ସଂସ୍ଥାଗୁଡ଼ିକୁ ସମର୍ଥନ ପାଇଁ ଡିସ୍‌କମ୍‌ଗୁଡ଼ିକର ପ୍ରତିବଦ୍ଧତାକୁ ଦର୍ଶାଉଛି । ଏହି ସମ୍ପୃକ୍ତିରେ ଉପକରଣ ପ୍ରକ୍ୟୁରମେଂଟ୍ ଓ ସେବା ପ୍ରଦାନ ଭଳି ପରିଚାଳନା ଆବଶ୍ୟକତାର ବିଭିନ୍ନ କ୍ଷେତ୍ର ସାମିଲ ରହିଛି ଏବଂ ସାରା ରାଜ୍ୟର ଭେଣ୍ଡର ଏଥିରେ ଯୋଡ଼ି ହୋଇଛନ୍ତି । ଏହି ସହଯୋଗିତା ସ୍ଥାନୀୟ ଦକ୍ଷତା ବିକାଶ ଗଠନ ଓ ତୃଣମୂଳ ସ୍ତରରେ ନିଯୁକ୍ତି ସୃଷ୍ଟି ଉପରେ ଗୁରୁତ୍ୱକୁ ପ୍ରତିଫଳିତ କରୁଛି । ସ୍ଥାନୀୟ ସମୁଦାୟରୁ ନିଯୁକ୍ତି ଦେବାକୁ ଭେଣ୍ଡରମାନଙ୍କୁ ଉତ୍ସାହିତ କରାଯାଉଛି, ଯାହା ଫଳରେ ସ୍ଥାନୀୟ ସ୍ତରରେ ପ୍ରତ୍ୟକ୍ଷ ନିଯୁକ୍ତି ଉତ୍ସ ସୃଷ୍ଟି ହେବ ଏବଂ ଦକ୍ଷତା ବିକାଶରେ ଉନ୍ନତି ହୋଇପାରିବ । ଏହି ଅଭିଯାନ ଓଡ଼ିଶା ସରକାରଙ୍କ 'ମେକ୍ ଇନ୍ ଓଡ଼ିଶା' ଲକ୍ଷ୍ୟ ସହିତ ସମନ୍ୱିତ ରହିଛି ଯେଉଁଥିରେ ଏକ ସ୍ୱାବଲମ୍ବୀ, ଦୃଢ଼ ଯୋଗାଣ ବ୍ୟବସ୍ଥା ଓ ବିଦ୍ୟୁତ୍ କ୍ଷେତ୍ରରେ ସ୍ଥାୟୀ ଅର୍ଥନୈତିକ ଅଭିବୃଦ୍ଧି ଉପରେ ଗୁରୁତ୍ୱାରୋପ କରାଯାଇଛି ।

## ଗ୍ଲୋବାଲ ସେଣ୍ଟର ଅଫ୍ ଏକ୍ସିଲେନ୍ସକୁ ବିସ୍ତାର କରିଛି ୱିନ୍‌ଜୋ

ନୂଆଦିଲ୍ଲୀ: ଭାରତର ସର୍ବବୃହତ ସ୍ୱଦେଶୀ ସୋସିଆଲ ଗେମିଂ ଓ ଇଂଟରାକ୍ଟିଭ ଏଂଟରଟେନମେଂଟ ପ୍ଲାଟଫର୍ମ ୱିନ୍‌ଜୋ, ଏଡବ୍ଲ୍ୟୁଏସ ସହ ମିଶି ଏହାର ଗ୍ଲୋବାଲ ସେଂଟର ଅଫ୍ ଏକ୍ସିଲେନ୍ସକୁ ବିସ୍ତାର କରୁଛି । ଏକ ଆମାଜନ ଡଟ୍ କମ୍ କମ୍ପାନୀ, ଆମାଜନ ୱେବ ସର୍ଭିସେସ (ଏଡବ୍ଲ୍ୟୁଏସ) ପକ୍ଷରୁ ଏନେଇ ଘୋଷଣା କରାଯାଇଛି । ୨୫୦ ମିଲିୟନରୁ ଅଧିକ ସକ୍ରିୟ ଉପଭୋକ୍ତା ଥିବା ୱିନଜୋ ପକ୍ଷରୁ ନଭେମ୍ବର ୨୦୨୪ରେ ଭାରତ ସରକାରଙ୍କ ବାଣିଜ୍ୟ ମନ୍ତ୍ରଣାଳୟର ଡିପାର୍ଟମେଂଟ ଫର ପ୍ରମୋସନ ଅଫ୍ ଇଣ୍ଡଷ୍ଟ୍ରୀ ଆଣ୍ଡ ଇଂଟରନାଲ ଟ୍ରେଡ୍ (ଡିପିଆଇଆଇଟି) ସହ ସହଭାଗିତାରେ ଏହାର ଅନ୍ୟତମ ଫ୍ଲାଗସିପ ପଦକ୍ଷେପ ଜିସିଓଇକୁ ଶୁଭାରମ୍ଭ କରିଥିଲା । ଜିସିଓଇ ମାଧ୍ୟମରେ ୱିନଜୋ ଭାରତର ଗେମ ଷ୍ଟୁଡିଓଗୁଡିକୁ ନିଜର ଗେମ୍‌କୁ ଦ୍ରୁତ ଓ ଅଧିକ ପ୍ରଭାବୀ ରୂପେ ନିର୍ମାଣ ଓ ବିସ୍ତାର କରିବାରେ ସାହାଯ୍ୟ କରିବା ପାଇଁ ଏଡବ୍ଲ୍ୟୁଏସ ଜେନ ଏଆଇ ସଲ୍ୟୁଶନର ବ୍ୟବହାର କରିବା ସହିତ ଏଡବ୍ଲ୍ୟୁଏସ କ୍ଲାଉଡ ମେଂଟରିଙ୍ଗ ଓ ଟ୍ରେନିଂ ସହ ସ୍ଥାନୀୟ ଗେମିଂ ପ୍ରତିଭାଙ୍କୁ ଦକ୍ଷ କରିବ । ଏହି ପଦକ୍ଷେପ ଭର୍ଚୁଆଲ ୱାର୍ଲ୍ଡ ଡିଜାଇନ କରିବା, ଅଧିକ ନିମଜ୍ଜିତ ଓ ସୁରକ୍ଷିତ ଗେମିଂ ଅନୁଭୂତିକୁ ପ୍ରୋତ୍ସାହିତ କରିବ । ଏ ସମ୍ପର୍କରେ ୱିନଜୋର ସହପ୍ରତିଷ୍ଠାତା ପବନ ନନ୍ଦ କହିଛନ୍ତି, 'ଆମର ଗ୍ଲୋବାଲ ସେଂଟର ଅଫ୍ ଏକ୍ସିଲେନ୍ସ ମାଧ୍ୟମରେ ଏବଂ ଏଡବ୍ଲ୍ୟୁଏସ ସହ ସହଭାଗିତାରେ ଆମେ ଏଭଳି ଏକ ପ୍ଲାଟଫର୍ମ ନିର୍ମାଣ କରୁଛୁ ଯାହା ଡେଭ୍‌ଲପରଙ୍କୁ ଜେନେରେଟିଭ ଏଆଇର ବ୍ୟବହାର କରି ନିମଜ୍ଜିତ, ସୁରକ୍ଷିତ ଓ ସମାବେଶୀ ଗେମିଂ ଅଭିଜ୍ଞତା ସୃଷ୍ଟି କରିବା ପାଇଁ ସଶକ୍ତ କରିବ । ସେହିପରି ଏଡବ୍ଲ୍ୟୁଏସ ଇଣ୍ଡିଆ ଓ ସାଉଥ ଏସିଆର ସଲ୍ୟୁଶନ ଆର୍କିଟେକଚର ବିଭାଗର ନିର୍ଦ୍ଦେଶକ ସତିନ୍ଦର ପାଲ ସିଂହ କହିଛନ୍ତି, 'ଭାରତର ଗେମିଂ ଶିଳ୍ପ କ୍ଲାଉଡରେ ସଫଳତା ହାସଲ କରୁଛି ଏବଂ ୱିନଜୋ ଗେମିଂ ଅନୁଭୂତିକୁ ଏକ ଅନ୍ତର୍ଜାତୀୟ ସ୍ତରରେ ପୁନଃପରିକଳ୍ପନା କରିବା ପାଇଁ ଜେନେରେଟିଭ ଏଆଇକୁ ଉପଯୋଗ କରିବା କ୍ଷେତ୍ରରେ ଏକ ପଥ ପ୍ରଦର୍ଶକ ଅଟେ ।




ନୂଆଦିଲ୍ଲୀ: ଆର୍ଜେଣ୍ଟିନାର କିମ୍ବଦନ୍ତି ଫୁଟ୍‌ବଲର ଲିଓନେଲ ମେସି ଚଳିତ ବର୍ଷ ଡିସେମ୍ବରରେ ଭାରତ ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତ ବେଳେ ସେ କୋଲ୍‌କାତା, ଅହମଦାବାଦ, ମୁମ୍ବାଇ ଓ ନୂଆଦିଲ୍ଲୀରେ ରହିବେ। ଏହି ଅବସରରେ ସେ କୋଲ୍‌କାତାରେ ୭୦ଫୁଟ୍ ଉଚ୍ଚ ନିଜର ଏକ ପ୍ରତିମୂର୍ତ୍ତି ଅନାବରଣ କରିବା ସହ ଗୋଟ୍ କପ୍ ଇଭେଣ୍ଟରେ ଯୋଗଦେବେ। ଏହା ସହିତ ଛୋଟପିଲାଙ୍କ ସହ କିଛି ସମୟ ଅତିବାହିତ କରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଡିସେମ୍ବର ୧୨ ତାରିଖରେ ସେ କୋଲ୍‌କାତାରେ ରାତି ୧୦ଟାରେ ପହଞ୍ଚିବେ। ଏହା ପରଦିନ ଲେକ୍ ଟାଉନ୍ ଶ୍ରୀଭୂମିସ୍ଥିତ ଭିଆଇପି ରୋଡ୍‌ରେ ଏହି ବିଶ୍ୱକପ୍ ବିଜେତା ଅଧିନାୟକ ନିଜର ପ୍ରଥମ ଓ ଉଚ୍ଚତମ ପ୍ରତିମୂର୍ତ୍ତି ଅନାବରଣ କରିବେ। ସେହିଦିନ ଇଡେନ୍ ଗାର୍ଡେନ୍ସରେ ୭ ସାଇଡ୍ ସଫ୍ଟବଲ୍ ପ୍ରତିଯୋଗିତା ଗୋଟ୍ କପ୍‌ରେ ଭାଗନେବେ। ଏହି ପ୍ରତିଯୋଗିତାରେ ସୌରଭ ଗାଙ୍ଗୁଲି, ଲିଆଣ୍ଡର ପେସ୍, ଜନ୍ ଆବ୍ରାହମ୍, ବାଇଚୁଙ୍ଗ ଭୁଟିଆଙ୍କ ଭଳି ତାରକାମାନେ ଅଂଶଗ୍ରହଣ କରୁଛନ୍ତି। ଏହି ଅବସରରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଇଡେନ୍ ଗାର୍ଡେନ୍ସରେ ତାଙ୍କୁ ସମ୍ବର୍ଦ୍ଧିତ କରିବାର କାର୍ଯ୍ୟକ୍ରମ ମଧ୍ୟ ରହିଛି। ୧୩ ତାରିଖ ସଂଧ୍ୟାରେ ମେସି ଅହମଦାବାଦ ଗସ୍ତ କରି ଆଦାନୀ ଫାଉଣ୍ଡେସନ୍‌ର ଶାନ୍ତିଗ୍ରାମ ମୁଖ୍ୟାଳୟରେ ଏକ ଘରୋଇ କାର୍ଯ୍ୟରେ ଯୋଗଦେବେ। ୧୪ରେ ମୁମ୍ବାଇ ଗସ୍ତ କରି ଭାରତୀୟ ସେଲିବ୍ରିଟିଙ୍କ ସହ କ୍ରିକେଟ୍ ଖେଳିବେ ଏବଂ ଭାରତୀୟ ଫୁଟ୍‌ବଲ୍ ଦଳକୁ ଭେଟିବାର ଯୋଜନା ରହିଛି। ୧୫ତାରିଖରେ ଦିଲ୍ଲୀ ଗସ୍ତରେ ପ୍ରଧାନମନ୍ତ୍ରୀଙ୍କୁ ଭେଟିବେ ଏବଂ ଅରୁଣ ଜେଟ୍‌ଲି ଷ୍ଟାଡିୟମ୍‌ରେ ଫୁଟ୍‌ବଲର ଏବଂ କୁନି ପିଲାଙ୍କ ସହ ମିଶିବାର କାର୍ଯ୍ୟକ୍ରମ ରହିଛି।

# ଭାରତୀୟ ହକି ଦଳ ଘୋଷିତ, ଓଡ଼ିଶାରୁ ୩







ନୂଆଦିଲ୍ଲୀ: ଏସିଆ କପ୍ ଲାଗି ପ୍ରସ୍ତୁତ ହେବା ଲାଗି ୨୪ ଜଣିଆ ଭାରତୀୟ ପୁରୁଷ ହକି ଦଳ ଅଷ୍ଟ୍ରେଲିଆ ଗସ୍ତରେ ଯିବ। ଏହି ଗସ୍ତ ପାଇଁ ହରମନପ୍ରୀତ ସିଂହଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଘୋଷଣା କରାଯାଇଛି। ଏହି ଦଳରେ ଓଡ଼ିଶାରୁ ୩ ଜଣ ଅମିତ ରୋହିତଦାସ, ନୀଲମ ସଂଜୀପ ଖେସ୍ ଓ ଶିଳାନନ୍ଦ ଲାକ୍ରା ସ୍ଥାନ ପାଇଛନ୍ତି। ଦଳର ନେତୃତ୍ୱଭାର ପୂର୍ବପରି ହର୍ମନପ୍ରୀତ ସିଂହଙ୍କ ହାତରେ ରହିଛି। ଏସିଆ କପ୍ ବିଜେତା ସିଧାସଳଖ ବିଶ୍ୱକପ୍ ଯୋଗ୍ୟତା ନିଶ୍ଚିତ ଥିବାରୁ ଏହି ପ୍ରତିଯୋଗିତା ଗୁରୁତ୍ୱ ରଖୁଛି। ଅଗଷ୍ଟ ୮ରେ ଭାରତୀୟ ଦଳ ପର୍ଥ ଯାତ୍ରା କରିବ। ବିହାରର ରାଜଗିରିଠାରେ ଚଳିତମାସ ୨୯ ତାରିଖରୁ ହେବାକୁ ଥିବା ଏସିଆ କପ୍ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ପୂର୍ବରୁ ଏହି ଗସ୍ତରେ ଖେଳାଳିଙ୍କ ପାଇଁ ନିଜକୁ ପ୍ରମାଣିତ କରିବାର ସୁଯୋଗ ରହିଛି। ଅଷ୍ଟ୍ରେଲିଆ ଗସ୍ତରେ ଭାରତ ଅଗଷ୍ଟ ୧୫ରୁ ୨୧ ତାରିଖ ମଧ୍ୟରେ ପର୍ଥରେ ଘରୋଇ ଦଳ ବିପକ୍ଷରେ ୪ ମ୍ୟାଚ୍ ଖେଳିବ। ଭାରତୀୟ ହକି ଦଳ: ଗୋଲି-କୃଷ୍ଣ ବି ପାଠକ, ସୂରଜ ରକେରା, ଡିଫେଣ୍ଡର- ସୁମିତ, ଜର୍ମନପ୍ରୀତ ସିଂହ, ହର୍ମନପ୍ରୀତ ସିଂହ (ଅଧିନାୟକ), ସଞ୍ଜୟ, ଅମିତ ରୋହିଦାସ, ନୀଲମ ସଞ୍ଜୀପ ଖେସ୍, ଯୁଗରାଜ ସିଂହ, ପୂଭାନ୍ନା ସିବି, ମିଡ୍‌ଫିଲ୍ଡର-ରାଜିନ୍ଦର ସିଂହ, ରାଜକୁମାର ପାଲ, ହାର୍ଦିକ ସିଂହ, ମନପ୍ରୀତ ସିଂହ, ବିବେକ ସାଗର ପ୍ରସାଦ, ରବିଚନ୍ଦ୍ର ସିଂହ ମୋଇରାଙ୍ଗଥେମ, ବିଷ୍ଣୁକାନ୍ତ ସିଂହ, ଫରୱାର୍ଡ-ମନଦୀପ ସିଂହ, ଶିଳାନନ୍ଦ ଲାକ୍ରା, ଅଭିଷେକ, ସୁଖଜିତ ସିଂହ, ଦିଲପ୍ରୀତ ସିଂହ, ସେଲ୍‌ଭାମ କାର୍ତ୍ତି, ଆଦିତ୍ୟ ଲାଲାଗେ।

# ଟେଷ୍ଟ ବିଜୟ ପରେ ନାଚିଲେ ଗାଭାସ୍କର



ନୂଆଦିଲ୍ଲୀ: କେନିଙ୍ଗଟନ ଓଭାଲ ଟେଷ୍ଟରେ ଭାରତର ଐତିହାସିକ ବିଜୟ ପରେ ଇଂଲଣ୍ଡ ମାଟିରେ ଷ୍ଟାର ବ୍ୟାଟସମ୍ୟାନ୍ ତଥା ଅଧିନାୟକ ସୁନୀଲ ଗାଭାସ୍କର ମେରେ ଦେଶ କି ଧରତୀ ସୋନା ଉଗଲେ, ଉଗଲେ ହିରେ ମୋତି.. ମେରେ ଦେଶ କି ଧରତୀ... ଗୀତ ଗାଇ ଉତ୍ସବ ପାଳନ କରିଛନ୍ତି। ଗାଭାସ୍କରଙ୍କ ଏହି ଖୁସିର ମୁହୂର୍ତ୍ତର ଦୃଶ୍ୟ ସୋସିଆଲ ମିଡିଆରେ ବହୁତ ଭାଇରାଲ ହେଉଛି। ଅନ୍ୟପକ୍ଷରେ ଦେଖିବାକୁ ଗଲେ ସିରାଜ ଶେଷ ଓ୍ୱିକେଟ୍ ନେବା ମାତ୍ରେ ପୂର୍ବତନ ଅଧିନାୟକ କହିବା ଆରମ୍ଭ କରିଥିଲେ ... ଲକି ଜ୍ୟାକେଟ୍.. 'ଲକି ଜ୍ୟାକେଟ୍!'। ଆପଣଙ୍କୁ ଜଣାଇଦେବାକୁ ଚାହିଁବୁ କି ଯେତେବେଳେ ଭାରତ ଗାବାରେ ଟେଷ୍ଟ ମ୍ୟାଚ୍ ଜିତିଥିଲା, ସେତେବେଳେ ଗାଭାସ୍କର ଏହି ଲକି ଜ୍ୟାକେଟ୍ ପିନ୍ଧିଥିଲେ। ଏହା ବ୍ୟତୀତ ଚତୁର୍ଥ ଦିନର ଖେଳ ଶେଷ ହେବା ପରେ, ଗାଭାସ୍କର ଅଧିନାୟକ ଗିଲଙ୍କୁ କହିଥିଲେ ଯେ ସେ ପଞ୍ଚମ ଦିନ ତାଙ୍କର ଏହି ଲକି ଜ୍ୟାକେଟ୍ ପିନ୍ଧି ଦଳର ବିଜୟ ପାଇଁ ପ୍ରାର୍ଥନା କରିବେ। ଶେଷରେ, ସୁନିଲ ଗାଭାସ୍କରଙ୍କ ଲକି ଜ୍ୟାକେଟ୍ କାମରେ ଆସିଲା ଏବଂ ଭାରତ ଓଭାଲରେ ଇତିହାସ ସୃଷ୍ଟି କଲା। ଯାହାକି ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏକ ଗର୍ବର ବିଷୟ।

# ଭାରତୀୟ ଦଳକୁ ଶୁଭେଚ୍ଛା ଜଣାଇଲେ କୋହଲି




ଲଣ୍ଡନ : କେନିଙ୍ଗଟନ ଓଭାଲ ଟେଷ୍ଟରେ ଭାରତ ଇଂଲଣ୍ଡକୁ ୬ ରନରେ ପରାସ୍ତ କରି ଐତିହାସିକ ବିଜୟ ହାସଲ କରିଛି। ଭାରତର ଏହି ରୋମାଞ୍ଚକର ଖେଳ ପ୍ରଦର୍ଶନକୁ ଦେଖି କ୍ରିକେଟ୍ ପ୍ରେମୀଙ୍କଠାରୁ ଆରମ୍ଭ କ୍ରିକେଟର ବଡ଼ବଡ଼ଷ୍ଟାରମାନେ ଶୁଭମନ ଗିଲ୍ ଏବଂ ତାଙ୍କ ଖେଳାଳିଙ୍କୁ ଖୁବ ପ୍ରଶଂସା କରୁଛନ୍ତି। ଏହି କ୍ରମରେ ଭାରତୀୟ ଦଳର ପୂର୍ବତନ ଅଧିନାୟକ ବିରାଟ କୋହଲି ମଧ୍ୟ ଭାରତୀୟ ଦଳକୁ ବିଜୟ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ବିରାଟଙ୍କ ଏହି ଶୁଭେଚ୍ଛା ବାର୍ତ୍ତାକୁ ନେଇ ଆଲୋଚନା ଓ ସମାଲୋଚଚନା ଆରମ୍ଭ ହୋଇଯାଇଛି। କାରଣ କେନିଙ୍ଗଟନ ଓଭାଲ ଟେଷ୍ଟରେ ଭାରତର ଐତିହାସିକ ବିଜୟ ପରେ ବିରାଟ ଶୁଭେଚ୍ଛା ଜଣାଇଛନ୍ତି ସତ କିନ୍ତୁ ସେ ଏହି ସମୟରେ ପ୍ରଶିକ୍ଷକ ଗୌତମ ଗମ୍ଭୀର ଏବଂ ଅଧିନାୟକ ଶୁଭମନ ଗିଲଙ୍କ ନାମ ନେଇ ନଥିଲେ। ବିରାଟ କୋହଲି ସୋସିଆଲ ମିଡିଆରେ ଭାରତୀୟ ଦଳର ଚମତ୍କାର ବିଜୟକୁ ନେଇ ଏକ ପୋଷ୍ଟ ସେୟାର କରି ଲେଖିଛନ୍ତି, 'ଟିମ୍ ଇଣ୍ଡିଆର ମହାନ ବିଜୟ। ସିରାଜ ଏବଂ ପ୍ରସିଦ୍ଧଙ୍କ ଦୃଢ଼ତା ଏବଂ ଦୃଢ଼ ନିଷ୍ପତ୍ତି ଆମକୁ ଏହି ମହାନ ବିଜୟ ଦେଇଛି। ସିରାଜଙ୍କୁ ବିଶେଷ ଭାବରେ ଉଲ୍ଲେଖ କରିବାକୁ ପଡିବ, ଯିଏକି ଦଳ ପାଇଁ ସବୁକିଛି ବାଜି ଲଗାଇ ଦେବେ। ମୁଁ ଦଳର ପ୍ରତିଟି ସଦସ୍ୟଙ୍କୁ ନେଇ ବହୁତ ଖୁସି।' କୋହଲିଙ୍କ ପୋଷ୍ଟ ଉପରେ ପ୍ରତିକ୍ରିୟା ଦେଇ ଜଣେ ସୋସିଆଲ ମିଡିଆ ବ୍ୟବହାରକାରୀ ଲେଖିଛନ୍ତି, 'ଭାଇ ତୁମେ ଶୁଭମନ ଗିଲଙ୍କ ଅଧିନାୟକତ୍ୱ ପାଇଁ ପ୍ରଶଂସା କରିବାକୁ ଭୁଲିଗଲ କି। ଆଉ ଜଣେ ବ୍ୟବହାରକାରୀ ଲେଖିଛନ୍ତି, 'ତୁମେ ଗିଲ ଏବଂ ଗୌତମ ଗମ୍ଭୀରଙ୍କ କଥା କହିବାକୁ ଭୁଲିଗଲ, ତୁମଠାରୁ ଏହା ଆଶା କରାଯାଇ ନଥିଲା।'

# ଏସିଆ କପ୍ ପାଇଁ ବାଂଲାଦେଶର ଦଳରେ ନୁରୁଲ ସାମିଲ




ନୂଆଦିଲ୍ଲୀ: ବାଂଲାଦେଶ କ୍ରିକେଟ୍ ବୋର୍ଡ ଆଗାମୀ ଏସିଆ କପ୍ ଏବଂ ନେଦରଲ୍ୟାଣ୍ଡସ୍ ବିପକ୍ଷରେ ତିନି ମ୍ୟାଚ୍ ବିଶିଷ୍ଟ ଟି୨୦ ଓ ସିରିଜ୍ ପାଇଁ ସେମାନଙ୍କର ୨୫ ସଦସ୍ୟ ବିଶିଷ୍ଟ ପ୍ରାରମ୍ଭିକ ଦଳରେ ସାମିଲ କରିଛି। ଘରୋଇ ସର୍କିଟରେ ନିୟମିତ ସ୍କୋର କରିବା ସତ୍ତ୍ୱେ ନୁରୁଲ ଏବଂ ମୋସାଦେକ୍ ହୋସେନ୍‌ଙ୍କୁ ବହୁତ ସମୟ ପାଇଁ ଅଣଦେଖା କରାଯାଇଥିଲା। ଯେତେବେଳେ ନୁରୁଲ୍ ପ୍ରାରମ୍ଭିକ ଦଳରେ ସ୍ଥାନ ପାଇବାରେ ସଫଳ ହୋଇଥିଲେ, ମୋସାଦେକ୍ ପ୍ରାରମ୍ଭିକ ଦଳର ଅନ୍ୟ ସଦସ୍ୟଙ୍କ ସହ ନିଜର ଭାଗ୍ୟ ଚେଷ୍ଟା କରିବା ପାଇଁ ଚୟନ ପ୍ୟାନେଲର ଦୃଷ୍ଟି ଆକର୍ଷଣ କରିବାରେ ବିଫଳ ହୋଇଥିଲେ। ମୋସାଦେକ୍‌ଙ୍କୁ ଇ ଦଳ ଗସ୍ତ ପାଇଁ ମଧ୍ୟ ବିଚାର କରାଯାଇ ନଥିଲା। ତଥାପି, ଅଲରାଉଣ୍ଡର ମେହିଦି ହାସନ ମିରାଜ ସବୁଠାରୁ ଛୋଟ ଫର୍ମାଟରେ ଚିନ୍ତାଜନକ ଫର୍ମ ସତ୍ତ୍ୱେ ଆଗାମୀ ଏସିଆ କପ୍ ପାଇଁ ପ୍ରାରମ୍ଭିକ ଦଳରେ ନିଜର ସ୍ଥାନ ବଜାୟ ରଖିଛନ୍ତି। ବାଂଲାଦେଶର ସମ୍ପ୍ରତି ଶ୍ରୀଲଙ୍କା ଟି-୨୦ ଗସ୍ତ ଏବଂ ଘରୋଇ ଏବଂ ବିଦେଶୀ ସ୍ତରରେ ପାକିସ୍ତାନ ବିପକ୍ଷ ସିରିଜରେ ମିରାଜ ପ୍ରଭାବଶାଳୀ ପ୍ରଦର୍ଶନ କରିବାରେ ବିଫଳ ହୋଇଥିଲେ। ନୁରୁଲ, ପ୍ରାରମ୍ଭିକ ଦଳର ଅନ୍ୟ ପାଞ୍ଚ ଜଣ ସଦସ୍ୟଙ୍କ ସହିତ ପ୍ରସ୍ତୁତି ଶିବିରର ଅଧିକାଂଶ ସମୟ ପାଇଁ ଅନୁପସ୍ଥିତ ରହିବେ ବୋଲି ଆଶା କରାଯାଉଛି କାରଣ ସେମାନେ ଏହି ମାସ ଶେଷରେ ଅଷ୍ଟ୍ରେଲିଆର ଡାରୱିନରେ ହେବାକୁ ଥିବା ଆଗାମୀ ଟି-୨୦ ସିରିଜ୍ ୨୦୨୫ ପାଇଁ ଅଷ୍ଟ୍ରେଲିଆ ଯାତ୍ରା କରିବେ। ପ୍ରାରମ୍ଭିକ ଦଳରେ ସାମିଲ ଥିବା ନୁରୁଲ ହାସନ, ମାହିଦୁଲ ଇସଲାମ, ସୈଫ ହାସନ, ହାସନ ମହମୁଦ ଏବଂ ନଇମ ଶେଖ, ଅଗଷ୍ଟ ୯ ତାରିଖରେ ଟୁର୍ଣ୍ଣାମେଣ୍ଟର ଅଂଶ ହେବା ପାଇଁ ଅଷ୍ଟ୍ରେଲିଆ ଯାତ୍ରା କରିବେ। ଘୋଷିତ ଖେଳାଳି ହେଲେ- ଲିଟନ୍ ଦାସ (କ୍ୟାପଟେନ୍), ତାନଜିଦ୍ ହାସନ୍ ତମିମ୍, ଏମ ନାଏମ ଶେଖ, ସୋମିଆ ସାର୍କ, ମହମ୍ମଦ ପରଭେଜ ହୋସେନ ଇମୋନ, ଏମ ତ ବଙ୍ଗ ହିଦ ହ୍ରୋଡୋ, ଜେକର ଅଲି ଅନିକ, ଏମ ମେହିଡି ହାସନ ମିରାଜ, ଏମ ଶାମିମ ହୁସେନ୍, ତନ୍ଦି ହସୀନ ଶାନ୍ଦୋ, ମାନ୍ଦ ନାଜମୁଲ ହୁସେନ୍ ଶାନ୍ଦୋ, ମାନ୍ଦ ନାଜମୁଲ ହୁସେନ୍ ଶାନ୍ଦୋ, ମାନ୍ଦ ନାସୁମ୍ ଅହମ୍ମଦ, ହାସନ ମହମୁଦ, ତସ୍କିନ୍ ଅହମ୍ମଦ, ଏମ ତାନଜିମ ହାସନ ସାକିବ, ଏମ୍‌ସ ସଲ ଫୁଦ୍ଦିନ, ନାହିଦ ରାଣା, ଏମ ମୁସ୍ତାଫିଜୁର ରହମାନ, ଏମ ଶୋରିଫୁଲ ଇସଲାମ, ସୟଦ ଖଲେଦ ଅହମ୍ମଦ, କ୍ୱାଜି ନୁରୁଲ ହାସନ ସୋହାନ, ମହୀଦୁଲ ଇସଲାମ ଭୁୟାନ ଆଙ୍କନ, ମହମ୍ମଦ ସଲଫ ହାସନ।

## ମ୍ୟାଚ୍ ହାରିବା ପରେ ଇଂଲଣ୍ଡ ଅଧିନାୟକଙ୍କ ସ୍ପଷ୍ଟୀକରଣ

# '୨-୨ ସିରିଜ୍ ଡ୍ର ସମ୍ଭବତଃ ନ୍ୟାୟ ସଙ୍ଗତ'



ନୂଆଦିଲ୍ଲୀ: ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ଭାରତ ସହିତ ୨-୨ ସିରିଜ୍ ଡ୍ର ସମୟରେ ପ୍ରଦର୍ଶନ କରାଯାଇଥିବା କ୍ରିକେଟ୍ ଗୁଣବତ୍ତାର ପ୍ରଶଂସା କରିଥିଲେ। ଏହାକୁ ସେ ଅଂଶୀଦାର ହୋଇଥିବା ସବୁଠାରୁ ଆକର୍ଷଣୀୟ ଟେଷ୍ଟ ସିରିଜ୍ ମଧ୍ୟରୁ ଗୋଟିଏ ବୋଲି ବର୍ଣ୍ଣନା କରିଥିଲେ। ସିରିଜ୍ ବିଜୟରୁ ବଞ୍ଚିତ ହେବା ସତ୍ତ୍ୱେ ଓଭାଲରେ ପଞ୍ଚମ ଟେଷ୍ଟରେ ଭାରତର ନାଟକୀୟ ଛଅ ରନର ବିଜୟ ପରେ ସିରିଜ୍ ଫଳାଫଳର ନ୍ୟାୟସଙ୍ଗତତାକୁ ସ୍ୱୀକାର କରିଥିଲେ। 'ମୁଁ ଭାବୁଛି ସମଗ୍ର ସିରିଜ୍, ଏହି ଖେଳ ପୂର୍ବରୁ ମଧ୍ୟ, ଏହା କେବଳ ଚାରିଟି ଖେଳ ପାଞ୍ଚ ଦିନର ଥିଲା, ଏହି ଖେଳ ପୁଣି ଥରେ, ଏବଂ ଏହା ୨୫ ଦିନ ଧରି ପରସ୍ପର ଉପରେ ସବୁକିଛି ଫିଙ୍ଗି ଦେଇଛି, କିଛି ଛାଡି ନାହିଁ, ତେଣୁ ମୁଁ ଭାବୁଛି ଯେ କ୍ରିକେଟ୍ ପ୍ରଶଂସକଙ୍କ ଦୃଷ୍ଟିକୋଣରୁ, ୨-୨ ହୁଏତ ନ୍ୟାୟସଙ୍ଗତ, ସ୍ପଷ୍ଟ ଭାବରେ ଆମେ ବର୍ତ୍ତମାନ ନିରାଶ ଯେ ଆମେ ଆମକୁ ସିରିଜ୍ ବିଜୟ ଦେବାକୁ ଚାହୁଁଥିବା ଫଳାଫଳ ପାଇନାହୁଁ, ତେଣୁ ସ୍ପଷ୍ଟ ଭାବରେ ସେହି ନିରାଶା, ସମସ୍ତଙ୍କଠାରୁ ଟିକେ ହତାଶା ମଧ୍ୟ ଅଛି। କାନ୍ଧ ଆଘାତ ଯୋଗୁଁ ଶେଷ ଟେଷ୍ଟ୍ ହରାଇଥିବା ଇଂଲଣ୍ଡ ଅଧିନାୟକ ଖେଳର ଲମ୍ବା ଫର୍ମାଟ୍ ପାଇଁ ସିରିଜ୍‌ର ଗୁରୁତ୍ୱକୁ ଶୀଘ୍ର ଉଜାଗର କରିଥିଲେ। ଷ୍ଟୋକ୍ସ ହ୍ୟାରି ବ୍ରୁକଙ୍କ ଶତକ ପାଇଁ ବିଶେଷ ପ୍ରଶଂସା କରିଥିଲେ ଯାହା ଇଂଲଣ୍ଡକୁ ୩୭୪ ରନର ଲକ୍ଷ୍ୟକୁ ପିଛା କରିବାର ଆଶା ଦେଇଥିଲା। ବ୍ରୁକ (୧୧୧) ଜୋ ରୁଟ (୧୦୫)ଙ୍କ ସହିତ ୧୯୫ ରନର ଚତୁର୍ଥ ଓ୍ୱିକେଟ୍ ପାର୍ଟନର୍ କରିଥିଲେ ଏବଂ ଚତୁର୍ଥ ଦିନରେ ଇଂଲଣ୍ଡକୁ ୩୦୦ ଅତିକ୍ରମ କରାଇଥିଲେ, ଯାହା ଫଳରେ ଆୟୋଜକ ଦଳ ଦୃଢ଼ ନିୟନ୍ତ୍ରଣରେ ଥିଲା। ଇଂଲଣ୍ଡ ଅଧିନାୟକ କ୍ରିସ୍ ଓ୍ୱକ୍ସଙ୍କ ସାହସିକତାକୁ ପ୍ରଶଂସା କରିଥିଲେ, ଯିଏ କାନ୍ଧରେ ଆଘାତ ଲାଗିବା ସତ୍ତ୍ୱେ ନମ୍ବର ୧୧ରେ ବ୍ୟାଟିଂ କରିବାକୁ ବାହାରିଥିଲେ, ଏହାକୁ ସମଗ୍ର ସିରିଜରେ ଉଭୟ ପକ୍ଷର ଖେଳାଳିମାନଙ୍କ ଦ୍ୱାରା ଦେଖାଯାଇଥିବା ସମର୍ପଣ ଏବଂ ଦୃଢ଼ତାର ପ୍ରତିଫଳନ ବୋଲି କହିଥିଲେ। 'ଅବିଶ୍ୱସନୀୟ, କିନ୍ତୁ ସେଠାକୁ ଯିବା ତାଙ୍କ ପାଇଁ କେବେବି ପ୍ରଶ୍ନ ହୋଇ ନ ଥିଲା। ସ୍ପଷ୍ଟ ଭାବରେ, ସେ ବହୁତ ଅସ୍ୱସ୍ତିକର ଅବସ୍ଥାରେ ଅଛନ୍ତି, ଏପରିକି ସେଠାରେ ଓ୍ୱିକେଟ ମଧ୍ୟରେ ଦୌଡୁଛନ୍ତି। ଷ୍ଟୋକ୍ସ ମହମ୍ମଦ ସିରାଜଙ୍କ ପ୍ରଦର୍ଶନକୁ ମଧ୍ୟ ସ୍ୱୀକାର କରିଛନ୍ତି, ଯାହାଙ୍କ ସିରିଜ ସାରା ନିରନ୍ତର ଚାପ ଇଂଲଣ୍ଡ ଅଧିନାୟକଙ୍କ ପ୍ରଶଂସା ଆଣିଥିଲା। 'ମୁଁ ସର୍ବଦା ଜଣେ ପ୍ରତିଯୋଗୀ ଭାବରେ ମହମ୍ମଦ ସିରାଜଙ୍କ ପ୍ରତି ବହୁତ ସମ୍ମାନ ଏବଂ ପ୍ରଶଂସା କରିଛି।

# ଓଭାଲ ଟେଷ୍ଟ ଜିତିବା ପରେ କୋଚ୍ ଗମ୍ଭୀରଙ୍କ ରଣହୁଙ୍କାର



ନୂଆଦିଲ୍ଲୀ : ଇଂଲଣ୍ଡ ବିପକ୍ଷରେ ଭାରତର ଐତିହାସିକ ବିଜୟରେ ଦମ୍ ଦେଖାଇଥିଲେ ଟିମ୍ ଇଣ୍ଡିଆର କ୍ରିକେଟର। ତେବେ ଏହି ବିଜୟ ପରେ ଖୁସି ଜାହିର କରିଛନ୍ତି ଗୌତମ ଗମ୍ଭୀର। ଭାରତର ଓଭାଲ ଟେଷ୍ଟରେ ବିଜୟ ଏବଂ ୫ ମ୍ୟାଚ ବିଶିଷ୍ଟ ସିରିଜକୁ ବରାବର କରିବା ପାଇଁ ବେଶ୍ ଖୁସି କୋଚ୍। ଟିମ ଇଣ୍ଡିଆର ମୁଖ୍ୟ କୋଚ କହିଛନ୍ତି ଯେ ଆମେ କେବେ ହାର ମାନିବୁ ନାହିଁ। ଭାରତୀୟ ଦଳ ପଞ୍ଚମ ଓ ଅନ୍ତିମ ଟେଷ୍ଟ ମ୍ୟାଚର ଶେଷ ଦିନରେ ଇଂଲଣ୍ଡକୁ ୩୫ ରନ କରିବାକୁ ଦେଇନଥିଲେ। ମହମ୍ମଦ ସିରାଜଙ୍କ ଚମତ୍କାର ବୋଲିଂ ବଳରେ ଇଂଲଣ୍ଡ ମୁହଁରୁ ବିଜୟ ଛଡାଇ ଆଣିଥିଲା ଭାରତ। ଏହା ସହିତ ଭାରତ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜକୁ ୨-୨ ରେ ବରାବର କରିଥିଲା। ଓଭାଲରେ ଭାରତର ବିଜୟ ପରେ ଗମ୍ଭୀରଙ୍କ ଖୁସିର ସୀମା ନଥିଲା। ସେ ମୈଦାନକୁ ଆସି ଅଧିନାୟକ ଶୁଭମନ ଗିଲଙ୍କୁ ଆଲିଙ୍ଗନ କରି ବିଜୟ ପାଇଁ ଅଭିନନ୍ଦନ ଜଣାଇଥିଲେ। ଗୌତମ ଗମ୍ଭୀର ଓଭାଲ ଟେଷ୍ଟ ବିଜୟ ପରେ ସୋସିଆଲ ମିଡିଆ ଏକ୍ସରେ ଭାରତୀୟ ଦଳର ଉତ୍ସବ ମନାଉଥିବା ୪ଟି ଫଟୋ ସେୟାର କରି ଲେଖିଥିଲେ, 'ଆମେ କେବେ ଜିତିବୁ, କେବେ ହାରିବୁ...କିନ୍ତୁ ଆମେ କେବେ ହାର ମାନିବୁ ନାହିଁ। କାରଣ ଆମ ଖେଳାଳି ଫାଇଟର। ସାବାଶ ପିଲାମାନେ।' ଗମ୍ଭୀରଙ୍କ ଏହି ଶବ୍ଦଗୁଡ଼ିକ ଭାରତୀୟ ଖେଳାଳିମାନଙ୍କୁ ଉତ୍ସାହିତ କରିବ। ଭାରତ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ୨ଟି ମ୍ୟାଚ ଜିତିଥିବା ବେଳେ ଗୋଟିଏ ଟେଷ୍ଟ ଡ୍ର ହୋଇଥିଲା। ଇଂଲଣ୍ଡକୁ ଶେଷ ଦିନରେ ମାତ୍ର ୩୫ ରନ ଆବଶ୍ୟକ ଥିଲା। ଭାରତକୁ ୪ଟି ଉଇକେଟ ନେବାକୁ ଥିଲା। ଅନେକଙ୍କୁ ବିଶ୍ୱାସ ନଥିଲା ଯେ ଭାରତୀୟ ଦଳ ଏହି ସ୍ଥିତିରେ ମ୍ୟାଚ ଜିତିପାରିବ, କିନ୍ତୁ ମହମ୍ମଦ ସିରାଜ କିଛି ଅଲଗା ଚିନ୍ତା କରି ଆସିଥିଲେ ଏବଂ ସେ ତାହା କରି ଦେଖାଇଥିଲେ ଯାହା କ୍ରିକେଟ ପ୍ରେମୀମାନେ ବର୍ଷ ବର୍ଷ ଧରି ମନେ ରଖିବେ। ଓଭାଲରେ ଖେଳାଯାଇଥିବା ପଞ୍ଚମ ଟେଷ୍ଟରେ ପ୍ରଥମେ ବ୍ୟାଟିଂ କରି ଭାରତ ମାତ୍ର ୨୨୪ ରନ୍ କରିଥିଲା। ଏହାର ଜବାବରେ ଇଂଲଣ୍ଡ ପ୍ରଥମ ଇନିଂସରେ ୨୪୭ ରନ୍ କରିଥିଲା। ଯାହାଫଳରେ ଘରୋଇ ଦଳ ପ୍ରଥମ ଇନିଂସରେ ୨୩ ରନ୍‌ରେ ଆଗୁଆ ରହିଥିଲା। ଦ୍ୱିତୀୟ ପାଳିରେ ଭାରତ ଦମଦାର ବ୍ୟାଟିଂ କରି ୩୯୬ ରନ୍ କରି ଇଂଲଣ୍ଡକୁ ୩୭୪ ରନ୍‌ର ଟାର୍ଗେଟ ଦେଇଥିଲା। କିନ୍ତୁ ଭାରତୀୟ ପେସ୍ ଆଟାକ୍ ସାମ୍ନାରେ ଇଂଲିସ୍ ଦଳ ୩୬୭ ରନ୍ କରି ଆଲଆଉଟ ହୋଇଥିଲା। ଯାହାଫଳରେ ଭାରତ ଏହି ମ୍ୟାଚ୍‌କୁ ୬ ରନ୍‌ରେ ନିଜ ନାମରେ କରିଥିଲା। ତେବେ ଓଭାଲ ଗ୍ରାଉଣ୍ଡରେ ଏହା ହେଉଛି ଭାରତର ତୃତୀୟ ବିଜୟ। ଅଜିତ ଓ୍ୱାଡେକର ଓ ବିରାଟ କୋହଲିଙ୍କ ପରେ ଶୁବମନ ଗିଲ୍ ହେଉଛନ୍ତି ତୃତୀୟ ଅଧିନାୟକ, ଯାହାଙ୍କ ନେତୃତ୍ୱରେ ଟିମ୍ ଇଣ୍ଡିଆ ଓଭାଲରେ ଏକ ଟେଷ୍ଟ ମ୍ୟାଚ୍ ଜିତିଛି। ଏଥିସହ, ଟେଷ୍ଟ କ୍ରିକେଟ୍ ଇତିହାସରେ ଏହା ଭାରତର ସବୁଠୁ କମ୍ ରନ୍ ବ୍ୟବଧାନରେ ବିଜୟ। ପୂର୍ବରୁ ଭାରତର ସବୁଠାରୁ କମ୍ ବିଜୟ ବ୍ୟବଧାନ ଥିଲା ୧୩ ରନ୍। ଯାହା ୨୦୦୪ରେ ଅଷ୍ଟ୍ରେଲିଆ ବିପକ୍ଷରେ ଥିଲା।

# ଟିମ ଇଣ୍ଡିଆରୁ ବାଦ ପଡିବେ ସିରାଜ !



ନୂଆଦିଲ୍ଲୀ: ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ମହମ୍ମଦ ସିରାଜ ଆକର୍ଷଣୀୟ ବୋଲିଂ ପ୍ରଦର୍ଶନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେ ସିରିଜରେ ୨୩ଟି ଓ୍ୱିକେଟ ଅକ୍ତିଆର କରିଥିଲେ। ଏବେ ଭାରତୀୟ ଟିମ କିଛି ଦିନ ବ୍ରେକ ପରେ ସେପ୍ଟମ୍ବରରେ ପୂନର୍ବାର ଆନ୍ତର୍ଜାତୀୟ କ୍ରିକେଟ ଖେଳିବ। ଟିମ ଇଣ୍ଡିଆ ଏସିଆ କପ ୨୦୨୫ରେ ଖେଳିବ। ଏଥର ଏହା ଟି୨୦ ଫର୍ମାଟରେ ଖେଳାଯିବ। ସିରାଜ ଟିମ ଇଣ୍ଡିଆରେ ସ୍ଥ ?ାନ ପାଇବା ଆଶା କ୍ଷୀଣ ରହିଛି। ଟେଷ୍ଟ ଏବଂ ଦିନିକିଆରେ ସିରାଜ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଟି୨୦ରେ ସେଭଳି ପ୍ରଭାବିତ କରିପାରି ନାହାନ୍ତି। ୨୦୨୪ରେ ଶ୍ରୀଲଙ୍କା ବିପକ୍ଷରେ ସେ ଭାରତ ପକ୍ଷରୁ ଶେଷ ଥର ଟି୨୦ ମ୍ୟାଚ ଖେଳିଥିଲେ। ଏହା ପରେ ବାଂଲାଦେଶ, ଦକ୍ଷିଣ ଆଫ୍ରିକା ଓ ଇଂଲଣ୍ଡ ବିପକ୍ଷ ଟି୨୦ରେ ତାଙ୍କୁ ସୁଯୋଗ ମିଳି ନ ଥିଲା। ମୁଖ୍ୟ କୋଚ ଗୌତମ ଗମ୍ଭୀର ମଧ୍ୟ ଟି୨୦ରେ ସିରାଜ ଖେଳିବା ସପକ୍ଷରେ ନାହାନ୍ତି। ସିରାଜ ୧୬ଟି ଟି୨୦ ମ୍ୟାଚ ଖେଳିଛନ୍ତି। ସେ ୭.୭୯ ଆଭରେଜରେ ୧୪ ଓ୍ୱିକେଟ ଅକ୍ତିଆର କରିଛନ୍ତି। ୨୦୨୪ ଟି୨୦ ବିଶ୍ୱକପ ବିଜୟୀ ଟିମର ମଧ୍ୟ ସେ ସଦସ୍ୟ ଥିଲେ। ଆରମ୍ଭରୁ କେତୋଟି ମ୍ୟାଚରେ ମଧ୍ୟ ସେ ଖେଳିଥିଲେ। ସିରାଜଙ୍କୁ ଏସିଆ କପ ଦଳରେ ସାମିଲ କରାଯିବ କି ନାହିଁ ତାହା ବର୍ତ୍ତମାନ ଚୟନ କମିଟିଙ୍କୁ ଦ୍ୱନ୍ଦ୍ୱରେ ପକାଇଛି।

# ରାଜ୍ୟସ୍ତରୀୟ ଅସ୍ମିତା ଟାଇକୋନ୍‌ଡ ଲିଗ୍ ପ୍ରତିଯୋଗୀତା: ଛାତ୍ରୀଙ୍କ ସଫଳତା




ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଚଳିତ ବର୍ଷ ଦୁଇ ଦିନ ଧରି ଭଦ୍ରକ ସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇନଡୋର ଷ୍ଟାଡିୟମ ଠାରେ ରାଜ୍ୟସ୍ତରୀୟ ଅସ୍ମିତା ଟାଇକୋନ୍‌ଡୁ ଲିଗ୍ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇ ଅଛି। ଏହି ଟାଇକୋନ୍‌ଡ ପ୍ରତିଯୋଗିତା କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ କ୍ରମେ ଓଡ଼ିଶା ଟାଇକୋନ୍‌ଡ ଏସୋସିଏସନ ଦ୍ୱାରା ଆୟୋଜନ କରଯାଇଥିଲା। ଏଥିରେ ଓଡିଶାରୁ ସମୁଦାୟ ପ୍ରାୟ ୨୫୦ ବାଳିକା ଖେଳାଳୀ ଅଂଶଗ୍ରହଣ କରିଥିଲେ। ଗଜପତି ଜିଲ୍ଲାର ଜିଲ୍ଲା ଟାଇକୋନ୍‌ଡୁ ଅନୁଷ୍ଠାନରୁ ମୋଟ ୪ ଜଣ ପ୍ରତିଯୋଗୀ (ବାଳିକା) ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତା ମୁଖ୍ୟତଃ ଦୁଇଟି ବିଭାଗରେ ହୋଇଥିଲା। ବର୍ଷିତା ଦାସ ସ୍ୱର୍ଣ୍ଣ ଓ କାଂସ୍ୟ, ପି. ସାଇସ୍ମିତା ରୌପ୍ୟ, ଅନୁଷ୍କା ଅନହିତା ସାହୁ ରୌପ୍ୟ ପଦକ ହାସଲ କରିଥିଲେ। ତାଙ୍କର ଏହି ସଫଳତା ପାଇଁ ଜିଲ୍ଲାରେ ବୁଦ୍ଧିଜୀବୀ ସହ କ୍ରିଡାବିତ୍ ମାନେ ଶୁଭେଚ୍ଛା ଜଣାଇଛନ୍ତି।

# ସେପ୍ଟେମ୍ବର ୪ରେ ସିଡବ୍ଲ୍ୟୁଏବି ନିର୍ବାଚନ




ନୂଆଦିଲ୍ଲୀ: ବାଂଲାଦେଶର କ୍ରିକେଟର୍ସ ଓ୍ୱେଲଫେୟାର ଆସୋସିଏସନ୍ (ସିଡବ୍ଲ୍ୟୁଏବି) ଘୋଷଣା କରିଛି ଯେ ଏହାର ନିର୍ବାଚନ ସେପ୍ଟେମ୍ବର ୪ରେ ଅନୁଷ୍ଠିତ ହେବ। କ୍ରିକବଜ୍ ଦ୍ୱାରା ପ୍ରଥମେ ରିପୋର୍ଟ କରାଯାଇଥିବା ଅନୁସାରେ, ସିଡବ୍ଲ୍ୟୁଏବ ଏକ ତିନି ସଦସ୍ୟ ବିଶିଷ୍ଟ ନିର୍ବାଚନ କମିଶନ ଗଠନ କରିଛି, ଯାହାର ଅଧ୍ୟକ୍ଷତା ଇଫ୍‌ତିଖାର ରହମାନ ମିଥୁ କରିଛନ୍ତି। ଯେଉଁଥିରେ ପୂର୍ବତନ ଜାତୀୟ ଅଧିନାୟକ ହବିବୁଲ ବଶାର ଏବଂ ପୂର୍ବତନ ଓ୍ୱିକେଟକିପର ନାସିର ଅହମ୍ମଦ ନାସୁ ସଦସ୍ୟ ଭାବରେ କାର୍ଯ୍ୟ କରୁଛନ୍ତି। କମିଶନ ସିଡବ୍ଲ୍ୟୁଏବର ନିୟମାବଳୀ ଅନୁଯାୟୀ ସମଗ୍ର ପ୍ରକ୍ରିୟା ତଦାରଖ କରିବ। ଶେର-ଏ-ବାଂଲା ଜାତୀୟ ଷ୍ଟାଡିୟମରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ପରେ ଏହି ଘୋଷଣା କରାଯାଇଥିଲା। ଯେଉଁଥିରେ ଖେଳାଳିଙ୍କ ସଂଗଠନକୁ ପୁନର୍ଜୀବିତ ଏବଂ ପୁନର୍ଗଠିତ କରିବା ଲକ୍ଷ୍ୟରେ ଅନେକ ବର୍ତ୍ତମାନର ଏବଂ ପୂର୍ବତନ କ୍ରିକେଟର ଯୋଗ ଦେଇଥିଲେ। 'ଆମେ ସିଡବ୍ଲ୍ୟୁଏବି ବୈଠକ କରି ନିଷ୍ପତ୍ତି ନେଇଛୁ ଯେ ନିର୍ବାଚନ ସେପଟ୍ମେର ୪ ରେ ଅନୁଷ୍ଠିତ ହେବ,'ସିଡବ୍ଲ୍ୟୁଏବି ର ଆଡ-ହକ୍ କମିଟିର ସଦସ୍ୟ ସେଲିମ୍ ଶାହେଦ୍ କହିଛନ୍ତି। 'ବୈଠକରେ ସଦସ୍ୟତା ନାମଲେଖା ଠାରୁ ନାମାଙ୍କନ ଫର୍ମ ସଂଗ୍ରହ ଏବଂ ଦାଖଲ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ପ୍ରକ୍ରିୟା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ସମସ୍ତ ନିର୍ବାଚନ କାର୍ଯ୍ୟ ଖୁବ୍ ଶୀଘ୍ର ଆରମ୍ଭ ହେବ।' ସେଲିମ୍ ଆହୁରି କହିଛନ୍ତି ଯେ ସିଡବ୍ଲ୍ୟୁଏବିର ବର୍ତ୍ତମାନ ସିଡବ୍ଲ୍ୟୁଏବିରେ ଏକ ସ୍ଥାୟୀ କାର୍ଯ୍ୟାଳୟ ଅଛି। ସେ ସ୍ପଷ୍ଟ କରିଛନ୍ତି ଯେ ଏହି ସ୍ଥାନ ଏନ୍‌ଏସ୍‌ସି ଦ୍ୱାରା ଆବଣ୍ଟିତ ହୋଇଛି। ସେ ଯୁବ ଏବଂ କ୍ରୀଡ଼ା ମନ୍ତ୍ରଣାଳୟ, ଜାତୀୟ କ୍ରୀଡ଼ା ପରିଷଦ (ଏନ୍‌ଏସ୍‌ସି) ଏବଂ ବାଂଲାଦେଶ କ୍ରିକେଟ୍ ବୋର୍ଡକୁ ସେମାନଙ୍କର ସମର୍ଥନ ପାଇଁ ଧନ୍ୟବାଦ ଜଣାଇଛନ୍ତି। ସେଲିମ୍ ନିଶ୍ଚିତ କରିଛନ୍ତି ଯେ ୧୯୭୫ ମସିହାରୁ ଢାକା ମେଟ୍ରୋପଲିସ୍ କ୍ରିକେଟ୍ କମିଟି (ସିସିଡିଏମ୍) ସହିତ ପଞ୍ଜୀକୃତ ସମସ୍ତ ଖେଳାଳି ଭୋଟ୍ ଅଧିକାର ସହିତ ଆଜୀବନ ସଦସ୍ୟ ହେବାକୁ ଯୋଗ୍ୟ ହେବେ। ଏହା ସହିତ, ସ୍ଥାୟୀ ସିଡବ୍ଲ୍ୟୁଏବି ସଦସ୍ୟ ଭାବରେ ତାଲିକାଭୁକ୍ତ ବର୍ତ୍ତମାନ ଏବଂ ପୂର୍ବତନ ଜାତୀୟ ଏବଂ ପ୍ରଥମ ଶ୍ରେଣୀ ଖେଳାଳିମାନେ ମଧ୍ୟ ଭୋଟ୍ ଦେଇପାରିବେ। 'ବିସିବି ନିର୍ଦ୍ଦେଶକ କିମ୍ବା କର୍ମଚାରୀମାନେ ଭୋଟ୍ ଦେଇପାରିବେ ନାହିଁ। ସେଲିମ୍ ଜୋର ଦେଇ କହିଛନ୍ତି ଯେ ସିଡବ୍ଲ୍ୟୁଏବି ର ନବୀକରଣ ପ୍ରତିଶ୍ରୁତି ସେମାନଙ୍କ କ୍ୟାରିଅରର ସମସ୍ତ ପର୍ଯ୍ୟାୟରେ କ୍ରିକେଟର୍ ମାନଙ୍କର କଲ୍ୟାଣ ସୁନିଶ୍ଚିତ କରିବା ଉପରେ କେନ୍ଦ୍ରିତ। ସେ ସ୍ୱୀକାର କରିଛନ୍ତି ଯେ ଅନେକ ଖେଳାଳି ଏବେ ବି ଟୁର୍ଣ୍ଣାମେଣ୍ଟ ସମୟରେ ଦେୟ ସମସ୍ୟାର ସମ୍ମୁଖୀନ ହୁଅନ୍ତି, ପ୍ରାୟତଃ ଅନୁପଯୁକ୍ତ କିମ୍ବା ଅନୁପଯୁକ୍ତ ଚୁକ୍ତିନାମା ଯୋଗୁଁ। 'ଆମର ଏକ ପ୍ରମୁଖ ଲକ୍ଷ୍ୟ ହେଉଛି ଉପଯୁକ୍ତ ଚୁକ୍ତିନାମା କାର୍ଯ୍ୟକାରୀ ହେବା ଏବଂ ଖେଳାଳିମାନେ ସମୟ ମଧ୍ୟରେ ସେମାନଙ୍କର ପ୍ରାପ୍ୟ ପାଇବା ନିଶ୍ଚିତ କରିବା। ପୂର୍ବ ଜାତୀୟ ବ୍ୟାଟ୍ସମ୍ୟାନ୍ ମହମ୍ମଦ ମିଥୁନ୍, ଯିଏ ସମ୍ପ୍ରତି ଆଲୋଚନାରେ ସକ୍ରିୟ ଭାବରେ ସାମିଲ ଅଛନ୍ତି।

# ୭ ବର୍ଷ ହେଲା ଇଂଲଣ୍ଡ ଜିତିନି ଟେଷ୍ଟ ସିରିଜ୍

ମୁମ୍ବାଇ : ଇଂଲଣ୍ଡର ଆଶା ପୁଣି ଧୂଳିସାତ୍। ୨୦୧୮ରୁ ଦେଖିଥିବା ସ୍ୱପ୍ନରେ ଆଜି ଯାଏଁ ହୋଇପାରୁନି ସତ। ଜାରି ରହିଛି ଟିମ୍ ଇଣ୍ଡିଆର ଅପରାଜେୟ ରେକର୍ଡ। ଘରୋଇ ହେଉ କି ବିଦେଶୀ ମାଟି। ସବୁଠି ଟିମ୍ ଇଣ୍ଡିଆର ରହିଛି ଦବ୍‌ଦବା। ସୋମବାର ଶେଷ ହୋଇଛି ଭାରତ-ଇଂଲଣ୍ଡ ୫ଟିକିଆ ସିରିଜ୍। ଯେଉଁଥିରେ ଉଭୟ ଟିମ୍ ଟେଷ୍ଟ ସିରିଜ୍‌କୁ ୨-୨ରେ ବରାବର କରିଛନ୍ତି। ଏହି ସିରିଜ୍‌ରେ ଘରୋଇ ଇଂଲଣ୍ଡ ଭାରତ ବିପକ୍ଷରେ ଦମ୍‌ଦାର ପ୍ରଦର୍ଶନ କରିଥିଲା। କିନ୍ତୁ ଘରୋଇ ଟିମ୍ ଉପରେ ଭାରି ପଡିଥିଲା ଭାରତୀୟ ଟିମ୍। ସିରିଜ୍‌ରେ ପଛରେ ଥାଇ ମଧ୍ୟ କମ୍ ବ୍ୟାକ୍ କରିଥିଲା ଭ୍ରମଣକାରୀ ଦଳ। ଏପିରିକି ପଞ୍ଚମ ଟେଷ୍ଟ ବିଜୟ ପାଇଁ ଅନ୍ତିମ ଦିନରେ ୩୫ ରନ୍‌ର ଆବଶ୍ୟକ ଥିବା ବେଳେ ଭାରତୀୟ ଟିମ୍‌କୁ ୪ ଓ୍ୱିକେଟ୍‌ର ଆବଶ୍ୟକ ରହିଥିଲା। ଶେଷରେ ମହମ୍ମଦ ସିରାଜ୍ ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କ ଘାତକ ବୋଲିଂ ଆଗରେ ସରେଣ୍ଡର ହୋଇଥିଲା ଇଂଲଣ୍ଡ ବାହିନୀ। ଆଉ ୬ ରନ୍‌ରେ ପଞ୍ଚମ ଟେଷ୍ଟକୁ ନିଜ ନାଁରେ କରିଥିଲା ଭାରତୀୟ ଟିମ୍। ଆଉ ସିରିଜ୍‌କୁ ୨-୨ରେ ବରାବର କରିଛନ୍ତି ଉଭୟ ଟିମ୍। ତେବେ ଏହି ସିରିଜ୍ ଡ୍ର ସହିତ ଇଂଲଣ୍ଡର ସାତ ବର୍ଷର ସ୍ୱପ୍ନ ଧୂଳିସାତ୍ ହୋଇଛି। ୨୦୧୮ରୁ ଏବେ ଯାଏଁ ଭାରତ ବିପକ୍ଷରେ ଇଂଲଣ୍ଡ କୌଣସି ବି ଟେଷ୍ଟ ସିରିଜ୍ ଜିତିନାହିଁ। ସୂଚନାଯୋଗ୍ୟ ଯେ, ଜୁନ ୨୦ରେ ଆରମ୍ଭ ହୋଇଥିଲା ଭାରତ ଇଂଲଣ୍ଡ ଟେଷ୍ଟ ସିରିଜ୍। ପ୍ରଥମ ଟେଷ୍ଟକୁ ଇଂଲଣ୍ଡ ଟିମ୍ ୫ ଓ୍ୱିକେଟ୍‌ରେ ବିଜୟୀ ହୋଇଥିଲା। ଏହାପରେ ୨ୟ ଟେଷ୍ଟକୁ ଭାରତ ୩୩୬ ରନ୍‌ରେ ବିଜୟୀ ହୋଇଥିଲା। ୩ୟ ଟେଷ୍ଟକୁ ଇଂଲଣ୍ଡ ୨୨ ରନ୍‌ରେ ବିଜୟୀ ହୋଇଥିବା ବେଳେ ୪ ଟେଷ୍ଟ ଡ୍ର ରହିଥିଲା। ବାକି ପଞ୍ଚମ ଟେଷ୍ଟକୁ ଭାରତ ୬ ରନ୍‌ରେ ବିଜୟୀ ହୋଇଥିଲା। ଶେଷରେ ସିରିଜ୍‌ରେ ୨-୨ରେ ବରାବର ରହିଛି।

ଓଡ଼ିଶା ଭାସ୍କର
ODISHA BHASKAR

# ବିବିଧବର୍ଣ୍ଣା



ସନାତନ ଧର୍ମରେ ଜ୍ୟୋତିଷ ଶାସ୍ତ୍ର, ବାସ୍ତୁ ଶାସ୍ତ୍ର, ସ୍ୱପ୍ନ ଶାସ୍ତ୍ର ଓ ସାମୁଦ୍ରିକ ଶାସ୍ତ୍ରର ବିଶେଷ ମହତ୍ତ୍ୱ ରହିଛି । ଜୀବନରେ ଥିବା ସମସ୍ୟାକୁ ଦୂର ପାଇଁ ଓ ସୁଖମୟ ଜୀବନ ପାଇଁ ଶାସ୍ତ୍ରରେ କିଛି ସରଳ ଉପାୟ ବର୍ଣ୍ଣନା କରାଯାଇଛି । ସାଧାରଣତଃ ଦେଖାଯାଏ, ଅଧିକାଂଶ ଲୋକେ ନିଜ ଘରର କବାଟ ପଛ ପଟେ ପୋଷାକ ଟାଙ୍ଗି କରି ରଖନ୍ତି । ମାତ୍ର ବାସ୍ତୁ ଶାସ୍ତ୍ର ଅନୁସାରେ ଏହାକୁ ଅଶୁଭ ବୋଲି କୁହାଯାଇଛି । ଜାଣନ୍ତୁ..ବାସ୍ତୁ ଅନୁସାରେ ଘରର କବାଟ ପଛ ପଟରେ ପୋଷାକ ଟାଙ୍ଗିବା ଉଚିତ୍ ନୁହେଁ । କବାଟ ଉପର ଅଂଶ ମା'ଲକ୍ଷ୍ମୀଙ୍କ ସ୍ଥାନ ବୋଲି କୁହାଯାଇଛି । ତେଣୁ କବାଟ ପଛ ପଟେ ପୋଷାକ ଟାଙ୍ଗିବାକୁ ବାରଣ କରାଯାଇଛି। ଏହାଦ୍ୱାରା ମା'ଲକ୍ଷ୍ମୀ ଅସନ୍ତୁଷ୍ଟ ହୋଇଥାଆନ୍ତି । ପୋଷାକ ସହ ଜଡିତ ଅନେକ ସମସ୍ୟା ମଧ୍ୟ ଦେଖାଦେଇଥାଏ । ଏହାସହ ଧନହାନୀ, ପରିବାରରେ କଳହ, ଘରେ ନକରାତ୍ମକ ଶକ୍ତି ପ୍ରବେଶ, ଉନ୍ନତିରେ ବାଧା, ଚାକିରି ଓ ବ୍ୟବସାୟ ଆଦିରେ ସମସ୍ୟା ଦେଖାଦେଇଥାଏ । ବାସ୍ତୁ ଅନୁସାରେ ଘରର ମହତ୍ତ୍ୱପୂର୍ଣ୍ଣ ଅଂଶ ହେଉଛି କବାଟ । ତେଣୁ କବାଟର ରଙ୍ଗ ଓ ଦିଗ ପ୍ରତି ମଧ୍ୟ ଧ୍ୟାନ ଦେବା ଆବଶ୍ୟକ । ସାଧାରଣତଃ ଲୋକେ କବାଟ ପଛପଟେ ପୁରୁଣା ପୋଷାକ ମଧ୍ୟ ଟାଙ୍ଗି କରି ରଖନ୍ତି । ଏହାସହ ଯେଉଁ ପୋଷାକକୁ ବ୍ୟବହାର କରୁନଥିଲେ କିମ୍ବା ଛିଣ୍ଡା ପୋଷାକକୁ ଆଦୌ ସେପରି ରଖନ୍ତୁ ନାହିଁ । ଏହାଦ୍ୱାରା ନକରାତ୍ମକ ଶକ୍ତି ପ୍ରବେଶ କରିଥାଏ ।





## ୬ ବର୍ଷ ପରେ ପରଦାକୁ ଦେଶୀଗାର୍ଲଙ୍କ କମ୍ବ୍ୟାକ୍

ପୁଣି ପଦାରେ ନିଜର ଜଲୱା ଦେଖାଇବାକୁ ଯାଉଛନ୍ତି ଦେଶୀଗାର୍ଲ । ଖୁବଶୀଘ୍ର ପରଦାକୁ ଫେରିବେ ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଜୋନାସ୍ । ନିର୍ଦ୍ଦେଶକ ସଞ୍ଜୟ ଲୀଲା ଭନସାଲିଙ୍କ ଚଳଚ୍ଚିତ୍ରରେ ତାଙ୍କର ଅଭିନୟର ଯାଦୁ ଦେଖାଇବେ ବହୁ ପ୍ରତୀକ୍ଷିତ ଫିଲ୍ମ 'ଲଭ୍ ଆଣ୍ଡ୍ ୱାର୍'ରେ ନଜର ଆସିପାରନ୍ତି ପ୍ରିୟଙ୍କା । ୬ ବର୍ଷ ପରେ ବଲିଉଡକୁ କମ୍‌ବ୍ୟାକ୍ ଖବର ଶୁଣି ଫ୍ୟାନ୍ସ ଫିଲ୍ମକୁ ଉତ୍ସାହର ସହ କରିଛନ୍ତି ଅପେକ୍ଷା । ଏହି ଫିଲ୍ମରେ ଅଭିନେତ୍ରୀଙ୍କୁ ଗୋଟିଏ ଗୀତରେ ନାଚୁଥିବାର ଦେଖିବାକୁ ମିଳିବ । ପ୍ରିୟଙ୍କା ଓ ନିର୍ଦ୍ଦେଶକ ଭନସାଲିଏପର୍ଯ୍ୟନ୍ତ ଏ ବିଷୟରେ କୌଣସି ବୟାନ ଦେଇ ନାହାଁନ୍ତି। ଭନସାଲିଙ୍କ ଫିଲ୍ମ 'ଲଭ୍ ଆଣ୍ଡ୍ ୱାର'ରେ ରଣବୀର କପୁର, ଆଲିଆ ଭଟ୍ଟ ଓ ଭିକି କୌଶଲଙ୍କ ଭଳି ବଡ଼ ବଡ଼ ଷ୍ଟାରକାଷ୍ଟଙ୍କୁ ନେଇ ନିର୍ମିତ ହେବାକୁ ଯାଉଛି । ପୂର୍ବରୁ ପ୍ରିୟଙ୍କା ଭଂସାଲୀଙ୍କ ପାଇଁ 'ରାମ ଚାହେ ଲୀଲା'ରେ ତାଙ୍କର ଚମତ୍କାର ଅଭିନୟ ଦେଖାଇଥିଲେ । ଆଉ ଏହି ଗୀତଟି ବ୍ଲକବଷ୍ଟର ମଧ୍ୟ ହୋଇଥିଲା । ପ୍ରକାଶ ଥାଉକି, ଅଭିନେତ୍ରୀଙ୍କୁ ଶେଷଥର ପାଇଁ ବଲିଉଡ୍ ଚଳଚ୍ଚିତ୍ର 'ଦି ସ୍କାଏ ଇଜ୍ ପିଙ୍କ୍'ରେ ଦେଖିବାକୁ ମିଳିଥିଲା ।



## ହସ୍ପିଟାଲରେ ଶେହନାଜ

ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି ପଞ୍ଜାବର ଲୋକପ୍ରିୟ ଅଭିନେତ୍ରୀ ଶେହନାଜ ଗିଲ। ଏନେଇ ସୋସିଆଲ ମିଡ଼ିଆରେ ଶେହନାଜଙ୍କ ଭାଇ ଶେହବାଜ ଶେହନାଜଙ୍କ ଏକ ଫଟୋ ସେୟାର କରି ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି। ଶେହନାଜ ଏହି ଫଟୋ ୪ ଅଗଷ୍ଟରେ ପୋଷ୍ଟ କରିଥିବା ବେଳେ କ୍ୟାପସନରେ 'ଶୀଘ୍ର ସୁସ୍ଥ ହୁଅନ୍ତୁ' ଲେଖିଛନ୍ତି । ଫଟୋରେ,ଶେହନାଜ ହସ୍ପିଟାଲ ଡ୍ରେସ ପିନ୍ଧି ବେଡରେ ଶୋଇଥିବାର ଦେଖାଯାଉଛି । ଶେହନାଜ ଗିଲଙ୍କୁ କାହିଁକି ହସ୍ପିଟାଲରେ ଭର୍ତ୍ତି କରାଯାଇଛି ଏବଂ ତାଙ୍କୁ କେତେ ଦିନ ପାଇଁ ଭର୍ତ୍ତି କରାଯାଇଛି ସେ ବିଷୟରେ କୌଣସି ସୂଚନା ନାହିଁ । ଏପରି ଏକ ଫଟୋ ସାମ୍ନାକୁ ଆସିବା ପରେ, ପ୍ରଶଂସକମାନେ ମଧ୍ୟ ସୋସିଆଲ ମିଡିଆରେ ତାଙ୍କର ଫଟୋ ପୋଷ୍ଟ କରୁଛନ୍ତି ଏବଂ ତାଙ୍କ ଶୀଘ୍ର ଆରୋଗ୍ୟ କାମନା କରୁଛନ୍ତି । ଜଣେ ପ୍ରଶଂସକ ଏକ୍ସରେ ଶେହନାଜଙ୍କ ଫଟୋ ପୋଷ୍ଟ କରି ଲେଖିଛନ୍ତି, 'ମୁଁ ଭାବିଥିଲି ତୁମେ ଭଲ ଅଛ । ଶେହନାଜ ଗିଲ୍, ତୁମକୁ ହସ୍ପିଟାଲ ବେଡରେ ଦେଖି ମୋତେ ଭଲ ଲାଗୁନାହିଁ । ଶୀଘ୍ର ସୁସ୍ଥ ହୁଅ ଏବଂ ଶୀଘ୍ର ସୁସ୍ଥ ହୁଅ । ଶେହନାଜ ଗିଲ 'ବିଗ୍ ବସ୍ ୧୩' ସହ ଦର୍ଶକଙ୍କ ହୃଦୟ ଜିତିଥିଲେ । ଶୋ'ରେ ଦିବଂଗତ ଅଭିନେତା ସିଦ୍ଧାର୍ଥ ଶୁକ୍ଳାଙ୍କ ସହ ତାଙ୍କର କେମେଷ୍ଟ୍ରିକୁ ବହୁତ ପସନ୍ଦ କରାଯାଇଥିଲା । ଏହି ଶୋ' ପରେ ତାଙ୍କୁ ଅନେକ ଅଫର ମିଳିଥିଲା ।



## 'ଛୁମନ୍ତର'ର ନାୟିକା ଅନନ୍ୟା ପାଣ୍ଡେ

ଏକାଧିକ ହରର କମେଡି ଫିଲ୍ମ ଜରିଆରେ ଦର୍ଶକଙ୍କ ମନୋରଞ୍ଜନ କରିବା ପରେ ରୋମାଣ୍ଟିକ୍ କମେଡିର ଯୋଜନା କରୁଛି ମ୍ୟାଡ଼ଡକ୍ ହରର ୟୁନିଭର୍ସ । ଫିଲ୍ମର ମୁଖ୍ୟ କଳାକାରଙ୍କ ନାଁ ମଧ୍ୟ ଚୂଡ଼ାନ୍ତ ହୋଇସାରିଛି । 'ଧକ୍ ଧକ୍' ନିର୍ଦ୍ଦେଶକ ତରୁନ ଡୁଡେଜାଙ୍କ ରୋମାଣ୍ଟିକ୍ କମେଡିରେ ପ୍ରଥମ ଥର ଏକାଠି ପରଦାକୁ ଆସିବେ ଅନନ୍ୟା ପାଣ୍ଡେ ଓ ଅଭୟ ବର୍ମା । ଏହି ସାଇନ୍ସ-ଫିକ୍ସନ୍ ରୋମାଣ୍ଟିକ୍ ଡ୍ରାମାର ଟାଇଟଲ୍ 'ଛୁମନ୍ତର' । ବର୍ଷ ଶେଷ ସୁଦ୍ଧା ଫିଲ୍ମଟି ସୁଟିଂ ଫ୍ଲୋର୍‌କୁ ଆସିବ । ଆସନ୍ତା ସେପ୍ଟେମ୍ବର ଆରମ୍ଭରେ ଫିଲ୍ମର ପ୍ରାକ୍-ପ୍ରଯୋଜନା କାମ ଆରମ୍ଭ ହେବ । ତେବେ ଫିଲ୍ମ ବିଷୟରେ ଅଧିକ ବିବରଣୀ ଏବଂ ଅନ୍ୟ କଳାକାରଙ୍କ ନାଁ ଅଦ୍ୟାବଧି ଘୋଷଣା ହୋଇନାହିଁ। ରିପୋର୍ଟ ଯଦି ସତ ହୁଏ, ମ୍ୟାଡ଼ଡକ୍ ସହିତ ଏହା ଅନନ୍ୟାଙ୍କର ପ୍ରଥମ ଫିଲ୍ମ ହେବ । ଅଭୟ ବର୍ମା ମଧ୍ୟ ପୁଣି ଥରେ ଏହି ବ୍ୟାନରକୁ ଫେରିବେ । ନିକଟରେ ମୁକ୍ତିପ୍ରାପ୍ତ 'କେଶରୀ-୨'ରେ ନିଜର ଭୂମିକା ଜରିଆରେ ଖୁବ୍ ପ୍ରଶଂସିତ ହୋଇଥିଲେ ଅନନ୍ୟା । ଏହା ପୂର୍ବରୁ 'କଲ୍ ମି ବେ' ଓ ନେଟ୍‌ଫ୍ଲିକ୍ସ ୱେବ୍ ସିରିଜ୍ 'ସିଟିଆରଏଲ୍'ରେ ତାଙ୍କୁ ବଡ଼ ସଫଳତା ମିଳିଥିଲା । ତାଙ୍କ ଅପକମିଙ୍ଗ ପ୍ରୋଜେକ୍ଟରେ ଅଛି ଧର୍ମା ପ୍ରଡକ୍ସନ୍ସର ଲଭ୍ ଷ୍ଟୋରୀ 'ଚାନ୍ଦ୍ ମେରା ଦିଲ୍' । ଫିଲ୍ମରେ ତାଙ୍କ ସହିତ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ଲକ୍ଷ୍ୟ । ଚଳିତ ବର୍ଷ ଫିଲ୍ମ ରିଲିଜ୍ ହେବାର ଯୋଜନା ରହିଛି ।



## ଦୀପିକାଙ୍କ ଜଲୱା

ଲୋକପ୍ରିୟ ଅଭିନେତ୍ରୀ ଦୀପିକା ପାଦୁକୋନ୍ ବଲିଉଡ୍‌ରେ ପ୍ରାୟ ୨ ଦଶନ୍ଧି ଧରି ଅନେକ ଚଳଚ୍ଚିତ୍ରରେ ନିଖୁଣ ଅଭିନୟ ଯୋଗୁ ଦର୍ଶକଙ୍କର ଢେର ପ୍ରଶଂସା ସାଉଣ୍ଟିଛନ୍ତି। କିଛିଦିନ ତଳେ ପ୍ରସିଦ୍ଧ ହଲିଉଡ୍ ୱାକ୍ ଅଫ୍ ଫେମ୍‌ରେ ପ୍ରଥମ ଭାରତୀୟ ଅଭିନେତ୍ରୀ ଭାବେ ତାଙ୍କୁ 'ଷ୍ଟାର' ସମ୍ମାନ ମିଳିଥିଲା। ଏବେ ତାଙ୍କ ସହ ଆଉ ଏକ ସଫଳତା ଯୋଡି ହୋଇଛି। ଦୀପିକାଙ୍କର ଏକ ଇନ୍‌ଷ୍ଟାଗ୍ରାମ ରିଲ୍ସ ୧.୯ ବିଲିୟନ ଭିଉଜ୍ ଅତିକ୍ରମ କରିଛି। ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଇନ୍‌ଷ୍ଟାଗ୍ରାମରେ ଦୀପିକାଙ୍କ ଏହି ଭିଡିଓ ସାରା ବିଶ୍ୱରେ ସର୍ବାଧିକ ଦେଖାଯାଇଥିବା ରିଲ୍ସ ଭାବେ ପରିଣତ ହୋଇଛି। ଦୀପିକା ସାଧାରଣତଃ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକରେ ବହୁ ସକ୍ରିୟ ରହିଥାନ୍ତି। ତାଙ୍କର ଇନ୍‌ଷ୍ଟାଗ୍ରାମରେ ୮୦ ମିଲିୟନ ଫଲୋଅର୍ସ ରହିଛନ୍ତି। ସେ ପ୍ରାୟତଃ ଇନ୍‌ଷ୍ଟାଗ୍ରାମରେ ନିଜ ବ୍ୟକ୍ତିଗତ ଏବଂ ବୃତ୍ତିଗତ ଜୀବନର ବିଭିନ୍ନ ଝଲକକୁ ଶେୟାର କରିଥାନ୍ତି। ପରିବାର ଲୋକଙ୍କ ସହ ବିଭିନ୍ନ ଫଟୋ ହେଉ ଅବା ଫିଲ୍ମ ସୁଟିଂ ସେଟ୍‌ର ଝଲକ, ଦୀପିକାଙ୍କ ବିଭିନ୍ନ ପୋଷ୍ଟକୁ ଇନ୍‌ଷ୍ଟାଗ୍ରାମରେ ୟୁଜର୍ସ ବେଶ୍ ପସନ୍ଦ କରିଥାନ୍ତି। ସେହିପରି ବିଭିନ୍ନ ଫଟୋସୁଟ୍ ସହ ସେ ପ୍ରମୋଟ କରୁଥିବା ବିଭିନ୍ନ ବ୍ରାଣ୍ଡର ଅପଡେଟଗୁଡ଼ିକୁ ମଧ୍ୟ ଦୀପିକା ତାଙ୍କ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଥାନ୍ତି। ସମ୍ପ୍ରତି ସେ ଅନେକ ଅନ୍ତର୍ଜାତୀୟ କମ୍ପାନୀର ଗ୍ଲୋବାଲ ବ୍ରାଣ୍ଡ ଆମ୍ବାସଡର ରହିଛନ୍ତି। ତେଣୁ ନିଜ ଇନ୍‌ଷ୍ଟାଗ୍ରାମ ମାଧ୍ୟମରେ ସେ ଉକ୍ତ ବ୍ରାଣ୍ଡଗୁଡ଼ିକୁ ପ୍ରମୋଟ କରିଥାନ୍ତି। ଦୀପିକା ଗ୍ଲୋବାଲ ହସ୍ପିଟାଲିଟି କମ୍ପାନୀ 'ହିଲ୍‌ଟନ'ର ବ୍ରାଣ୍ଡ ଆମ୍ବାସଡର ହୋଇଥିବାବେଳେ ଗତ ଜୁନ ୯ରେ ସେ କମ୍ପାନୀର ପ୍ରଚାର କରୁଥିବା ଏକ ରିଲ୍ସକୁ ଶେୟାର କରିଥିଲେ। ଉକ୍ତ ରିଲ୍ସରେ ଦୀପିକା ହିଲ୍‌ଟନର 'ଇଟ ମ୍ୟାଟର୍ସ ହ୍ୱେୟାର ୟୁ ଷ୍ଟେ' ଅଭିଯାନ ଅନ୍ତର୍ଗତ କମ୍ପାନୀର ବିଭିନ୍ନ ହୋଟେଲରେ ଥିବା ଆରାମଦାୟକ ସୁବିଧା ସମ୍ପର୍କରେ ଅବଗତ କରାଉଥିଲେ। ସୋମବାର ସୁଦ୍ଧା ଏହି ରିଲ୍ସର ଭିଉଜ୍ ୧.୯ ବିଲିୟନ ଅତିକ୍ରମ କରିଥିବା ବେଳେ ୧ ମିଲିୟନ ୟୁଜର୍ସ ଉକ୍ତ ରିଲ୍ସକୁ ଲାଇକ କରିଛନ୍ତି। ପୂର୍ବରୁ ଭାରତୀୟ କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟା ମୋବାଇଲ ଗେମିଂ ପ୍ଲାଟ୍‌ଫମ ବ୍ୟାଟଲ ଗ୍ରାଉଣ୍ଡସ୍ ମୋବାଇଲ ଇଣ୍ଡିଆ (ବିଜିଏମ୍‌ଆଇ) ପାଇଁ କରିଥିବା ବିଜ୍ଞାପନ ରିଲ୍ସ ୧.୬ ବିଲିୟନ ଭିଉଜ୍ ପାଇଥିଲା। ଦୀପିକାଙ୍କ ହିଲଟନ୍ ପ୍ରମୋଶନ ରିଲ୍ସ ଉକ୍ତ ରେକର୍ଡକୁ ଭାଙ୍ଗିଛି। ପ୍ରକାଶ ଯେ, ସମ୍ପ୍ରତି ଦୀପିକା ଏଟଲିଙ୍କ ନିର୍ଦ୍ଦେଶିତ 'ଏଏ୨୨ଋଏ୬' ଫିଲ୍ମର ଶୁଟିଂରେ ବ୍ୟସ୍ତ ଅଛନ୍ତି। ଫିଲ୍ମରେ ସାଉଥ୍ ସୁପରଷ୍ଟାର ଅଲ୍ଲୁ ଅର୍ଜୁନଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଆସନ୍ତା ବର୍ଷ ଉକ୍ତ ଫିଲ୍ମ ମୁକ୍ତିଲାଭ କରିବ।

## ଆଜି ଅଙ୍ଗଦାନ ଦିବସ

# ଅଙ୍ଗଦାନ କ'ଣ



*ଅଙ୍ଗଦାନ ଏପରି ଏକ ପ୍ରକ୍ରିୟା ଯେଉଁଥିରେ ଜଣେ ବ୍ୟକ୍ତି (ମୃତ ଓ ଜୀବିତ) ଠାରୁ ସୁସ୍ଥ ଅଙ୍ଗ ଏବଂ ଟିସୁକୁ ନେଇ ଅନ୍ୟ ବ୍ୟକ୍ତିଙ୍କ ଠାରେ ରୋପଣ କରାଯାଏ । ଗୋଟିଏ ବ୍ୟକ୍ତିର ଶରୀରରୁ ୫୦ଜଣ ରୋଗୀ ଉପକୃତ ହୋଇପାରନ୍ତି...*

**କେଉଁ କେଉଁ ଅଙ୍ଗ ଦାନ କରାଯାଏ:** ଆମ ଦେଶରେ ଯକୃତ, ବୃକକ୍, ହୃତ୍‌ପିଣ୍ଡ, ଅଗ୍ନ୍ୟାଶୟ ପ୍ରତ୍ୟାରୋପଣ କରିବାର ସୁବିଧା ରହିଛି । ଏହାବ୍ୟତୀତ ଇଣ୍ଟେଷ୍ଟାଇନ୍, ଫୁସ୍‌ଫୁସ୍, ତ୍ୱଚା, ଅସ୍ଥି ଏବଂ ଅସ୍ଥିମଜ୍ଜା ଓ ଆଖି ଆଦି ମଧ୍ୟ ଦାନ କରାଯାଏ ।

**କେତେ ପ୍ରକାରର ଅଙ୍ଗଦାନ:** ଅଙ୍ଗଦାନ ଦୁଇ ପ୍ରକାରର ଯଥା - ସମ୍ପୂର୍ଣ୍ଣ ଅଙ୍ଗଦାନ ଏବଂ ଟିସୁ ଦାନ । ଅଙ୍ଗଦାନ ଅଧୀନରେ ବୃକକ୍, ଯକୃତ, ହୃତ୍‌ପିଣ୍ଡ, ଅନ୍ତ୍ରନଳୀ, ଅଗ୍ନ୍ୟାଶୟ, ଫୁସ୍‌ଫୁସ୍ ଆଦି ଦାନ କରାଯାଏ । ଟିସୁ ଦାନରେ ରହିଛି ଆଖି, ଅସ୍ଥିମଜ୍ଜା ଏବଂ ତ୍ୱଚା । ଅଧିକାଂଶ ଅଙ୍ଗ ମନୁଷ୍ୟର ମୃତ୍ୟୁ ପରେ ଦାନ କରାଯାଏ। କିଛି ଅଙ୍ଗ ଏବଂ ଟିସୁ ମନୁଷ୍ୟର ଜୀବିତାବସ୍ଥାରେ ମଧ୍ୟ ଦାନ କରାଯାଇପାରେ । ଜୀବିତ ବ୍ୟକ୍ତିଙ୍କ ଦ୍ୱାରା ଦାନ କରାଯାଉଥିବା ସାଧାରଣ ଅଙ୍ଗ ହେଉଛି ବୃକକ୍। କାରଣ ଦାନ ଦେଉଥିବା ବ୍ୟକ୍ତି ଗୋଟିଏ ବୃକକ୍ ସହ ସ୍ୱାଭାବିକ ଭାବରେ ବଞ୍ଚିପାରେ । ମୃତ ଶରୀରର ବୃକକ୍ ଅପେକ୍ଷା ଜୀବିତ ବ୍ୟକ୍ତିର ବୃକକ୍ ପ୍ରତ୍ୟାରୋପଣ ଅଧିକ ସଫଳ ଭାବରେ କାର୍ଯ୍ୟକରେ। ଭାରତରେ ହେଉଥିବା ଅଧିକାଂଶ ବୃକକ୍ ପ୍ରତ୍ୟାରୋପଣ ଜୀବିତ ଦାତାଙ୍କ ଠାରୁ ହିଁ ମିଳେ । ଫୁସ୍‌ଫୁସ୍ ଏବଂ ଯକୃତ କିଛି ମଧ୍ୟ ଜୀବିତ ବ୍ୟକ୍ତି ଦାନ କରିପାରେ । ଆଖି ସମେତ ଅନ୍ୟ ସମସ୍ତ ଅଙ୍ଗ ମୃତ୍ୟୁ ପରେ ହିଁ ଦାନ କରାଯାଏ । ଘରେ ହେଉଥିବା ସାଧାରଣ ମୃତ୍ୟୁ ମାମଲାରେ କେବଳ ଆଖି ଦାନ କରାଯାଇପାରେ । କୌଣସି ବ୍ୟକ୍ତି ବ୍ରେନ୍ ଡେଡ୍ ଘୋଷିତ ହେଲେ ଏବଂ ତାଙ୍କୁ ଭେଣ୍ଟିଲେଟର ବା ଲାଇଫ୍ ସର୍ପୋଟ ସିଷ୍ଟମରେ ରଖାଯାଇଥିଲେ ତାଙ୍କର ଶରୀରରୁ ଅନ୍ୟ ଅଙ୍ଗ ଗ୍ରହଣ କରିହୁଏ ।

**ସାଧାରଣ ମୃତ୍ୟୁ ଏବଂ ବ୍ରେନ୍ ଡେଥ୍ ମଧ୍ୟରେ କ'ଣ ଫରକ :** ସାଧାରଣ ମୃତ୍ୟୁରେ ବ୍ୟକ୍ତିର ସମସ୍ତ ଅଙ୍ଗ କାମ କରିବା ବନ୍ଦ କରିଦିଏ । ତାହାର ହୃଦ୍‌ସ୍ପନ୍ଦନ ବନ୍ଦ ହୋଇଯାଏ, ରକ୍ତ ସଞ୍ଚାଳନ ଅଟକିଯାଏ । ଏ ପରିସ୍ଥିତିରେ ଆଖିକୁ ଛାଡ଼ି ଦେଲେ ଅନ୍ୟ ସମସ୍ତ ଅଙ୍ଗ ଅନାବଶ୍ୟକ ହୋଇଯାଏ । ରକ୍ତ କୋଷ ନଥିବାରୁ ମୃତ୍ୟୁପରେ କିଛି ଘଣ୍ଟା ପର୍ଯ୍ୟନ୍ତ ଆଖି ଉପରେ କୌଣସି ଫରକ୍ ପଡ଼େ ନାହିଁ । ବ୍ରେନ୍ ଡେଥ୍ ଏପରି ମୃତ୍ୟୁ ଯେଉଁଥିରେ କୌଣସି କାରଣରୁ ମନୁଷ୍ୟର ମସ୍ତିଷ୍କ ଆଘାତପ୍ରାପ୍ତ ହୋଇଥାଏ । ଏହି ଆଘାତ ଦୁର୍ଘଟଣା, ବ୍ରେନ୍ ଟ୍ୟୁମର କିମ୍ବା ଷ୍ଟ୍ରୋକ୍ ଯୋଗୁଁ ହୋଇଥାଏ । ଏପରି ରୋଗୀଙ୍କ ମସ୍ତିଷ୍କର ମୃତ୍ୟୁ ଘଟିଥାଏ, ହେଲେ ସେମାନଙ୍କର ବାକି ଅଙ୍ଗ ଠିକ୍ ଭାବରେ କାମ କରୁଥାଏ । ଅନେକ ଲୋକ କୋମା ଏବଂ ବ୍ରେନ୍ ଡେଥ୍ ସମାନ ବୋଲି ଭାବନ୍ତି । କିନ୍ତୁ କୋମାରେ ଥିବା ରୋଗୀ ସ୍ୱାଭାବିକ ଅବସ୍ଥାକୁ ଫେରିପାରେ । କିନ୍ତୁ ବ୍ରେନ୍ ଡ଼େଥ୍‌ରେ ଜୀବନର କୌଣସି ସମ୍ଭାବନା ନଥାଏ । ବ୍ରେନ୍ ଡେଥ ବ୍ୟକ୍ତିର ଆଖିକୁ ଛାଡ଼ି ବାକି ସବୁ ଅଙ୍ଗ ପ୍ରତ୍ୟାରୋପଣ ପାଇଁ ଗ୍ରହଣ କରାଯାଇପାରେ ।

**କିଏ ଦେଇପାରିବେ ଅଙ୍ଗ :** ଯେ କୌଣସି ବ୍ୟକ୍ତି ଅଙ୍ଗଦାନ କରିପାରିବେ । ବୟସ ସହ ଏହାର କୌଣସି ସମ୍ପର୍କ ନାହିଁ । ନବଜାତ ଶିଶୁ ଠାରୁ ଆରମ୍ଭ କରି ୯୦ ବର୍ଷ ବୟସ୍କ ବ୍ୟକ୍ତିଙ୍କ ଠାରୁ ଗ୍ରହଣ କରାଯାଇଥିବା ଅଙ୍ଗ ପ୍ରତ୍ୟାରୋପଣ ସଫଳ ହୁଏ । ଅଙ୍ଗଦାନ ପାଇଁ ଇଚ୍ଛୁକ ବ୍ୟକ୍ତିର ବୟସ ୧୮ବର୍ଷରୁ କମ୍ ହୋଇଥିଲେ ଏଥିପାଇଁ ଉଦ୍ଦିଷ୍ଟ ଫର୍ମ ପୂରଣ କରିବା ପୂର୍ବରୁ ମା-ବାପାଙ୍କ ଅନୁମତି ନେବା ଜରୁରୀ ।

**କେମିତି ହୁଏ ଅଙ୍ଗଦାନ :** ଯେଉଁ ବ୍ୟକ୍ତିଙ୍କର ବ୍ରେନ୍ ଡ଼େଥ୍ ହୋଇଯାଏ ଡାକ୍ତର ସେମାନଙ୍କୁ ଭେଣ୍ଟିଲେଟରରେ ରଖନ୍ତି । ଡାକ୍ତରମାନଙ୍କର ଏକ ପ୍ୟାନେଲ ଏହା ଘୋଷଣା କରନ୍ତି । ଏହାର ଆଉ କିଛି ସମୟ ପରେ ପୁଣି ଥରେ ବ୍ରେନ୍ ଡେଥ୍ ସମ୍ପର୍କରେ ଘୋଷଣା କରାଯାଏ । ଏହାପରେ ପରିବାରବର୍ଗଙ୍କ ସମ୍ମତିରେ ଏବଂ କାନୁନୀ ପ୍ରକ୍ରିୟା ପୂର୍ଣ୍ଣ କରିବା ପରେ ମୃତ ବ୍ୟକ୍ତିର ଶରୀରରୁ ଅଙ୍ଗ ବାହାର କରାଯାଏ । ଏଥିପାଇଁ ଶରୀରକୁ ଗୋଟିଏ ଲମ୍ବାରେ ଚିରାଯାଏ । ଅଙ୍ଗ ବାହାର କରିବା ସମୟରେ ଶରୀରକୁ ସମ୍ପୂର୍ଣ୍ଣ ସମ୍ମାନର ସହ ରଖାଯାଏ । ଅଙ୍ଗ ଗ୍ରହଣ କରାଯାଇ ସାରିବା ପରେ ଏହାକୁ ସଫା କରି ପରିଜନଙ୍କୁ ଅର୍ପଣ କରାଯାଏ । ଏହି ପ୍ରକ୍ରିୟାରେ ପ୍ରାୟ ୬-୭ଘଣ୍ଟା ଲାଗିଯାଏ ।

**ପ୍ରତିବନ୍ଧକ କେଉଁଠି :** ଅର୍ଗାନ୍ ଡୋନେସନ୍ ଆକ୍ଟ, ୧୯୯୪ର ନିୟମ ଅନୁଯାୟୀ ଯେଉଁ ଡାକ୍ତରଖାନାରେ ପ୍ରତ୍ୟାରୋପଣ ସୁବିଧା ଅଛି କେବଳ ସେହିଠାରେ ଅଙ୍ଗଦାନ କରିହେବ । ଏହା ଏକ କଷ୍ଟକର ନିୟମ । ଏହାଦ୍ୱାରା ଦୂରଦୂରାନ୍ତରେ ଥିବା ଲୋକମାନେ ଅଙ୍ଗଦାନ କରି ମହତ୍ କାର୍ଯ୍ୟରୁ ବଞ୍ଚିତ ହୁଅନ୍ତି । ଏହି ସମସ୍ୟାକୁ ଦେଖି ସରକାର ୨୦୧୧ ମସିହାରେ ଏ ନିୟମରେ କିଛି ପରିବର୍ତ୍ତନ କରିଛନ୍ତି । ନୂଆ ନିୟମ ଅନୁଯାୟୀ କୌଣସି ଡାକ୍ତରଖାନାରେ ପ୍ରତ୍ୟାରୋପଣ ସୁବିଧା ନଥିଲେ ବି ସେଠାରେ ଆଇସିୟୁ ଥିଲେ ଅଙ୍ଗଦାନ କରିହେବ । ଏହା ଲାଗୁ ହେବା ପରେ ଅଙ୍ଗଦାନ ଆଉ ଦ୍ରୁତ ଓ ସୁବିଧାଜନକ ହେବ । ବର୍ତ୍ତମାନ ଅଙ୍ଗଦାନ ସହ ଜଡ଼ିତ ଆଇନ କଷ୍ଟକର ଥିବାରୁ ବର୍ଷରେ ମାତ୍ର ୫୦-୬୦ଜଣ ବ୍ୟକ୍ତିହିଁ ଅଙ୍ଗଦାନ କରିପାରୁଛନ୍ତି ।

**କ'ଣ କରାଯାଏ ? :** ଡାକ୍ତର ଏସବୁ ଅଙ୍ଗକୁ ଶୀଘ୍ର ଏପରି ରୋଗୀଙ୍କ ଠାରେ ପ୍ରତ୍ୟାରୋପଣ କରିଦିଅନ୍ତି ଯାହାଙ୍କୁ ଏହାର ଆବଶ୍ୟକତା ଥାଏ । ଡାକ୍ତରଖାନା ପାଖରେ ଅର୍ଗାନ୍ ଡୋନେସନ୍‌ର ଏକ ୱେଟିଙ୍ଗ ଲିଷ୍ଟ ଥାଏ । ଅଙ୍ଗ ପ୍ରତ୍ୟାରୋପଣ ପାଇଁ ବ୍ଲଡ଼ ଗ୍ରୁପ୍ ମେଳକ ଓ ଅନ୍ୟ କେତେକ ଟେଷ୍ଟ କରାଯାଏ । ଯକୃତ କଢ଼ାଯିବାର ୬ଘଣ୍ଟା ମଧ୍ୟରେ ପ୍ରତ୍ୟାରୋପିତ ହେବା ଆବଶ୍ୟକ । ବୃକକ୍ ୧୨ ଘଣ୍ଟା ମଧ୍ୟରେ ଓ ଆଖି ୩ ଦିନ ମଧ୍ୟରେ ଲଗାଇ ଦିଆଯିବା ଆବଶ୍ୟକ । ଦାତାଙ୍କ ଶରୀରରୁ କଢ଼ାଯାଇଥିବା ଅଙ୍ଗ ଯେତେ ଶୀଘ୍ର ପ୍ରତ୍ୟାରୋପଣ କରାଯାଏ ତାର କାମ କରିବା କ୍ଷମତା ଓ ସମ୍ଭାବନା ସେତେ ଅଧିକ ହୋଇଯାଏ ।

**ଚକ୍ଷୁଦାନ :** ନିଜ ମୃତ୍ୟୁ ପରେ ଚକ୍ଷୁଦାନ କରିବା ସମ୍ପର୍କରେ ନିଷ୍ପତ୍ତି ଯେ କୌଣସି ବ୍ୟକ୍ତି ନେଇପାରିବେ, ଏହାର କୌଣସି ସର୍ବୋଚ୍ଚ ବୟସ ସୀମା ନାହିଁ । ଜୀବିତ ବ୍ୟକ୍ତି ଆଖିଦାନ କରିପାରିବେ ନାହିଁ । ଆଖିରେ ସମସ୍ୟା ଥିଲେ, ମଧୁମେହ ରୋଗୀ ହୋଇଥିଲେ ବି ଜଣେ ଚକ୍ଷୁଦାନ କରିପାରିବ । ଏପରିକି ଅପ୍ଟିକାଲ ନର୍ଭ ସମସ୍ୟା ଯୋଗୁଁ ଦୃଷ୍ଟିହୀନ ହୋଇଥିବା ବ୍ୟକ୍ତିଙ୍କର ସୁସ୍ଥ କନିନିକା (କର୍ଣ୍ଣିଆ) ମଧ୍ୟ ଦାନ କରାଯାଇପାରିବ । କର୍ଣ୍ଣିଆରେ ରକ୍ତକୋଷ ନଥିବାରୁ ଏହା ଯେକୌଣସି ବ୍ୟକ୍ତିଠାରେ ପ୍ରତ୍ୟାରୋପିତ ହୋଇପାରିବ । ଏଥିପାଇଁ ମେଳକ ଆବଶ୍ୟକ ହୁଏ ନାହିଁ ।

**କାହାକୁ ଯୋଗାଯୋଗ କରିବେ :** ଯଦି କୌଣସି ମୃତ ବ୍ୟକ୍ତିର ଆଖି ଦାନ କରିବାକୁ ହୁଏ କିମ୍ବା ଜୀବିତ ବ୍ୟକ୍ତି ଚକ୍ଷୁଦାନ କରିବାକୁ ଚାହାନ୍ତି ତେବେ ଏଥିପାଇଁ ଫର୍ମ ପୂରଣ କରିବାକୁ ଚକ୍ଷୁବ୍ୟାଙ୍କ ସହ ଯୋଗାଯୋଗ କରିବାକୁ ହେବ । ଚକ୍ଷୁଦାନ ପାଇଁ କେନ୍ଦ୍ରୀୟ ନମ୍ବର ୧୯୧୯କୁ ଆପଣ ଡାଏଲ୍ କରିପାରନ୍ତି । ସେମିତି ୧୯୯୦୧୬୦୧୬୦ ନମ୍ବରରେ ମଧ୍ୟ ଆପଣ ଯୋଗାଯୋଗ କରିପାରିବେ ।

**କ'ଣ କରିବେ ଆପଣ :** ଆପଣ ଯେଉଁ ଅଙ୍ଗଦାନ କରିବାକୁ ଚାହୁଁଛନ୍ତି ସେଥିପାଇଁ ଉଦ୍ଦିଷ୍ଟ ଫର୍ମରେ ଉଲ୍ଲେଖ କରିପାରିବେ । ଏହାପରେ ଆପଣଙ୍କୁ ଏକ ଡୋନ୍‌ର କାର୍ଡ଼ ମିଳିବ । ଯଦି ଆପଣ ଏ ସମ୍ପର୍କରେ ନିଜ ପରିଜନଙ୍କୁ ନଜଣାନ୍ତି, ତେବେ ଏହାର କୌଣସି ମୂଲ୍ୟ ରହିବ ନାହିଁ । କାରଣ ଆପଣଙ୍କ ମୃତ୍ୟୁ ପରେ ସେମାନେ ହିଁ ଔପଚାରିକ ଭାବେ ଏହାକୁ ଦାନ କରିବେ । ପରିଜନ ଚାହିଁଲେ ଆପଣ ଫର୍ମ ପୂରଣ କରିନଥିଲେ ବି ଅଙ୍ଗଦାନ କରିପାରିବେ । ଆଖି ବ୍ୟତୀତ ଅନ୍ୟ କୌଣସି ଅଙ୍ଗ ଦାନ କରିବା ପାଇଁ କାହାକୁ ଯୋଗାଯୋଗ କରିବାକୁ ହୁଏନି । କାରଣ କେବଳ ବ୍ରେନ୍ ଡେଥ୍ ଘୋଷିତ ହେବା ପରେ ଡାକ୍ତରମାନେ ଲାଇଫ୍ ସର୍ପୋଟ ସିଷ୍ଟମରେ ରଖିଲେ ହିଁ ଅନ୍ୟ ଅଙ୍ଗ ଦାନ ହୋଇପାରିବ । ଅଙ୍ଗଦାନ କରିବା ପାଇଁ ପରିଜନଙ୍କୁ କୌଣସି ଖର୍ଚ୍ଚ କରିବାକୁ ହୁଏ ନାହିଁ। ଜୀବିତ ବ୍ୟକ୍ତି ଅଙ୍ଗଦାନ କରିବା ପ୍ରକ୍ରିୟାରେ ଆଇନଗତ ପ୍ରତିବନ୍ଧକ ଅଛି । ପରିସ୍ଥିତିର ସମ୍ପୂର୍ଣ୍ଣ ଆକଳନ ପରେ ହିଁ ଏପରି କରିବା ସମ୍ଭବ । ଆମ ଦେଶରେ 'ଦି ଟ୍ରାନ୍ସପ୍ଲାଣ୍ଟ ଅଫ୍ ହ୍ୟୁମାନ ଅର୍ଗାନ୍ ଆକ୍ଟ-୧୯୯୪' ଅନୁଯାୟୀ ସମ୍ପୂର୍ଣ୍ଣ ପ୍ରତ୍ୟାରୋପଣ କାର୍ଯ୍ୟକ୍ରମ ହୁଏ । କୌଣସି ବ୍ୟକ୍ତି ଅଙ୍ଗ କିଣାବିକା କରିପାରିବେ ନାହିଁ । ଯେଉଁ ବ୍ୟକ୍ତିଠାରେ ପ୍ରତ୍ୟାରୋପଣ ହେବ କେବଳ ତାର ପରିବାର, ପରିଜନ ଓ ନିକଟତମ ସମ୍ପର୍କୀୟମାନେ ହିଁ ଅଙ୍ଗଦାନ କରିପାରିବେ । ଏହାର ସମ୍ପୂର୍ଣ୍ଣ ଯାଞ୍ଚ ହୁଏ । ଏମାନଙ୍କ ମଧ୍ୟରେ ମାତା-ପିତା, ପତି-ପତ୍ନୀ, ସନ୍ତାନ-ସନ୍ତିତ, ଭାଇ-ଭଉଣୀ ଆଦି ସାମିଲ । ଏମାନଙ୍କୁ ପ୍ରଲୋଭନ ଦେଇ ପ୍ରତ୍ୟାରୋପଣ ପାଇଁ ଅଙ୍ଗଦାନ କରାଇବା ମଧ୍ୟ ବେଆଇନ ।

*ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର, ଅବସରପ୍ରାପ୍ତ ପ୍ରଫେସର,*
*ହେପାଟୋଲୋଜି ବିଭାଗ*
*ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ମୋ-୯୪୩୭୦୫୧୯୫୭*

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର






ବୋଲଗଡ, (ଭାସ୍କର ନ୍ୟୁଜ୍): ବଡବେରଣା ଗ୍ରାମ ସ୍ଥିତ ଜୟ ଜଗନ୍ନାଥ କ୍ଲବ ପରିସରରେ ବେଗୁନିଆ ମିଡ଼ିଆ ହାଉସ ଓ ସମ୍ମିଳିତ କର୍ମଜୀବୀ ଖୋର୍ଦ୍ଧା ଶାଖା ସାମ୍ବାଦିକ ସଂଘ ପକ୍ଷରୁ ବରିଷ୍ଠ ସାମ୍ବାଦିକ ଭଗବାନ ପଣ୍ଡାଙ୍କ ଆବାହକତ୍ୱରେ ବିଶ୍ୱ ବନ୍ଧୁତା ଦିବସ ଅବସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘର ରାଜ୍ୟ କମିଟିର ଯୁଗ୍ମ ସମ୍ପାଦକ ଶରତ ଚନ୍ଦ୍ର ବାରିକ, ଜିଲ୍ଲା ସଭାପତି ହେମନ୍ତ କୁମାର ବେହେରା, ଉପ ସଭାପତି ରଜନୀକାନ୍ତ ଜଗଦେବ ଓ କୋଷାଧ୍ୟକ୍ଷ ମଞ୍ଜୁଲତା ଇନ୍ଦ୍ରଜିତ ଅତିଥି ଭାବେ ଯୋଗ ଦେଇ ବୃକ୍ଷ ରୋପଣ କରିବା ସହ ସୁସ୍ଥ ପରିବେଶ ସୃଷ୍ଟି କରିବା ପାଇଁ ସମସ୍ତେ ଉଦ୍ୟମ ଆରମ୍ଭ କରିବା ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ସାମ୍ବାଦିକ ମାନସ ରଞ୍ଜନ କର, ଅଜୟ କୁମାର ସେଠୀ, ଯୋଗେଶ୍ୱର ପଣ୍ଡା, କ୍ଲବ ସଦସ୍ୟ ନିଖିଳ ବିହାରୀ ମହାପାତ୍ର, ଗୌରବ ପଣ୍ଡା, ସୁଶାନ୍ତ କୁମାର ରଣା ପୂର୍ଣ୍ଣଚନ୍ଦ୍ର ସେଠୀ ଓ ରାଜ କିଶୋର ଦାଶ ପ୍ରମୁଖ ସହଯୋଗ କରିଥିଲେ।

## ଆତ୍ମହତ୍ୟା ଉଦ୍ୟମ କରୁଥିବା ଯୁବକଙ୍କୁ ବଞ୍ଚାଇଲେ ଚାଷୀ

ଡେରାବିଶ, (ଭାସ୍କର ନ୍ୟୁଜ୍): କଟକ-ଚାନ୍ଦବାଲି ରାଜରାସ୍ତାର କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଚଣ୍ଡିବଜାର ନିକଟସ୍ଥ ରାମଚଣ୍ଡୀ ଛକରେ ଥିବା ଏକ ପାନଦୋକାନ କ୍ୟାବିନରେ ରଶିଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣେ ଯୁବକଙ୍କୁ ନିକଟସ୍ଥ ଗ୍ରାମର ଜଣେ ଚାଷୀ ଉଦ୍ଧାର କରିଛନ୍ତି। ସୂଚନାରୁ ପ୍ରକାଶ ଆଜି ପୂର୍ବାହ୍ନରେ ଆଳି ଅଞ୍ଚଳର ଅଭିରାମ ଜେନା (୫୨) ବସ୍‌ରୁ ଓହ୍ଲାଇ ରାମଚଣ୍ଡୀ ଛକରେ ବନ୍ଦ ଅବସ୍ଥାରେ ରହିଥିବା ଏକ ପାନ ଓ ଜଳଖିଆ ଦୋକାନର ବେଂଚରେ ବସିଥିଲେ। ତେବେ ସେ କିଛି ସମୟ ବସିଲା ପରେ ତାଙ୍କର କ'ଣ ହେଲା କେଜାଣି ସେ ତାଙ୍କର ପାଖରେ ରଖିଥିବା ଏକ ଗାମୁଛାରେ କ୍ୟାବିନର ଉପର ସେଣିରେ ରଶି ଲଗାଇ ଦେଇଥିଲେ। ତେବେ ଏହି ସମୟରେ ନିକଟସ୍ଥ ଗ୍ରାମର କିଛି ଚାଷୀ ତାଙ୍କ ବିଲକୁ ଯାଉଥିବା ବେଳେ ଏହି ଘଟଣା ଦେଖି ଦଉଡ଼ି ଆସି ଜଣେ ତାଙ୍କୁ ଟେକି ଧରିବା ସହିତ ଅନ୍ୟଜଣେ ପାଖରେ ରଖିଥିବା ଏକଦା ସାହାଯ୍ୟରେ ଗାମୁଛାକୁ କାଟି ପକାଇଥିଲେ। ହେଲେ ସେତେବେଳକୁ ଅଭିରାମ ଚେତାଶୂନ୍ୟ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକମାନେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଡକାଇ ତୁରନ୍ତ କେନ୍ଦ୍ରାପଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ।

## ଶତାଧିକ କୁନି କାଉଡ଼ିଆଙ୍କ ଜଳାଭିଷେକ



ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଦାନପୁର ପଂଚାୟତ ଅନ୍ତର୍ଗତ ନରସିଂହପୁର ଗ୍ରାମ ସ୍ଥିତ ଭବକୁଣ୍ଡଳେଶ୍ୱର ମହାଦେବଙ୍କ ପୀଠରେ ଆଜି ଶତାଧିକ କୁନି କାଉଡ଼ିଆ ଜଳାଭିଷେକ କରିଛନ୍ତି। ଶ୍ରାବଣ ମାସର ଶୁଭ ସୋମବାରରେ ଦେବଦେବ ମହାଦେବଙ୍କୁ ଜଳାଭିଷେକ କଲେ ମହାପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି। ଏହି କ୍ରମରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ଶୈବ ପୀଠରେ ସୋମବାର ଦିନ କାଉଡ଼ିଆମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥାଏ। ନରସିଂହପୁର ଗ୍ରାମର ଶତାଧିକ କୁନିକୁନି ପୁଅଝିଅ ନିକଟସ୍ଥ ପବିତ୍ର ଲୁଣାନଦୀରୁ ପୂଜାର୍ଚ୍ଚନା ପୂର୍ବକ କଳସୀରେ ଜଳ ସଂଗ୍ରହ କରି ଭବକୁଣ୍ଡଳେଶ୍ୱର ମହାଦେବଙ୍କ ମସ୍ତକରେ ଢ଼ାଳିଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମର ଶତାଧିକ ବ୍ୟକ୍ତି ସହଯୋଗ କରିଥିଲେ।

# ଚତୁର୍ଥ ଦିନରେ ପାଞ୍ଚପୀଢ଼କୁ ଜିଲ୍ଲା ଘୋଷଣା ଦାବିରେ ଗଣଧାରଣା

କରଞ୍ଜିଆ, (ଭାସ୍କର ନ୍ୟୁଜ୍): ପାଞ୍ଚପୀଢ଼କୁ ଜିଲ୍ଲା ଘୋଷଣା ଦାବୀରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଚତୁର୍ଥ ଦିନରେ ପହଞ୍ଚିଛି। ଚତୁର୍ଥ ଦିନର ଧାରଣାର ନେତୃତ୍ୱ ନେଇଥିଲେ ଅବସର ପ୍ରାପ୍ତ କର୍ମଚାରୀ ସଂଘ ଠାକୁରମୁଣ୍ଡା ବ୍ଲକ ସଭାପତି ପଦ୍ମ ଲୋଚନ ନନ୍ଦ, ମାରୱାଡ଼ି ଯୁବାମଞ୍ଚର ସଭାପତି ଅଭିଷେକ ଅଗ୍ରୱାଲା ଓ ଅବସର ପ୍ରାପ୍ତ କର୍ମଚାରୀ ସଂଘ ସଭାପତି ସବିତା ମହାନ୍ତି। ପାଞ୍ଚପିଢ଼ ପ୍ରଗତିମଞ୍ଚ ର ଦୀର୍ଘ ଦିନର ଦାବୀ ଥିଲା ଉପଖଣ୍ଡର ସଦର ମହକୁମା ରେ ଏଡିଏମ, କାର୍ଯ୍ୟାଳୟ, ଏଆରଟିଓ କାର୍ଯ୍ୟଳୟ, ଅତିରିକ୍ତ ଏସପିଙ୍କ କାର୍ଯ୍ୟାଳୟ, କରଞ୍ଜିଆ ରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ସହିତ ଆହୁରି ଅନେକ ଜିଲ୍ଲା ସ୍ତରୀୟ କାର୍ଯ୍ୟାଳୟ ଖୋଲି ଜନସାଧାରଣଙ୍କୁ ତୁରିତ୍ ସେବା ଯୋଗାଇବା ହେଲେ ଦାବି ପ୍ରତି କୌଣସି ସରକାର କର୍ଣ୍ଣପାତ କରିନଥିଲେ। ବରଂ ପଡଶୀ ଉପଖଣ୍ଡ କୁ ପୋଲିସ ଜିଲ୍ଲା ଭାବେ ଘୋଷଣା କଲେ ଓ ଗୋଟିଏ ସପ୍ତାହ ପରେ ସେଇ ଉପଖଣ୍ଡର ୬ ଟି ବ୍ଲକକୁ ଆଙ୍କାଂକ୍ଷୀ ଯୋଜନା ରେ ସାମିଲ କରି ପାଞ୍ଚପିଢ଼ ବାସୀଙ୍କୁ ଉପେକ୍ଷା କଲେ ଫଳରେ ପାଞ୍ଚପିଢ଼ ପ୍ରଗତି ମଞ୍ଚର ଡାକରାରେ ଆନ୍ଦୋଳନ ଉଗ୍ରରୂପ




ଧାରଣକଲା କଆନ୍ଦୋଳନ ତୀବ୍ର ରୂପ ନେଇ ୨ ଅଗଷ୍ଟରୁ ଗଣଧାରଣା ଦେଲା ପ୍ରଗତି ମଞ୍ଚ। ସରକାର ଛୋଟଛୋଟ ବ୍ଲକକୁ ନେଇ ଜିଲ୍ଲା ଗଠନ କରିଛନ୍ତି ହେଲେ ପାଞ୍ଚପିଢ଼ରେ ପାଞ୍ଚଟି ବ୍ଲକ ଓ ଗୋଟାଏ ଏନ୍‌ଏସି ଥାଇ ମଧ ଜିଲ୍ଲାର ମାନ୍ୟତା ପାଇଲା ନାହିଁ। ପାଞ୍ଚପିଢ଼କୁ ଜିଲ୍ଲା ଘୋଷଣାର ଯଥାର୍ଥତା ଓ ଆବଶ୍ୟକତା ରହିଛି। ଏହି ଦୃଷ୍ଟିରୁ ପାଞ୍ଚପିଢ ପ୍ରଗତି ମଞ୍ଚ ପକ୍ଷରୁ ଜିଲ୍ଲା ଘୋଷଣା ଦାବି ହୋଇଥିଲା। କରଞ୍ଜିଆର ପ୍ରଗତିମଞ୍ଚର ଦାବି ଯଥାର୍ଥ, ଭୌଗଳିକ ଦୃଷ୍ଟିକୋଣରୁ ଉପଖଣ୍ଡ ର ସଦର ମହକୁମା ଠାରୁ ଜିଲ୍ଲାର ସଦରମହକୁମାର ଦୂରତ୍ୱ ୧୨୫ କିମି ହେବ ଏହାର ଅନେକ ଅଞ୍ଚଳ ରହିଛି ଯାହାର ଦୂରତା ୨୦୦ କିମିରୁ ଉର୍ଦ୍ଧ୍ୱ ହେବ। ଏମାନଙ୍କୁ ତ୍ୱରିତ ସେବା ଯୋଗାଇବା ପାଇଁ ପାଞ୍ଚପିଢ଼କୁ ଜିଲ୍ଲା ଘୋଷଣା ନିହାତି ଦରକାର। ଏହି ଉପଖଣ୍ଡ ତୁଳନାତ୍ମକ ଭାବେ ଅଧିକ ରାଜସ୍ୱ ସରକାରଙ୍କୁ ଦେଉଛି। ଆଗାମୀ ଦିନରେ ଜିଲ୍ଲାର ଏକ ବୃହତ ସହରର ଭାବେ ମାନ୍ୟତା ପାଇବାର ସମ୍ଭାବନା ରହିଛି। ଧାର୍ମିକ, ସାଂସ୍କୃତିକ, ଶିକ୍ଷା ଦୃଷ୍ଟିରୁ ଏହି ଉପଖଣ୍ଡ ସବୁବେଳେ ଅଗ୍ରଣୀ ଭୂମିକା ନେଇ ଆସୁଅଛି। ପର୍ଯ୍ୟଟନ କ୍ଷେତ୍ରରେ ଏହା ଜିଲ୍ଲାର ଏକନମ୍ବର ସ୍ଥାନ ପାଇଛି। ବିଶ୍ୱ ବିଖ୍ୟାତ ଶିମିଳିପାଳ ଜାତୀୟ ଉଦ୍ୟାନ, ଐତିହାସିକ ଖିଚିଂ ମନ୍ଦିର, ପ୍ରକୃତିର ଅନନ୍ୟା ସମ୍ପଦ ଭୀମକୁଣ୍ଡ ଏହି ଅଞ୍ଚଳରେ ରହିଛି। ଏହା ଜିଲ୍ଲାର ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ। ଏଠାରେ ବହୁ ଜାତୀୟକରଣ ବ୍ୟାଙ୍କ, ସରକାରୀ କାର୍ଯ୍ୟାଳୟ ଶିକ୍ଷାନୁଷ୍ଠାନ, ବିଭିନ୍ନ କମ୍ପାନୀର ସୋରୁମ ମାନ ରହିଛି। ଓଡିଶା ଉତ୍ତରାଞ୍ଚଳରେ କରଞ୍ଜିଆ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ, କ୍ରୀଡା କ୍ଷେତ୍ରରେ ସବୁବେଳେ ଉଲେଖନୀୟ ଉଦାହରଣ ସୃଷ୍ଟି କରିଛି। ଲୋକ ସଂଖ୍ୟା ଓ ଆୟୋତନ ଦୃଷ୍ଟି ରୁ ଏହାକୁ ଜିଲ୍ଲା ଘୋଷଣା ଯୁକ୍ତିଯୁକ୍ତ ରହୁଛି ବୋଲି ଦାବି ରହିଛି। ଲୋକଙ୍କ ସେବା ପାଇଁ ଅନେକ ମାମଲା ଦୀର୍ଘଦିନ ଧରି ଏଠାରେ ପଡି ରହିଥାଏ। ଜିଲ୍ଲାପାଳ ଓ ଏସପିଙ୍କ କାର୍ଯ୍ୟାଳୟ ଖୋଲିବାର ଆବଶକ୍ୟତା ଓ ଯଥାର୍ଥତା ସମ୍ପର୍କରେ ପ୍ରଗତି ମଞ୍ଚ ସୂଚନା ପ୍ରଦାନ କରିଛି। ଏହି ଉପଖଣ୍ଡ ଶିକ୍ଷା, ସ୍ୱାସ୍ଥ୍ୟ, ଗମନ। ଗମନରେ ଅବହେଳିତ ହୋଇ ରହିଛି। ତେଣୁ ଉପଖଣ୍ଡକୁ ଜିଲ୍ଲା ଘୋଷଣା ଦାବିରେ ଉପଖଣ୍ଡର ସମସ୍ତ ବ୍ଲକ ଓ ଏନ୍‌ଏସିର ଜନ ସାଧାରଣ ଓ କଲେଜ ଛାତ୍ର ଛାତ୍ରୀ ରିଲେ ଧାରଣାରେ ସାମିଲ ହୋଇଛନ୍ତି। ଆଜିର କାର୍ଯ୍ୟକ୍ରମକୁ ବରିଷ୍ଠ ନାଗରିକ ସଂଘ ର ସର୍ବେଶ୍ୱର ମିଶ୍ର, ଅଭିମନ୍ୟୁ ତ୍ରୀପାଠୀ, ନଳିନ ଚନ୍ଦ୍ର ଘଣା, ଗୋରୀ ଶଙ୍କର ସିନା, ଦୁର୍ଗା ପ୍ରସାଦ ଦାସ, ଇଟରନିଟିର ସମ୍ପାଦକ ହରେକୃଷ୍ଣ ମହାନ୍ତ, ଗୌରାଙ୍ଗ ବାରିକ, ସିଦ୍ଧାର୍ଥ ରାୟ, ଆଇନଜୀବି ଜଗ ମୋହନ ମହାନ୍ତ, କରାଟେ କୋଚ ଆଶିଷ ରଞ୍ଜନ ମହାନ୍ତ, ଆଇନଜୀବି ଜିତେନ୍ଦ୍ର ବାରିକ, ଆଇନଜୀବୀ ନିର୍ମଳ କୁମାର ସେଠୀ, ସଚିଦା ନନ୍ଦ ସାହୁ, ବିଶ୍ୱଜିତ ଦାସ ଅଧିକାରୀ, ଶଙ୍କର ରାମ, ବସନ୍ତ ରଣା, ନବ କୁମାର ପାତ୍ର, ପଦ୍ମ ଲୋଚନ ପତି, ଲପୁ ଭାରୁକା, ଆଶିଷ ଅଗ୍ରୱାଲା, ଅଭିଷେକ ଅଗ୍ରୱାଲା, ମୁରାରୀ ଅଗ୍ରୱାଲା, ଭିନିତ୍ ଅଗ୍ରୱାଲାଙ୍କ ସହିତ ଆହୁରି ଅନେକ ପାଞ୍ଚପିଢ଼ ରଶୁଭ ଚିନ୍ତକ ପ୍ରମୁଖ ଉପସ୍ଥିତ ରହି ପାଞ୍ଚପିଢ଼କୁ ଜିଲ୍ଲା ଘୋଷଣା ଦାବି ଆନ୍ଦୋଳନରେ ସାମିଲ ହୋଇଥିଲେ।

# 'ନଟ୍ ଫର ସେଲ୍' ସିମେଣ୍ଟ ରାକେଟ ସକ୍ରିୟ

- ୦ ପେଟି କଣ୍ଟ୍ରାକ୍ଟର ଉଠାଇ ବଜାରରେ ସ୍ୱଳ୍ପ ମୂଲ୍ୟରେ ବିକ୍ରି କରୁଛନ୍ତି
- ୦ ବିପୁଳ ପରିମାଣ ସିମେଣ୍ଟ ଜବତ
- ୦ ଟ୍ରକକୁ କେଉଁ ପ୍ରକାର ତଦନ୍ତ କରି ଛାଡିଦେଲା ପୋଲିସ ?



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ଦିନକୁଦିନ ବିଭିନ୍ନ ସାମଗ୍ରୀ ବିକ୍ରି କରିବାକୁ ରାକେଟ ସକ୍ରିୟ ହେଲେଣି। ସରକାରୀ କାର୍ଯ୍ୟରେ ବ୍ୟବହୃତ ସିମେଣ୍ଟକୁ ବିକ୍ରି କରି ରାତାରାତି କୁବେର କୋଟିପତି ହେବାକୁ ସ୍ୱପ୍ନ ଦେଖୁଛନ୍ତି କିଛି ପେଟି କଣ୍ଟ୍ରାକ୍ଟର। ଯାହା ବାସ୍ତବ ଘଟଣା ସାମ୍ନାକୁ ଆସିଥିଲେ ମଧ ଏତେ ବଡ଼ ରାକେଟକୁ କାହା ଚାପ୍‌ରେ ଲୋକ ଦେଖାଣିଆ ତଦନ୍ତ କରି ଛାଡି ଦେଲେ ସ୍ଥାନୀୟ ପୋଲିସ ବାବୁମାନେ। ଜନସାଧାରଣ ପୋଲିସର ଏଭଳି କାଗଜପତ୍ର ଯାଞ୍ଚ ଓ ଲୋକ ଦେଖାଣିଆ ତଦନ୍ତକୁ ସ୍ଥାନୀୟ ଅଞ୍ଚଳରେ ସମାଲୋଚନା କରୁଛନ୍ତି। ଖବର ମୁତାବକ କିଛି ମାସ ହେବ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳରେ 'ନଟ ଫର ସେଲ' ସିମେଣ୍ଟ ବ୍ୟବସାୟୀ ସକ୍ରିୟ ହୋଇଉଠିଛି। ତାହା ପୁଣି ରାତାରାତି ହେଉଛି ଚାଲାଣ। ଏମିତି ଘଟଣା ସାମ୍ନାକୁ ଆସିବା ପରେ ଚୋର ପାଇଁ ସବୁବେଳେ ଅନ୍ଧାର ରାତି ନଥିବା ଭଳି ନୀତିରେ ଦିବାଲୋକରେ ମଙ୍ଗଳବାର ମଧ୍ୟାହ୍ନ ସମୟରେ ବିଶେଷ ସୂତ୍ରରୁ ଖବର ପାଇ ଅସ୍ତରଙ୍ଗ ପୋଲିସ ପହଂଚି ଲୋକ ଦେଖାଣିଆ ତଦନ୍ତ କରି ଛାଡିଦେଲେ। ଯାହାଫଳରେ ଅସ୍ତରଙ୍ଗ ପୋଲିସ ଘଣ୍ଟ ଘୋଡାଇବା ତଦନ୍ତକୁ ନେଇ ବୁଦ୍ଧିଜୀବୀ ମହଲରେ ସମାଲୋଚନା ପାତ୍ର ଅସ୍ତରଙ୍ଗ ପୋଲିସ କର୍ମଚାରୀ। କାହା ଚାପରେ ପଡିଲେ ଯେ ଏଭଳି ବିରାଟ ରାକେଟକୁ ଖସାଇ ଦେଲେ। ମଙ୍ଗଳବାର ମଧ୍ୟାହ୍ନ ସମୟରେ ଏକ 'ନଟ ଫର ସେଲ' ସିମେଣ୍ଟ ବୋଝେଇ ଟ୍ରକ ଅସ୍ତରଙ୍ଗ କଲେଜ ଛକ ନିକଟରେ ଅନ୍ୟ ଗାଡି ମାଧ୍ୟମରେ ଚୋରା ଚାଲାଣ ହେଉଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇଁ ଅସ୍ତରଙ୍ଗ ଥାନା ଉପନିରୀକ୍ଷକ ଅନିରୁଦ୍ଧ ଜାଲ୍ଲୀଙ୍କ ସହ ଅନ୍ୟ ପୋଲିସ କର୍ମଚାରୀ ଘଟଣା ସ୍ଥଳରେ ପହଂଚି ଥିଲେ। କିନ୍ତୁ ତଦନ୍ତ କିପରି କରିଥିଲେ ବିଭାଗୀୟ ପୋଲିସ କର୍ମଚାରୀ କିଛି ସମୟ ମଧ୍ୟରେ ଘଟଣା ସ୍ଥଳରୁ ପଳାଇ ଆସିଥିଲେ। ଯାହା କି ପୋଲିସ ଏଭଳି ତଦନ୍ତକୁ ସନ୍ଦେହ ସୃଷ୍ଟି ହୋଇଛି। ନିୟମ ଅନୁଯାୟୀ ସମସ୍ତ କାଗଜ ପତ୍ର ଠିକି ଥିଲା କି ? କାହିଁକି ସଠିକ ଚାଲାଣ ଯାଞ୍ଚ ହେଲା ନାହିଁ ? ପ୍ରକୃତ ଜିଏସଟି କାଗଜ ଯାଞ୍ଚ ହେଲା କି ? କେଉଁଠି ଷ୍ଟକ ରହୁଛି କି ମାର୍କେଟ ରେ ପେଟିକଣ୍ଟ୍ରାକ୍ଟର ଅବା ଠିକାଦାର ଆଣି ବଜାରରେ ବିକ୍ରି କରୁଛି କାହିଁକି ସତ୍ୟା ସତ୍ୟ ଯାଞ୍ଚ ନ ହେବାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳରେ କିଛି ପେଟି କଣ୍ଟ୍ରାକ୍ଟର ସରକାରୀ କାର୍ଯ୍ୟ ବ୍ୟବହୃତ ପାଇଁ 'ନଟ ଫର ସେଲ' ସିମେଣ୍ଟ ଟ୍ରକ ମାଧ୍ୟମରେ ଆଣି ବିକ୍ରି କରୁଥିବା ଚର୍ଚ୍ଚା ଜୋର ଧରିବା ପରେ ମଙ୍ଗଳବାର ଦିନ ମଧ୍ୟାହ୍ନ ଅସ୍ତରଙ୍ଗ ପୋଲିସ 'ଜିନ୍ଦଲ ପାନ୍ଥର ସିମେଣ୍ଟ' 'ନଟ ଫର ସେଲ' ପାଖାପାଖି ଏକ ଟ୍ରକରେ ଶତାଧିକ ବସ୍ତାରୁ ଉର୍ଦ୍ଧ୍ୱ ଜବତ କରିଥିଲେ। କିଛି ଘଣ୍ଟା ପରେ କଣ ଓ କେଉଁ ପ୍ରକାର ଆଲୋଚନା କରିଥିଲେ ପୋଲିସ ପେଟି କଣ୍ଟ୍ରାକ୍ଟର ସହ ଟ୍ରକ ଛାଡି ଯାଇଥିଲେ ତାହା ସନ୍ଦେହ ସୃଷ୍ଟି ହୋଇଛି। କିନ୍ତୁ ସରକାରୀ କାର୍ଯ୍ୟରେ ବ୍ୟବହୃତ ସିମେଣ୍ଟ ବେସରକାରୀ ସ୍ଥାନକୁ ଚାଲାଣ ହେଉଥିବା ଚର୍ଚ୍ଚା। ସାଧାରଣ ଚର୍ଚ୍ଚା ହେଉଛି ସ୍ଥାନୀୟ ଅଞ୍ଚଳର କିଛି ପେଟି କଣ୍ଟ୍ରାକ୍ଟର ରାତାରାତି କୋଟି ପତି ହେବା ଲକ୍ଷ୍ୟରେ ନିଜ ଲାଇସେନ୍ସ ମାଧ୍ୟମରେ ଉକ୍ତ ସିମେଣ୍ଟ କମ୍ପାନୀରୁ 'ନଟ ଫର ସେଲ' ସିମେଣ୍ଟ ଆଣି ବିଭିନ୍ନ ଗାଁ ଗୁଡିକରେ ସ୍ୱଳ୍ପମୂଲ୍ୟରେ ବିକ୍ରି କରୁଛନ୍ତି। ଏ ରାକେଟ ଦୀର୍ଘ ଦିନ ହେବ ଚାଲିଥିଲେ ମଧ ପୋଲିସ ଟେର ପାଉନଥିଲା। ବେସରକାରୀ ଗୃହ ନିର୍ମାଣ ପାଇଁ କିଏ 'ନଟ ଫର ସେଲ'ର ସିମେଣ୍ଟ ଯୋଗାଇ ଥିଲା, କାହା ମାଧ୍ୟମରେ କିପରି ପହଞ୍ଚୁ ଥିଲା ସିମେଣ୍ଟ ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ କରିବା ଆବଶ୍ୟକ ଥିଲା। କିନ୍ତୁ ଯାହା ଜଣାପଡିଛି ଅସ୍ତରଙ୍ଗ ପୋଲିସ ନଟ ଫର ସେଲ ସିମେଣ୍ଟକୁ ଖସାଇ ଦେଇ କେବଳ ଟ୍ରକ ଗାଡି ଚାଳକକୁ ଥାନାକୁ ଡାକି ଗାଡି କାଗଜ ପତ୍ର ଯାଞ୍ଚ କରିଥିବା ସୂଚନା ମିଳିଛି। ସ୍ଥାନୀୟ ଅଞ୍ଚଳ ବାସୀ ଦାବୀ କରିଛନ୍ତି 'ନଟ ଫର ସେଲ' ସିମେଣ୍ଟ ବିକ୍ରିକରୁଥିବା ବ୍ୟକ୍ତିକୁ ଧରିବାକୁ। ଅନ୍ୟପଟେ ଅସ୍ତରଙ୍ଗ ଥାନା ପୋଲିସ ସିମେଣ୍ଟକୁ କାହିଁକି ଜବତ କଲେ ନାହିଁ ଏମିତି ବ୍ୟବସାୟର ମାଷ୍ଟର ମାଇଣ୍ଡ କିଏ ଧରିବାକୁ ଦାବି। ଏ ଘଟଣା ସମ୍ପର୍କରେ ଅସ୍ତରଙ୍ଗ ଥାନା ନିରୀକ୍ଷକ ରାଜେଶ ବଳିୟାର ସିଂଙ୍କ ପ୍ରତିକ୍ରିୟା ପାଇଁ ଚେଷ୍ଟା କରିଥିଲେ ମଧ ସମ୍ଭବ ହୋଇ ହୋଇନାହିଁ।

**ଚାଷୀ ପଞ୍ଜୀକରଣ ସମସ୍ୟା ଗୁରୁତର**

# ସମସ୍ୟା ସମାଧାନ ପାଇଁ ବସିଲା ବୋର୍ଡ଼ ବୈଠକ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଅଧୀନ ପାଳିଆବିନ୍ଧା ସେବା ସମବାୟ ସମିତିରେ ସରକାରଙ୍କ ନୂଆ ନିୟମକୁ ନେଇ ଚାଷୀ ପଞ୍ଜୀକରଣ ସମସ୍ୟା ଗୁରୁତର ହୋଇଛି। ଯାହାକୁ ନେଇ ଚାଷୀଙ୍କ ମହଲରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ସମସ୍ୟାର ସମାଧାନ ପାଇଁ ସମିତି ବୋର୍ଡ଼ର ବୈଠକ ବସିଛି। ବୈଠକର ନିଷ୍ପତ୍ତି ଅନୁଯାୟି ସରକାରଙ୍କ ପଞ୍ଜୀକରଣ ନିୟମର କୋହଳ କରାଯିବାକୁ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କୁ ନିବେଦନ କରାଯାଇଛି। ସରକାରଙ୍କ ଚାଷୀ ପଞ୍ଜୀକରଣ ନୂଆ ନିୟମକୁ ଚାଷୀମାନେ ସହଜରେ ଗ୍ରହଣ କରି ପାରୁନାହାନ୍ତି। ଯେଉଁଥିପାଇଁ ସମିତିର ସମ୍ପାଦକ ଚାଷୀମାନଙ୍କ ଆକ୍ରୋଶର ଶିକାର ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ସମିତିର ଏକ ଜରୁରୀକାଳୀନ ବୋର୍ଡ଼ ବୈଠକ ଆହୂତ କରାଯାଇଥିଲା। ସମିତିର ସଂଜୟ କୁମାର ନାୟକଙ୍କ ଆବହାକତ୍ୱ ଓ ସଭାପତି ମିନତୀଲତା ଦାସଙ୍କ ସଭାପତିତ୍ୱରେ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବୋର୍ଡ଼ ସଦସ୍ୟ ଭରତ ସାହୁ, ନିକୁଞ୍ଜ ପୁହାଣ, ବିଜୟ ନାୟକ, ବାବାଜୀ ଚରଣ ମଳିକ, ଶ୍ରୀକାନ୍ତ ବେହେରା, ଶୁଭ୍ରଜିତ୍ ପାଳ, ମୃତ୍ୟୁଞ୍ଜୟ ବିଶ୍ୱାଳ, ମନୋଜ ମହାଳିକ, ସୁବୋଧ ମିଶ୍ର, ଡିଇଓ ସୁଜିତ୍ କୁମାର ନାୟକ ପ୍ରମୁଖ ଯୋଗ ଦେଇ ଚାଷୀ ପଞ୍ଜୀକରଣ ପାଇଁ ସରକାରଙ୍କର ନୂଆ ନିୟମ ଉପରେ ଆଲୋଚନା କରିଥିଲେ। ଚାଷୀ ପଞ୍ଜୀକରଣ ପାଇଁ ହିତାଧିକାରୀ ପ୍ରମାଣପତ୍ର ସମସ୍ୟାକୁ ନେଇ ଚାଷୀମାନେ ପଞ୍ଜୀକୃତ ହୋଇ ପାରୁନାହାନ୍ତି। ଏହି ନିୟମ ପାଇଁ ବହୁ ଚାଷୀ ପଞ୍ଜୀକରଣରୁ ବଂଚିତ ରହିବା ସମ୍ଭାବନା ରହିଛି। ଏହି ନିୟମକୁ କୋହଳ କରାଯିବାକୁ ଜିଲ୍ଲାପାଳ ରାଉତରାଏ ଓ ଅତିରିକ୍ତ ତହସିଲଦାର ନମିତା ଧଳଙ୍କୁ ବୋର୍ଡ଼ ପକ୍ଷରୁ ନିବେଦନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନେଇଥିଲେ। ଏଥିସହ ଚାଷୀମାନେ ଯଥାଶୀଘ୍ର ପଞ୍ଜୀକରଣ କରିବା ପାଇଁ ସମିତି ଅଧୀନରେ ଥିବା ୧୪ଟି ରାଜସ୍ୱ ଗ୍ରାମରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଚାଷୀମାନଙ୍କୁ ନିବେଦନ କରାଯିବାକୁ ମଧ ନିଷ୍ପତ୍ତି ନିଆଯାଇଥିଲା। ଗତ ଖରିଫ୍ ଋତୁରେ ୬୦୦ରୁ ଅଧିକ ଚାଷୀ ପଞ୍ଜୀକୃତ ହୋଇ ଧାନ ବିକ୍ରି କରି ପାରିଥିଲେ। ମାତ୍ର ଚଳିତ ଖରିଫ୍ ଋତୁରେ ଗତବର୍ଷ ଠାରୁ ଅଗଷ୍ଟ ୫ତାରିଖ ସୁଦ୍ଧା ବହୁ କମ୍ ଚାଷୀ ପଞ୍ଜୀକୃତ କରିଥିବା ବୈଠକରେ ଆଲୋଚନା କରାଯାଇଥିଲା।


# ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ




ମାଲକାନଗିରି, (ଭାସ୍କର ନ୍ୟୁଜ୍): ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ମାଲକାନଗିରି ଠାରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଏମ.ଏମ.ଅବିଦ ହୁସେନ ଯୋଗଦେଇ ସ୍ତନ୍ୟପାନର ଉପକାରିତା ଓ ଏହାର ଅଭାବରେ ମା ଓ ଶିଶୁ ମଧ୍ୟରେ ଦେଖାଯାଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରି ଛଅ ମାସ କେବଳ ମା' କ୍ଷୀର ଶିଶୁ ପାଇଁ ଅମୃତ ତୁଲ୍ୟ ବୋଲି ବୁଝାଇଥିଲେ। ଶିଶୁକୁ ଜନ୍ମରୁ ଏକ ଘଣ୍ଟା ମଧ୍ୟରେ ସ୍ତନ୍ୟପାନ କରାଇବା, କୌଣସି ବାହାର ଖାଦ୍ୟ ଯଥା ପାଣି, ମହୁ, ଚିନି ପାଣି ନ ଦେବା, ସ୍ତନ୍ୟପାନ କରୁଥିବା ମା ମାନଙ୍କର ଖାଦ୍ୟପେୟ ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ। ସ୍ତନ୍ୟପାନ ଯୋଗୁ ମା'ର ସ୍ତନକର୍କଟ ଓ ଗର୍ଭାଶୟ କର୍କଟ ରୋଗ ହେବା ସମ୍ଭାବନା କମ ବୋଲି ଡା.ଦୁର୍ଗା ପ୍ରସାଦ ରାଜ ଓ ଓମ୍‌ପ୍ରକାଶ ସା ବୁଝାଇଥିଲେ। ଶେଷରେ ସଭାରେ ଉପସ୍ଥିତ ଥିବା ସମସ୍ତେ ସ୍ତନ୍ୟପାନ ଉପଲକ୍ଷେ ଏକ ଶପଥପାଠ ଓ ଦସ୍ତଖତ ଅଭିଯାନ କରିଥିଲେ। ପରେ ମହିଳା ଆରୋଗ୍ୟ ସମିତିର ମା' ମାନଙ୍କୁ ସ୍ତନ୍ୟପାନ ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତା କରି ପୁରସ୍କାର ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦିଲୀପ କୁମାର ନନ୍ଦ, ଶିବପ୍ରସାଦ ପ୍ରହରାଜ, ଭିକାରି ଚରଣ ବଳିୟାରସିଂ ଶ୍ୟାମ ସୁନ୍ଦର ମାଝି, ମହେଶ କୁମାର ଯାଦବ, କାୟରୋଲୀନ ଦୀକ୍ଷିତ, ସୁପ୍ରଭା କୁମାରୀ ପାଢୀ ସହିତ ମହିଳା ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ ଓ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## କର୍କଟ ରୋଗରେ ଲଢ଼ି ହାରିଗଲେ କ୍ରିଷ୍ଣା

ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ୍): ବଡ଼ଚଣା ବ୍ଲକ ଅର୍ନ୍ତଗତ ସୁଙ୍ଗୁଡା ଗ୍ରାମର କ୍ରିଷ୍ଣା ପ୍ରହରାଜ ୧୫ କର୍କଟ ରୋଗରେ ଦୀର୍ଘ ଦୁଇବର୍ଷରୁ ଉର୍ଦ୍ଧ୍ୱ ରୋଗ ସହିତ ସଂଗ୍ରାମ କରି ଭୁବନେଶ୍ୱର ରେ ଥିବା କେନ୍ଦ୍ରିୟ ହସ୍ପିଟାଲ ଏମ୍ସରେ ସୋମବାର ରାତି ଏଗାରଟା ସମୟରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ପିତା ପ୍ରଶ୍ନ ପ୍ରହରାଜ ଚଣ୍ଡୀଖୋଲ ଛକର ଥିବା ଛୋଟ ମୋବାଇଲ୍ ଦୋକାନ କରି ପରିବାର ପୋଷଣ କରୁଥିଲେ। ତାଙ୍କର ଏକମାତ୍ର ପୁତ୍ର କ୍ରିଷ୍ଣା ଅଷ୍ଟମଶ୍ରେଣୀରେ ପାଠ ପଢୁଥିବାବେଳେ ଦେହ ଖରାପ ହେବା ଯୋଗୁଁ ବହୁ ଚିକିତ୍ସା କରାଇବା ପରେ



ଭୁବନେଶ୍ୱର ସ୍ଥିତ ଏମ୍ସରେ ପରିକ୍ଷା କରାଇଲା ପରେ ଦୂରାରୋଗ୍ୟ ଚିହ୍ନଟ କରାଯାଇଥିଲା। ଏହା ଜାଣିପାରି ପରିବାର ଲୋକେ ଭାଙ୍ଗି ପଡିଥିଲେ। ତାଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ଦିଲ୍ଲୀ ଏମ୍ସ ମେଡିକାଲ କୁ ସ୍ଥାନାନ୍ତର କରାଯାଇଥିଲା। ଦୀର୍ଘ ଆଠମାସ ରହିବା ପରେ ଘରକୁ ଫେରିଥିଲେ। ପୁନର୍ବାର ଦେହ ଖରାପ ହେବା ଯୋଗୁଁ ଭୁବନେଶ୍ୱର ଏମ୍ସ ମେଡିକାଲରେ ଭର୍ତ୍ତି ହୋଇ ଜୀବନ ସହ ସଂଗ୍ରାମ କରି ଶେଷରେ ହାରିଯାଇଛନ୍ତି। ମୃତ୍ୟୁ ଖବର ପାଇ ଚିକିତ୍ସା ପାଇଁ ବହୁ ଆର୍ଥିକ ସାହାଯ୍ୟ ଯୋଗାଇ ଥିବା ଅଞ୍ଚଳବାସୀ ବିଭିନ୍ନ ସଙ୍ଗଠନ ମାନେ ଦୁଃଖ ପ୍ରକାଶ କରିବା ସହ ପରିବାରକୁ ସମବେଦନା ଜଣାଇଛନ୍ତି।

## ଭଣ୍ଡାରିପୋଖରୀ ଅତିରିକ୍ତ ଦାୟିତ୍ୱରେ ଧାମନଗର ବିଇଓ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଧାମନଗର ଗୋଷ୍ଠୀ ଶିକ୍ଷାଅଧିକାରୀ ପ୍ରଫୁଲ୍ଲ କୁମାର ସାହୁଙ୍କୁଭଣ୍ଡାରିପୋଖରୀ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭାବେ ମଙ୍ଗଳବାର ଦାଇତ୍ୱ ଗ୍ରହଣ କରିଛନ୍ତି। ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଗତ ଶୁକ୍ରବାର ଏ ସଂକ୍ରାନ୍ତୀୟ ୧୩୮୨୯ନଂ ଆଦେଶ ଜାରି ହୋଇ ଥିଲା। ସେହି କ୍ରମରେ ସାହୁ ମଙ୍ଗଳବାର ଭଣ୍ଡାରିପୋଖରୀ ଗୋଷ୍ଠୀ ଶିକ୍ଷାଧିକାରୀ ଦାଇତ୍ୱରେ ଥିବା ଗୋଷ୍ଠୀ ଶିକ୍ଷା ସଂଯୋଜକ ଅକ୍ଷୟ କୁମାର ଜେନାଙ୍କ ଠାରୁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଶିକ୍ଷକମାନଙ୍କ ଦରମା ଉଠାଣ ପାଇଁ ଧାମନଗର ବିଇଓଙ୍କୁ ଅର୍ଥ ଉଠାଣ କ୍ଷମତା ସହ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିବା ଜଣାଯାଇଛି।

# ସତ୍ୟବାଦୀରୁ ଫେରିଗଲା ୧୭କୋଟି ୫୫ଲକ୍ଷ ୬୫ ହଜାରରୁ ଉର୍ଦ୍ଧ୍ୱ ଟଙ୍କା

ସତ୍ୟବାଦୀ, (ଭାସ୍କର ନ୍ୟୁଜ): ଗତ ସରକାର ସମୟରେ ସତ୍ୟବାଦୀରେ କରାଯାଇଥିଲା ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ମଞ୍ଜୁର ହୋଇଥିଲା ପ୍ରକଳ୍ପ। ସେଥିମଧ୍ୟରୁ ୧. ସାକ୍ଷୀ ଗୋପୀନାଥ ମନ୍ଦିର ଉନ୍ନତିକରଣ ପାଇଁ ୮୨ ଲକ୍ଷ, ୨. ବାବା ବରାଳ ବାଲୁଙ୍କେଶ୍ୱର ମନ୍ଦିର ପାଇଁ ୮୭ ଲକ୍ଷ ୫୦ ହଜାର ଟଙ୍କା, ୩. ଦେବ ମନ୍ଦିର ପାଇଁ ୮୫ ଲକ୍ଷ୩୭ ହଜାର, ୪. ସତ୍ୟବାଦୀ ବଏଜ ହାଇ ସ୍କୁଲ ପଡିଆ ଉନ୍ନତିକରଣ ପାଇଁ ୧ କୋଟି, ୫. ଓଡ଼ିଆ ବିଶ୍ୱ ବିଦ୍ୟାଳୟ ପାଇଁ ୯ କୋଟି ୭୮ ହଜାର ଏବଂ ଅନ୍ୟାନ୍ୟ ପ୍ରକଳ୍ପରେ ପ୍ରାୟତଃ ୫ କୋଟି ଟଙ୍କା ଅନ୍ୟତମ। ଏହି ପ୍ରକଳ୍ପ ଗୁଡିକ ପୂର୍ବ ସରକାର ମଞ୍ଜୁର କରିବା ପରେ ସରକାର ବଦଳି ଯାଇଥିଲା। ଦେଖିବାକୁ ମିଳିଥିଲା ଯୋଜନା ଓ ପ୍ରକଳ୍ପର ନୂତନ ନାମକରଣ ପର୍ଯ୍ୟାୟ। କିନ୍ତୁ ପରବର୍ତ୍ତୀ ସମୟରେ ଏହି ପ୍ରକଳ୍ପ ଗୁଡିକ କାମ ଠପ ହୋଇଗଲା, ଆରମ୍ଭ ହୋଇଥିବା କାମ ମଧ ବନ୍ଦ କରିବାକୁ ନିର୍ଦ୍ଦେଶ ଆସିଲା। ଏହାର କିଛିଦିନ ପରେ ନୂଆ ନେତା ନୂଆ ଢଙ୍ଗରେ ପୁନଶ୍ଚ ବୁଲିବୁଲି ସରକାରୀ ଅର୍ଥକୁ ନିଜ ସମ୍ପତି ମନେ କରି ପୁଣି ଦ୍ୱିତୀୟଥର ଭିତ୍ତିପ୍ରସ୍ତର ସ୍ଥାପନ କଲେ ଓ ଜନତାଙ୍କୁ ଟିଫିନ ଦେଇ ବାହାବାହା ନେଲେ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଆଜିପର୍ଯ୍ୟନ୍ତ ଆରମ୍ଭ ହୋଇପାରିଲାନି କାର୍ଯ୍ୟ। ଏବେ କୁଆଡେ ଶୁଣିବାକୁ ମିଳୁଛି ସତ୍ୟବାଦୀରେ ଆଉ ଖର୍ଚ୍ଚ ହେବନାହିଁ ଏହି ମଞ୍ଜୁର ହୋଇଥିବା ଅର୍ଥ ରାଶି। ଫେରିଯିବ ସରକାରଙ୍କ ପାଖକୁ। ପୂର୍ବ ସରକାର ସମୟରେ ଆରମ୍ଭ ହୋଇଥିବା ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବା ପାଇଁ ଯେଉଁ ଯନ୍ତ୍ରୀ ଦିନ ରାତି ଏକ କରୁଥିଲେ ଏବେ ନୂଆ ନେତାଙ୍କ ଚାପରେ ନିମାପଡାକୁ ବଦଳି ହୋଇଛନ୍ତି, ଏହାଦ୍ୱାରା ସତ୍ୟବାଦୀ ବ୍ଲକରେ ଚାଲୁରହିଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ବାଧା ଉପୁଜିଥିବା ଦେଖିବାକୁ ମିଳୁଛି। ପୂର୍ବରୁ ସତ୍ୟବାଦୀରେ ଥିବା ବିଡ଼ିଓ ଙ୍କୁ ମଧ ନେତାଙ୍କ ଚାପରେ ବଦଳି କରାଯାଇଥିବା ନେଇ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି। ନୂଆ ସରକାରରେ ନୂଆ ପ୍ରକଳ୍ପ କରାଯିବା ବଦଳରେ ମଞ୍ଜୁର ହୋଇଥିବା ପ୍ରକଳ୍ପକୁ ବନ୍ଦ କରାଯିବା କୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ ପଣ୍ଡା। ଏ ସମ୍ପର୍କରେ ସରକାର କଣ ପାଇଁ ଏତେ ନିଷ୍ଠୁର, ଜନତାଙ୍କ ପାଇଁ ଡବଲ ଇଞ୍ଜିନରେ ଡବଲ କାମ କରିବାର ପ୍ରତିଶ୍ରୁତି କ'ଣ ଭୁଲି ଯାଇଛନ୍ତି ସରକାର ନା ନିଜ ବ୍ୟକ୍ତିଗତ ସ୍ୱାର୍ଥ ପୂର୍ତ୍ତି ଏବଂ କ୍ଷମତାର ଦୁର୍ବ୍ୟବହାର କରିବାରେ ମସଗୁଲ ଅଛନ୍ତି ନେତା ବୋଲି ପ୍ରଶ୍ନ କରିଛନ୍ତି ଅଧ୍ୟକ୍ଷ। ସତ୍ୟବାଦୀରେ ଏବେ କେବଳ ଚାଟୁକାରିତା କରୁଥିବା ଲୋକ ହିଁ ସର୍ବଶ୍ରେଷ୍ଠ ବୋଲି କୁହାଯାଉଛି, ବ୍ଲକର ସମସ୍ତ ବିଭାଗରୁ ବଟି ଆଦାୟ କରିବା, ସତ୍ୟବାଦୀରେ ଥିବା ସମସ୍ତ ସରକାରୀ ବଙ୍ଗଳାରେ ସନ୍ଧ୍ୟା ରେ ବସି ନିଶା କାରବାର କରିବା ଏବଂ ଏସବୁର ବଧାଦେଉଥିବା ସରକାରୀ କର୍ମଚାରୀଙ୍କୁ ନେତାଙ୍କ ବଳରେ ବଦଳି କରିବା ଘଟଣା ଏବେ ସତ୍ୟବାଦୀରେ ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ଦେଖଯାଉ ନୂଆ ସରକାର ଏବଂ ତାଙ୍କ ନୂଆ ସରକାରୀ କର୍ମଚାରୀ ମାନେ କିଭଳି ସତ୍ୟବାଦୀର ଉନ୍ନତି କରୁଛନ୍ତି ଏବଂ ପଞ୍ଚସଖାଙ୍କ ମାଟିକୁ ଗର୍ବିତ କରୁଛନ୍ତି।

# ଦ୍ୱୈତ୍ୱ ଶାସନ ଦାୟିତ୍ୱରେ ମଣ୍ଡଳ ଉନ୍ନୟନ ଅଧିକାରୀ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): କଟକ ଜିଲ୍ଲାର ସର୍ବ ବୃହତ ନିଶ୍ଚିନ୍ତକୋଇଲି ବ୍ଲକରେ ପ୍ରଶାସନିକ ଅଚଳାବସ୍ଥା ସୃଷ୍ଟି ହୋଇଥିବାର ଅଭିଯୋଗ ହୋଇଛି। ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀ ଦ୍ୱୈତ୍ୱ ଶାସନ ଦାୟୀତ୍ୱରେ ରହିଥିବା କାରଣରୁ ଲୋକମାନେ ନ୍ୟାୟ ନପାଇ ଚରମ ହଟହଟାର ସମ୍ମୁଖିନ ହେଉଥିବାର ଅଭିଯୋଗ ହୋଇଛି। ଏପରିକି ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ସରକାରୀ ବଙ୍ଗଳା ଭୂତକୋଠିରେ ପରିଣତ ହୋଇଛି। ବିଭାଗୀୟ ଅଧିକାରୀ ସରକାରୀ ବଙ୍ଗଳା ଛାଡି ଭୁବନେଶ୍ୱରରେ ଅୟସରେ ଦିନ କାଟୁଥିବାର ଅଭିଯୋଗ ହୋଇଛି। ସମସ୍ୟା ବହୁଳ ଓ ନଦୀ ନାଳଘେରା ନିଶ୍ଚିନ୍ତକୋଇଲି ବ୍ଲକ କଟକ ସଦର ନିର୍ବାଚନ ମଣ୍ଡଳୀର ୧୪ଟି ଓ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ୨୭ଟି ଗ୍ରାମପଂଚାୟତକୁ ନେଇ ଗଠିତ। ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀ ଗତ କିଛି ମାସହେଲା ମାହାଙ୍ଗା ବ୍ଲକର ଅତିରିକ୍ତ ଦାୟୀତ୍ୱରେ ରହିଛନ୍ତି। ତେବେ ମଣ୍ଡଳ ଉନ୍ନୟନ ଅଧିକାରୀ ନିଶ୍ଚିନ୍ତକୋଇଲି ବ୍ଲକ ସମସ୍ୟା ସମାଧାନ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିଲା ବେଳେ ତାଙ୍କୁ ଅତିରିକ୍ତ ଦାୟୀତ୍ୱ ମାହାଙ୍ଗା ବ୍ଲକ ଦିଆଯାଇଥିବା କାରଣରୁ ସେ କୌଣସି ବ୍ଲକକୁ ଉପଯୁକ୍ତ ସେବା ଯୋଗାଇ ଦେଇପାରୁନଥିବାର ଅଭିଯୋଗ ହୋଇଛି। ଏପରିକି ବହୁ ସମୟରେ ବିଭିନ୍ନ ସମସ୍ୟା ନେଇ ଦୂର ଦୂରାନ୍ତରୁ ଲୋକେ ବିଡିଓଙ୍କୁ ସାକ୍ଷାତ କରିବା ନିମନ୍ତେ ଆସୁଥିଲା ବେଳେ ତାଙ୍କର ସାକ୍ଷାତ ନପାଇ ନିରାଶରେ ଫେରିବାକୁ ବାଧ ହେଉଛନ୍ତି। ବ୍ଲକର କର୍ମଚାରୀ ମାନଙ୍କୁ ବିଡିଓ କେଉଁଠାରେ ଅଛନ୍ତି ବୋଲି ପଚାରିବାରୁ ମାହାଙ୍ଗାରେ ଅଛନ୍ତି ବୋଲି ଉତର ମିଳୁଛି। ସେପଟେ ମାହାଙ୍ଗା ବ୍ଲକରେ ବିଡିଓଙ୍କ ସାକ୍ଷାତ ମିଳୁନଥିଲା ବେଳେ ବିଡିଓ ନିଶ୍ଚିନ୍ତକୋଇଲି ବ୍ଲକରେ ଅଛନ୍ତି ବୋଲି ମାହାଙ୍ଗା ବ୍ଲକ ବାସୀଙ୍କୁ ଉତର ଦିଆଯାଉଛି। ଅପର ପକ୍ଷରେ ନିଶ୍ଚିନ୍ତକୋଇଲି ବ୍ଲକରେ ବିଡିଓଙ୍କ ରହଣୀ ନିମନ୍ତେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ବରାଦରେ ବଙ୍ଗଳା ତିଆରି ହୋଇଛି। ମାତ୍ର ଏହି ବଙ୍ଗଳା ଭୂତକୋଠିରେ ପରିଣତ ହୋଇଥିବାର ଅଭିଯୋଗ ହୋଇଛି। ଏହି କୋଠରୀରେ କୌଣସି ବିଭାଗୀୟ ଅଧିକାରୀ ରହୁନଥିବାର ଅଭିଯୋଗ ହୋଇଛି। ବିଡିଓ ନବ ବିବାହିତ ହୋଇଥିବା କାରଣରୁ ଭୁବନେଶ୍ୱରରେ ପରିବାର ସହ ରହୁଛନ୍ତି। ଭୁବନେଶ୍ୱରରୁ ତାଙ୍କୁ ନିଶ୍ଚିନ୍ତକୋଇଲି ଏବଂ ମାହାଙ୍ଗା ବ୍ଲକକୁ ଦୈନନ୍ଦିନ ଯିବା ଆସିବା କରିବା ନିମନ୍ତେ ସମୟ ସାପେକ୍ଷ ପଡୁଛି। ଫଳରେ ନିର୍ଦ୍ଧାରିତ ସମୟରେ ବିଡିଓ କାର୍ଯ୍ୟାଳୟରେ ପହଂଚି ପାରୁନଥିବାର ଅଭିଯୋଗ ହୋଇଛି। ଫଳରେ ବିଡିଓଙ୍କୁନପାଇ ଦୂରଦୂରାନ୍ତର ଲୋକେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖିନ ହେଉଥିବାର ଅଭିଯୋଗ ହୋଇଛି। କଟକ ଜିଲ୍ଲାପାଳ ଏହାର ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସାଧାରଣରେ ଦାବି ହୋଇଛି।

# ସାପକାମୁଡ଼ା ଓ ବଜ୍ରପାତ ଉପରେ ପ୍ରଶାସନର ସଚେତନତା କାର୍ଯ୍ୟକ୍ରମ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ପ୍ରଶାସନ ପକ୍ଷରୁ ମଙ୍ଗଳବାର ବାରୋ ପଞ୍ଚାୟତ ସ୍ଥିତ ଦହପାଣିଆ ସରକାରୀ ହାଇସ୍କୁଲ ପରିସର ମଧ୍ୟରେ ସାପକାମୁଡ଼ା ଓ ବଜ୍ରପାତ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବିଭାଗ ଓ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଡ. କାଳିପଦ ଦାସ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ବିଡିଓ ନିରଂଜନ ବାରିକ ଯୋଗ ଦେଇ ବନ୍ୟା, ବାତ୍ୟା ସମୟରେ କିପରି ଲୋକମାନଙ୍କୁ ସାପ ନକାମୁଡ଼ିବ ଓ ବଜ୍ରପାତରେ ମୃତ୍ୟୁବରଣ ନକରିବେ ସେ ନେଇ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ସନତ କୁମାର ବେହେରା, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରିଣୀ ସୌମ୍ୟା ସୁଚରିତା ମହାନ୍ତି, ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଂଜନ ରାଉତ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ପ୍ରତିଭାରାଣୀ ନାୟକ ପ୍ରମୁଖ ଯୋଗ ଦେଇ ସଚେତନ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହିଳା ସ୍ୱାସ୍ଥ୍ୟକର୍ମୀ ଭାରତୀ ଜେନା, ଅଙ୍ଗନୱାଡ଼ି କର୍ମୀ ଜ୍ୟୋସ୍ନାରାଣୀ ମଳିକ ଓ ସରୋଜିନୀ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ସ୍କୁଲର ଶଶିକାନ୍ତ ପଣ୍ଡା, କ୍ଷୀରାବ୍ଧୀ ମାଝୀ, ଶାନ୍ତିଲତା ସାମଲ, ସସ୍ମିତା ସାହୁ, ବସନ୍ତ ଗାଗରାଇ, ତୃପ୍ତିମୟୀ ବେହେରା, ମନୋରଂଜନ ମହରାଣା, ପଙ୍କଜିନୀ ନାୟକ, ସୁମିତ୍ରା ମଳିକ, ଜାନକୀ ଦାସ, ଦେବକୀ ମଳିକ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ରମେଶ ଚନ୍ଦ୍ର ମିଶ୍ର, ପ୍ରତାପ କୁମାର ମଳିକ, ତ୍ରୈଲୋଚନ ମହାଳିକ, ଦଶରଥ ମଳିକ, କିଶୋର ମଳିକ, ସର୍ବେଶ୍ୱର ମଳିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଦୁର୍ଘଟଣାରେ ଯୁବକ ଗୁରୁତର

ଡେରାବିଶ, (ଭାସ୍କର ନ୍ୟୁଜ୍): କଟକ-ଚାନ୍ଦବାଲି ରାଜରାସ୍ତାର ଚାନ୍ଦୋଳ ବସ୍‌ଷ୍ଟାଣ୍ଡ ନିକଟରେ ଆଜି ବାଇକ୍ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ଆହାତ ହୋଇ ନିଶ୍ଚିନ୍ତକୋଇଲି ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି। ସୂଚନାରୁ ପ୍ରକାଶ କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ପାର୍ଶାଇଲୋ ଗ୍ରାମର ସେକ୍ ଯାହିଦ୍ (୪୦) କୌଣସି କାମରେ କେନ୍ଦ୍ରାପଡ଼ା ଅଭିମୁଖେ ଏକ ବାଇକ୍‌ରେ ଯାଉଥିଲେ। ଚାନ୍ଦୋଳ ବସ୍‌ଷ୍ଟାଣ୍ଡ ନିକଟରେ ଏକ ସାଇକେଲ ଆରୋହୀଙ୍କ ସହିତ ଧକ୍କା ହୋଇ ବାଇକ୍ ସହିତ ରାସ୍ତାରେ ଖସିପଡ଼ିଥିଲେ। ଫଳରେ ତାଙ୍କର ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ତାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ସ୍ଥାନୀୟ ଲୋକମାନେ ନିଶ୍ଚିନ୍ତକୋଇଲି ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ଦ୍ୱାରା ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର






ବନ୍ଧୁଗାଁ, (ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ଆନ୍ଧ୍ର ସୀମାନ୍ତକୁ ଲାଗି ରହିଛି । ବ୍ଲକରେ ୧୩ଟି ପଞ୍ଚାୟତ ରହିଥିବା ବେଳେ ୧୫ ଟି ପୋଷ୍ଟ ଅଫିସ ରହିଛି । ଯେଉଁ ଠାରେ ଗ୍ରାମାଞ୍ଚଳର ଅନେକ ଲୋକ ହାତ ପାହନ୍ତା ରେ ଅତି ସୁବିଧାରେ ସେବା ପାଇ ଆସୁଛନ୍ତି । ଆଜକୁ ପ୍ରାୟ ୫ ଦିନ ହେଉଛି ଉପ ଡାକଘର ସମେତ ଗ୍ରାମାଞ୍ଚଳରେ ଥିବା ଡାକ ଘରେ ଗ୍ରାହକଙ୍କୁ ଉପଯୁକ୍ତ ସେବା ନ ମିଳି ଠପ୍ ହୋଇଯାଇଛି । ଦୀର୍ଘ ବର୍ଷ ହେବ ଆଧାର କାର୍ଡ ରେ ଅନେକ ଲୋକଙ୍କ ନିଜର ଫୋନ ନମ୍ବର ଲିଙ୍କ କରି ନାହାନ୍ତି । ବର୍ତ୍ତମାନ ସରକାରଙ୍କ ସମସ୍ତ ଯୋଜନାର ସୁବିଧା ପାଇବା ପାଇଁ ନିଜର ଆଧାର ନମ୍ବର ସହିତ ଫୋନ ନମ୍ବର ଲିଙ୍କ ଥିବା ବାଧ୍ୟତା ମୂଳକ ହୋଇଛି ।ଏଥି ପାଇଁ ଗ୍ରାମାଞ୍ଚଳର ଅଙ୍ଗନୱାଡ଼ି କେନ୍ଦ୍ରର ହିତାଧିକାରୀ ଗର୍ଭବତୀ, ପ୍ରସୂତୀ ମହିଳାଙ୍କ ଆଧାର ସହିତ ଫୋନ ନମ୍ବର ଲିଙ୍କ କରିବା ପାଇଁ ଲୋକେ ଗାଡ଼ି ଭଡ଼ା କରି ଖର୍ଚ୍ଚାନ୍ତ ହୋଇ ଜନ ସେବା କେନ୍ଦ୍ରକୁ ଯାଉଛନ୍ତି । ଏପଟେ କୃଷକ ମାନେ ଆଧାର କାର୍ଡ ରେ କେୱାଇସି କରିବା ପାଇଁ ବ୍ଲକ ପାଖରେ ଥିବା ଜନସେବା କେନ୍ଦ୍ରକୁ ଧାଉଁଛନ୍ତି । ସେପଟେ ଆଧାର ସହିତ ଫୋନ ନମ୍ବର ସହିତ ଲିଙ୍କ ନ ଥିଲେ ଅଙ୍ଗନୱାଡ଼ି କେନ୍ଦ୍ର ରେ ଇ କେୱାଇସି କରିବା ହୋଇ ପାରୁ ନାହିଁ । ପୋଷ୍ଟ ଅଫିସ ସେବା ଠପ୍ ଥିବାରୁ ଗ୍ରାମାଞ୍ଚଳର ଲୋକମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବନ୍ଧୁଗାଁ ସବ୍ ପୋଷ୍ଟ ଅଫିସର ପୋଷ୍ଟ ମାଷ୍ଟର ଶର୍ମିଳା ମଲ୍ଲିକ ସାକ୍ଷାତ କରିବାରୁ ବର୍ତ୍ତମାନ ସେବା ବନ୍ଦ ରହିଛି, କିନ୍ତୁ କେବେ ସୁଦ୍ଧା ଲୋକଙ୍କୁ ସେବା ମିଳିବ ଜାଣି ନ ଥିବା କହିଛନ୍ତି ।

# ଶିକ୍ଷା ବ୍ୟବସ୍ଥା ସଜାଡିବାକୁ ୟୁନିଫାଏଡ଼ ଅଟୋମେସନ ସିଷ୍ଟମ




- ଅନଲାଇନି ଉପସ୍ଥାନ ବ୍ୟବସ୍ଥାକୁ ଶିକ୍ଷକ ସଂଘର ବିରୋଧ
- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ): ସରକାରଙ୍କ ପକ୍ଷରୁ ଅନଲାଇନିରେ ଛାତ୍ର, ଛାତ୍ରୀ ଏବଂ ଶିକ୍ଷକ ମାନଙ୍କ ଉପସ୍ଥାନ ନେବା ନିର୍ଦ୍ଦେଶକୁ ପୁରୀ ଜିଲ୍ଲା ଅସ୍ତରଙ୍ଗ 'ମିଳିତ ଶିକ୍ଷକ ସଂଘ' ଅସ୍ତରଙ୍ଗ ପକ୍ଷରୁ ଜୋରଦାର ବିରୋଧ କରାଯାଇଛି । ମଙ୍ଗଳବାର ଦିନ ମଧ୍ୟାହ୍ନରେ ଅସ୍ତରଙ୍ଗ ବ୍ଲକରେ କାର୍ଯ୍ୟରତ ପ୍ରାଥମିକ ଶିକ୍ଷକ ସଙ୍ଘ, ନୂତନ ପେନସନଭୁକ୍ତ ପ୍ରାଥମିକ ଶିକ୍ଷକ ସଙ୍ଘ, ଅଲୋଷ୍ଟା, ଏକ୍ସ କ୍ୟାଡର ଶିକ୍ଷକ ସଙ୍ଘ ଆଦି ପକ୍ଷରୁ ଏକ ଶୋଭାଯାତ୍ରା ସ୍ଥାନୀୟ ସମଗ୍ର ଶିକ୍ଷା କାର୍ଯ୍ୟାଳୟରୁ ବାହାରି ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲା । ଏଠାରେ ମିଳିତ ଶିକ୍ଷକ ସଙ୍ଘ ସଭାପତି ବିପିନ ବିହାରୀ ମହାନ୍ତି, ସମ୍ପାଦକ ନିରଞ୍ଜନ ବେହେରା, ମହାସଚିବ ମଙ୍ଗୁଳି ଚରଣ ଦାସ, କାର୍ଯ୍ୟକାରୀ ସଭାପତି ନାରାୟଣ ପରିଡା ପ୍ରମୁଖ ବିନା ଭିତ୍ତିଭୂମିରେ ରାଜ୍ୟ ସରକାରଙ୍କ ଅନଲାଇନ ଉପସ୍ଥାନ ନିର୍ଦ୍ଦେଶକୁ ଜୋରଦାର ବିରୋଧ କରିବା ସହ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରିବା ପାଇଁ ଆହ୍ୱାନ ଦେଇଥିଲେ । ପ୍ରଥମେ ଏ ବାବଦରେ ଉପଯୁକ୍ତ ଭିତ୍ତିଭୂମିର ବିକାଶ କରି ଅନଲାଇନି ଉପସ୍ଥାନ ପାଇଁ ଆବଶ୍ୟକ ଉପକରଣ, ୱାଇଫାଇ ସେବା, ଡାଟା ଏଣ୍ଟ୍ରି ଅପରେଟର ବିଦ୍ୟାଳୟ ଗୁଡ଼ିକୁ ଯୋଗାଇ ନ ଦେଇ କେବଳ ଅନଲାଇନି ଉପସ୍ଥାନ ପାଇଁ ଚିଠି କରିଥିବାରୁ ମିଳିତ ଶିକ୍ଷକ ସଙ୍ଘ ପକ୍ଷରୁ ଏହାକୁ ଜୋରଦାର ବିରୋଧ କରାଯାଇଛି । ଏହା ସହ ଜାତୀୟ ଶିକ୍ଷାନୀତି ୨୦୨୦କୁ ଅନ୍ୟ ରାଜ୍ୟ ମାନଙ୍କ ଭଳି ଆମ ରାଜ୍ୟ ସରକାର ପ୍ରଚଳନ କରିଥିବାରୁ ମିଳିତ ଶିକ୍ଷକ ସଙ୍ଘ ସ୍ୱାଗତ ଜଣାଇବା ସହିତ ଅନ୍ୟ ରାଜ୍ୟ ଭଳି କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ, ଅଧିକାଂଶ ପ୍ରାଥମିକ ବିଦ୍ୟାଳୟରେ ୨ ଜଣ ଶିକ୍ଷକ କାର୍ଯ୍ୟ କରୁଥିବା ବେଳେ ଶିଶୁମାନଙ୍କ ଶୈକ୍ଷିକ କାର୍ଯ୍ୟକ୍ରମକୁ ଆଖି ଆଗରେ ରଖି ଶିକ୍ଷକ ମାନଙ୍କୁ ଅଣଶିକ୍ଷା କାର୍ଯ୍ୟକ୍ରମକୁ ନିବୃତ, ଶିଶୁବାଟିକା ନିମନ୍ତେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ସହ ଅନେକ ଦାବୀ ଉପସ୍ଥାନ କରି ବହୁସଂଖ୍ୟାରେ ସାମିଲ ହୋଇଥିଲେ । ଶେଷରେ ମିଳିତ ଶିକ୍ଷକ ସଙ୍ଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁଙ୍କ ଜରିଆରେ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ କୋଷାଧକ୍ଷ ଜୟରାମ ମୁଦୁଲି, କାର୍ଯ୍ୟକାରୀ ସମ୍ପାଦକ ଧୀରେନ୍ଦ୍ର ପ୍ରଧାନ ସହ ଅନ୍ୟ ଶିକ୍ଷକ, ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ ।

# ନୂତନ ଜିଲ୍ଲାପାଳଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ସହ ଦାବିପତ୍ର ପ୍ରଦାନ




ନବରଙ୍ଗପୁର, (ଭାସ୍କର ନ୍ୟୁଜ):ନବରଙ୍ଗପୁର ଜିଲ୍ଲାର ନୂତନ ଜିଲ୍ଲାପାଳ ଡ଼. ମହେଶ୍ୱର ସ୍ୱାଇଁ କାର୍ଯ୍ୟଭାର ଗ୍ରହଣ କରିବା ପରେ ଓଡ଼ିଶା ସାମ୍ବାଦିକ ସଙ୍ଘ (ଓଜେୟୁ) ନବରଙ୍ଗପୁର ଶାଖା ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ ସହ ଏଥିରେ ସାମ୍ବାଦିକ ମାନଙ୍କ ମୌଳିକ ସମସ୍ୟା ଗୁଡ଼ିକ ବିଚାର କରି ତାର ସମାଧାନ ପାଇଁ ପଦକ୍ଷେପ ନେବା ପାଇଁ ଉଲ୍ଲେଖ କରାଯାଇଥିଲା । ଏଣୁ ରାଜ୍ୟର ସାମ୍ବାଦିକ ମାନଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର ନିମ୍ନ ଲିଖିତ ଦାବୀ ପୂରଣ କରିବା ପାଇଁ ଅନୁରୋଧ କରାଯାଇଥିଲା ସାମ୍ବାଦିକ ସୁରକ୍ଷା ପାଇଁ ସରକାର ଆଇନ୍ ପ୍ରଣୟନ କରିବା, ସାମ୍ବାଦିକଙ୍କୁ ୬୦ ବର୍ଷ ପରେ ପେନସନ ଲାଗୁ କରାଯିବା, ଭୁବନେଶ୍ୱର ଠାରେ ସାମ୍ବାଦିକ ଭବନ ନିର୍ମାଣ କରି ଜିଲ୍ଲା ମାନଙ୍କରୁ ଯାଉଥିବା ସାମ୍ବାଦିକ ମାନଙ୍କ ସେଠାରେ ରହିବା ବ୍ୟବସ୍ଥା କରାଯିବା,ପ୍ରତି ଜିଲ୍ଲାରେ ପ୍ରେସ କ୍ଲବ୍ ନିର୍ମାଣ କରାଯିବା, ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଅଧୀନରେ ସାମ୍ବାଦିକଙ୍କ ପିତା ମାତାଙ୍କୁ ସାମିଲ କରାଯିବା ଓ ଏହାକୁ ପାଞ୍ଚ ଲକ୍ଷରୁ ଦଶ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବା, ସାମ୍ବାଦିକଙ୍କୁ ସରକାରୀ ବସ ମାନଙ୍କରେ ମାଗଣା ଯାତାୟାତ ବ୍ୟବସ୍ଥା କରାଯିବା ଇତ୍ୟାଦି ବିଷୟରେ ପଦକ୍ଷେପ ଗ୍ରହଣ କରିବା ପାଇଁ ଅନୁରୋଧ କରାଯାଇଛି । ଏହା ସହ ଜିଲ୍ଲାର ବିଭିନ୍ନ ସମସ୍ୟା ଓ ସମାଧାନ ବିଷୟରେ ଆଲୋଚନା ହୋଇଥିଲା । ସାମ୍ବାଦିକଙ୍କ ପାଇଁ ପ୍ରେସ କ୍ଲବ୍ ନିର୍ମାଣ, ସହରାଞ୍ଚଳ ରାସ୍ତା ଘାଟ ପ୍ରଶସ୍ତିକରଣ, ଜିଲ୍ଲାରେ ଲିଙ୍ଗ ଅନୁପାତର ସମସ୍ୟା ସମାଧାନ, ଛୋଟ ଛୁଆଙ୍କୁ ଚେଙ୍କ ଦେବା ସମସ୍ୟା, ଦାଦନ ଶ୍ରମିକ ସମସ୍ୟା ସ୍ୱାସ୍ଥ୍ୟ ସେବା ଓ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା । ଓଡ଼ିଶା ସାମ୍ବାଦିକ ସଙ୍ଘ ଜିଲ୍ଲା ସଭାପତି ଶିବ ଶଙ୍କର ତ୍ରିପାଠୀଙ୍କ ନେତୃତ୍ୱରେ ରାଜ୍ୟ ସାଂଗଠନିକ ସମ୍ପାଦକ ବାଙ୍କ ବିହାରୀ ବିଷୋୟୀ, ରାଜ୍ୟ ଉପସଭାପତି ରାକେଶ ଗୁପ୍ତା, ଜିଲ୍ଲା ସାଂଗଠନିକ ସମ୍ପାଦକ ବେଣୁ ଗୋପାଳ ରାଓ, ଆଇନ ପରାମର୍ଶଦାତା ଡ. ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ତପନ କୁମାର ପଟ୍ଟନାୟକ, ଶ୍ରୀହରି ବିଷୋୟୀ, ପୋପୁ ପଟ୍ଟନାୟକ, ଭବାନୀ ଶଙ୍କର ପଣ୍ଡା, ବିଶ୍ୱନାଥ ବିଷୋୟୀ, ରାମ ପ୍ରସାଦ ବିଷୋୟୀ, ପ୍ରମୁଖ ଏହି ଆଲୋଚନାରେ ଭାଗ ନେଇ ଥିଲେ ।

# ଅନ୍ତର୍ଜାତୀୟ ବାଣିଜ୍ୟ ଦିବସରେ ଆଲୋଚନାଚକ୍ର




ତିହିଡ଼ି, (ଭାସ୍କର ନ୍ୟୁଜ): ସୋମବାର ପୂର୍ବାହ୍ନ ୧୧ଟାରେ ତିହିଡ଼ି ବ୍ଲକ ପାଳିଆବିନ୍ଧା ସ୍ଥିତ ବିରଞ୍ଚି ନାରାୟଣ ମାଧବ ଅର୍ଜୁନ (ବିଏନଏମଏ) ମହାବିଦ୍ୟାଳୟର +୩ ବାଣିଜ୍ୟ ବିଭାଗ ତରଫରୁ ଅନ୍ତର୍ଜାତୀୟ ବାଣିଜ୍ୟ ଦିବସ ପରିପ୍ରେକ୍ଷୀରେ 'ନୂତନ ଶିକ୍ଷାନୀତି-୨୦୨୦' ଅନୁଯାୟୀ 'ବାଣିଜ୍ୟ ଶିକ୍ଷାର ସମସ୍ୟା ଓ ସମ୍ଭାବନା' ଶୀର୍ଷକରେ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଅମୂଲ୍ୟ କୁମାର ପରିଡ଼ା କାର୍ଯ୍ୟକ୍ରମର ଉଦଘାଟନ କରିଥିବା ବେଳେ ବିଭାଗ ମୁଖ୍ୟ ଅଧାପକ ତପନ କୁମାର ନାୟକ ସଭାପତିତ୍ୱ କରିଥିଲେ । ବରିଷ୍ଠ ଅଧାପକ ଭାଗିରଥୀ ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବାବାମଣି ଡିଗ୍ରୀ କଲେଜ ଅଧାପକ ସୁଭାଷଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଚରମ୍ପା ମହାବିଦ୍ୟାଳୟର ଅଧାପକ ଲେଫ୍ଟନାଣ୍ଟ କର୍ଣ୍ଣେଲ୍ ଡ. ପ୍ରବୀର କୁମାର ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ସାମ୍ପ୍ରତିକ ସମୟରେ ବାଣିଜ୍ୟ ଶିକ୍ଷାର ଅଭିନବ ଦୃଷ୍ଟି ଓ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ଧାମନଗର ମହାବିଦ୍ୟାଳୟର ଅଧାପକ ସନ୍ଦୀପ କୁମାର ଘୋଷ ଓ ସରୋଜ କୁମାର ପଣ୍ଡା ତଥା ବାସୁଦେବପୁର ଅଟଳ ବିହାରୀ ମହାବିଦ୍ୟାଳୟର ଅଧାପକ ଡ. ମେଜର ପରେଶ କୁମାର ଦାସ ସାଂପ୍ରତିକ ପରିସ୍ଥିତିରେ ବାଣିଜ୍ୟ ଶିକ୍ଷାର ବୈଶିଷ୍ଟ୍ୟ ଓ ଆବଶ୍ୟକୀୟ ପରିବର୍ତ୍ତନ ଦିଗ ଉପରେ ଆଲୋକପାତ କରିଥିଲେ । ବିଭାଗର ଛାତ୍ର ଗୌରାଙ୍ଗ ବଳ, ସୁବ୍ରତ ଭୋଇ, ଜ୍ୟୋତିପ୍ରକାଶ ବେହେରା ଓ ଛାତ୍ରୀ ପ୍ରୀତିପାୟଲ ବେହେରା, ଶୁଭଲକ୍ଷ୍ମୀ ଡାଙ୍ଗୁଆ, ଉର୍ବଶୀ ଦଳେଇ, ଶୁଭଶ୍ରୀ ଶୁଭସ୍ମିତା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଅଧାପକ ସୁଧାଂଶୁ ଶେଖର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ଼ ବ୍ଲକ କଳାଙ୍ଗ ପଞ୍ଚାୟତ ଅନ୍ତର୍ଗତ ଗୋବର୍ଦ୍ଧନ ପୁର ଉପରସାହିର ମୂରଲୀଧର ବେହେରାଙ୍କ ସାନପୁଅ ଲକ୍ଷ୍ମୀଧର (୩୨) ଅସ୍ୱାଭାବିକ ଭାବେ ମୃତ୍ୟୁବରଣ କରିଛନ୍ତି । ସେ ସୋମବାର ରାତିରେ ଘରେ ରାତ୍ରୀ ଭୋଜନ ପରେ ଶୋଇଥିଲେ । ତେବେ ମଙ୍ଗଳବାର ସକାଳୁ ତାଙ୍କ ଶରୀର ନିଶ୍ଚଳ ଥିବା ଦେଖି ପରିବାର ଲୋକମାନେ ତାଙ୍କୁ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ତେବେ ଦାୟିତ୍ୱରେ ଥିବା ଡ଼ାକ୍ତର ଅବଦୁଲ ମୂଜିବ ତାଙ୍କର ମୃତ୍ୟୁ ହୋଇ ସାରିଥିବା ସୂଚନା ଦେବା ସହ ବୋଲଗଡ଼ ଥାନାକୁ ରିପୋର୍ଟ କରିଥିଲେ । ପରେ ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ । ମାମଲାର ତଦନ୍ତଭାର ଗ୍ରହଣ କରିଥିବା ଏସଆଇ ହାଡିବନ୍ଧୁ ଦାସ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସୂଚନା ଦେଇଛନ୍ତି । ଲକ୍ଷ୍ମୀଧରଙ୍କର ଏକ ଛୋଟ ଶିଶୁକନ୍ୟା ଥିବା ଜଣାପଡିଛି ।

# ପଞ୍ଚାୟତକୁ ମିଳୁନି ହରିଶ୍ଚନ୍ଦ୍ର ସହାୟତା ଅର୍ଥ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକରେ ବିଭିନ୍ନ ବିଭାଗର କୁପରିଚାଳନା ପାଇଁ ଯୋଜନା ରୂପାୟନରେ ଅନିଶ୍ଚିତତା ଦେଖାଦେଇଛି । ମୃତ ବ୍ୟକ୍ତିଙ୍କ ସଂସ୍କାର ପାଇଁ ତତ୍କାଳ ଆର୍ଥିକ ସହାୟତା ଭାବେ ହରିଶ୍ଚନ୍ଦ୍ର ଯୋଜନା କାର୍ଯ୍ୟକାରୀ ହୋଇଆସୁଛି । ଏହି ଯୋଜନା ପଞ୍ଚାୟତ ମାଧ୍ୟମରେ କାର୍ଯ୍ୟକାରୀ କରାଯାଉଛି । ପଞ୍ଚାୟତ ପରିସର ଯେକୌଣସି ଗ୍ରାମର ବ୍ୟକ୍ତି ମୃତ୍ୟୁବରଣ କଲେ ସଂସ୍କାର ଜନିତ (ହରିଶ୍ଚନ୍ଦ୍ର ଯୋଜନା)ଆର୍ଥିକ ସହାୟତା ପାଇଁ ସମ୍ପୃକ୍ତ ପରିବାର ସ୍ଥାନୀୟ ସରପଞ୍ଚଙ୍କ ଦ୍ୱାରସ୍ଥ ହେଉଛନ୍ତି । ସରପଞ୍ଚ ଜନସାଧାରଣଙ୍କ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସୁଥିବାରୁ ଏହି ଯୋଜନାରେ ଅର୍ଥ ଥାଉ କି ନଥାଉ ୩ ହଜାର ଟଙ୍କା ସହାୟତା ଦେବାକୁ ବାଧ୍ୟ ହେଉଛନ୍ତି । ସରପଞ୍ଚଙ୍କ ବ୍ୟକ୍ତିଗତ ଅର୍ଥ ପ୍ରଦାନ ଦ୍ୱାରା ଲୋକେ ଉପକୃତ ହେଉଥିବାରୁ ଏତ୍‌ନେଇ ପ୍ରତିକ୍ରିୟା ପ୍ରକାଶ ପାଉନାହିଁ । ମାତ୍ର ବିଚରା ସରପଞ୍ଚ ଧାରଉଧାର କରି ହାତରୁ ଟଙ୍କା ଗଣି ନୟାନ୍ତ ହେଉଥିବା ବେଳେ ଯୋଜନା ଅର୍ଥ ବ୍ଲକରେ ଥାଇକି ବି ପଞ୍ଚାୟତକୁ ଆସିପାରୁ ନାହିଁ । ଏଭଳି ଅଭିଯୋଗ ଷୋଳମପୁର ସରପଞ୍ଚ ପରମାନନ୍ଦ ନାୟକ ଆଣିଛନ୍ତି । ଗତ ୫ ମାସ ଧରି ପଞ୍ଚାୟତର ୨୫ ମୃତକଙ୍କୁ ୭୫ ହଜାର ଟଙ୍କା ପୈଠ କରିସାରିଛନ୍ତି । ବ୍ଲକରେ ଯୋଜନା ଅର୍ଥ ପଡିରହିଛି । ସେହି ଅର୍ଥରୁ ବ୍ଲକ ଜମାଖାତାକୁ ସୁଧ ଆସୁଛି । ମାତ୍ର ପଞ୍ଚାୟତକୁ ଯୋଜନା ଅର୍ଥ ପ୍ରଦାନ କରାଯାଉ ନାହିଁ । ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ବ୍ଲକ କାର୍ଯ୍ୟାଳୟକୁ ବାରମ୍ବାର ଜଣାଯିବା ପରେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ । ବ୍ଲକ ଡାଟାଏଣ୍ଟ୍ରି ବିଭାଗର ତ୍ରୁଟି ଯୋଗୁଁ ଯୋଜନା ଅର୍ଥ ପଞ୍ଚାୟତକୁ ପଠାଯାଇ ପାରୁ ନାହିଁ ବୋଲି ବିଡିଓ ମତରଖିଛନ୍ତି । ଏହି ତ୍ରୁଟି ସୁଧରାଯାଇ ଅର୍ଥ ତୁରନ୍ତ ପଠାଯିବ ବୋଲି ସେ ପ୍ରକାଶ କରିଛନ୍ତି ।

# ୬ଛାତ୍ରଙ୍କ ମଧ୍ୟରୁ ୫ ସୁସ୍ଥ ହୋଇ ବିଦ୍ୟାଳୟ ଫେରିଲେ

ମାଲକାନଗିରି, (ଭାସ୍କର ନ୍ୟୁଜ୍): କ୍ଷୀର-ପାଉରୁଟି ଖାଇ ଅସୁସ୍ଥ ହୋଇପଡ଼ିଥିବା ଗନ୍ଧିପଲି ଆଦର୍ଶ ବିଦ୍ୟାଳୟର ୬ ଛାତ୍ରୀଙ୍କ ମଧ୍ୟରୁ ୫ଜଣ ସୁସ୍ଥ ହୋଇଥିବା ସୂଚନା ମିଳିଛି । କେବଳ ଜଣେ ଅଷ୍ଟମ ଶ୍ରେଣୀର ଛାତ୍ରୀଙ୍କ ପେଟ ବ୍ୟଥା ଲାଗି ମେଡ଼ିକାଲରେ ରହିଥିବାରୁ ତାଙ୍କ ଚିକିତ୍ସା ଜାରିରହିଛି । ସ୍ୱାସ୍ଥ୍ୟବସ୍ଥା ସୁଧୁରିବା ପରେ ୫ ଜଣଙ୍କୁ ସ୍କୁଲ୍ ପଠାଇ ଦିଆଯାଇଥିବା ମେଡ଼ିକାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୁହାଯାଇଛି । ସୂଚନା ଥାଉକି, ରବିବାର ରାତିରେ ଆବାସିକ ବିଦ୍ୟାଳୟରେ ପ୍ରସ୍ତୁତ ହୋଇଥିବା ପାଉରୁଟି ଓ ଗରମ କ୍ଷୀର ଛାତ୍ରୀମାନେ ଖାଇଥିଲେ । ଖାଇବା ପରେପରେ ହଠାତ୍ ୬ ଜଣ ଛାତ୍ରୀ ଅସୁସ୍ଥ ହୋଇ ପଡ଼ିଥିଲେ । ସ୍କୁଲ କର୍ତ୍ତୃପକ୍ଷ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲେ । ଚିକିତ୍ସା ପରେ ପ୍ରାୟତଃ ସୁସ୍ଥ ହୋଇଥିବା ଜଣାପଡ଼ିଛି ।

# ସାଙ୍ଗକୁ ହତ୍ୟା କଲା ସାଙ୍ଗ

ରାୟଗଡ଼ା, (ଭାସ୍କର ନ୍ୟୁଜ୍): ଜଣେ ବ୍ୟବସାୟୀଙ୍କୁ ହତ୍ୟା କରି ରାୟଗଡ଼ା ହାଲୁଆ ତୋଟା ମଶାଣି ନିକଟରେ ପୋତା ଯାଇଥିବା ନେଇ ପୋଲିସ ସନ୍ଧାନ ପାଇଛି । କୋରାପୁଟ ଜିଲ୍ଲା ନନ୍ଦପୁର ଥାନା ଅନ୍ତର୍ଗତ ଲମତାପୁଟ ବ୍ଲକ୍ ମେଡିପୁଟ ଗାଁର ପଣସ ବ୍ୟବସାୟୀ ସୋମନାଥ ଯାନୀ ଙ୍କୁ ହତ୍ୟା କରି ରାୟଗଡ଼ା ସହର ଉପକଣ୍ଠରେ ହାଲୁଆ ଶ୍ମଶାନ ନିକଟରେ ପୋତିଦିଆ ଯାଇଛି । ଗତ ତିନିମାସ ଧରି ସେ ନିଖୋଜ ଥିଲେ । ମେ ମାସ ୧୫ ତାରିଖ ଦିନ ଏନେଇ ପରିବାର ତରଫରୁ ନନ୍ଦପୁର ଥାନାରେ ଏକ ନିଖୋଜ ମାମଲା ରୁଜୁ ହୋଇଥିଲା । ମେ ମାସ ୧୬ ତାରିଖ ଦିନ ନନ୍ଦପୁର ପୋଲିସ ଏହି ଘଟଣାର ଖୋଳତାଡ କରୀ ସମ୍ପୃକ୍ତ ବ୍ୟବସାୟୀଙ୍କୁ ହତ୍ୟା କରିଥିବା କଥା ଜାଣିପାରି ଥିଲା । ଏହି ଘଟଣାରେ ପୁଲିସ ୩ଜଣଙ୍କୁ ଗିରଫ୍ କରି ପଚରାଉଚରା କରୁଥିଲା । ତେବେ ମଙ୍ଗଳବାର ଜଣେ ଅଭିଯୁକ୍ତକୁ ପୁଲିସ ଘଟଣା ସ୍ଥଳକୁ ଆଣି ଶବ ପୋତାଯାଇଥିବା ରାୟଗଡାର ହାଲୁଆ ସ୍ମଶାନ ନିକଟରେ ପୋତାଯାଇଥିବା ସ୍ଥାନକୁ ଚିହ୍ନଟ କରିଥିଲା । ଆଜି ପରିବାର ଲୋକଙ୍କ ଉପସ୍ଥିତିରେ ପୁଲିସ ଶବକୁ ଉଦ୍ଧାର କରିଛି । ଅନ୍ୟପଟେ କୋରାପୁଟରୁ ଏକ ସାଇନଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତନତନ କରି ଯାଞ୍ଚ କରୁଛି । ତେବେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସୋମନାଥକୁ ହତ୍ୟା କରାଯାଇଥିବା ନନ୍ଦପୁର ପୁଲିସ ସୂଚନା ଦେଇଛି । ଏଥିରେ ଆଉ କିଏ ସମ୍ପୃକ୍ତ ଅଛି ସେ ବିଷୟରେ ତଦନ୍ତ ଚାଲିଛି । ଏହି ଘଟଣାରେ ରାୟଗଡା ଗୁମ୍ମା ଅଞ୍ଚଳର କିଛି ଯୁବକ ସମ୍ପୃକ୍ତ ଥିବା ପୋଲିସ ଅନୁମାନ କରିଛି ।

## ଛାତ୍ର ବିଶୃଙ୍ଖଳା ନେଉଛି ରାଜନୈତିକ ରଙ୍ଗ

# ଦିବାରାତ୍ରୀ ପୋଲିସ ପହରାରେ ଏସଭିଏମ କଲେଜ




ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲାର ସର୍ବ ପୁରାତନ ମହାବିଦ୍ୟାଳୟ ଏସଭିଏମ କଲେଜରେ ଗତକାଲି ୨ ଗୋଷ୍ଠୀ ଛାତ୍ରଙ୍କ ମଧ୍ୟରେ ମାଡ଼ପିଟି ହୋଇ ଜଣେ ଛାତ୍ର ଗୁରୁତର ଅବସ୍ଥାରେ ଜଗତସିଂହପୁର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଉଭୟ ପକ୍ଷ ଛାତ୍ର ପରସ୍ପର ବିରୋଧରେ ଅଭିଯୋଗ କରିବାରୁ ଇଂଚାର୍ଜରେ ଥିବା ଅଧକ୍ଷ ଉଭୟ ଅଭିଯୋଗକୁ ଜଗତସିଂହପୁର ଥାନାକୁ ପଠାଇ ଦେଇଥିଲେ । ପୋଲିସ ତଦନ୍ତ କରି ଜଣେ ଛାତ୍ରଙ୍କୁ ଗିରଫ କରିଥିବା ସମୟରେ ଅନ୍ୟ ଗଣ୍ଡଗୋଳ କାରୀଙ୍କୁ ଖୋଜୁଥିଲା । କଲେଜ ଅଧକ୍ଷା କୁହନ୍ତି ଆଗରୁ ଛାତ୍ର ବିଶୃଙ୍ଖଳାକୁ ନେଇ ରାତ୍ରିରେ ପୋଲିସ ପେଟ୍ରୋଲିଂ କରାଯାଉଥିଲା । ମାତ୍ର ଏହି ଗଣ୍ଡଗୋଳ ପରେ ଦିନରେ ମଧ ପୋଲିସ ପେଟ୍ରୋଲିଂ କରାଯିବା ସହିତ ସିସିଟିଭିକୁ ମଧ ଆକ୍ଟିଭ କରାଯାଇଛି । ତେବେ ବର୍ତ୍ତମାନ ମହାବିଦ୍ୟାଳୟରେ ପାଠପଢା ସ୍ୱାଭାବିକ ଭାବେ ଚାଲିଛି । ଅପରପକ୍ଷରେ ଛାତ୍ର ଗଣ୍ଡଗୋଳକୁ ନେଇ ରାଜନୀତିକରଣ ଆରମ୍ଭ ହୋଇଛି । ଗିରଫ ହୋଇଥିବା ଆକ୍ରମଣ କାରି ଅଭିଯୁକ୍ତକୁ ଛାଡି ଦେବାପାଇଁ ଗୋଟିଏ ଗୋଷ୍ଠୀ ଛାତ୍ର ଥାନା ଘେରାଉ କରିବା ପରେ ଥାନା କର୍ତ୍ତୃପକ୍ଷ ଅଭିଯୁକ୍ତକୁ ଛାଡି ଦେଇଛନ୍ତି । ମାତ୍ର ଗଣ୍ଡଗୋଳ କାରୀ ମାନେ ସ୍ଥାନୀୟ ବିଧାୟକଙ୍କର ସମର୍ଥକ ହୋଇଥିବା ଧମକ ଦେବା ସହିତ ଏବିଭିପି କର୍ମୀ ବୋଲି ଦାବି କରୁଛନ୍ତି । ଅପରପକ୍ଷରେ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏସଭିଏମ କଲେଜ ଗଣ୍ଡଗୋଳକୁ ଶାସକ ଦଳର ଗୁଣ୍ଡାଙ୍କ ପ୍ରାୟଜିତ କାର୍ଯ୍ୟ ବୋଲି କହିଥିଲେ । କଲେଜରେ କର୍ମଚାରୀ, ଅଣଛାତ୍ର ଓ ଶାସକ ଦଳ ସମର୍ଥିତ ଛାତ୍ର ସଂସଦ ନିର୍ବାଚନ ପାଇଁ ଶାସକ ଦଳ ବିଧାୟକଙ୍କର ନା ନେଇ ଗଣ୍ଡଗୋଳ କରିଥିବାର ପ୍ରକାଶ କରୁଛନ୍ତି । ଉକ୍ତ ଘଟଣାରେ ଜଗତସିଂହପୁର ପୋଲିସ ତୁରନ୍ତ ନିରପେକ୍ଷ ତଦନ୍ତ ଦାବି କରାଯାଇଛି ।ଜିତ କାର୍ଯ୍ୟ ବୋଲି କହିଥିଲେ । କଲେଜରେ କର୍ମଚାରୀ, ଅଣଛାତ୍ର ଓ ଶାସକ ଦଳ ସମର୍ଥିତ ଛାତ୍ର ସଂସଦ ନିର୍ବାଚନ ପାଇଁ ଶାସକ ଦଳ ବିଧାୟକଙ୍କର ନା ନେଇ ଗଣ୍ଡଗୋଳ କରିଥିବାର ପ୍ରକାଶ କରୁଛନ୍ତି । ଉକ୍ତ ଘଟଣାରେ ଜଗତସିଂହପୁର ପୋଲିସ ତୁରନ୍ତ ନିରପେକ୍ଷ ତଦନ୍ତ ଦାବି କରାଯାଇଛି ।

# ସାହିତ୍ୟ-ସାଂସ୍କୃତିକ ମଞ୍ଚର ରିମ୍ ଝିମ୍ ବର୍ଷା ଆସର



ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ତିହିଡ଼ି ସାହିତ୍ୟ ସାଂସ୍କୃତିକ ମଞ୍ଚ ପକ୍ଷରୁ ରବିବାର ଅପରାହ୍ନରେ ସ୍ଥାନୀୟ ସୈନିକ ସ୍କୁଲ ପରିସରରେ 'ରିମ୍ ଝିମ୍ ବର୍ଷା' ଶୀର୍ଷକ କବିତା ଆସର ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ମଞ୍ଚର ଉପଦେଷ୍ଟା ଅଧାପକ ଡକ୍ଟର ବିଶ୍ୱରଂଜନ ଦାସଙ୍କ ପୌରହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ 'ଅମାପ ଅନ୍ଧାର'ର କବି ତଥା ରାଜନେତା ଦୀନବନ୍ଧୁ ପତି ଯୋଗଦେଇ କାର୍ଯ୍ୟକ୍ରମର ଉଦଘାଟନ ପୂର୍ବକ ପ୍ରକୃତି ଓ ମଣିଷ କବିତାର ମୂଳ ଉପାଦାନ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ 'ପ୍ରଗତି ଉଦ୍ୟୋଗ'ର ପ୍ରକାଶକ ବିଜୟ ସାହୁ ଓ ସଂଯୋଜକ ଭାବେ କବି ରଞ୍ଜନ କୁମାର ନାୟକ ଯୋଗଦେଇଥିଲେ । ଯୁବକବି ସୁବ୍ରତ ମିଶ୍ର ମଞ୍ଚ ଆହ୍ୱାନ କବି ନିରଞ୍ଜନ ବାରିକ୍ ଅତିଥି ପରିଚୟ ଓ ଆବାହକ ଯୁବ ଗାଳ୍ପିକ କୈଳାସ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସଂଯୋଜକ ଯୁବ କବି ବିସ୍ମୟ ବିହାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । କବିତା ପଠୋତ୍ସବରେ କବିଶ୍ରୀ ଗୋଲୋକ ପ୍ରସାଦ ବୈୟାରୀ, ପ୍ରଦୀପ କୁମାର ମହାନ୍ତି, କବି ଦେବେନ୍ଦ୍ର ନାଥ ମହାଳିକ, କବି କଳ୍ପତରୁ ସେଠୀ, ନୀଳ ମାଧବ ସେନାପତି, ମୁକୁନ୍ଦଦେବ ନାୟକ, ବିପ୍ଳବ ରଞ୍ଜନ ପତି, ମନୋରଞ୍ଜନ ଦାସ,ବସନ୍ତ କୁମାର ଦାସ, ରମେଶ ଦାସ, ବିଶ୍ୱଜିତ ବେହେରା, ରବି କୁମାର ମହାନ୍ତି, ବିପ୍ଳବ ହୋତା, ପୁଷ୍ପାଞ୍ଜଳି ତ୍ରିପାଠୀ, ମନୋରଞ୍ଜନ ମୁଦୁଲି, ବିଶ୍ୱମୈତ୍ରୀ ନାୟକ, ହରିହର ମହାଳିକ, ସୁବାସ ଦାସ, ଜୟନ୍ତ ମହାନ୍ତି, ମୌସୁମୀ ଗୋଛାୟତ, ବୈକୁଣ୍ଠ ନାଥ ଓଝା, ତପନ ହାତୀ, ନକୁଳ ସେନାପତି, ପି: ହୃଷିକେଶ, ଆଶୁତୋଷ କରଣ, କୃପାସିନ୍ଧୁ ମହାନ୍ତି, ବାଇଧର ମହାନ୍ତି, ଭଗବାନ ପଣ୍ଡା, ଜ୍ଞାନରଞ୍ଜନ ନାୟକ, ଦୈତାରୀ ଜେନା, ଯଯାତି କେଶରୀ ଦାସ, ରିନାରାଣୀ ପାତ୍ର, ଶଶାଙ୍କ ଶେଖର ପଣ୍ଡା, ପିତାମ୍ବର ସେଠୀ, ବିଶ୍ୱନାଥ ବାରିକ, ନିଳାମ୍ବର ସେଠୀ ପ୍ରମୁଖ ସ୍ୱରଚିତ ବର୍ଷା କବିତା ପାଠ କରିଥିଲେ ।

# ଅପହରଣକାରୀକୁ ଗିରଫ ପାଇଁ ଜିଲ୍ଲାପାଳଙ୍କୁ ଗୁହାରୀ କଲେ ମା'



ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): କାମାକ୍ଷାନଗର ଥାନା ଅନ୍ତର୍ଗତ ଖୁରୁସିଆ ଗ୍ରାମର ନବଘନ ବେହେରାଙ୍କ ପତ୍ନୀ ନିରୁପମା ବେହେରା ନିଜ ଝିଅର ଅପହରଣକୁ ନେଇ ଜିଲ୍ଲାପାଳଙ୍କୁ ଏକ ଲିଖିତ ଗୁହାରୀ ଜଣାଇଥିଲେ । ପ୍ରକେଶ ଯେ, ଗତ ୨୩.୦୭.୨୦୨୫ରିଖ ରାତ୍ର ୩.୩୦ମି. ସମୟରେ ନିରୁପମାଙ୍କ ନାବାଳିକା ଝିଅକୁ ସେହି ଗ୍ରାମର ସର୍ବେଶ୍ୱର ବେହେରାଙ୍କ ପୁତ୍ର ସଞ୍ଜୟ ବେହେରା (୨୩) ଅପହରଣ କରିନେଇଛନ୍ତି । ଏହି ବିଷୟରେ କାମାକ୍ଷାନଗର ଥାନାରେ ଅଭିଯୋଗ କରି କେଶ୍ ନଂ-୩୭୧/୨୦୨୫ ରେ ରେଜିଷ୍ଟ୍ରି କରିଥିଲେ ମଧ ଏପର୍ଯ୍ୟନ୍ତ ଝିଅକୁ ଉଦ୍ଧାର କରିନଥିବା ଓ ଆସାମୀକୁ ଧରିବାରେ ବିଫଳ ହୋଇଛନ୍ତି ବୋଲି ନିରୁପମା ଅଭିଯୋଗ କରିଛନ୍ତି । ଏହି ଘଟଣାକୁ ଗୁରୁତର ସହ ବିଚାର କରି ଶୀଘ୍ର ଝିଅକୁ ଉଦ୍ଧାର କରି ଆସାମୀକୁ ଗିରଫ କରିବା ପାଇଁ ଜିଲ୍ଲାପାଳଙ୍କ ନିକଟରେ ଗୁହାରୀ ଜଣାଇଛନ୍ତି ।

# ନରୁଆ-ନଡିଆ ବରେଇ ପାଟନାଳୀ ଅବରୋଧ : ଶହଶହ ଏକର ଜମି ଜଳପ୍ଲାବିତ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳ ଦେଇ ଯାଇଥିବା ନରୁଆ-ନଡିଆବରେଇ ପାଟନାଳୀକୁ କେତେକ ମୁଷ୍ଟିମେୟ ବ୍ୟକ୍ତି ଜବରଦଖଲ କରିବା ସହ ଜଳପଥକୁ ଅବରୋଧ କରିଥିବାର ଅଭିଯୋଗ ହୋଇଛି । ଜଳପଥ ଅବରୋଧ କାରଣରୁ ଶହ ଶହ ଏକର ଚାଷଜମି ଜଳପ୍ଲାବିତ ହୋଇଛି । ଏହାର ପ୍ରତିକାର ଦିଗରେ ଜଳ ସମ୍ପଦ ବିଭାଗ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା କାରଣରୁ ଚାଷୀମାନେ ଚିନ୍ତିତ ହୋଇପଡିଛନ୍ତି । ଚଳିତ ବର୍ଷ ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳର ଚାଷୀମାନେ ଧାନଚାଷ କରିଥିଲେ । ଚାଷୀ ଭଲ ଧାନ ଉତ୍ପାଦନ କରିବ ବୋଲି ଲକ୍ଷ ରଖିଥିଲା । ଏପରିସ୍ଥଳେ କେତେକ ମୁଷ୍ଟିମେୟ ବ୍ୟକ୍ତି ଚାଷୀଙ୍କ ଆହାର ମୁହଁରେ ପାହାର ଦେବାକୁ ଯୋଜନାବଦ୍ଧଭାବେ ଉଦ୍ୟମ ଜାରି ରଖିଛନ୍ତି । ନିଶ୍ଚିନ୍ତକୋଇଲି ବ୍ଲକ ଓରତି ଗ୍ରାମପଂଚାୟତ ଖଣ୍ଡାୟତ ପଟକିରା ନିକଟରେ ଏହି ପାଟନାଳୀର ଜଳକୁ ଅବରୋଧ କରାଯାଇଛି । ଫଳରେ ଉଦବୃତ ଜଳ ନିଷ୍କାସନ ହୋଇ ପାରୁନାହିଁ । ପ୍ରତିବର୍ଷ ଜଳ ସମ୍ପଦ ବିଭାଗ ତରଫରୁ ଏହି ପାଟନାଳୀ ସଫେଇ ଓ ପୁନରୁଦ୍ଧାର ନିମନ୍ତେ ସରକାରୀ ରାଜକୋଷରୁ କୋଟି କୋଟି ଟଙ୍କା ବିନିଯୋଗ ହେଉଛି । ମାତ୍ର ସରକାରୀ କାଗଜକଲମରେ ପାଟନାଳୀ ସଫେଇ ଓ ପୁନରୁଦ୍ଧାର କାର୍ଯ୍ୟ କରାଯାଇ କୋଟି କୋଟି ଟଙ୍କା ଲୁଟି ନିଆଯାଉଛି । ମନ୍ତ୍ରୀ ଯନ୍ତ୍ରୀ ଓ ଠିକାଦାରଙ୍କ ଭାଗ୍ୟର ପରିବର୍ତ୍ତନ ହେଉଥିଲା ବେଳେ ଚାଷୀଙ୍କ ଭାଗ୍ୟ ପରିବର୍ତନ ହେଉନାହିଁ । ଏପରିସ୍ଥଳେ ସ୍ଥାନୀୟ ବନ୍ଧକାଟିଆ ଗ୍ରାମପଂଚାୟତର ଦାନପୁର, କାହ୍ନୁପୁର, ହରିରାଜପୁର, ନରୁଆ, ବନ୍ଧକାଟିଆ, କେଶୁଲ, ସୁନ୍ଦରପୁର, ମୋହନପୁର ଜମରା ପଂଚାୟତର କମଳପୁର, ବିଷମପଡା, ଆଞ୍ଜାପୁର, ଜମରା ସମେତ ଓରତି ଗ୍ରାମ ପଂଚାୟତର ଶହଶହ ଏକର ଜମିରୁ ଉଦବୃତ ଜଳ ନିଷ୍କାସନ ହୋଇପାରୁନଥିବାର ଚାଷୀମହଲରେ ଅଭିଯୋଗ ହୋଇଛି । ଜଳ ନିଷ୍କାସନ ନହେବା ଯୋଗୁ ଶହ ଶହ ଏକର ଜମି ଜଳ ପ୍ଲାବିତ ହୋଇଛି । ଏପରିକି ଜଳ ନିଷ୍କାସନ ନହେବା କାରଣରୁ ଧାନ ଗଛ ମରିଯିବାକୁ ବସିଲାଣି । ଚଳିତ ବର୍ଷ ଚାଷୀମାନେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚକରି ଧାନ ଫସଲ କରିଥିଲେ । ଧାନଗଛ ପଚିଯିବା କାରଣରୁ ଚାଷୀମାନେ ଚିନ୍ତିତ ହୋଇ ପଡିଛନ୍ତି । ଚାଷୀ କିପରି ତାର ବର୍ଷକର ଆହାର ପାଇବ ସେଥିନେଇ ଚିନ୍ତାରେ ଭାଙ୍ଗିପଡିଛି । ଏସମ୍ପର୍କରେ ଚାଷୀମାନେ ନିଶ୍ଚିନ୍ତକୋଇଲି ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । କିନ୍ତୁ ଅଭିଯୋଗ ତହସିଲଦାରଙ୍କ ନାଲି ଫାଇଲ ତଳେ ଚାପି ହୋଇ ରହିଯାଇଥିବାର ଅଭିଯୋଗ ହୋଇଛି । ତହସିଲଦାର ସର୍ବୋପରି ଜଳ ସମ୍ପଦ ବିଭାଗ ତରଫରୁ ଜଳ ନିଷ୍କାସନ ନିମନ୍ତେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବା କାରଣରୁ ଚାଷୀ ଆନ୍ଦୋଳନ ନିମନ୍ତେ ସଜବାଜ ହେଉଥିବାର ଜଣାଯାଇଛି । ପ୍ରଶାସନ ତରଫରୁ ତୁରନ୍ତ ଜଳପଥ ଅବରୋଧ ହଟାଇବା ନିମନ୍ତେ ପୂର୍ବତନ ସରପଂଚ ବସନ୍ତ କୁମାର ବେହେରା, ସରପଂଚ ପ୍ରଦୀପ୍ତ କୁମାର ପରିଡା, କିଶୋର କୁମାର ସ୍ୱାଇଁ, ଅନନ୍ତ ମଳିକ, ବିଦ୍ୟାଧର ବେହେରା, ରଜତ କୁମାର ମହାନ୍ତି ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଦୃଢ଼ ଦାବି କରିଛନ୍ତି । ନଚେତ ଆଗାମୀ ଦିନରେ ଚାଷୀମାନେ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ପଛାଇବେ ନାହିଁ ବୋଲି ଚରମ ଚେତାବନୀ ଦେଇଛନ୍ତି ।

# ବନ ବିଭାଗ ଫାଂସରେ ଭାଲୁ



ମାଥିଲି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ମାଥିଲି ରେଞ୍ଜ ବୁରୁଡିଗୁଡ଼ା ରିଜର୍ଭ ଲ୍ୟାଣ୍ଡ ରେ ନିୟମିତ ପାଦ ପେଟ୍ରୋଲିଂ ସମୟରେ, କ୍ଷେତ୍ର କର୍ମଚାରୀ ମାନେ ଦୁଇଟି ଭାଲୁ (ଗୋଟିଏ ମା ଏବଂ ଦୁଇ ଛୁଆ ଭାଲୁ) ଏକ ଫାଶରେ ଫସି ରହିଥିବା ଦେଖିଥିଲେ ଯାହା ବେଆଇନ ପଶୁଙ୍କୁ ଧରିବା ପାଇଁ ଉଦ୍ଦେଶ୍ୟ ମୂଳକ ଭାବରେ ରଖାଯାଇଥିଲା । ଏହି ସୂଚନା ପାଇବା ପରେ, ମାଥିଲି ରେଞ୍ଜ କ୍ଷେତ୍ର କର୍ମଚାରୀମାନେ, ରାପିଡ୍ ରେସପନ୍ସ ଟିମ୍ ସହିତ, ତୁରନ୍ତ ଏକ ସୁରକ୍ଷିତ ଉଦ୍ଧାର କାର୍ଯ୍ୟ କରିବା ପାଇଁ ସ୍ଥାନରେ ପହଞ୍ଚିଥିଲେ । ଉଦ୍ଧାର କାର୍ଯ୍ୟ ସମୟରେ, ମା ଏବଂ ଛୁଆ ଉଭୟ ଫାଶରୁ ନିଜକୁ ମୁକ୍ତ କରିବାରେ ସଫଳ ହୋଇଥିଲେ ଏବଂ ନିକଟସ୍ଥ ଜଙ୍ଗଲକୁ ସୁରକ୍ଷିତ ଭାବରେ ପଳାଇ ଯାଇଥିଲେ । ଘଟଣା ପରେ, ପ୍ରାଣୀଙ୍କ ଗତିବିଧି ଉପରେ ନିରନ୍ତର ନଜର ରଖିବା ପାଇଁ ବନ ବିଭାଗ କର୍ମଚାରୀ ମାନଙ୍କୁ ଘଟଣାସ୍ଥଳରେ ନିୟୋଜିତ କରାଯାଇଛି । ଏହା ସେମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ଆଖପାଖ ଅଞ୍ଚଳରେ କୌଣସି ସମ୍ଭାବ୍ୟ ମାନବ-ପଶୁ ପାରସ୍ପରିକ କ୍ରିୟାକୁ ରୋକିବା ପାଇଁ କରାଯାଉଛି ।

## ମାନବ ଚାଲାଣ ବିରୋଧରେ ସଚେତନତା କାର୍ଯ୍ୟକ୍ରମ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ସମାଜରେ ସଂପ୍ରତି ଶିଶୁ ଓ ମହିଳା ଚାଲାଣ ଭୟଙ୍କର ଭାବେ ଜନ ଜୀବନକୁ ଭୟଭୀତ ଏବଂ ଆତଙ୍କିତ କରିଥିଲା ବେଳେ ଜନସାଧାରଣଙ୍କୁ ଏ ସମ୍ପର୍କରେ ସଚେତନ କରିବା ଭଳି କାର୍ଯ୍ୟରୁ ନିବୃତ୍ତ ରହିବାପାଇଁ ରାୟଗଡା, କଳାହାଣ୍ଡି ଓ ମାଲକାନଗିରି ଜିଲ୍ଲା ମାନଙ୍କରେ କାର୍ଯ୍ୟ କରୁଥିବା 'ଶକ୍ତି' ସଂଗଠନ ଭବାନୀପାଟଣାଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଭବାନୀପାଟଣା ରେଳ ଷ୍ଟେସନ ଓ ଏହାର ଆଖପାଖ ଗ୍ରାମ ଓ ବସ୍ତି ଅଞ୍ଚଳର ଲୋକମାନଙ୍କୁ ଶିଶୁ, ମହିଳା ଚାଲାଣର ଅପକାରିତା ଓ ଏହା କଲେ କିଭଳି ଆଇନଗତ ସମସ୍ୟା ଉପୁଜେ ଓ ଭୟାବହ ଦଣ୍ଡ ମିଳେ ସେ ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇଥିଲେ।



ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମକୁ ସଫଳ କରିବାପାଇଁ ଶକ୍ତି ସଂଗଠନ ସହ ହାତ ମିଳାଇ ଥିଲେ ରେଳ ସୁରକ୍ଷା ବଳ (ଆରପିଏଫ୍) ଓ ଶିଶୁ ସୁରକ୍ଷା ନିମନ୍ତେ କାମ କରୁଥିବା ଜିଲ୍ଲାର ବିଭିନ୍ନ ଆନୁଷ୍ଠାନର କର୍ମକର୍ତ୍ତା ଓ ସଦସ୍ୟ, ଭବାନୀପାଟଣା ରେଳ ଷ୍ଟେସନ ମାଷ୍ଟର, ରେଳ ଯାତ୍ରୀ, ରେଳବିଭାଗ କର୍ମଚାରୀ, ଷ୍ଟେସନର ବିକ୍ରେତା ତଥା ରେଳ ଶ୍ରମିକ। ସମସ୍ତଙ୍କୁ ଏହି ମାନବ ଚାଲାଣ ରୋକିବା ପାଇଁ ସଚେତନ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ କଳାହାଣ୍ଡି ଜିଲ୍ଲା ଶକ୍ତି ଅନୁଷ୍ଠାନର ଜିଲ୍ଲା ସଂଯୋଜକ ସୁଜିତ ସେନ୍ ପରିଚାଳନା କରୁଥିବା ଦେଖିବାକୁ ମିଳିଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଅନୁଷ୍ଠାନର ଶିଶୁ ଚାଲାଣ ବିରୋଧୀ କାର୍ଯ୍ୟକ୍ରମର ସଂଯୋଜକ ସୁମନ୍ତ ମାଝୀ ଓ ଶକ୍ତିର କର୍ମଚାରୀ ଅର୍ଜୁନ ମାଝୀ ତଥା ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଏଠାରେ ପ୍ରକାଶ ଯୋଗ୍ୟ ଯେ ଶକ୍ତି ସଂଗଠନ ହେଉଛି 'ଜଷ୍ଟ ରାଇଟ୍ସ ଫର୍ ଚିଲଡ୍ରେନ୍'ର ଏକ ଅଂଶୀଦାର ସଂସ୍ଥା ଏବଂ ଶିଶୁ, ଶ୍ରମିକ ଚାଲାଣ, ବାଲ୍ୟବିବାହ ଏବଂ ଯୌନ ନିର୍ଯ୍ୟାତନାର ଶୀକାର ହେଉଥିବା ପିଲାମାନଙ୍କର ସୁରକ୍ଷା, ଉଦ୍ଧାର ଓ ନ୍ୟାୟ ସୁନିଶ୍ଚିତ କରିବା ପାଇଁ କାର୍ଯ୍ୟ କରିଆସୁଛି।

## ଜିଲ୍ଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ଟାଉନହଲ ଠାରେସୋମବାରଦିନ ଜିଲ୍ଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ କାର୍ଯ୍ୟକ୍ରମ ଓ 'ଆକାଂକ୍ଷା ହାଟ'ର ଶୁଭାରମ୍ଭ ହୋଇ ଯାଇଛି। ଏହି ସମ୍ମାନ ସମାରୋହ କାର୍ଯ୍ୟକ୍ରମରେ ମାନ୍ୟବର ବିଧାୟକ ଧର୍ମଗଡ ସୁଧୀର ରଞ୍ଜନ ପଟ୍ଟଯୋଶୀ, ମାନ୍ୟବର ବିଧାୟକ ଜୁନାଗଡ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର, ପାଓ୍ୱାର ସଚିନ ପ୍ରକାଶ, କଳାହାଣ୍ଡି ଜିଲ୍ଲାପାଳ, ଦୟାମୟ ପାଢ଼ୀ, ମୁଖ୍ୟ ବିକାଶ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, କଳାହାଣ୍ଡି, ଶ୍ରୀକାନ୍ତ ଦଳେଇ, ଉପ ନିର୍ଦ୍ଦେଶକ, ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ, କଳାହାଣ୍ଡି, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଓ ବ୍ଲକ ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ୨୦୨୪ ଜୁଲାଇରୁ ସେପ୍ଟେମ୍ବର୨୦୨୪ରେ ଅନୁଷ୍ଠିତ ସମ୍ପୂର୍ଣ୍ଣତା ଅଭିଯାନରେ ଜିଲ୍ଲା ମାନଙ୍କ



ମଧ୍ୟରେ କଳାହାଣ୍ଡି ଜିଲ୍ଲା ଉତ୍ତମ ସ୍ଥାନ ଅଧିକାର କରି ତାମ୍ର ପଦକ ହାସଲ କରିଛି ସେହି ପରି ଆକାଂକ୍ଷା ବ୍ଲକ ମାନଙ୍କ ମଧ୍ୟରେ ମ.ରାମପୁର ଓ ଥୁ.ରାମପୁର ଯଥାକ୍ରମେ ୫ଟି ଏବଂ ୪ଟି ମୁଖ୍ୟ କାର୍ଯ୍ୟ ଦକ୍ଷତା ସୂଚକରେ ସମ୍ପୂର୍ଣ୍ଣତା ହାସଲ କରିଥିବାରୁ ଉକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନଙ୍କୁ ଯଥାକ୍ରମେ ରୌପ୍ୟ ପଦକ ଓ ତାମ୍ର ପଦକ ନୀତି ଆୟୋଗ, ଭାରତ ସରକାର ପ୍ରାପ୍ତ ହୋଇଛି। ଜିଲ୍ଲାପାଳ ଶ୍ରୀ ପାଓ୍ୱାର କହିଥିଲେ କଳାହାଣ୍ଡି ଜିଲ୍ଲା ଆକାଂକ୍ଷୀ ଜିଲ୍ଲା ମାନଙ୍କ ମଧ୍ୟରେ ଉତ୍ତମ ସ୍ଥାନ ଅଧିକାର କରିଥିବାରୁ ୯ କୋଟି ଏବଂ ଥୁ.ରାମପୁର ବ୍ଲକ ୧ କୋଟି ପୁରସ୍କାର ରାଶି ନୀତି ଆୟୋଗ, ଭାରତ ସରକାରଙ୍କ ଠାରୁ ପାଇଛନ୍ତି। ଶ୍ରୀ ପାଟ୍ଟଯୋଶୀ ମାନ୍ୟବର ବିଧାୟକ ଧର୍ମଗଡ କହିଥିଲେ ଏପରି ସମସ୍ତେ ନିଜର କାର୍ଯ୍ୟ ଠିକ ଭାବରେ ସମ୍ପାଦନ କଲେ ଆଗାମୀ ଦିନରେ କଳାହାଣ୍ଡି ଜିଲ୍ଲା ସମୃଦ୍ଧ ଓଡିଶା ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିବଏବଂ ଏହାର ଫଳ ଜିଲ୍ଲାବାସୀ ପାଇପାରିବେ। ଅତିଥି ମାନେ ସପ୍ତାହ ବ୍ୟାପୀ ଆକାଂକ୍ଷା ହାଟର ଶୁଭାରମ୍ଭ କରିଥିଲେ। ଏହି ଆକାଂକ୍ଷା ହାଟରେ ବିଭିନ୍ନ ପ୍ରକାର ଡାଲି,ମସଲା ଜାତୀୟ ଦ୍ରବ୍ୟ, ହବାସପୁରି ଶାଢ଼ୀ ସୌରା ଚିତ୍ର କଳା, ଡୋକରା ଚିତ୍ରକଳା, ସୁଆଁ ଚାଉଳ, ଜଙ୍ଗଲ ଜାତୀୟ ଦ୍ରବ୍ୟ, ମିଶନ ଶକ୍ତିରୁ ବଡ଼ି, ପାମ୍ପଡ଼, ମାଣ୍ଡିଆ ଜାତୀୟ ସୁସ୍ୱାଦୁ ଖାଦ୍ୟ, ସ୍ୱତନ୍ତ୍ର ରାଗି ଷ୍ଟଲ ଏହି ପରି ଭାବରେ ୧୨ ଗୋଟି ଷ୍ଟଲ ଆଜିଠାରୁ ୭ ଦିନ ପର୍ଯ୍ୟନ୍ତ ଟାଉନ ହଲ ଠାରେ ଚାଲିବ। ଏହି ଉତ୍ପାଦ ଗୁଡିକ କଳାହାଣ୍ଡି ଜିଲ୍ଲାର ସମୃଦ୍ଧ, ସାଂସ୍କୃତିକ ଓ କୃଷି ଐତିହ ପ୍ରତିଫଳିତ କରେ ବୋଲି ଅତିଥି ମାନେ କହିଥିଲେ।

## ଇନ୍ଦ୍ରାବତୀ ମେଗାଲିଫ୍ଟ କେନାଲରେ ଭାସିଯାଇ ଯୁବକଙ୍କ ମୃତ୍ୟୁ

କଲମପୁର, (ଭାସ୍କର ନ୍ୟୁଜ୍) : ମଙ୍ଗଳବାର ସକାଳ ପ୍ରାୟ ୮:୩୦ ସମୟରେ ଇନ୍ଦ୍ରାବତୀ କେନାଲର ଚାଉଲଡଙ୍ଗର କେନାଲ ନିକଟରୁ ଜଣେ ଯୁବକଙ୍କ ମୃତ ଦେହକୁ ଜୟପାଟଣା ଅଗ୍ନିଶମ ବିଭାଗ କର୍ମଚାରୀ ଉଦ୍ଧାର କରିଛନ୍ତି। ଯୁବକ ଜଣକ ହେଉଛନ୍ତି ଜୟପାଟଣା ପୋଲିସ ଥାନା ଅଧିନସ୍ଥ ହୀରାପୁର ପଞ୍ଚାୟତ ଅଧିନସ୍ଥ ତୋଟାପଡା ର ବୁଟୁ ଜାନି (୪୫)। ସୂଚନାନୁସାରେ ଶ୍ରୀ ଜାନି ସକାଳେ ଗାଧୋଇବା ବେଳେ ଅଚାନକ ଗଭୀର ପାଣିରେ ତାଙ୍କ ଗୋଡ ଖସି ଯାଇଥିଲା ଫଳରେ ବୁଟୁ ପାଣିରେ ବୁଡି ନିଖୋଜ ହୋଇ ଯାଇଥିଲେ। ତାଙ୍କ ଗାମୁଛା ଓ ଚପଲ କେନାଲ ହୁଡାରେ ପଡି ରହିଥିଲା

## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ଧର୍ମଗଡ଼ ବ୍ଲକ ବ୍ରାହ୍ମଣ ଛେଣ୍ଡିଆ ଠାରେ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ସୋମବାର ଅନୁଷ୍ଠିତ ହୋଇ ଯୋଗ୍ୟ ବିବେଚିତ ହିତାଧିକାରୀଙ୍କ ଘର ଡିହ ଯୋଗାଇ ଦିଆଯିବ ବୋଲି ତହସିଲଦାର କହିଛନ୍ତି। ଅଭିଯୋଗ ଶିବିରରେ ସ୍ଥାନୀୟ ସରପଞ୍ଚ ମନୋଜ




ଯାଇଛି। ଶିବିରରେ ଧର୍ମଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ, ତହସିଲଦାର କୀର୍ତ୍ତି ଚନ୍ଦ୍ର ପ୍ରଧାନ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହି ଅଭିଯୋଗ ଗ୍ରହଣ କରିଥିଲେ। ସର୍ବମୋଟ ୪୫ଟି ବିଭିନ୍ନ ସଂକ୍ରାନ୍ତୀୟ ଅଭିଯୋଗ ହୋଇଥିବା ବେଳେ ସେଥିମଧ୍ୟରୁ ୩୭ଟି ଅଭିଯୋଗ କେବଳ ଘର ଡିହ ପାଇଁ ରହିଛି। ତେବେ ସରକାରୀ ନିୟମ ଓ ପଦ୍ଧତି ଅନୁଯାୟୀ କୁମାର ନାଏକଙ୍କ ସମେତ ସରକାରୀଯନ୍ତ୍ରୀ କରୁଣା କର ମୁର୍ମୁ, ଖାଦ୍ୟ ଯୋଗାଣ ଅଧିକାରୀ ପ୍ରଭାକର ଦୋରା, ଜଳ ଯୋଗାଣ ଯନ୍ତ୍ରୀ ସରୋଜ କୁମାର ମାଝୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ହୁମରାଜ ନାଏକ, ମେଡ଼ିକାଲ ଅଧିକାରୀ, ସମସ୍ତ ଏଏନ୍ଏମ୍, ଅଙ୍ଗନବାଡ଼ି କର୍ମୀ, ଗ୍ରାମ୍ୟ କୃଷି ସେବକ, ସମସ୍ତ ଶିକ୍ଷକ ଏମ୍‌ବିକେ, ସିଆର୍‌ପି ପ୍ରମୁଖ ଉପସ୍ଥିତ ରହିଥିଲେ।

## ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

କେସିଙ୍ଗା, (ଭାସ୍କର ନ୍ୟୁଜ୍) : ୭୯ ତମ ସ୍ୱାଧିନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ସୋମବାର ଦିନ ଅପରାହ୍ନ ୩ ଘଣ୍ଟା ସମୟରେ ସ୍ଥାନୀୟ ଏନ୍ଏସି ସଦଭାବନା ସଭାଗୃହ ଠାରେ ଅଧକ୍ଷ ନୃପରାଜ ଯାଦବଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ପ୍ରଥମେ ପୂର୍ବ ବର୍ଷର ଆୟ ବ୍ୟୟ ବିବରଣୀ ପଠନ ଓ ଦୃଢ଼ୀକରଣ ପରେ ଚଳିତ ସ୍ୱାଧୀନତା ଦିବସର ରୂପରେଖ ପ୍ରସ୍ତୁତ କରାଯାଇ ଶାନ୍ତି ଶୃଙ୍ଖଳାର ସହିତ ସ୍ୱାଧୀନତା ଦିବସ ପାଳନ କିପରି କରା ଯିବ ତାର ନିଷ୍ପତି ହୋଇଥିଲା। ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ଉପ ନଗରପାଳ ସରସ୍ୱତୀ ସାହା, କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟଙ୍କ ସମେତ ସମସ୍ତ କାଉନସିଲର, କନିଷ୍ଠ ଯନ୍ତ୍ରୀ ନାରାୟଣ ମହାରଣା, ଏନ୍ଏସି ଅଞ୍ଚଳର ସରକାରୀ ବେସରକାରୀ ଶିକ୍ଷକ, ପୋଲିସ କର୍ମଚାରୀ, ଅଞ୍ଚଳର ଅନେକ ବୁଦ୍ଧିଜିବୀ ଓ ଗଣମାଧ୍ୟମ ପ୍ରତିନିଧି, ସିର୍ଣ୍ଣୁ ପଟ୍ଟନାୟକ, ମୋହନ ସାହୁ, ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ପ୍ରବନ୍ଧ ସଂକଳନ 'ଅନ୍ଧପୁଟୁଳି' ଲୋକାର୍ପିତ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ସୃଷ୍ଟିକୁ ମୁହଁ କରି ଶବ୍ଦ ଗୁନ୍ଥିବାର କାମ କରେ ସାହିତ୍ୟିକ। ନିଜେ ବଞ୍ଚୁଥିବା ପୃଥିବୀର ସୁଖଦୁଃଖକୁ ହିସାବ କରିବା ପାଇଁ ସମାଜ ହାତରେ ଧରାଇ ଦିଏ ସେ। ବିଶେଷତଃ ପ୍ରାବନ୍ଧିକ ଜଣକ ପ୍ରସଙ୍ଗ ସବୁକୁ ପ୍ରମାଣ ସହ ପାଠକ ପାଖରେ ପହଞ୍ଚାଇବାରେ ସର୍ବାଧିକ ଆୟୁଷ ସାରେ ବୋଲି ମୀନା କୁମାରୀ ମୁଣ୍ଡଙ୍କ ପ୍ରବନ୍ଧ ସଂକଳନ 'ଅନ୍ଧପୁଟୁଳି'ର ଲୋକାର୍ପଣ ଅବସରରେ ଯୋଗ ଦେଇଥିବା ଅତିଥିମାନେ ମତ ପ୍ରକାଶ କରିଥିଲେ। ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର, ଜୟପାଟଣା ପରିସରରେ ଅନୁଷ୍ଠିତ ଏହି ପୁସ୍ତକ ଲୋକାର୍ପଣ ଉତ୍ସବରେ




ଆଧ୍ୟାତ୍ମିକ ଗୁରୁ ସ୍ୱାମୀ ପୂର୍ଣ୍ଣାନନ୍ଦ ପୁରୀଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ତଥା ଅଧ୍ୟାପକ ଲିଙ୍ଗରାଜ ପାତ୍ର, ସାମ୍ବାଦିକ ଶେଷଦେବ ବେହେରା, ଅବସରପ୍ରାପ୍ତ ଅଧ୍ୟାପକ ସୁଶାନ୍ତ କୁମାର ଲେଙ୍କା, ବରିଷ୍ଠ ସାହିତ୍ୟିକ ତଥା ନାଟ୍ୟକାର ସୋହନଲାଲ୍ ଅଗ୍ରୱାଲ, ଲେଖିକା ମୀନା କୁମାରୀ ମୁଣ୍ଡ ପ୍ରମୁଖ ମଞ୍ଚାସୀନ ଥିଲାବେଳେ ଅଧ୍ୟାପକ ବଙ୍କିମ ମୁଣ୍ଡ ପୁସ୍ତକଟିର ସମୀକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ପରିଚୟ ପ୍ରଦାନ କରିଥିଲେ ସାହିତ୍ୟିକ ପ୍ରଶାନ୍ତ ପଣ୍ଡା। ଏହି ଅବସରରେ ବିଦ୍ୟାଳୟର ଆଚାର୍ଯ୍ୟ ଧନମତ ଡୁଙ୍ଗୁରି ଏବଂ ଛାତ୍ରଛାତ୍ରୀଗଣ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଯୁବ କବି ଆଶୁତୋଷ ପୁରୋହିତ ମଞ୍ଚ ପରିଚାଳନା କରିଥିଲେ ଓ ବ୍ୟଙ୍ଗକବି ବିରଞ୍ଚି ନାରାୟଣ ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ କବି ଝରଣା ପାଢ଼ୀ ଶାନ୍ତିପାଠ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବିଶ୍ୱ ଜୀବନ ପାଢୀଙ୍କ ସହ ଅନୁଷ୍ଠାନର ଆଚାର୍ଯ୍ୟ ଆଚାର୍ଯ୍ୟାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ବହୁ ସାହିତ୍ୟପ୍ରେମୀ ତଥା ବିଭିନ୍ନ ସାହିତ୍ୟ ଅନୁଷ୍ଠାନର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

## ରକ୍ଷଣାବେକ୍ଷଣ ଅଭାବରୁ ରାସ୍ତାରେ ଖାଲ ଖମା



ଅନେକ ଯାଗାରେ ଆଣ୍ଠୁଏ ଆଣ୍ଠୁଏ ଖାଲ ହୋଇଥିବା ବେଳେ ବର୍ତ୍ତମାନ ବର୍ଷା ଦିନରେ ପାଣି ଭର୍ତ୍ତି ହୋଇ ରହୁଥିବାରୁ ସାଧାରଣ ଜନତାଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏହି ରାସ୍ତା ଉପରେ ଅଞ୍ଚଳର ହଜାର ହଜାର ଲୋକେ ନିର୍ଭର କରୁଥିବା ବେଳେ ଦୈନିକ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀମାନେ ମଧ ଯିବା ଆସିବା କରିଥାନ୍ତି। ଗତ ବର୍ଷ ଏହି ରାସ୍ତାର

ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ୍) : କେନ୍ଦ୍ର ସରକାର ଗ୍ରାମାଞ୍ଚଳର ଲୋକଙ୍କୁ ଗମନାଗମନର ସୁବିଧା ଯୋଗାଇବା ପାଇଁ ପ୍ରଧାନମନ୍ତ୍ରୀ ସଡକ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ପକ୍କା ରାସ୍ତା ତିଆରି କରୁଥିବା ବେଳେ ରାସ୍ତା ତିଆରି କାମ ଓ ରକ୍ଷଣାବେକ୍ଷଣରେ ମୁନାଫାଖୋର ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ପ୍ରଧାନମନ୍ତ୍ରୀ ସଡକ ରାସ୍ତା ଗୁଡିକରେ ଆଣ୍ଠୁଏ ଆଣ୍ଠୁଏ ଖାଲରେ ଭର୍ତ୍ତି ହୋଇ ଯାଉଥିବାରୁ ଲୋକଙ୍କ ଗମନା ଗମନରେ ଘୋର ଅସୁବିଧା ଉପୁଜୁଛି। ଏଭଳି ଏକ ଦୃଶ୍ୟ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ କେଗାଁଠାରୁ ମହେନ୍ଦ୍ରପୁର ରାସ୍ତାରେ ଦେଖିବାକୁ ମିଳିଛି। ଗତ ୨୦୧୯ ମସିହା ଡିସେମ୍ବର ମାସ ୭ ତାରିଖ ଦିନ ଏହି ରାସ୍ତା ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ୧୧୮.୫୨ ଲକ୍ଷ ଟଙ୍କା ବିନିମୟରେ କାର୍ଯ୍ୟ ସମାପନ ହୋଇଥିଲା। କାର୍ଯ୍ୟ ସମାପନ ଦିନ ଠାରୁ ଗତ ବର୍ଷ ୨୦୨୪ ମସିହା ଡିସେମ୍ବର ମାସ ୭ ତାରିଖ ପର୍ଯ୍ୟନ୍ତ ଏହାର ରକ୍ଷଣାବେକ୍ଷଣ ସମୟ ରହିଥିଲା ଓ ଏଥିପାଇଁ ଧର୍ମଗଡ ଗ୍ରାମ୍ୟ ଉନ୍ନୟନ ବିଭାଜନ ପକ୍ଷରୁ ୧୭.୫୬ ଲକ୍ଷ ଅଟକଳ ରଖାଯାଇଥିଲା। କିନ୍ତୁ ଏହି ରାସ୍ତାର ଉପଯୁକ୍ତ ରକ୍ଷଣାବେକ୍ଷଣ ହୋଇନଥିବାରୁ ରାସ୍ତାର ରକ୍ଷଣାବେକ୍ଷଣ ବାବଦକୁ ରାସ୍ତା ଉପର ଗର୍ତ୍ତ ଓ ଫାଟ ମରାମତି, ରାସ୍ତା ସୋଲଡର ମରାମତି, ବର୍ଷା ପାଣି କଟାଧାର ମରାମତି କାର୍ଯ୍ୟ କରାଯାଇ ନଥିବାରୁ ଧିରେ ଧିରେ ଉକ୍ତ ଖାଲ ଗୁଡିକ ବଡ ବଡ ଗର୍ତ୍ତ ହୋଇ ଲୋକେ ନାହିଁ ନଥିବାର ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏଣୁ ଯୁଦ୍ଧକାଳୀନ ଭିତ୍ତିରେ ସଂପୃକ୍ତ ବିଭାଗ ପକ୍ଷରୁ ଏହି ରାସ୍ତର ମରାମତି କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଯାଥାଶୀଘ୍ର ଏହାର ମରାମତି କରାନ ଗଲେ ଲୋକେ ଆନ୍ଦୋଳମ୍ବାକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ପ୍ରିୟଦର୍ଶିନୀ ଇନ୍ଦିରା ମହାବିଦ୍ୟାଳୟରେ ନୂତନ ଅଧକ୍ଷଙ୍କ ଯୋଗଦାନ



ଜୁନାଗଡ଼ (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସ୍ଥିତ ପ୍ରିୟଦର୍ଶିନୀ ଇନ୍ଦିରା ମହାବିଦ୍ୟାଳୟରେ ନୂତନ ଅଧକ୍ଷ ଭାବେ ପ୍ରତାପ ବଲ୍ଲଭ ପାଣିଗ୍ରାହୀ ଯୋଗଦାନ କରିଛନ୍ତି। ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ନିଯୁକ୍ତି ହୋଇ ପରବର୍ତ୍ତୀ ଅଧକ୍ଷ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଭାରପ୍ରାପ୍ତ ଅଧକ୍ଷା ସାଗରିକା ଦାସଙ୍କୁ ନିଜ ଯୋଗଦାନ ପତ୍ର ପ୍ରଦାନ କରିଥିଲେ। ଏହି ସମୟରେ କଲେଜର ଅଧ୍ୟାପକ ଆଦିତ୍ୟ ଖମାରୀ, କୈଳାସ ଚନ୍ଦ୍ର ମେହେର, ପ୍ରିୟବ୍ରତ ବାଣୁଆ, ନେତ୍ରାନନ୍ଦ ପ୍ରଧାନ, ବିଶ୍ୱ ରଞ୍ଜନ ବେହେରା, ରାଜେଶ ପଟେଲ, ପୂର୍ଣ୍ଣମାସୀ ମାଝି, ଜ୍ୟୋତି ରଞ୍ଜନ ପାତ୍ର, ବିକାଶ ବେହେରା, ବିବେକ ମେହେର, ଜିତେନ୍ଦ୍ର ନାଏକ, ବାବୁଲି ଗୋପାଳ, ତ୍ରିଭୁବନ ବେମାଲ ଓ ଅନିରୁଦ୍ଧ ପୁଝାରି ପ୍ରମୁଖ ଉପସ୍ଥିତ ଥିଲେ। ନୂତନ ଅଧକ୍ଷ କଣ୍ଟାବାଞ୍ଜି ଧନ୍ଦା ମୂଳକ ସ୍ନାତକ କଲେଜରେ ରାଜନୀତି ବିଜ୍ଞାନର କାର୍ଯ୍ୟରତ ଥିଲେ। ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ନିଯୁକ୍ତ କମନ କ୍ୟାଡର ପ୍ରାଧ୍ୟାପକ ଭାବେ ପ୍ରିୟଦର୍ଶିନୀ ଇନ୍ଦିରା ମହାବିଦ୍ୟାଳୟର ପ୍ରଥମ ଅଧକ୍ଷ। ନୂତନ ଅଧକ୍ଷଙ୍କୁ ମହାବିଦ୍ୟାଳୟର ପ୍ରାଧ୍ୟାପକ, ଅଧ୍ୟାପକ ଓ କର୍ମଚାରୀ ମାନଙ୍କ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପ୍ରାକ୍ତନ ଅଧକ୍ଷ ବିଭୁତି ଭୂଷଣ ମେହେର ଉତ୍ତରିୟ ପ୍ରଦାନ କରି ସ୍ୱାଗତ କରିଥିବା ବେଳେ ଭାରପ୍ରାପ୍ତ ଅଧକ୍ଷ। ପ୍ରାଧ୍ୟାପିକ ସାଗରିକ। ଦାସ ପୁଷ୍ପଗୁଚ୍ଛ ପ୍ରଦାନ କରି କଲେଜ ତରଫରୁ ସମ୍ବର୍ଦ୍ଧିତ କରିଥିଲେ। ଅଧକ୍ଷ ପ୍ରତାପ ବଲ୍ଲଭ ପାଣିଗ୍ରାହୀ ନିଜ ବକ୍ତବ୍ୟରେ ସାମୁହିକ ସହଯୋଗରେ ଶୈକ୍ଷିକ ଓ ପାରିପାର୍ଶ୍ୱିକ ବିକାଶ ହୋଇପାରିବ ବୋଲି ଆଶ୍ୱାସନା ଦେଇଥିଲେ। କଲେଜର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କର୍ମଚାରୀ ପରିଷଦର ସମ୍ପାଦକ ବିଶ୍ୱ ରଞ୍ଜନ ବେହେରା ସଭା କାର୍ଯ୍ୟ ପରିଚାଳନା କରିଥିଲେ।

## ଜିଲ୍ଲା ବିଜେଡିର ମଙ୍ଗ ଧରିଲେ ପ୍ରଦୀପ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲାର ଅନ୍ୟତମ ଆଦିବାସୀ ନେତା ତଥା ଲାଞ୍ଜିଗଡ ବିଧାନସଭା ଆସନର ବିଧାୟକ କଳାହାଣ୍ଡି ଜିଲ୍ଲା ବିଜେଡି ଦଳର ସଭାପତି ଭାବେ ଦଳ ସୁପ୍ରିମୋଙ୍କ ଦ୍ୱାରା ମନୋନୀତ ହୋଇଛନ୍ତି। ଦୀର୍ଘଦିନ ଧରି ଦଳର ଜିଲ୍ଲା ସଭାପତି କିଏ ହେବ ଏ ନେଇ ବେଶ୍ ଆଲୋଚନା ଲାଗିରହିଥିଲା। ସଂପ୍ରତି ଦଳ ପକ୍ଷରୁ ରାଜ୍ୟର ଚାରୋଟି ଜିଲ୍ଲା ସଭାପତିଙ୍କ ନାମ ଘୋଷଣା କରାଯାଇଛି। କଳାହାଣ୍ଡି ଜିଲ୍ଲା ସଭାପତି ଭାବେ ଶ୍ରୀ ଦିଶାରୀଙ୍କ ନାମ ଘୋଷଣା ହେଲା ପରେ ଦଳରେ ଚାଲିଥିବା ରାଜନୈତିକ ଆଲୋଚନା ବନ୍ଦ ହୋଇଥିବା ବେଳେ ଜିଲ୍ଲାର ଆଦିବାସୀ ଜନସାଧାରଣଙ୍କ ମଧ୍ୟରେ ଅଧିକ ଖୁସି ଦେଖିବାକୁ ମିଳିଛି। ଶ୍ରୀ



ଦିଶାରୀ ୨୦୧୯ ଓ ୨୦୨୪ ମସିହା ନିର୍ବାଚନ ଜିଣି ବିଧାୟକ ହୋଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ସଂପ୍ରତି କଳାହାଣ୍ଡି ଜିଲ୍ଲାର ୫ଟି ନିର୍ବାଚନ ମଣ୍ଡଳୀ ମଧ୍ୟରୁ ନର୍ଲା, ଜୁନାଗଡ, ଲାଞ୍ଜିଗଡ ବିଧାନସଭା ଆସନରେ ବିଜେଡି ବିଧାୟକ ରହିଥିଲା ବେଳେ ଧର୍ମଗଡ ଓ ଭବାନୀପାଟଣା ନିର୍ବାଚନ ମଣ୍ଡଳୀରେ ଯଥାକ୍ରମେ ବିଜେପି ଓ କଂଗ୍ରେସ ଦଳର ବିଧାୟକ ରହିଛନ୍ତି। ଆଗାମୀ ଦିନରେ ନବ ମନୋନୀତ ଜିଲ୍ଲା ସଭାପତି ଶ୍ରୀ ଦିଶାରୀ ଜିଲ୍ଲାରେ ଦଳର ସଂଗଠନକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ତାଙ୍କ ଲୋକପ୍ରିୟତାକୁ ପୁଞ୍ଜି କରି ପ୍ରଚେଷ୍ଟା ଜାରି ରଖିବେ ବୋଲି କହିଛନ୍ତି।

## ଶ୍ରେଣୀଗୃହ ଦାବିରେ ତାଲାବନ୍ଦ ଆନ୍ଦୋଳନ



ଧର୍ମଗଡ:(ଭାସ୍କର ନ୍ୟୁଜ ) ଧର୍ମଗଡ ବ୍ଲକ ଅନ୍ତର୍ଗତ ଡୁମେରଗୁଡା ଗ୍ରାମ ପଞ୍ଚାୟତ, ମୂଖିଗୁଡା ଗାଁରେ ଏହି ଗ୍ରାମରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଅଛି। ସ୍କୁଲର ଛାତ୍ରଛାତ୍ରୀଙ୍କ ସଂଖ୍ୟା ୨୧୩ କିନ୍ତୁ ଦୁଃଖର କଥା ସ୍କୁଲ ଭୁଶୁଡି ବା ଭଳି ଦେଖାଗଲାଣି। ସ୍କୁଲର ଛାତ୍ରଛାତ୍ରୀ ମାନଙ୍କ ଭବିଷ୍ୟତ ଅନ୍ଧାର ହେବାକୁ ବସିଛି। ଗୋଟିଏ ସ୍କୁଲ କୋଠରୀରେ ସହସହ ପିଲାମାନଙ୍କ ଭବିଷ୍ୟତ। ଆଜି ଛାତ୍ରଛାତ୍ରୀଙ୍କ ଅବିଭାବକ ମାନେ ସ୍କୁଲ ଶ୍ରେଣୀଗୃହ ବଢାଇବା ପାଇଁ ତାଲା ବନ୍ଦ ଆନ୍ଦୋଳନ କରିଥିଲେ। ଶେଷରେ ଧର୍ମଗଡ ବିଡିଓ ପହଞ୍ଚି ସ୍କୁଲକୁ ଚାରିଆଡ଼େ ବୁଲି ଦେଖିଥିଲେ ପାଇଖାନା କାର୍ଯ୍ୟକ୍ଷମ ହେଉନି ଏବଂ ସ୍କୁଲରେ ପାଣି ଝରୁଛି ବୋଲି ସ୍ୱୀକାର କରିଥିଲେ ଓ ଗୋଟିଏ ସପ୍ତାହ ଭିତରେ କରାଯିବା ପାଇଁ ବିଡ଼ିଓ ପ୍ରତିଶ୍ରୃତି ଦେଇଥିଲେ। ସ୍କୁଲର ସଭାପତି ସୁଧୀର ଚଣ୍ଡୀ, ଓ୍ୱାର୍ଡ ମେମ୍ବର ଅନିତା ଚଣ୍ଡୀ, ରଘୁମଣୀ ଗୋପାଳ, ନରେଶ ପୁଝାରି, କପିଳାସ ଚଣ୍ଡୀ, ସମଲେଇ ଦୁର୍ଗା, ସମୀର ଚଣ୍ଡୀ, ରାଇସିଙ୍ଗ ମାଝୀ, ଗୋମତୀ ମାଝୀ, ଅଜୟ ପୁଝାରି, ପିଣ୍ଟୁ ଚଣ୍ଡୀ, କୋଇଲି ବାଗ, ବିଷ୍ଣୁ ପ୍ରସାଦ ପୁଝାରୀ, ଚିତ୍ରସେନ ହରିଜନ, ରାଜେନ୍ଦ୍ର ବାଗ, ଟୁକୁ ଚଣ୍ଡୀ, ପ୍ରବୀଣ କୁମାର ପୁଝାରୀ, ଦେବାର୍ଚ୍ଚନ ବାଗ ଉପସ୍ଥିତ ରହିଥିଲେ।

## ରାଶିଫଳ

ବୁଧବାର, ୦୬ ଅଗଷ୍ଟ ୨୦୨୫



**ମେଷ:** ବ୍ୟବସାୟ ଆଶା କରାଯାଉଥିବା ସଫଳତା ହାସଲ କରିବାର ସମ୍ଭାବନା ଅଧିକ। ଆୟ ବୃଦ୍ଧି ପାଇବ। ମଜା ଏବଂ ମଜାଦାର ଧାରା ଦିନସାରା ଜାରି ରହିବ। ଆଜି ଆପଣ ଘର ସାଜସଜ୍ଜାରେ ନୂତନତା ଆଣିବେ। ଆଜି ଘର ସଜାଇବା ପାଇଁ ବ୍ୟବସ୍ଥା ମଧ୍ୟ ପରିବର୍ତ୍ତନ ହେବ।




**ବୃଷ:** ଆଜି ଆପଣ ବ୍ୟବସାୟର ବିକାଶ ପାଇଁ ଅଧିକ ଧ୍ୟାନ ଦେବେ। ନୂତନ ଯୋଜନା ଏବଂ ଚିନ୍ତାଧାରାର ନୂତନତ୍ୱ ସହିତ ବ୍ୟବସାୟ ପ୍ରଗତି ଆଡକୁ ଗତି କରିବ। ତଥାପି, ସଫଳତା ବିଳମ୍ବ ହୋଇପାରେ । ମଧ୍ୟାହ୍ନ ଭୋଜନ ପରେ ଏକ ବ୍ୟବସାୟ ଅନୁକୂଳ ପରିବେଶ ସୃଷ୍ଟି ହେବ।



**ମିଥୁନ:** ମନରୁ ନକାରାତ୍ମକ ଚିନ୍ତାଧାରାକୁ ହଟାଇ ଆପଣ ନିରାଶାରୁ ବାହାରି ଆସିବେ। ଅନୈତିକ କାର୍ଯ୍ୟଗୁଡ଼ିକ ଚିନ୍ତାର କାରଣ ହୋଇପାରେ। ତେଣୁ ଯଦି ସମ୍ଭବ ସେସବୁରୁ ଦୂରରେ ରୁହନ୍ତୁ । ବ୍ୟବସାୟରେ ବିକାଶ ସହିତ ନୂତନ ଯୋଜନା ମଧ୍ୟ କାର୍ଯ୍ୟକାରୀ ହେବ।



**କର୍କଟ:** ମନ ଆନନ୍ଦ ଏବଂ ମଜା ସହିତ ଆନନ୍ଦିତ ହେବ। ଏହି ଧାରାରେ, ସାଙ୍ଗମାନଙ୍କ ସହିତ ମନୋରଞ୍ଜନର ଉପଭୋଗକୁ ଦ୍ୱିଗୁଣିତ କରିବ। ମଧ୍ୟାହ୍ନ ଭୋଜନ ପରେ ଆପଣଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ। ଗାଡ଼ି ଚଳାଇବା ସମୟରେ ଯତ୍ନ ନିଅନ୍ତୁ ଏବଂ ଆପଣଙ୍କ କ୍ରୋଧକୁ ନିୟନ୍ତ୍ରଣ କରନ୍ତୁ। ମନେରଖନ୍ତୁ ଯେ ବକ୍ତବ୍ୟ ଆକ୍ରମଣାତ୍ମକ ନୁହେଁ।




**ସିଂହ:** ଆପଣଙ୍କର ଅଧକ୍ଷତାରେ ବୃତ୍ତିଗତ ଲୋକମାନେ ବୃତ୍ତିଗତ ଭାବରେ ଉପକୃତ ହେବେ। ଧନ ପାଇବା ପାଇଁ ଦୃଢ ସମ୍ଭାବନା ଅଛି। ଆୟ ହେତୁ ଆର୍ଥିକ ଦୃଷ୍ଟିରୁ ସୁଧ ପେରସ୍ତ ହେବ। ସେୟାର ଇତ୍ୟାଦି ମାଧ୍ୟମରେ ଆୟ ବୃଦ୍ଧି ହେବାର ସମ୍ଭାବନା ଅଛି।




**କନ୍ୟା:** ପୋଷାକ ସପିଂ ଆପଣଙ୍କ ପାଇଁ ଉତ୍ସାହଜନକ ଏବଂ ଉପଭୋଗ୍ୟ ହେବ। କଳା ପ୍ରତି ତୁମର ଆଗ୍ରହ ବିଶେଷ ହେବ। ବ୍ୟବସାୟରେ ବିକାଶ ହେତୁ, ମନରେ ସୁଖ ରହିବ। ବ୍ୟବସାୟରେ ସମୟ ଅନୁକୂଳ ହେବ। ପ୍ରତିଯୋଗୀମାନେ ଜିତିବେ।




**ତୁଳା:** ଆଜି ଆପଣଙ୍କ ପାଇଁ ମଧ୍ୟମ ଫଳପ୍ରଦ ହେବ। ପ୍ରକୃତ ସମ୍ପତ୍ତି ଦଲିଲଗୁଡ଼ିକର ଯତ୍ନ ନିଅନ୍ତୁ। ମା'ଙ୍କ ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ। ଧ୍ୟାନ ଦିଅନ୍ତୁ ଯେ ପରିବାରରେ କୌଣସି ବିବାଦ ହେବ ନାହିଁ। କିନ୍ତୁ ମଧ୍ୟାହ୍ନ ପରେ ସୁସ୍ଥ ଅନୁଭବ କରିବେ। ସୃଜନଶୀଳ ପ୍ରବୃତ୍ତି ପ୍ରତି ଧ୍ୟାନ ଦେବ। ଛାତ୍ରମାନଙ୍କ ପାଇଁ ସମୟ ଅନୁକୂଳ ଅଟେ।



**ବିଛା:** ଘରୋଇ ଜୀବନରେ ଜଟିଳ ପ୍ରଶ୍ନର ସମାଧାନ ହେବ। ଏହା ସହିତ, ଆପଣ ପ୍ରକୃତ ସମ୍ପତ୍ତି ସହିତ ଜଡିତ କାର୍ଯ୍ୟ ସହିତ ମୁକାବିଲା କରିବାକୁ ପାଇବେ। ଭାଇଭଉଣୀଙ୍କ ସହିତ ସମ୍ପର୍କରେ ରହିବ। ମଧ୍ୟାହ୍ନ ଭୋଜନ ପରେ କାର୍ଯ୍ୟରେ ଅସୁବିଧା ବୃଦ୍ଧି ପାଇବ। ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଚିନ୍ତା ଅନୁଭବ କରିବେ।



**ଧନୁ:** ଆଜି, ମନ ଆଧ୍ୟାତ୍ମିକ ଚିନ୍ତାଧାରା ଏବଂ ପ୍ରବୃତ୍ତିରେ ନିୟୋଜିତ ହେବ। ତଥାପି, ଛାତ୍ରମାନେ ପଢିବା ଏବଂ ଲେଖିବାରେ ଏକାଗ୍ରତା ବଜାୟ ରଖିବା ଆବଶ୍ୟକ। ମଧ୍ୟାହ୍ନ ଭୋଜନ ପରେ, ଚିନ୍ତା କମାଇବା ପାଇଁ ସମାଧାନ ଖୋଜି ମାନସିକ ଶାନ୍ତି ଅନୁଭବ କରିବେ। ଶାରୀରିକ ଏବଂ ମାନସିକ ସ୍ତରରେ ସୁସ୍ଥ ରହିବ।



**ମକର:** ଆଜି ପ୍ରତ୍ୟେକ କାର୍ଯ୍ୟ ବିନା ବାଧାରେ ସଂପୂର୍ଣ୍ଣ ହେବ। ଘରୋଇ ଜୀବନରେ ଅତ୍ୟଧିକ ସୁସ୍ଥ୍ୟ ପରିବେଶ ରହିବ। ଆପଣ ଆଧ୍ୟାତ୍ମିକ ପ୍ରବୃତ୍ତି ପାଇଁ ଆଗ୍ରହୀ ହେବେ। ମଧ୍ୟାହ୍ନ ପରେ, ଆପଣଙ୍କ ମନରେ ନକାରାତ୍ମକ ଚିନ୍ତାଧାରାର ଆକ୍ରମଣ ହେତୁ, ନିରାଶାର ମେଘ ଦେଖାଯିବ। ନିଷ୍ପତ୍ତି ଶକ୍ତିର ଅଭାବ ରହିବ। ଘରୋଇ କାମ ପଛରେ ଟଙ୍କା ଖର୍ଚ୍ଚ କରିବାର ସମ୍ଭାବନା ଅଛି।



**କୁମ୍ଭ:** କୋର୍ଟ କାର୍ଯ୍ୟରେ ସଫଳତା ମିଳିବ। ପରୋପକାରୀ କାର୍ଯ୍ୟ ପଛରେ ଟଙ୍କା ଖର୍ଚ୍ଚ ହେବ। ଭଗବାନଙ୍କୁ ଉପାସନା କରିବା ଆପଣଙ୍କ ମନରେ ଶାନ୍ତି ଆଣିବ। ମଧ୍ୟାହ୍ନ ପରେ ଆପଣଙ୍କର ପ୍ରତ୍ୟେକ କାର୍ଯ୍ୟ ସହଜରେ ସମାପ୍ତ ହେବ। ପାରିବାରିକ ଜୀବନରେ ସମନ୍ୱୟ ରହିବ। ଶାରୀରିକ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିବ।



**ମୀନ:** ବିବାହ କରିବାକୁ ଯୋଗ ଫିଟିବ। ବାଣିଜ୍ୟିକ କ୍ଷେତ୍ରରେ ମଧ୍ୟ ଲାଭ ହେବ। ପାରିବାରିକ ଜୀବନରେ ସୁଖ ଏବଂ ଶାନ୍ତି ରହିବ। ହୁଏତ କିଛି ସୁନ୍ଦର ସ୍ଥାନରେ ରହିବାକୁ ପଡିପାରେ। ସାଙ୍ଗମାନେ ମଧ୍ୟ ଉପକୃତ ହେବେ। ମଧ୍ୟାହ୍ନ ଭୋଜନ ପରେ, ଆପଣ କୌଣସି କାରଣରୁ ମାନସିକ ସ୍ତରରେ ଚିନ୍ତିତ ହେବେ। ଧାର୍ମିକ କାର୍ଯ୍ୟ ପଛରେ ଟଙ୍କା ଖର୍ଚ୍ଚ ଅଧିକ ରହିବ।



ଶ୍ରୀପତି ଜ୍ୟୋତିଷ


ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରିବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯